# ଊର୍ଜ୍ଜନା

(ଜୀବନ-ବୃଦ୍ଧିଦ ଧର୍ମ ଓ କୃଷ୍ଟିମୂଳକ ମାସିକ ପତ୍ରିକା)

''ମା ମ୍ରିୟସ୍ୱ, ମା ଜହି, ଶକ୍ୟତେଚେତ୍ ମୃତ୍ୟୁମବଲୋପୟ ।''
''ମରନା, ମାରନା, ପାରତ ମୃତ୍ୟୁକୁ ଅବଲୁପ୍ତ କର ।''

▶▶ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର

> ଦିଅ ତୁମେ, ନିଏବି ତୁମର,
> ପ୍ରୀତିର ତୋଡ଼େ ଦିଏନା,
> ଠିକ୍ ଜାଣ ତା'ର କୃତିରେ ନାହିଁ
> ବିଭବ-ବିଭା ଊର୍ଜ୍ଜନା । ୭ ।
> *(ଅନୁଶ୍ରୁତି, ୫ମଖଣ୍ଡ, ଚରିତ୍ର)*


**୩୩ଶ ବର୍ଷ, ଦଶମ ସଂଖ୍ୟା**

**ଆଷାଢ଼, ୧୪୨୦, ଜୁଲାଇ, ୨୦୧୩**

**ଅନୁକୂଳାବ୍ଦ-୬୭**

ସତ୍‌ସଙ୍ଗ ପକ୍ଷତଃ ଶ୍ରୀ ଶଙ୍କର ସେନଶର୍ମା କର୍ତ୍ତୃକ 'ଊର୍ଜ୍ଜନା' କାର୍ଯ୍ୟାଳୟ, ପୋ. : ସତ୍‌ସଙ୍ଗ, ଜିଲ୍ଲା : ଦେଓଘର (ଝାଡଖଣ୍ଡ)ରୁ ପ୍ରକାଶିତ ଏବଂ ନୀଳଚକ୍ର ପ୍ରିଣ୍ଟ ମିଡ଼ିଆ, କଟକ, ଚଣ୍ଡୀଛକ, କଟକ-୧ (ଓଡିଶା)ଠାରେ ମୁଦ୍ରିତ ।



**ଊର୍ଜ୍ଜନା କାର୍ଯ୍ୟାଳୟ**

**ସତ୍‌ସଙ୍ଗ ବିହାର, ବକ୍ସିବଜାର, କଟକ-୧**

ଫୋନ୍ : (୦୬୭୧) ୨୩୦୪୧୪୦

visit us to : www.urjana.com

E-mail: mail@satsang.org.in

*ସମ୍ପାଦକ :* **ଡାଃ. ବିନାୟକ ମହାପାତ୍ର**


## ଊର୍ଜ୍ଜନାର ନିୟମାବଳୀ : ଗ୍ରାହକମାନଙ୍କ ପ୍ରତି

୧. ଆଶ୍ୱିନ ମାସରୁ ଊର୍ଜ୍ଜନାର ବର୍ଷ ଆରମ୍ଭ । ଚଳିତ ଇଂରାଜୀ ମାସର ତା୧୧ରିଖ ଓ ତା୧୫ରିଖରେ ପତ୍ରିକା ପ୍ରକାଶିତ ହୁଏ ଓ ତା୧୯/୨୦ରିଖରେ ଡାକଯୋଗେ ପଠାଯାଏ ।

୨. ଗ୍ରାହକଗଣ ଯଦି ଚଳିତ ଇଂରାଜୀ ମାସର ୨୫ ତାରିଖ ଓ ୨୮ତାରିଖ ମଧ୍ୟରେ ପତ୍ରିକା ନ ପାଆନ୍ତି, ତେବେ ଡୁପ୍ଲିକେଟ୍ କପି ପାଇଁ ଏକ ଟଙ୍କା ଡାକ ଟିକେଟ୍ ସହ ପତ୍ର ଦେବେ ।

୩. ଠିକଣା ପରିବର୍ତ୍ତନ ପାଇଁ ୧୫ ଦିନ ପୂର୍ବରୁ ଊର୍ଜ୍ଜନା କାର୍ଯ୍ୟାଳୟକୁ ଜଣାଇବା ଆବଶ୍ୟକ ।

୪. ଭି.ପି.ପି. ଯୋଗେ ପତ୍ରିକା ପଠାଯାଏ ନାହିଁ । ଗ୍ରାହକ ଚାନ୍ଦା ମନିଅର୍ଡ଼ର ଯୋଗେ ଊର୍ଜ୍ଜନା କାର୍ଯ୍ୟାଳୟକୁ ପଠାଇବା ଆବଶ୍ୟକ । ଚିଠି ପତ୍ରରେ ଓ କୁପନରେ ଗ୍ରାହକ ନମ୍ବର ଉଲ୍ଲେଖ କରିବେ । ଉତ୍ତର ପାଇବାକୁ ହେଲେ ରିପ୍ଲାଇ କାର୍ଡ଼ରେ ପତ୍ର ଦେବେ ।

୫. ଭାରତରେ ଡାକଖର୍ଚ୍ଚ ସହ ଅର୍ଘ୍ୟର ହାର : ବାର୍ଷିକ ୧୨୦ ଟଙ୍କା । ଷାଣ୍ମାସିକ ୬୦ ଟଙ୍କା । ପ୍ରତି ଖଣ୍ଡର ମୂଲ୍ୟ ଟ୧୦.୦୦ ପଇସା ।

୬. ଟଙ୍କା ପଠାଇବାର ଠିକଣା-**ମ୍ୟାନେଜର, ଊର୍ଜ୍ଜନା, ପୋ.: ସତ୍‌ସଙ୍ଗ, ଦେଓଘର, (ଝାଡଖଣ୍ଡ), Pin.: 814116**

୭. ଏଜେନ୍ସିର ନିୟମାବଳୀ ପାଇଁ ପତ୍ର ଲେଖନ୍ତୁ ।

## ଊର୍ଜ୍ଜନାର ଲେଖକମାନଙ୍କ ପ୍ରତି

୧.ଊର୍ଜ୍ଜନାରେ ପ୍ରକାଶ ପାଇଁ ସମଗ୍ର ରଚନାର **ଡି.ଟି.ପି କରି ନିଜର ସଂପୂର୍ଣ୍ଣ ନାମ, ଠିକଣା ଓ ଫୋନ୍ ନମ୍ବର** ସହିତ ପଠାଇବା ଆବଶ୍ୟକ । କୌଣସି ଲେଖା ବିଶେଷ ସଂଖ୍ୟାରେ ପ୍ରକାଶିତ ହେବାର ବାଧ୍ୟବାଧକତା ନାହିଁ ଅମନୋନୀତ ରଚନା ଫେରସ୍ତ ଦିଆଯାଏ ନାହିଁ ରଚନାର ପ୍ରକାଶନ ତଥା ଅଂଶବଶେଷର ପରିବର୍ତ୍ତନ ଓ ପରିବର୍ଦ୍ଧନ ସମ୍ପାଦକଙ୍କ ଇଚ୍ଛାଧୀନ ।

୨. ରଚନା ମଧ୍ୟରେ ଯେକୌଣସି ଉଦ୍ଧୃତିର ମୂଳ ପୁସ୍ତକର ନାମ, ଲେଖକ ଓ ପୃଷ୍ଠାସଂଖ୍ୟା ଉଲ୍ଲେଖ କରିବା ଏକାନ୍ତ ପ୍ରୟୋଜନ । ଅନ୍ୟଥା ସେ ଲେଖା ପ୍ରକାଶିତ ହୁଏନା ।

୩. ଚଳିତ ସଂଖ୍ୟାରେ କୌଣସି ରଚନା ବା ସମ୍ବାଦ ପ୍ରକାଶ କରିବାକୁ ହେଲେ ଅନ୍ତତଃ ଏକ ମାସ ଆଗରୁ ଲେଖା ପହଞ୍ଚିବା ଅବଶ୍ୟ ପ୍ରୟୋଜନ ।

୪. ଲେଖା ଓ ସମ୍ବାଦ— **ସଂପାଦକ (Editor), ଊର୍ଜ୍ଜନା ପୋ.: ସତ୍‌ସଙ୍ଗ, ଦେଓଘର (ଝାଡଖଣ୍ଡ), Pin. : 814116** ଠିକଣାରେ ପଠାଇବାକୁ ହେବ ।

**ମୂଲ୍ୟ : ଟ୧୦.୦୦ପ.**

# ସୂଚୀପତ୍ର

## ଆଷାଢ଼ - ୧୪୨୦ ସାଲ


- **ପ୍ରେଷ୍ଠ-ପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ** - ୬୪୪
- **ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶୀର୍ବାଣୀ** - ୬୪୫
- **ଶ୍ରୀଶ୍ରୀଠାକୁରଙ୍କ ସହିତ କଥୋପକଥନ** - **ଆଲୋଚନା-ପ୍ରସଙ୍ଗ :** *ଶ୍ରୀପ୍ରଫୁଲ୍ଲ କୁମାର ଦାସ* - ୬୪୬
  - **ନାନା-ପ୍ରସଙ୍ଗ :** *ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ* - ୬୫୪
  - **କଥା-ପ୍ରସଙ୍ଗ :** *ଶ୍ରୀସୁଶୀଳ ଚନ୍ଦ୍ର ବସୁ* - ୬୫୭
  - **ଅମିୟ ବାଣୀ :** *ଶ୍ରୀଅଶ୍ୱିନୀକୁମାର ବିଶ୍ୱାସ* - ୬୫୯
  - **ଇସ୍‌ଲାମ ପ୍ରସଙ୍ଗ :** *ମହମ୍ମଦ ଖଲିଲର ରହମାନ ଓ ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ, ଏମ.ଏ* - ୬୬୧
  - **ପ୍ରତୁଲଦୀପ୍ତି :** *ଶ୍ରୀମଣିଲାଲ ଚକ୍ରବର୍ତ୍ତୀ* - ୬୬୩
- **ଯୁଗାଚାର୍ଯ୍ୟ ଶ୍ରୀଶ୍ରୀବଡ଼ଦାଙ୍କ ସହିତ କଥୋପକଥନ** - **ଇଷ୍ଟପ୍ରସଙ୍ଗ :** *ଡ଼ଃ. ଶ୍ୟାମସୁନ୍ଦର ରକ୍ଷିତ* - ୬୬୬
- **ସାଧନାର ପଥେ** - ଇଷ୍ଟାନୁରାଗର ପ୍ରଧାନ ପରଖ - ୬୬୯
- **କର୍ମୀ-ଦର୍ପଣ** - ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣପ୍ରାନ୍ତେ କର୍ମୀ-ସମ୍ମେଳନ - ୬୭୧
- **ମାତୃ ଜଗତ** - ଯେକୌଣସି ନାରୀ ଯେକୌଣସି ପୁରୁଷକୁ ବିବାହ କରିପାରେନା କାହିଁକି ? - ୬୭୩
- **ଯୁଗାଚାର୍ଯ୍ୟ ସ୍ମରଣେ** - ନିଛକ ଜଣେ ନାତିର ଗଳ୍ପ : *ଅର୍କଦ୍ୟୁତି ଚକ୍ରବର୍ତ୍ତୀ (ପୌତ୍ର)* - ୬୭୫
- **ସତ୍ୟାନୁସରଣର ପଥେ** - ସତ୍ୟାନୁସରଣ ବ୍ୟାଖ୍ୟାନରେ ଯୁଗାଚାର୍ଯ୍ୟ ଶ୍ରୀଶ୍ରୀବଡ଼ଦା - ୬୭୮
- **ଯେମନ ତାଙ୍କେ ଦେଖି** - ଯେମିତି ତାଙ୍କୁ ଦେଖିଛି - ୬୮୧
- **ବିକୃତି ବିନାୟନା** - ଇଷ୍ଟନିଦେଶ ପରିପାଳନେ ଡ଼େରି କରିବା ମାନେ ? - ୬୮୩
- **ଶାଶ୍ୱତୀ** - ନୀତି - ୬୮୪
- **ବିଧି ଓ ଜୀବନ** - ଅନୁଗ୍ରହ ଓ ନିଗ୍ରହ - ୬୮୫
- **ମତ ଓ ମନ୍ତବ୍ୟ** - ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ମତ ଓ ମନ୍ତବ୍ୟ ଶ୍ରୀଶ୍ରୀବଡ଼ମା'ଙ୍କ ପ୍ରତି- ୬୮୬, ୬୮୮
- **ଦିବ୍ୟ ଅନୁଭୂତି** - ମା' ମୋର : *ସ୍ନେହଲତା କର* - ୬୮୯
- **ଦିବ୍ୟ ଅନୁଭୂତି** - ମଣିଷ : *ଇ. ଜେ. ସ୍ୱେନ୍ସାର* - ୬୯୪
- **ଦିବ୍ୟ ଜୀବନ** - ପରମ ସେବ୍ୟ ସେ କଲେ ଅନ୍ୟ ପଦସେବା ! : *ଡ଼କ୍ଟର ନିରଞ୍ଜନ ମିଶ୍ର* - ୬୯୯
- **ଆଶ୍ରମ ସମ୍ବାଦ** - ୭୦୨
- **ସମ୍ପାଦକୀୟ** - ମଣିଷ ପାଇଁ କର -୭୦୪


**ପ୍ରଚ୍ଛଦ :** ସତ୍‌ସଙ୍ଗ ବିହାର, ଆମଜାରଣୀ, ଶୋଣିତପୁର, ଆସାମ

ଅଳଙ୍କରଣ : ସତ୍‌ସଙ୍ଗ ଗ୍ରାଫିକ୍ସ ଆଣ୍ଡ ମଲଟିମିଡ଼ିଆ ସେଣ୍ଟର



# ପ୍ରେଷ୍ଠ-ପୁରୁଷୋତ୍ତମ
# ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ



ତୁମେ ଯା'ଙ୍କର ଯେତେ ଶ୍ରେୟହିଁ ହୁଅ
ବା ଯେତେ ପ୍ରେୟହିଁ ହୁଅ,
ଯେତେବେଳେହିଁ ଦେଖିବ, କେହି
ତୁମର ଅନୁଜ୍ଞା ବା ଅଭିପ୍ରାୟାନୁସାରିଣୀ
ଚଳନରୁ,
ସ୍ୱତଃସିଦ୍ଧ ଓ ଦରଦୀ ଅନୁଚର୍ଯ୍ୟାରୁ
ବିଚ୍ୟୁତି ଲାଭ କରିଛି, –
ଯେ ଯେତେହିଁ ଆପଣାର ଭାବ
ଦେଖାଉ ନା କାହିଁକି,
ଠିକ୍ ବୁଝ –

ସେ ତୁମର ନୁହେଁ,
ସେ ତା'ର ନିଜରହିଁ ବା ଆଉ କା'ରବି;
ସେଇ ଦେଖାଣିଆ ନିଜର ଭାବ ମାନେହିଁ ହେଉଛି –
ତୁମର କୌଣସି କିଛି ପ୍ରତି
ତା'ର ଚାହିଦା ଅଛି
ଏବଂ ତା'ରହିଁ ଆପୂରଣ-ମାନସରେ
ସେ ସେଇ ଭାବର ଅଭିବ୍ୟକ୍ତି ଦେଖାଉଛି;
ଏହିଭଳି ଦେଖିଲେହିଁ
ଦୂରଦୃଷ୍ଟି ନେଇ
ହିସାବ କରି ଚାଲ –

ତା' ବାକ୍ୟରେ, ଆଚାରରେ, ବ୍ୟବହାରରେ;
ଫଳକଥା, ତୁମର ଅନୁଜ୍ଞା ବା ଆଦେଶ ପାଳନରେ
ବା ତୁମର ଅନୁଚର୍ଯ୍ୟାରେ
ଯେ ଖୁସି ନ ହୁଏ
ତୃପ୍ତି ନ ପାଏ–
ଆନ୍ତରିକ ଶ୍ରଦ୍ଧା ଓ ନିଷ୍ଠା ନେଇ
ସ୍ୱତଃପ୍ରବୃତ୍ତ ଉନ୍ମୁଖତାରେ,–
କୌଣସି ବ୍ୟାପାରରେ
ତା' ଉପରେ ଚପାଚପି କରିବାକୁ ଯାଅନା–
ହୃଦ୍ୟ ବ୍ୟବହାର, ଆଳାପ-ଆଲୋଚନା
ଓ ଅନୁରୋଧ ଛଡ଼ା–
ସତର୍କ ସନ୍ଧିତ୍ସା ନେଇ ।

*(ଆର୍ଯ୍ୟ-ପ୍ରାତିମୋକ୍ଷ- ୮୦୪୦)*

---

# ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶୀର୍ବାଣୀ

ତୁମେମାନେ ଇଷ୍ଟକେନ୍ଦ୍ରିକ ହୁଅ,
ତୁମମାନଙ୍କର ପ୍ରତିପ୍ରତ୍ୟେକଙ୍କର ଯା'କିଛି ଅଛି
ସବୁ ନେଇ
ତାଙ୍କଠାରେ ସାର୍ଥକ ହୋଇଉଠ–
ସେବାନୁକମ୍ପୀ, ସକ୍ରିୟ ଆଗ୍ରହ-ଆତିଶଯ୍ୟରେ
ଶ୍ରଦ୍ଧାର୍ହ ଅଚ୍ୟୁତ ଚଳନରେ,
ତପଃପ୍ରାଣ ହୋଇଉଠ ତୁମେମାନେ
ଉପଚୟୀ ଉର୍ଜ୍ଜୀ ତତ୍‌ପରତାରେ
କ୍ଷିପ୍ର ସମାଧାନୀ ସମ୍ବେଗରେ,
ଆପ୍ତୀକୃତ କରିତୋଳ ସମସ୍ତଙ୍କୁ,
ଆର୍ଯ୍ୟୀକୃତ କରିତୋଳ,
ଆର୍ଯ୍ୟାଚାରୀ କରିତୋଳ– ବଞ୍ଚିତ ଯେଉଁମାନେ ସେଥିରେ,
ତୁମର ଆଖପାଖରେ, ତୁମରହିଁ ପରିବେଶରେ
ଯେଉଁ ମଣିଷହିଁ ଥାଉନା–
ପ୍ରତିପ୍ରତ୍ୟେକଙ୍କୁ ଉଦ୍‌ବୁଦ୍ଧ କରି
ଇଷ୍ଟାନୁଗ ଚଳନାରେ
ସକ୍ରିୟ ସେବାମୁଖର-ସହଯୋଗୀ-ସନ୍ଦୀପନାରେ;
ଦରଦୀ ହୋଇଉଠ ସେମାନଙ୍କର,
ବାନ୍ଧବ ହୋଇଉଠ ସେମାନଙ୍କର,
ଚାହିଦାର କଥା ଶୁଣ ସେମାନଙ୍କର,
ତା'ରି ଭିତର ଦେଇ
ଏପରି ଆତ୍ମୀୟ ହୋଇଉଠ
ଯେପରି ତୁମେ ସେମାନଙ୍କର ପ୍ରତିପ୍ରତ୍ୟେକଙ୍କର
ପ୍ରାଣାରାମ ହୋଇ ରହିପାର;
କୁଶଳ ନିୟନ୍ତ୍ରଣରେ
ଆକର୍ଷଣୀ ଆବେଗ-ଭଙ୍ଗୀରେ
ପ୍ରତ୍ୟେକର ଆଗ୍ରହକୁ ଉଦାତ୍ତ କରିତୋଳି
ଧର୍ମର କଥା ଶୁଣାଅ,
ଇଷ୍ଟଙ୍କ କଥା ଶୁଣାଅ,
ଈଶ୍ୱରଙ୍କୁ ପ୍ରତିଷ୍ଠା କର–
ସମ୍ବେଗ-ବିଧୃତ ଉଦ୍ଦୀପନା-ଉଚ୍ଛଳ ଅନ୍ତରରେ
ତାଙ୍କରିହିଁ ଅଟୁଟ ପ୍ରତିଷ୍ଠାରେ;
ଯା'ହିଁ କରନା କାହିଁକି,
ସତ୍ତା-ସଞ୍ଜୀବନୀ ବା ସତ୍ତା-ସମ୍ବର୍ଦ୍ଧନୀ
ଯେଉଁ ନୀତି, ଯେଉଁ ଆଚାର, ଯେଉଁ ବ୍ୟବହାର–
ତା'କୁ କୌଣସିମତେହିଁ ବର୍ଜ୍ଜନ କରନା;
ଧାତାଙ୍କ ଚରଣରେ, ପରମପିତାଙ୍କ ଚରଣରେ
ମୋର ଆଗ୍ରହ-ଦୀପନ ନିବେଦନ–
ତୁମେମାନେ ସୁସ୍ଥ ରୁହ,
ସୁଖରେ ସୁଦୀର୍ଘଜୀବୀ ହୋଇ
ତାଙ୍କରିହିଁ ସେବା-ସୌକର୍ଯ୍ୟରେ
ଜୀବନକୁ ସାର୍ଥକ କରିତୋଳ,
ନନ୍ଦିତ କରିତୋଳ ।

---

*(୩୧-ଆଷାଢ଼, ରବିବାର, ୧୩୫୭, ଉନପଞ୍ଚାଶତ୍ତମ ଋତ୍ୱିକ୍-ଅଧିବେଶନ-ଉପଲକ୍ଷେ) (ଆଶିଷ ବାଣୀ, ପୃ.-୫୫-୫୭)*

# ଆଲୋଚନା ପ୍ରସଙ୍ଗ

**(ଏକାଦଶ ଖଣ୍ଡ)**

*ସଂକଳୟିତା—* **ଶ୍ରୀ ପ୍ରଫୁଲ୍ଲ କୁମାର ଦାସ,** ଏମ୍.ଏ.

*(ପୂର୍ବପ୍ରକାଶିତ ଉତ୍ତାରୁ........)*

## ଚୈତ୍ର-୧୨, ଗୁରୁବାର, ୧୩୫୪
## (ଇଂ ତା୨୫।୦୩।୧୯୪୮)

ଆଜି ଦୋଳ ପୂର୍ଣ୍ଣିମା । କିନ୍ତୁ ଦିନଟା ସକାଳୁ ମେଘୁଆ । ଏଇ ଅବସ୍ଥାରେ ମଧ୍ୟ ଦଳେ ଦଳେ ଆବାଳବୃଦ୍ଧବନିତା ଅବିର ଓ ଅର୍ଘ୍ୟ ସହ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ଯାଉଛନ୍ତି । ଅବଶ୍ୟ, ଶ୍ରୀଶ୍ରୀଠାକୁର ସର୍ବାଗ୍ରେ ମାତୃଦେବୀ, ପିତୃଦେବ, ସରକାର ସାହେବ ଓ ହୁଜୁର ମହାରାଜଙ୍କ ଉଦ୍ଦେଶ୍ୟରେ ଅବିର ଓ ଅର୍ଘ୍ୟ ସହ ପ୍ରଣାମ ନିବେଦନ କରି ସାରିଛନ୍ତି । ଆଜିଠାରୁ ୪୦ତମ ଋତ୍ୱିକ୍-ଅଧିବେଶନ ଆରମ୍ଭ । ଶ୍ରୀଶ୍ରୀଠାକୁରଙ୍କ ପାଖରେ କ୍ରମାଗତ ଭିଡ଼ ଲାଗି ରହିଛି । ସେ ସାଦରେ, ସହର୍ଷେ, ସୋଲ୍ଲାସେ ସମସ୍ତଙ୍କ ସଙ୍ଗେ କଥାବାର୍ତ୍ତା କରୁଛନ୍ତି । ତିନିମାସ ଅନ୍ତରରେ ପ୍ରେଷ୍ଠ ସନ୍ଦର୍ଶନର ସୌଭାଗ୍ୟ ଲାଭ କରି ସମସ୍ତଙ୍କର ମନ, ପ୍ରାଣ ଏବେ ଆଲୋକେ, ପୁଲକେ, ଆନନ୍ଦେ ଉଚ୍ଛ୍ୱସିତ, ଉଦ୍ଭାସିତ । ଶ୍ରୀଶ୍ରୀଠାକୁର ମଧ୍ୟ ଭକ୍ତବୃନ୍ଦଙ୍କୁ ପାଖରେ ପାଇ ମହାଖୁସି ପରମ ପରିତୃପ୍ତ । ତାଙ୍କର ସର୍ବାଙ୍ଗରେ ଦିବ୍ୟଦ୍ୟୁତି ବିଭାସିତ । ଦେଖି ଦେଖି ଯେପରି ପୁରେନା । ମୋହିତ ହୋଇ ଅପଲକ ନେତ୍ରରେ ଯୁଗଯୁଗାନ୍ତର ଧରି ଚାହିଁ ରହିବାକୁ ଇଚ୍ଛା କରେ ।

ଶ୍ରୀଶ୍ରୀଠାକୁର ବଡ଼ାଲ ବଙ୍ଗଳାର ଘର ଭିତରେ ବସି ଅଛନ୍ତି ।

ମେଣ୍ଟୁଭାଇ (ବସୁ) ଆସିଲା ମାତ୍ରେ ସେ କହିଲେ— 'ଏଇ ମେଣ୍ଟୁ ! ପ୍ରଫୁଲ୍ଲ ପାଖରେ ଗୋଟାଏ ଲେଖା ଦିଆ ହୋଇଛି । ତୁ ତାହା ଟିପି ନେଇ ଅଭ୍ୟାସ କରିପକା । ତା'ହେଲେ କାମ ହେବ ।

ମେଣ୍ଟୁଭାଇ (ଦୟାମୟ ବୋଷ)— ସଙ୍ଗେ ସଙ୍ଗେ ଇଂରାଜୀ ବାଣୀଟା ଟିପି ନେଲେ । ତା'ପରେ ପଚାରିଲେ— ଆପଣ ନିଜ ଦୋଷ ଖୋଜି ବାହାର କରିବା ଓ ତାହା ସଂଶୋଧନ କରିବା କଥା କହିଛନ୍ତି, କିନ୍ତୁ କିପରି ଭାବେ ତାହା କରାଯାଏ ?

ଶ୍ରୀଶ୍ରୀଠାକୁର— ଗୋଟାଏ କାର୍ଯ୍ୟରେ unsuccessful (ଅକୃତକାର୍ଯ୍ୟ) ହେଲେ ଦେଖିବାକୁ ହେବ, କି କାରଣରୁ unsuccessful (ଅକୃତକାର୍ଯ୍ୟ) ହେଲି । ଭଲଗୁଡ଼ିକ ବିଶ୍ଳେଷଣ କରି ବାହାର କରିବାକୁ ହେବ । କିନ୍ତୁ ଖାଲି ବୁଝିଯାଇ ଚୁପ୍ କରି ବସି ରହିଲେ ହେବ ନାହିଁ । Adjust (ନିୟନ୍ତ୍ରଣ) କରିବାକୁ ହେବ । Adjust (ନିୟନ୍ତ୍ରଣ) ନ କରିଲେ depression (ଅବସାଦ) ଆସେ । ଆଉ ଏଇ ସଂକ୍ରାନ୍ତରେ ଅନ୍ୟର ଯାହା ଦୋଷ ଥାଉନା କାହିଁକି, ତାହା କଦାପି ବଡ଼ କରି ଦେଖିବାକୁ ହେବ ନାହିଁ । ଧର,

> ବିହିତ ଯେଉଁଟା ଯେଉଁଠି ହୁଏ
> ଯେଉଁ ଅବସ୍ଥାରେ ଯେଉଁ ସ୍ଥାନେ,
> ସେପରି କରି କରିବୁ ସେବା
> ସ୍ୱସ୍ତି ଆସେ ଯେପରି ପ୍ରାଣେ । ୩ ।
> *(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

କେଷ୍ଟଭାଇ— ପୃଥିବୀରେ ବିପ୍ଳବ ପରେ ବିପ୍ଳବ ଆସିଛି, କିନ୍ତୁ ମଣିଷର ଯେ ଖୁବ୍ ଗୋଟାଏ ପରିବର୍ତ୍ତନ ହୋଇଛି, ତାହା ତ ମନେହୁଏନା ।

ଶ୍ରୀଶ୍ରୀଠାକୁର— ମଣିଷର ଦୋଷତ୍ରୁଟି ନେଇ ବେଶୀ ହଲ୍ଲା ନ କରି, ତାହାହିଁ କରିବା ଦରକାର ଯାହାଦ୍ୱାରା ମଣିଷ ଭିତରେ ଇଷ୍ଟପ୍ରାଣତାର ପ୍ଳାବନ ସୃଷ୍ଟି ହୋଇପାରେ । ଏଇ ବିପ୍ଳବ ହିଁ ଅସଲ ବିପ୍ଳବ । ଏହା ସଙ୍ଗେ ସଙ୍ଗେ ଦରକାର ଅସତ୍ ନିରୋଧୀ ପରାକ୍ରମ । ତେବେ ଅସହିଷ୍ଣୁ ଯଦି ହେବାକୁ ହୁଏ ତାହା ବିଶେଷଭାବରେ ନିଜର ଦୋଷ ସମ୍ବନ୍ଧରେ । ନିଜକୁ କଦାପି କ୍ଷମା କରିବା ଠିକ୍ ନୁହେଁ । ଅନ୍ୟର ଦୋଷ ଦେଖିଲେ sympathy (ସହାନୁଭୂତି), understanding (ବୁଝିବା) ଓ toleration (ସହନଶୀଳତା) ସହକାରେ ଭାବିବାକୁ ହେବ, ସେ କାହିଁକି ଦୋଷ କଲା । ଡ଼ାକ୍ତରଙ୍କ ପରି ତା'ର ଦୋଷରୂପୀ disease (ରୋଗ)କୁ ଭଲ କରି ଦେବାକୁ ହେବ । ମଣିଷକୁ ଏପରିଭାବେ ଭଲପାଇବାକୁ ହେବ, ଯେପରିକି ସେ ଆପଣଙ୍କୁ ଭଲ ନ ପାଇ ରହି ପାରିବ ନାହିଁ । ଏଇପରି ନ କରି ଜୋର ଜବରଦସ୍ତି କରି କାହା ଭିତରେ କୌଣସି ପରିବର୍ତ୍ତନ ଅଣାଯାଇ ପାରେନା । ଆଜି ଯାହାକୁ ଅକଳରେ ପକାଇ ଆପଣ ହାତମୁଠାକୁ ଆଣିଲେ, ସେ ସବୁବେଳେ ସୁଯୋଗର ଅପେକ୍ଷାରେ ରହିବ କିପରିଭାବେ ଆପଣଙ୍କୁ ଆଘାତ କରିପାରିବ । କିନ୍ତୁ ଶୁଭବୁଦ୍ଧି ପ୍ରଣୋଦିତ ବିହିତ ଶାସନ ଦ୍ୱାରା ମଣିଷ ଆୟତ୍ତର ବାହାରେ ଯାଇଁ କ୍ୱଚିତ୍ ଶତ୍ରୁ ହୋଇ ଉଠିଥାଏ । ଭଲ ହେବା ଓ ଭଲ ପାଇବାର ଗୋଟାଏ ଶିଷ୍ଟ ରୀତି ଅଛି । ସେଇ ରୀତି ଅନୁଯାୟୀ ଚଳିବାକୁ ହେବ । ସତ୍ ଆଦର୍ଶରେ ସୁନିଷ୍ଠ ହେଲେହିଁ ଅସତ୍‌କୁ ବିନାୟିତ କରାଯାଇପାରେ ।

ଜଣେ କଥା ଦେଇ, କଥା ଠିକ୍ ରଖି ପାରି ନାହିଁ ଏବଂ ତା' ଉପରେ ନିର୍ଭର କରି ତୁମେ ବିପଦରେ ପଡ଼ି ଯାଇଛ । ଏ କ୍ଷେତ୍ରରେ ତୁମେ ଯଦି ନିଜକୁ ଦାୟୀ ନ କର ତା'ହେଲେ ଠକିଯିବ । କାହା ଉପରେ କେତେବେଳେ, କେଉଁଠି, କେତେଟା ନିର୍ଭର କରାଯାଏ, ସେଇ ଟିକକ ତୁମର ଜାଣିବା ଦରକାର, ବୁଝିବା ଦରକାର । ପୁଣି, କାହା ଉପରେ ଯଦି ନିର୍ଭର କର, ତା'କୁ ଦେଇ ସେଇ କାର୍ଯ୍ୟଟା କରାଇ ନେବାର ଦାୟିତ୍ୱ ତୁମର । ସେ ଯଦି କୌଣସି କାରଣରୁ ନ ପାରେ, ତା'ହେଲେ ବିକଳ୍ପ ବ୍ୟବସ୍ଥା ଠିକ୍ ରଖିବା ଦରକାର । ଏଇଭାବେ ସବୁ ଆଡ଼କୁ ନଜର ରଖି ଚାଲିବାକୁ ହେବ । କାର୍ଯ୍ୟକର୍ମ ଯେତେ ନିଖୁଣଭାବେ, ସମୟାନୁଯାୟୀ, କୃତିତ୍ୱର ସହିତ କରାଯାଏ, ସେତେ ଚରିତ୍ର ଠିକ୍ ରହେ । ଦାୟିତ୍ୱହୀନ ଅଳସ ଜୀବନଯାପନ କଲେ ଧର୍ମ ହୁଏନା । ଅକଳିଆ situation (ପରିସ୍ଥିତି) ଓ ଅବାଗିଆ ମଣିଷକୁ କିଏ କେତେଟା tactfully manage (ସୁକୌଶଳରେ ପରିଚାଳନା) କରିପାରେ, ତାହାହିଁ ଦେଖି ବୁଝାଯାଏ, ସେ କେତେଟା intelligent (ବୁଦ୍ଧିମାନ) ଓ adjusted (ନିୟନ୍ତ୍ରିତ) । ଯେ ତୁମକୁ ମାନେନା, ଜବରଦସ୍ତି କରି ବା ଡ଼ରାଇ, ଯଦି ତା'ର ମାନିବାଟା ଆଦାୟ କରିବାକୁ ଚାହଁ, ତା'ହେଲେ ତୁମେ ତା'କୁ ଆଉରି ହରାଇବ । ସେ କ୍ଷେତ୍ରରେ ତୁମକୁ ସହ୍ୟ, ଧୈର୍ଯ୍ୟ, ସହକାରେ ଏପରିଭାବେ ଚାଲିବାକୁ ହେବ, ଯେପରିକି ତୁମକୁ ଶ୍ରଦ୍ଧା କରି, ମାନ୍ୟ କରି ସେ ନିଜକୁ ଧନ୍ୟ ମନେ କରେ । ସବୁଠାରୁ କଠିନ କାର୍ଯ୍ୟ ଅପରର ego (ଅହଂ)କୁ tackle (ପରିଚାଳନା) କରିବା । ନିଜର ego (ଅହଂ) adjusted (ନିୟନ୍ତ୍ରିତ) ନହେଲେ ଏ କାର୍ଯ୍ୟ ପାରାଯାଏନା । ଆଉ, surrender (ଆତ୍ମସମର୍ପଣ) ଛଡ଼ା ଏହା ହେବାର ନୁହେଁ । ଜୀବନରେ ସବୁ ଦିଗରୁ ସାର୍ଥକ ହେବାକୁ ଗଲେ, ପ୍ରତି ପଦକ୍ଷେପରେ ଦରକାର active surrender (ସକ୍ରିୟ ଆତ୍ମସମର୍ପଣ) ।

ଶ୍ରୀଶ୍ରୀଠାକୁର କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ)ଙ୍କ ଆଡ଼େ ଚାହିଁ କହିଲେ— ଉତ୍ତର ସାଧକ କଥାଟା ବଡ଼ ଭଲ । ଉତ୍ତରସାଧକ ଥିଲେ ମଣିଷର ଜୋର ବଢ଼ିଯାଏ । ଯେପରିକି ମୁଁ ଯାହା କରେ, ଆପଣ ମୋ ପଛରେ ଅଛନ୍ତିହିଁ । ଆପଣ ଯେପରି ଉତ୍ତର ସାଧକ । ସବୁ କାମରେ ଜଣେ ଉତ୍ତରସାଧକ ଲାଗେ । ତା'ହେଲେ ହିଁ ମଣିଷ ଛାତି ଦମ୍ଭ କରି ଛିଡ଼ା ହୋଇପାରେ । ତା'ହେଲେ ତା'ର ଆରବ୍ଧ କାର୍ଯ୍ୟର continuity (କ୍ରମାଗତି) ବଜାୟ ରହିପାରେ । ବ୍ୟବସାୟ କରିବାକୁ ଯା'ନ୍ତୁ ସେଠାରେ ମଧ୍ୟ ଜଣେ ଉତ୍ତରସାଧକ ଦରକାର ।

ଦୁର୍ଦ୍ଦଶା ଯା'ର ଯେତେହିଁ ଆସୁ-
ଧୀର ନଜରେ ଦେଖିବୁଝି,
ନିରାକରଣ କରିବୁ ତାହାର
ସ୍ୱସ୍ତି ଦେଇ ବୁଝିସୁଝି । ୫ ।

*(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

ଯାହାର tussling nature (ଝଗଡ଼ାଖୋର ପ୍ରକୃତି), ସେ କେବେହେଲେ ଭଲ ଉତ୍ତରସାଧକ ପାଏନା । କାରଣ ସେ ସହିବା-ବହିବା ଅଭାବରୁ କାହାରି ହେଲେ ବ୍ୟକ୍ତିସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନ ଇଚ୍ଛାଶକ୍ତିକୁ ସ୍ଫୁରିତ କରି ତୋଳି ପାରେନା । ଆଉ ଏଇ ଏକଟି ଦୋଷ ଯୋଗୁଁ ସେ ନିଜେ ଭଲ ଉତ୍ତରସାଧକ ହୋଇପାରେନା । ସେଇ ହେଲା ପ୍ରକୃତ ଉତ୍ତରସାଧକ, ଯେ ଆଶା ଭରସା, ମାଭୈଃ-ବାଣୀ ସହକାରେ ଜଣକ ପଛରେ ଛିଡ଼ା ହୋଇ ତା'କୁ କାର୍ଯ୍ୟରେ ସାହାଯ୍ୟ କରେ । ତା'ର mission (ଉଦ୍ଦେଶ୍ୟ) fulfil (ପୂରଣ) କରିବା ସଂକ୍ରାନ୍ତରେ ତା'କୁ ସର୍ବତୋଭାବେ ଆଗକୁ ଆଗେଇ ଦିଏ ଓ ତୋଳିଧରେ । ଏହାଦ୍ୱାରା ଉଭୟ progress (ଉନ୍ନତି) କରନ୍ତି । ଏହାଛଡ଼ା ମଣିଷ ଆଗେଇ ପାରେନା । ମା' ଥିଲେ ମୋର prop (ଖୁଣ୍ଟି) । ମା' ଚାଲିଯିବା ପରଠାରୁ ମୋତେ ଯେପରି ଆଉ କିଛି ଭଲ ଲାଗେନା ।

କେଷ୍ଟଭାଇ— ପ୍ରାୟଃ ସବୁ ମହାପୁରୁଷଙ୍କ କ୍ଷେତ୍ରରେ ଦେଖାଯାଏ, ସେମାନଙ୍କର ଜୀବନ ଯେପରି ବିଷାଦ ଭାରାକ୍ରାନ୍ତ ।

ଶ୍ରୀଶ୍ରୀଠାକୁର— ଏଇଟା ହେଲା ଶିଷ୍ୟମାନଙ୍କର incapability (ସାମର୍ଥ୍ୟହୀନତା) ଯୋଗୁଁ । ମହାପୁରୁଷଗଣ always cruel to themselves (ସର୍ବଦା ନିଜ ନିଜ ପ୍ରତି ନିଷ୍ଠୁର), କାରଣ ସେମାନେ ସର୍ବଦା ପରିବେଶର ପ୍ରତିପ୍ରତ୍ୟେକଙ୍କର ମଙ୍ଗଳ ସାଧନରେ ବ୍ୟସ୍ତ, ଅପରର ପାଇଁ ନିଜନିଜକୁ ଫତୁର କରିଦେବାକୁ ଯେପରି ସେମାନେ ଆସିଥା'ନ୍ତି, ଜଗତକୁ, ନିଜ ପ୍ରତି ଦୃଷ୍ଟି ଦେବାର ଅବକାଶ କେଉଁଠି ସେମାନଙ୍କର ? ଏମନ୍ତ ଅବସ୍ଥାରେ environment (ପରିବେଶ) ଯଦି affectionate (ପ୍ରୀତି ପରାୟଣ) ହୁଏ, ତା'ହେଲେହିଁ ସେମାନେ କିଛିଟା ସ୍ୱସ୍ତିରେ, ଶାନ୍ତିରେ ରହି ପାରନ୍ତି । ଶୁଣିଛି, ବୁଦ୍ଧଦେବ ବ୍ୟାଧର ଘରେ ଉପସ୍ଥିତ ହୋଇ ନାନା କୌଶଳ କରି ତାଙ୍କର ଶିଷ୍ୟମାନଙ୍କୁ କାହାକୁ ଅଖାଦ୍ୟ ଖାଇବାକୁ ଦେଲେ ନାହିଁ, ସେ ସେମାନଙ୍କୁ ରକ୍ଷା କଲେ, କିନ୍ତୁ ସେମାନେ ଯେ ବ୍ୟାଧକୁ tactfully (ସୁକୌଶଳେ) ଖୁସି କରି ବୁଦ୍ଧଦେବଙ୍କୁ ଉକ୍ତ ଖାଦ୍ୟ ଖୁଆଇବାର ଚେଷ୍ଟାରୁ ପ୍ରତିନିବୃତ କରିବେ, ତାହା ଆଉ ପାରି ଉଠି ପାରିଲେ ନାହିଁ । ଫଳ ଯାହା ହେବାର ତାହା ହେଲା । ପ୍ରତ୍ୟେକ prophet (ପ୍ରେରିତ ପୁରୁଷ)ଙ୍କୁ ଦେଖାଯାଏ, ସମସ୍ତଙ୍କ ପାଇଁ ତାଙ୍କର ଯାହା କରିବାର ତାହା କରିବାରେ ସେ ଟିକିଏ ବି ତ୍ରୁଟି କରନ୍ତି ନାହିଁ, କିନ୍ତୁ environment (ପରିବେଶ)ର ତାଙ୍କ ପାଇଁ ଯେତେଟା ଯାହା କରିବା ଉଚିତ ତାହା ପ୍ରାୟଃହିଁ କରି ନଥାଏ । ପ୍ରବୃତ୍ତିର ଉର୍ଦ୍ଧ୍ୱେ ନ ଉଠିଲେ ଅତନ୍ଦ୍ରଭାବେ ତାଙ୍କର ସେବା କରିବା ବା ତାଙ୍କ ଉପରେ ଦୃଷ୍ଟି ରଖିବା ସମ୍ଭବ ମଧ୍ୟ ହୁଏନା ।

ଚୁନୀଭାଇ (ରାୟଚୌଧୁରୀ)— ଅବତାର ପୁରୁଷଗଣଙ୍କୁ କ'ଣ ପରିବେଶ ଉପରେ ନିର୍ଭର କରିବାକୁ ପଡ଼େ ?

ଶ୍ରୀଶ୍ରୀଠାକୁର— ପଡ଼ିବ ନାହିଁ ? ଜନ୍ମଗ୍ରହଣ କଲେହିଁ environment (ପରିବେଶ) ଦରକାର । ମଣିଷ ହୋଇ ଯେତେବେଳେ ସେ ଆସନ୍ତି, ସେତେବେଳେ ମଣିଷ ପରିହିଁ ତାଙ୍କୁ ଯାହା କିଛି କରିବାକୁ ହୋଇଥାଏ । ସେଥିପାଇଁ ତ ମଣିଷ ତାଙ୍କୁ ଅନୁସରଣ କରିପାରେ ଏବଂ ଅନୁସରଣ କରି ଲାଭବାନ ହୋଇପାରେ । ନୋଚେତ୍ ଅସ୍ୱାଭାବିକଭାବେ ଚାଲିଲେ ମଣିଷ ତାଙ୍କୁ ଅନୁସରଣ କରି ପାରନ୍ତା ନାହିଁ ଏବଂ ତାଙ୍କଦ୍ୱାରା ଲାଭବାନ ହୋଇ ପାରନ୍ତା ନାହିଁ । ସେ ଆପ୍ରାଣ ଭଲପାଇ ଓ ସେବା କରି environment (ପରିବେଶ)କୁ richer (ସମୃଦ୍ଧ)ହିଁ କରିଦେଇ ଯା'ନ୍ତି । କିନ୍ତୁ environment (ପରିବେଶ)ର ଯଦି ତାଙ୍କ ପ୍ରତି ସେତେଟା respensible attachment (ଦାୟିତ୍ୱଶୀଳ ଅନୁରାଗ) ଥାଏ, ତା'ହେଲେ ତ ହୁଏ । ସେ ଭଲପାଇ ଆମର ଯେତେହିଁ ସୁଖଶାନ୍ତି ବିଧାନ କରନ୍ତୁ, ସେଥିରେ ଆମର ପ୍ରକୃତ କଲ୍ୟାଣ ହୁଏନା, ଯଦି କିନା ପ୍ରତ୍ୟାଶାହୀନ ହୋଇ ଆଗେ ତାଙ୍କୁ ପ୍ରାଣପଣେ ଭଲ ନ ପାଉ ଓ ସେବାଯତ୍ନ ନ କରୁ ।

ଏହାପରେ ଶ୍ରୀଶ୍ରୀଠାକୁର ଥରେ ତମାଖୁ ସେବନ କଲେ । ତା'ପରେ କହିଲେ— ଚାଲନ୍ତୁ ବାହାରେ ଯାଇଁ ବସିବା । ସେଠାରେ ଅନେକ ମୁହଁ ଦେଖାଯିବ ଏକସଙ୍ଗେ ।

ପ୍ୟାରୀଭାଇ ଶ୍ରୀଶ୍ରୀଠାକୁରଙ୍କ ଚଟିଜୋଡ଼ା ଆଗେଇ ଦେଲେ ।

ଶ୍ରୀଶ୍ରୀଠାକୁର ଚଟିଟା ପିନ୍ଧି ବାହାରେ ଆସି ବାରଣ୍ଡାରେ ପଡ଼ିଥିବା ଖଟରେ ଉତ୍ତର-ପଶ୍ଚିମାସ୍ୟ ହୋଇ ବସିଲେ ।

ପ୍ରସଙ୍ଗକ୍ରମେ କେଷ୍ଟଭାଇ କହିଲେ— ଶରତଭାଇଙ୍କର ଜ୍ୱର ହୋଇଛି ।

ଶ୍ରୀଶ୍ରୀଠାକୁର ଉଦ୍‌ବିଗ୍ନ ସ୍ୱରରେ କହିଲେ— ମିଟିଂ ସମୟରେ ଶରତଭାଇ ପଡ଼ିଗଲେ ତ ମୁସ୍କିଲ୍ । ଶୀଘ୍ର ସୁସ୍ଥ କରିତୋଳିବା ଦରକାର । (ପ୍ୟାରୀଭାଇଙ୍କ ଆଡ଼େ ଚାହିଁ)— ଏଇ ପ୍ୟାରୀ ! ତୁ

ଶିକ୍ଷା-ଦୀକ୍ଷାରେ ଶିଷ୍ଟ କରି
ଭକ୍ତିଜ୍ଞାନର ସମାହାର,
ପ୍ରତି ହୃଦୟେ ଆଣରେ ପ୍ରଚୁର
ବିଛାଇ ଦେଇ ସୁବ୍ୟବହାର । ୮ ।

*(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

ଠିକ୍ କରି ଦେଉନା କାହିଁକି ?

ପ୍ୟାରୀଭାଇ— ମୁଁ ତ ଔଷଧ ଦେଇଛି ।

ଶ୍ରୀଶ୍ରୀଠାକୁର ମୁଖମଣ୍ଡଳ ବୁଲାଇ ସୁଆଗିଆ ସ୍ୱରରେ ଝୁଙ୍କି ପଡ଼ି କହିଲେ— ଯେପରି କରି ପାର, ଶରତଭାଇଙ୍କୁ ସୁସ୍ଥ କରି ଦେବାକୁ ହେବ ଅତିଶୀଘ୍ର ।

ଶ୍ରୀଶ୍ରୀଠାକୁରଙ୍କର କହିବାର ଅପୂର୍ବ ମୋହନ ଭଙ୍ଗିମା ଦେଖି ସମସ୍ତେ ହସିଉଠିଲେ ।

ଟିକିଏ ପରେ ଯଶୋରର ବିନୋଦଭାଇ (ଦାଁ) ନିଜର ଅଭାବ-ଅଭିଯୋଗର କଥା ନିବେଦନ କରି, କ'ଣ କରିବେ ଜାଣିବାକୁ ଚାହିଁଲେ ।

ଶ୍ରୀଶ୍ରୀଠାକୁର ଦରଦଭରା ସ୍ୱରରେ କହିଲେ— ବାବା ! ପଇସା କ'ଣ ପଇସା ଦିଏ ? ମଣିଷ ପଇସା ଦିଏ, ମଣିଷ ଭଲପାଏ, ମଣିଷ ଖାଇବାର ଯୋଗାଏ, ମଣିଷଠାରୁହିଁ ଆସେ ସବୁ, ଯାହା ଦେଇ ଆମେ ବଞ୍ଚିପାରୁ । ତେଣୁ ମଣିଷ ଉପାର୍ଜ୍ଜନ କରିବା ଦରକାର, ମଣିଷକୁ ଭଲପାଇବା ଦରକାର, ମଣିଷର (service) ସେବା କରିବାକୁ ହେବ, ମଣିଷକୁ ନିଜର କରିବାକୁ ହେବ । ଯେଉଁ କାମ ଜାଣ, ତାହାହିଁ କରିବା ଦରକାର । ତା' ସଙ୍ଗେ ସଙ୍ଗେ ଏ ଆଡ଼କୁ ଖିଆଲ ରଖି ଚାଲିବାକୁ ହେବ । ମଣିଷ ଉପାୟ ଯଦି କରିପାର, ପଇସା ପାଇଁ ଭାବିବାକୁ ହେବ ନାହିଁ ।

## ଚୈତ୍ର-୧୭, ମଙ୍ଗଳବାର, ୧୩୫୪
## (ଇଂ ତା୩୦।୦୩।୧୯୪୮)

ସନ୍ଧ୍ୟାବେଳେ ଶ୍ରୀଶ୍ରୀଠାକୁର ବଡ଼ାଲ-ବଙ୍ଗଳା ସାମନା ପଡ଼ିଆରେ ବସିଛନ୍ତି କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ), ଶ୍ରୀଯୁକ୍ତ ଏନ.ସି. ଚଟ୍ଟୋପାଧ୍ୟାୟ, ଶଚୀନଭାଇ (ଗାଙ୍ଗୁଲୀ), ହେମଭାଇ (ମୁଖାର୍ଜ୍ଜୀ), ଭୋଳାନାଥଭାଇ (ସରକାର), ମଣିଭାଇ (ସେନ), ଖଗେନଭାଇ (ତପାଦାର), ବରୁଣଭାଇ (ମୁଖାର୍ଜ୍ଜୀ), ବୀରେନାଭଇ (ମିତ୍ର), ଚୁନୀଭାଇ (ରାୟଚୌଧୁରୀ), ଦାଶୁଭାଇ (ରାୟ), ଅମୂଲ୍ୟଭାଇ (ଘୋଷ), ଅନୀଲଭାଇ (ଗାଙ୍ଗୁଲୀ), ସୁରେନଭାଇ (ବିଶ୍ୱାସ), କେଦାରଭାଇ (ଭଟ୍ଟାଚାର୍ଯ୍ୟ), ଯୋଗେନଭାଇ (ହାଲଦାର), ଶୈଳେଶଭାଇ (ବାନାର୍ଜ୍ଜୀ), ବ୍ରଜେଶଭାଇ (ଚାଟାର୍ଜ୍ଜୀ), ସୁଧୀରଭାଇ (ଚାଟାର୍ଜ୍ଜୀ), ହରେନଭାଇ (ବସୁ), ମଣିଭାଇ (କର), ନନୀଭାଇ (ଚକ୍ରବର୍ତ୍ତୀ), ଜିତେନଭାଇ (ମିତ୍ର), କାଳୀଭାଇ (ବାନାର୍ଜ୍ଜୀ), ସନ୍ତୋଷଭାଇ (ମୁଖାର୍ଜ୍ଜୀ), ପ୍ରମଥଭାଇ (ଦେ), ପ୍ରିୟନାଥଭାଇ (ସେନଶର୍ମା), ଉମାଭାଇ (ଚରଣ), ଗୋପେନଭାଇ (ରାୟ) ପ୍ରଭୃତି ଅନେକେହିଁ ଉପସ୍ଥିତ ଅଛନ୍ତି ।

ଶ୍ରୀଶ୍ରୀଠାକୁର ପ୍ରସଙ୍ଗକ୍ରମେ ଶ୍ରୀଯୁକ୍ତ ଚଟ୍ଟୋପାଧ୍ୟାୟଙ୍କୁ କହିଲେ— ମଣିଷ ଦରକାର, paper (ସମ୍ବାଦପତ୍ର) ଦରକାର, pamphlet (ପୁସ୍ତିକା) ଦରକାର, propaganda (ପ୍ରଚାର) ଦରକାର । ମଣିଷହିଁ ଅସଲ । ମଣିଷ ହେଲେ ସବୁ ହୋଇଯାଏ । ସମସ୍ତଙ୍କୁ conscious (ସଚେତନ) କରିବାକୁ ହେବ, active (ସକ୍ରିୟ) କରି ତୋଳିବାକୁ ହେବ । କେହି ଯେପରି ହାଲିଆ ହୋଇ ନପଡ଼େ । ଆଉ ପ୍ରକୃତ ଶିକ୍ଷାର ଭିତ୍ତିପତ୍ତନ ପାଇଁ ନୂତନ କରି University (ବିଶ୍ୱବିଦ୍ୟାଳୟ) ଗଢ଼ି ତୋଳିବାକୁ ହେବ । ଶିକ୍ଷାଟାକୁ ଏପରିଭାବେ ପୁନର୍ବିନ୍ୟାସ କରିବାକୁ ହେବ, ଯେପରିକି ପ୍ରତିଟି ଛାତ୍ର ମଣିଷ ପରି ମଣିଷ ହୋଇ ଉଠିପାରେ । ଆପଣମାନେ ହିନ୍ଦୁ ମହାସଭା ଆନ୍ଦୋଳନ କରନ୍ତି, ମୋର ମନେହୁଏ, ତା'ର ନାମ ଦେବାକୁ ହେବ ଆର୍ଯ୍ୟ-ମହାସଭା, ଯେପରିକି ମୁସଲମାନ, ଖ୍ରୀଷ୍ଟାନ ସମସ୍ତେ ତା'ର ସଭ୍ୟ ହୋଇପାରନ୍ତି । ଆର୍ଯ୍ୟଗଣଙ୍କ ମଧ୍ୟରେ ଅଛି ଋଷି-ପରମ୍ପରା ଓ ପିତୃପୁରୁଷଙ୍କୁ ମାନି ଚଳିବାର କଥା । ଏଇ ଧାରାଟା ଯଦି ଠିକ୍ ଥାଏ, ତା'ହେଲେ ସାମ୍ପ୍ରଦାୟିକ ସମସ୍ୟା ମୁଣ୍ଡଟେକି ପାରେନା । ଧର୍ମର ପ୍ରତିଷ୍ଠା, ଆଦର୍ଶର ପ୍ରତିଷ୍ଠା ଯେପରି ହୁଏ, ତାହାହିଁ କରିବାକୁ ହେବ । ନହେଲେ ମଣିଷ adjusted (ନିୟନ୍ତ୍ରିତ) ହେବ ନାହିଁ, integrated (ସଂହତ) ହେବ ନାହିଁ । ଆଉ ମଣିଷ ଯେପରି ଅଶ୍ରଦ୍ଧାର ପାତ୍ର ହୋଇଉଠେ, ସେପରି propaganda (ପ୍ରଚାର) କରିବା ଭଲ ନୁହେଁ । ବଡ଼ ଯେପରି ପ୍ରକୃତ ବଡ଼ ହୋଇଉଠେ, ଏବଂ ତା'ଉପରେ ମଣିଷର ଶ୍ରଦ୍ଧା ଜାଗେ, ତାହାହିଁ କରିବାକୁ ହେବ । ଗୋଟାଏ ଦିଗରୁ ଯେପରି ଶ୍ରଦ୍ଧା କଲା ଭଳି ମଣିଷ ଦରକାର, ଅନ୍ୟ ଦିଗରୁ ପୁଣି ସେମାନଙ୍କ ପ୍ରତି ଶ୍ରଦ୍ଧା ପୋଷଣ କରିବାର ବ୍ୟବସ୍ଥା କରିବା ଦରକାର । ଶ୍ରେୟର ପ୍ରତି ଶ୍ରଦ୍ଧା ପୋଷଣ ଛଡ଼ା ମଣିଷ ବଡ଼ ହୋଇ ପାରେନା ।

ପ୍ରସଙ୍ଗକ୍ରମେ କେଷ୍ଟଭାଇ ଋତ୍ୱିକ୍ ଅଧିବେଶନର ସାଧାରଣ ସଭାର ସଭାପତିର ଭାଷଣ ହିସାବରେ ଶ୍ରୀଯୁକ୍ତ ଚଟ୍ଟୋପାଧ୍ୟାୟଙ୍କର ବକ୍ତୃତା ସମ୍ବନ୍ଧରେ କହିଲେ— ଭାଇଙ୍କର କହିବାର ଶୈଳୀ ଖୁବ୍

ତୁମେ ଲୋକର ତା'ହିଁ କରିଯାଅ
ବିଧିର ନିଷେଧ ନାହିଁ ଯେଉଁଠାନେ,
ବ୍ୟଷ୍ଟିଗତ କୃଷ୍ଟିସେବା
କର ତୁମେ ସେଇ ଚଳନେ । ୧୦ ।
*(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

ପ୍ରାଣସ୍ପର୍ଶୀ । ଯେପରି ଯୁକ୍ତିଯୁକ୍ତ, ସେଇପରି ଆବେଗପୂର୍ଣ୍ଣ । ପୁଣି ଭାଷା, ଗଳାର ସ୍ୱର ଓ presentation (ଉପସ୍ଥାପନା) ମଧ୍ୟ ଚମତ୍କାର ।

ଶ୍ରୀଯୁକ୍ତ ଚଟ୍ଟୋପାଧ୍ୟାୟ– Prepare (ପ୍ରସ୍ତୁତ) କରି କହିବା ଅପେକ୍ଷା inspiration (ପ୍ରେରଣା)ରୁ କହିବାହିଁ ଭଲ ହୁଏ ।

ଶ୍ରୀଶ୍ରୀଠାକୁର– Inspiration (ପ୍ରେରଣା)ର ଅସଲ ଜିନିଷ ହେଲା love (ଭଲପାଇବା) । 'ମୂକଂ କରୋତି ବାଚାଳଂ, ପଙ୍ଗୁଂ ଲଂଘୟତେ ଗିରିଂ/ଯତ୍‌କୃପା ତମହଂ ବନ୍ଦେ, ପରମାନନ୍ଦ ମାଧବମ୍' । ତଦ୍‌ଗତ ରହିଲେ ସେହିଁ କଥା ଜୁଟାଇ ଦିଅନ୍ତି ।'

ଶଚୀନଭାଇ– କୃପା ଲାଭର ଅଧିକାର ଥିବା ଦରକାର ତ !

ଶ୍ରୀଶ୍ରୀଠାକୁର– ହଁ ! କୃପା ମାନେ ମୁଁ ବୁଝେ– କରି ପାଇବା । ଯେ ଯେତେଟା ତାଙ୍କର ହୁଏ,– ବାସ୍ତବରେ– ସେ ସେତେଟା ତାଙ୍କର ଦୟା ଉପଲବ୍ଧି କରେ । ରାମକୃଷ୍ଣ ଠାକୁର କହିଛନ୍ତି– ଈଶ୍ୱରଙ୍କର କୃପାର ବତାସ ତ ବହୁଛିହିଁ, ତୁ ପାଲଟା ଉଠାଇ ଦେ ନା । ତାଙ୍କର ଦୟାକୁ ଅଧିଗତ କରିବାକୁ ଯେତେଟିକେ କରିବାକୁ ହେବ, ତା' କରିବାକୁହିଁ ହେବ ।

ଏହାପରେ ଶ୍ରୀଯୁକ୍ତ ଚଟ୍ଟୋପାଧ୍ୟାୟ ପ୍ରଣାମ କରି ବିଦାୟ ନେଲେ ।

ଜଣେ ଭାଇଙ୍କର କୌଣସି କାରଣରୁ ରାଗ ହୋଇଛି । ସେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆସି କ୍ଷୋଭର ସଙ୍ଗେ ନାନା କଥା କହୁଥିଲେ । ପ୍ରସଙ୍ଗକ୍ରମେ ସେ କହିଲେ– ମୁଁ ଏବେ ଯାହା କରୁଛି, ସେଇଟାହିଁ ମୋର ଦୋଷ ହୋଇ ଯାଉଛି ।

ଶ୍ରୀଶ୍ରୀଠାକୁର– ବିଗିଡ଼ା ମିଜାଜ ନେଇ ଆମେ ଯେଉଁ ବ୍ୟବହାର କରୁ, ସେଇଟାହିଁ ଦୋଷାବହ ହୋଇଉଠେ । ଯେଉଁ ବ୍ୟବହାର ମଣିଷକୁ soothe (ତୁଷ୍ଟ) କରେନା, appease (ଶାନ୍ତ) କରେନା, elate (ଉତ୍‌ଫୁଲ୍ଲ) କରେନା, ସେ ବ୍ୟବହାର ମଣିଷ ନିକଟରେ ପ୍ରୀତିକର ଓ ଆଦରଣୀୟ କମ୍ ହିଁ ହୋଇଥାଏ ।

ହେମଭାଇ (ମୁଖୋପାଧ୍ୟାୟ) ଶ୍ରୀଶ୍ରୀଠାକୁରଙ୍କୁ କହିଲେ– ଗୁରୁଦାସ ସଙ୍ଗେ ମୋର ଝିଅର ବିବାହ ହେଲେ ମୁଁ free (ଦାୟମୁକ୍ତ) ହୋଇପାରନ୍ତି । ଆପଣଙ୍କର ଅନୁମତି ଥିଲେ, ଅଗ୍ରସର ହୋଇପାରେ ।

ଶ୍ରୀଶ୍ରୀଠାକୁର– ଋତ୍ୱିକ୍‌ମାନଙ୍କ ସମ୍ପର୍କରେ ମୋର କଥା– ସେମାନଙ୍କର ଋତ୍ୱିକୀ complete (ପୂର୍ଣ୍ଣ) କଲେ, ବିବାହ କରିବା ଭଲ । ନୋଚେତ୍ ଆପଣଙ୍କର ଭାର କମିବ, କିନ୍ତୁ ଗୁରୁଦାସ ଭାରାକ୍ରାନ୍ତ ହେବ । ଯାହା ହେଉ ଚେଷ୍ଟାରେ ଥା'ନ୍ତୁ । ତେବେ ଋତ୍ୱିକତାର କାମ ଛାଡ଼ି ଝିଅ ବିବାହର ସନ୍ଧାନ କରିବାକୁ ଯିବେନି, କାମ କରୁ କରୁ ଯଦି ସନ୍ଧାନ ପା'ନ୍ତି ତା'ହେଲେ ଭଲ । ଏମିତି ତ ଆମେ ବହୁ କ୍ଷତି କରିଛୁ, ଆମର ability (ସାମର୍ଥ୍ୟ) ଥିଲା, possibility (ସମ୍ଭାବନା) ଥିଲା, କିନ୍ତୁ ସେପରିଭାବେ ଖଟିଖାଟି କଲୁ ନାହିଁ ।

## ଚୈତ୍ର-୨୬, ଗୁରୁବାର, ୧୩୫୪
## (ଇଂ ତା୦୮।୦୪।୧୯୪୮)

ଏବେ ଚୈତ୍ର ମାସର ଶେଷ । ବେଳ ଟିକିଏ ବୁଡ଼ୁ ନ ବୁଡୁଣୁ ଚାରିଆଡ଼ ତାତି ଉଠେ । ଧୂସର, ଉଷର, ବୃକ୍ଷ ତାଉମାଟିର ବେଶ ସତେ ଯେପରି ରୁଦ୍ର ସନ୍ନ୍ୟାସୀର ବେଶ ଧାରଣ କରେ । ବାହାରେ ରହିବା ଦୁଷ୍କର ହୋଇଉଠେ । ସେଇ କାରଣରୁ ଶ୍ରୀଶ୍ରୀଠାକୁର ସକାଳ ନ'ଟା ସୁଦ୍ଧା ଆମ୍ବଗଛ ତଳୁ ଉଠି ଆସି ବାରଣ୍ଡାରେ ବସିଛନ୍ତି । କେଷ୍ଟଭାଇ(ଭଟ୍ଟାଚାର୍ଯ୍ୟ), ବୀରେନ୍‌ଭାଇ(ଭଟ୍ଟାଚାର୍ଯ୍ୟ), ଉମାଭାଇ (ବାଗ୍‌ଚୀ), ବ୍ରଜେନଭାଇ(ଚାଟ୍ଟାର୍ଜୀ), ରାଜେନଭାଇ(ମଜୁମଦାର), ମହିମଭାଇ(ଦେ), ଜ୍ଞାନଭାଇ(ଦତ୍ତ), ନରେନଭାଇ(ମିତ୍ର), ଜୟନ୍ତଭାଇ(ବିଶ୍ୱାସ), ଚୁନୀଭାଇ(ରାୟଚୌଧୁରୀ), ଶ୍ରୀଶଭାଇ (ରାୟଚୌଧୁରୀ), ପଣ୍ଡିତଭାଇ(ଭଟ୍ଟାଚାର୍ଯ୍ୟ), ଅରୁଣ (ଜୋୟାରଦାର), ଅନୀଲ(ଦତ୍ତ), ଆଶୁ(ଭଟ୍ଟାଚାର୍ଯ୍ୟ), ଜିତେନ (ଦୁଲୁଇ) ପ୍ରଭୃତି ଉପସ୍ଥିତ ଅଛନ୍ତି ।

ଶ୍ରୀଶ୍ରୀଠାକୁର କେଷ୍ଟଭାଇଙ୍କୁ କହିଲେ– ପୂର୍ବ-ପାକିସ୍ତାନ ସରକାରଙ୍କ ନିକଟରେ ଆମର ପ୍ରୟୋଜନର କଥା ଜଣାଇ ଗୋଟାଏ ଦରଖାସ୍ତ ଦେଇ ରଖିବା ଭଲ ।

କେଷ୍ଟଭାଇ– ସେଥିରେ କ'ଣ କିଛି ଫଳ ହେବ ?

ଶ୍ରୀଶ୍ରୀଠାକୁର– ଫଳ ହେଉ ନହେଉ, ଆମର ବକ୍ତବ୍ୟ ନିବେଦନ କରି ରଖିବା ଭଲ । ଏପରି କୌଣସି ସରକାର ନାହିଁ ଯାହା ଜନସାଧାରଣଙ୍କର କଲ୍ୟାଣ ନ ଚାହେଁ । ତେଣୁ ତ ଯେଉଁଟା ଆମର misson (ଉଦ୍ଦେଶ୍ୟ) ସେ କଥା ଆମେ ଜଣାଇବା ନାହିଁ

> ଦିଗ୍‌ଦାରୀରେ ଲାଭ କ'ଣ ରେ ତୋର !
> ଶୁଭ ସଞ୍ଚାରେ ଛିଟିକି ପଡ଼୍,
> ସ୍ରୋତଳ ଚଳନେ ଇଷ୍ଟନିଶାରେ
> ସବୁ ସତ୍ତାକୁ ତୋଳି ଧର୍ । ୧୨ ।
> *(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

କାହିଁକି ? ଜନ୍ମଭୂମିର ସେବା ଆମର ନିଜର ହିଁ ଗରଜ । ତା'ର ; scope (ସୁଯୋଗ) ଆମେ ବରାବର ଖୋଜିବୁ । ଯଦି ସେ scope (ସୁଯୋଗ) ଆମକୁ ଦିଆ ନଯାଏ, ତାହା ଅଲଗା କଥା । କିନ୍ତୁ ଆମର ଯାହା କରଣୀୟ, ସେ ବିଷୟରେ ମୁଁ ସେ ଚେଷ୍ଟାରେ ତ୍ରୁଟି ରଖିବି ନାହିଁ । ତା'ପରେ ପରମପିତାଙ୍କର ଯାହା ମର୍ଜି ତାହାହିଁ ହେବ । ଯେତେ ଖରାପ ଅବସ୍ଥା ଆସୁ ନା କାହିଁକି, ମୁଁ ଭାବେ ତା' ଭିତର ଦେଇ କେତେଟା ଭଲ କରାଯାଇପାରେ । ଯେତେ ବେଶୀ ଲୋକ ଏଇ ତାଳରେ ରହିବେ, ସେତେ ପୃଥିବୀର ଚକା ବୁଲିଯିବ ।

କେଷ୍ଟଭାଇ— ପୃଥିବୀରେ ବିପ୍ଳବ ପରେ ବିପ୍ଳବ ଆସିଛି, କିନ୍ତୁ ମଣିଷର ଯେ ଖୁବ୍ ଗୋଟାଏ ପରିବର୍ତ୍ତନ ହୋଇଛି, ତାହା ତ ମନେହୁଏନା ।

ଶ୍ରୀଶ୍ରୀଠାକୁର— ମଣିଷର ଦୋଷତ୍ରୁଟି ନେଇ ବେଶୀ ହଲ୍ଲା ନ କରି, ତାହାହିଁ କରିବା ଦରକାର ଯାହାଦ୍ୱାରା ମଣିଷ ଭିତରେ ଇଷ୍ଟପ୍ରାଣତାର ପ୍ଳାବନ ସୃଷ୍ଟି ହୋଇପାରେ । ଏଇ ବିପ୍ଳବ ହିଁ ଅସଲ ବିପ୍ଳବ । ଏହା ସଙ୍ଗେ ସଙ୍ଗେ ଦରକାର ଅସତ୍ ନିରୋଧୀ ପରାକ୍ରମ । ତେବେ ଅସହିଷ୍ଣୁ ଯଦି ହେବାକୁ ହୁଏ ତାହା ବିଶେଷଭାବରେ ନିଜର ଦୋଷ ସମ୍ବନ୍ଧରେ । ନିଜକୁ କଦାପି କ୍ଷମା କରିବା ଠିକ୍ ନୁହେଁ । ଅନ୍ୟର ଦୋଷ ଦେଖିଲେ sympathy (ସହାନୁଭୂତି), understanding (ବୁଝିବା) ଓ toleration (ସହନଶୀଳତା) ସହକାରେ ଭାବିବାକୁ ହେବ, ସେ କାହିଁକି ଦୋଷ କଲା । ଡ଼ାକ୍ତରଙ୍କ ପରି ତା'ର ଦୋଷରୂପୀ disease (ରୋଗ)କୁ ଭଲ କରି ଦେବାକୁ ହେବ । ମଣିଷକୁ ଏପରିଭାବେ ଭଲପାଇବାକୁ ହେବ, ଯେପରିକି ସେ ଆପଣଙ୍କୁ ଭଲ ନ ପାଇ ରହି ପାରିବ ନାହିଁ । ଏଇପରି ନ କରି ଜୋର ଜବରଦସ୍ତି କରି କାହା ଭିତରେ କୌଣସି ପରିବର୍ତ୍ତନ ଅଣାଯାଇ ପାରେନା । ଆଜି ଯାହାକୁ ଅକଳରେ ପକାଇ ଆପଣ ହାତମୁଠାକୁ ଆଣିଲେ, ସେ ସବୁବେଳେ ସୁଯୋଗର ଅପେକ୍ଷାରେ ରହିବ କିପରିଭାବେ ଆପଣଙ୍କୁ ଆଘାତ କରିପାରିବ । କିନ୍ତୁ ଶୁଭବୁଦ୍ଧି ପ୍ରଣୋଦିତ ବିହିତ ଶାସନ ଦ୍ୱାରା ମଣିଷ ଆୟତ୍ତର ବାହାରେ ଯାଇଁ କ୍ୱଚିତ୍ ଶତ୍ରୁ ହୋଇ ଉଠିଥାଏ । ଭଲ ହେବା ଓ ଭଲ ପାଇବାର ଗୋଟାଏ ଶିଷ୍ଟ ରୀତି ଅଛି । ସେଇ ରୀତି ଅନୁଯାୟୀ ଚଳିବାକୁ ହେବ । ସତ୍ ଆଦର୍ଶରେ ସୁନିଷ୍ଠ ହେଲେହିଁ ଅସତ୍‌କୁ ବିନାୟିତ କରାଯାଇପାରେ ।

କେଷ୍ଟଭାଇ— ଆପଣ ଯେଉଁ ଦରଖାସ୍ତ କରିବାର କଥା କହିଲେ, ସେଥିରେ କ'ଣ ଲେଖିବାକୁ ହେବ ?

ଶ୍ରୀଶ୍ରୀଠାକୁର— ପ୍ରଥମେ fundamentals of our doctrine(ଆମର ମତବାଦର ମୂଳକଥାଗୁଡ଼ିକ) ପରିଷ୍କାର ଭାବେ ଲେଖିବାକୁ ହେବ । ଉଲ୍ଲେଖ କରିବାକୁ ହେବ— ଆମେ ବୁଝୁ— ଈଶ୍ୱର ଏକ, ଧର୍ମ ଏକ, ପ୍ରେରିତଗଣ ଏକବାର୍ତ୍ତାବାହୀ । ତେଣୁ ଆମେ ପ୍ରତ୍ୟେକଟି ପ୍ରେରିତ ପୁରୁଷଙ୍କୁ ମାନ୍ୟତା ଦେଉ । ଆମେ ଚାହୁଁ ପ୍ରତ୍ୟେକେ ଈଶ୍ୱର ବିଶ୍ୱାସୀ ହୁଅନ୍ତୁ, ସ୍ୱଧର୍ମନିଷ୍ଠ ହୁଅନ୍ତୁ, ଜାତି, ଧର୍ମ ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକେ ପ୍ରତ୍ୟେକଙ୍କର ସହାୟ ସମ୍ପଦ ଓ ବାନ୍ଧବ ହୋଇଉଠନ୍ତୁ । ଆମେ ଚାହୁଁ ପ୍ରତ୍ୟେକଟି ବ୍ୟକ୍ତି ତା'ର ବୈଶିଷ୍ଟ୍ୟ-ଅନୁଯାୟୀ ସବୁଦିଗରୁ କ୍ରମବର୍ଦ୍ଧମାନ ହୋଇଉଠୁ । ପାକିସ୍ତାନର spiritual (ଆଧ୍ୟାତ୍ମିକ), educational (ଶିକ୍ଷାନୈତିକ), cultural (ସାଂସ୍କୃତିକ), economic (ଅର୍ଥନୈତିକ), agricultural (କୃଷିଗତ), industrial (ଶିଳ୍ପଗତ), social (ସାମାଜିକ), development (ଉନ୍ନତି) ଯେପରି ହୁଏ, ସେଥିପାଇଁ ଆମର କର୍ମୀଗଣ ଆତ୍ମନିୟୋଗ କରିବାକୁ ପ୍ରସ୍ତୁତ । ଆମେ ଧର୍ମ କହିଲେ ତାହାହିଁ ବୁଝୁ, ଯାହାଦ୍ୱାରା ପରିବେଶର ସମସ୍ତଙ୍କ ସହ ବଞ୍ଚିବା-ବଢ଼ିବା ପଥରେ ଚଳାଯାଏ । ଆମର କର୍ମ

ଧର, ଜଣେ କଥା ଦେଇ, କଥା ଠିକ୍ ରଖି ପାରି ନାହିଁ ଏବଂ ତା' ଉପରେ ନିର୍ଭର କରି ତୁମେ ବିପଦରେ ପଡ଼ି ଯାଇଛ । ଏ କ୍ଷେତ୍ରରେ ତୁମେ ଯଦି ନିଜକୁ ଦାୟୀ ନ କର ତା'ହେଲେ ଠକିଯିବ । କାହା ଉପରେ କେତେବେଳେ, କେଉଁଠି, କେତେଟା ନିର୍ଭର କରାଯାଏ, ସେଇ ଟିକକ ତୁମର ଜାଣିବା ଦରକାର, ବୁଝିବା ଦରକାର । ପୁଣି, କାହା ଉପରେ ଯଦି ନିର୍ଭର କର, ତା'କୁ ଦେଇ ସେଇ କାର୍ଯ୍ୟଟା କରାଇ ନେବାର ଦାୟିତ୍ୱ ତୁମର । ସେ ଯଦି କୌଣସି କାରଣରୁ ନ ପାରେ, ତା'ହେଲେ ବିକଳ୍ପ ବ୍ୟବସ୍ଥା ଠିକ୍ ରଖିବା ଦରକାର । ଏଇଭାବେ ସବୁ ଆଡ଼କୁ ନଜର ରଖି ଚାଲିବାକୁ ହେବ । କାର୍ଯ୍ୟକର୍ମ ଯେତେ ନିଖୁଣଭାବେ, ସମୟାନୁଯାୟୀ, କୃତିତ୍ୱର ସହିତ କରାଯାଏ, ସେତେ ଚରିତ୍ର ଠିକ୍ ରହେ । ଦାୟିତ୍ୱହୀନ ଅଳସ ଜୀବନଯାପନ କଲେ ଧର୍ମ ହୁଏନା ।

ବ୍ୟଷ୍ଟି-ସହ ସମଷ୍ଟି ତୋର
ନିଜରଲୋକ କରି ତୋଳ,
ଇଷ୍ଟାପୂତ ଶିଷ୍ଟ ତାଳେ
ଶିବ-ଶକ୍ତିର ଧରି ରୋଳ । ୧୧ ।

*(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

ଓ ସେବାର ପରିକଳ୍ପନା ଧର୍ମର ଏହି ଶାଶ୍ୱତ ଭିତ୍ତି ଉପରେ ପ୍ରତିଷ୍ଠିତ । ପ୍ରତ୍ୟେକଙ୍କ କଲ୍ୟାଣ ସାଧନହିଁ ଆମର ଲକ୍ଷ୍ୟ । ଆମେ ଚାହୁଁ ବିଭିନ୍ନ ସମ୍ପ୍ରଦାୟର ମୈତ୍ରୀ, ପାରସ୍ପରିକ ଶ୍ରଦ୍ଧା, ବିଶ୍ୱାସ ଓ ସମ୍ପ୍ରୀତି ଏବଂ ରାଷ୍ଟ୍ରର ସୁଖ, ଶାନ୍ତି ଓ ସମୃଦ୍ଧି । ସତ୍‌ସଙ୍ଗର କର୍ମୀଗଣ ସତ୍‌ସଙ୍ଗର ଏଇ ଆଦର୍ଶ ଓ ଉଦ୍ଦେଶ୍ୟ ଅନୁଯାୟୀ ପାକିସ୍ତାନରେ କାର୍ଯ୍ୟ କରିବାର ସୁଯୋଗ ଚାହାଁନ୍ତି ।

(୨) ଆମର ଆଦର୍ଶ ଅନୁଯାୟୀ ଗୋଟାଏ autonomous university (ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟ) କରିବାର ପରିକଳ୍ପନା ଅଛି । ଏ ସଂକ୍ରାନ୍ତରେ ଆପଣମାନଙ୍କର help ଓ sympathy (ସାହାଯ୍ୟ ଓ ସହାନୁଭୂତି) ଚାହୁଁ ।

(୩) ହିନ୍ଦୁ ଓ ମୁସଲମାନ ଉଭୟ ସମ୍ପ୍ରଦାୟଙ୍କ ମଧ୍ୟରେ ପବିତ୍ର ସେବାଭାବ ପ୍ରବୁଦ୍ଧ ଆମର କର୍ମୀଗଣ ଯେପରି ସ୍ୱଚ୍ଛନ୍ଦରେ ବିଚରଣ କରି ପାରନ୍ତି ।

(୪) ପାବନା ସତ୍‌ସଙ୍ଗ ଆଶ୍ରମର ବାସିନ୍ଦାଗଣ, ତୀର୍ଥଯାତ୍ରୀବୃନ୍ଦ ଏବଂ ଆଗନ୍ତୁକ ସାଧୁ-ସନ୍ଥ ସମସ୍ତେ ଯେପରି ଏହି ପୂତତୀର୍ଥେ ଜୀବନ, ଧନସମ୍ପତ୍ତି, ମର୍ଯ୍ୟାଦା ଓ ସମୀଚୀନ ସ୍ୱାଧୀନତା, ଅକ୍ଷୁଣ୍ଣ ରଖି, ନିଶ୍ଚିନ୍ତ ମନରେ ବସବାସ ଓ ସାଧନ-ତପସ୍ୟା କରି ପାରନ୍ତି । ଏଥିପାଇଁ ପୁଲିସ ବିଭାଗର ସାହାଯ୍ୟ ପ୍ରୟୋଜନ । ଏଠାରେ ନିୟୋଜିତ ପୁଲିସଙ୍କର କାର୍ଯ୍ୟନିର୍ବାହ କଳ୍ପେ ପ୍ରୟୋଜନ ହେଲେ ସତ୍‌ସଙ୍ଗ ତା'ର କ୍ଷୁଦ୍ର ସାମର୍ଥ୍ୟଗତ କିଛି ସାହାଯ୍ୟ କରିପାରେ ।

(୫) ସତ୍‌ସଙ୍ଗ ଦର୍ଶନକାମୀ ତୀର୍ଥଯାତ୍ରୀଙ୍କର ସୁବିଧା ଓ ନିରାପତ୍ତା ପାଇଁ ଈଶ୍ୱରଦି ଷ୍ଟେସନରେ କେତେଜଣ ବିଶେଷ ପୁଲିସ ଗାର୍ଡ଼ ନିୟୋଗର ବ୍ୟବସ୍ଥା ହେଲେ ଭଲ ହୁଏ ।

(୬) ସାର୍ବଜନୀନ ତୀର୍ଥ କ୍ଷେତ୍ର ରୂପେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମସ୍ତ ଦେଶର ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟାନ, ଶିଖ, ଜୈନ, ପାର୍ଶୀ ପ୍ରଭୃତି ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କର ସେଠାରେ ଅବାଧ ପ୍ରବେଶାଧିକାର ରହିବା ପ୍ରୟୋଜନ ।

(୭) ଆମର ପରିକଳ୍ପିତ ଜ୍ଞାନ, ଗବେଷଣା ଓ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ଉନ୍ନତିକଳ୍ପେ ସରକାରର ସାହାଯ୍ୟ ଓ ସହଯୋଗ ପ୍ରାର୍ଥନା କରୁ ।

(୮) ଜନକଲ୍ୟାଣମୂଳକ ଧର୍ମୀୟ ପ୍ରତିଷ୍ଠାନ ରୂପେ ସତ୍‌ସଙ୍ଗ ସର୍ବପ୍ରକାର କରରୁ ମୁକ୍ତ ହେବା ବାଞ୍ଛନୀୟ । ତା'ହେଲେ ସତ୍‌ସଙ୍ଗ ଆଉରି ସୁଷ୍ଠୁଭାବେ ଜନସେବା କରିବାର ସୁଯୋଗ ପାଇବ ।

ମୁଁ ନମୂନା-ହିସାବରେ କିଛି କିଛି କହିଲି । ପ୍ରସଙ୍ଗକ୍ରମେ ଆଉ ଯାହା ମନେପଡ଼ିବ, ସଜାଇ ଲେଖି ଦେବେ । ଏପରିଭାବରେ ଲେଖିବାକୁ ହେବ ଯେପରି 'ହଁ' ନ କହି ରହି ପାରିବେ ନାହିଁ ।

ଏହାପରେ ଅନେକେ ବିଦାୟ ନେଲେ ।

ସନ୍ଧ୍ୟାବେଳେ ଶ୍ରୀଶ୍ରୀଠାକୁର ବଡ଼ାଲ-ବଙ୍ଗଳାର ଉତ୍ତର ଦିଗର ବାରଣ୍ଡାରେ ତକ୍ତପୋଷ ଉପରେ ଶୁଭ୍ର ଶଯ୍ୟାରେ ଉପବିଷ୍ଟ । ବିଜୁଳି ଆଲୁଅରେ ତାଙ୍କର ପ୍ରସନ୍ନ ହାସ୍ୟୋଜ୍ଜ୍ୱଳ ମୁଖମଣ୍ଡଳଟି ଏକ ଅପୂର୍ବ ଶ୍ରୀ ଧାରଣ କରିଛି । ଭୋଳାନାଥଭାଇ (ସରକାର), ଅନୀଲଭାଇ (ଗାଙ୍ଗୁଲୀ), ପ୍ରିୟନାଥଭାଇ (ସେନଶର୍ମା), କିଶୋରୀଭାଇ (ଚୌଧୁରୀ), ଶୈଳେନ୍ଦ୍ରଭାଇ (ଭଟ୍ଟାଚାର୍ଯ୍ୟ), ପ୍ରମଥଭାଇ (ଦେ), ଖଗେନଭାଇ (ତପାଦାର), ଚାରୁଭାଇ (କରଣ), ହରେନଭାଇ (ବସୁ), ସୁଧୀରଭାଇ (ଚାଟାର୍ଜୀ), ଗୁରୁଦାସଭାଇ (ବାନାର୍ଜୀ), ସୁରେନଭାଇ (ବିଶ୍ୱାସ), ପ୍ରଫୁଲ୍ଲଭାଇ (ଚାଟାର୍ଜୀ) ପ୍ରଭୃତି ଅନେକେ ଉପସ୍ଥିତ ଅଛନ୍ତି ।

ଶ୍ରୀଶ୍ରୀଠାକୁର ପ୍ରସଙ୍ଗକ୍ରମେ କହିଲେ— Initiates (ଦୀକ୍ଷିତ) ଖୁବ୍ ବଢ଼ାଇବାକୁ ହେବ । ଧର୍ମଦାନ ପରି, ମଣିଷକୁ ଇଷ୍ଟଯୁକ୍ତ କଲା ପରି ବଡ଼ କାମ ଆଉ ନାହିଁ । ଦୀକ୍ଷା ନେଇ ଯଦି ମଣିଷ ଯଜନ, ଯାଜନ, ଇଷ୍ଟଭୃତି ଇତ୍ୟାଦିର ଅନୁଶୀଳନ ଠିକ୍ ରୂପେ କରିଯାଏ, ତା'ହେଲେ ଖାଲି ତା'ର ନୁହେଁ, ତା' ସଙ୍ଗେ ଯେଉଁମାନେ ଥା'ନ୍ତି ସେମାନଙ୍କର ମଧ୍ୟ ଭଲ ହୋଇଥାଏ । ତେଣୁ initiates (ଦୀକ୍ଷିତ)ମାନଙ୍କୁ ଖୁବ୍ ଭଲ ରୂପେ nurture (ପୋଷଣ) ଦେବାକୁ ହେବ । ଆଉ ପ୍ରତିଦିନ ତିନିଟଙ୍କା ଲେଖାଏଁ ଇଷ୍ଟଭୃତି କରିବେ, ଏପରି special (ବିଶେଷ) ଦେଢ଼ଲକ୍ଷ ଲୋକଙ୍କୁ ଦୀକ୍ଷା ଦିଆଯିବା ଦରକାର । ଏହା କଠିନ କିଛି ନୁହେଁ । କିନ୍ତୁ ଏହା କଲେ ଅସମ୍ଭବ କାଣ୍ଡ ହୋଇଯା'ନ୍ତା । ଇଷ୍ଟାପୂତ ଜନବଳ ଓ ଧନବଳ ସମ୍ପନ୍ନ ସୁଧୀ ଓ ସୁକୌଶଳ ପ୍ରୟୋଗ ଦ୍ୱାରା ଭାରତ ଓ ପାକିସ୍ତାନର ବହୁ ଅମଙ୍ଗଳର ମୂଳୋତ୍ପାଟନ କରାଯା'ନ୍ତା । ଦେଶ ଭାଗ ହେଉ, ଆଉ ଯାହା ହେଉ, ଏକଥା ଠିକ୍ ଯେ ଭାରତ ପାକିସ୍ତାନର ସତ୍ତା ଓ ସ୍ୱାର୍ଥ ଏକ ଓ ଅଭିନ୍ନ । ତେଣୁ, ଦୁଇଦେଶ ମଧ୍ୟରେ ପାରସ୍ପରିକ ସହଯୋଗ ଓ ପ୍ରୀତିବନ୍ଧନ ଯେପରି କ୍ରମ ବର୍ଦ୍ଧମାନ ହୋଇଉଠେ ସେଇ ଚେଷ୍ଟାହିଁ କରିବାକୁ ହେବ । ମଙ୍ଗଳ ବୁଦ୍ଧି ଯେପରି

ପ୍ରୀତି ନେଇ ଚାଲୁଥାଅ
ପରିଚର୍ଯ୍ୟା-ସହ,
ସବୁ ଲୋକଙ୍କୁ କର ନିଜର
ଭୁଲି ସ୍ୱାର୍ଥମୋହ । ୧୩ ।
*(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

କେଷ୍ଟଭାଇ— ପ୍ରାୟଃ ସବୁ ମହାପୁରୁଷଙ୍କ କ୍ଷେତ୍ରରେ ଦେଖାଯାଏ, ସେମାନଙ୍କର ଜୀବନ ଯେପରି ବିଷାଦ ଭାରାକ୍ରାନ୍ତ ।

ଶ୍ରୀଶ୍ରୀଠାକୁର— ଏଇଟା ହେଲା ଶିଷ୍ୟମାନଙ୍କର incapability (ସାମର୍ଥ୍ୟହୀନତା) ଯୋଗୁଁ । ମହାପୁରୁଷଗଣ always cruel to themselves (ସର୍ବଦା ନିଜ ନିଜ ପ୍ରତି ନିଷ୍ଠୁର), କାରଣ ସେମାନେ ସର୍ବଦା ପରିବେଶର ପ୍ରତିପ୍ରତ୍ୟେକଙ୍କର ମଙ୍ଗଳ ସାଧନରେ ବ୍ୟସ୍ତ, ଅପରର ପାଇଁ ନିଜନିଜକୁ ଫତୁର କରିଦେବାକୁ ଯେପରି ସେମାନେ ଆସିଥା'ନ୍ତି, ଜଗତକୁ, ନିଜ ପ୍ରତି ଦୃଷ୍ଟି ଦେବାର ଅବକାଶ କେଉଁଠି ସେମାନଙ୍କର ? ଏମନ୍ତ ଅବସ୍ଥାରେ environment (ପରିବେଶ) ଯଦି affectionate (ପ୍ରୀତି ପରାୟଣ) ହୁଏ, ତା'ହେଲେହିଁ ସେମାନେ କିଛିଟା ସ୍ୱସ୍ତିରେ, ଶାନ୍ତିରେ ରହି ପାରନ୍ତି । ଶୁଣିଛି, ବୁଦ୍ଧଦେବ ବ୍ୟାଧର ଘରେ ଉପସ୍ଥିତ ହୋଇ ନାନା କୌଶଳ କରି ତାଙ୍କର ଶିଷ୍ୟମାନଙ୍କୁ କାହାକୁ ଅଖାଦ୍ୟ ଖାଇବାକୁ ଦେଲେ ନାହିଁ, ସେ ସେମାନଙ୍କୁ ରକ୍ଷା କଲେ, କିନ୍ତୁ ସେମାନେ ଯେ ବ୍ୟାଧକୁ tactfully (ସୁକୌଶଳେ) ଖୁସି କରି ବୁଦ୍ଧଦେବଙ୍କୁ ଉକ୍ତ ଖାଦ୍ୟ ଖୁଆଇବାର ଚେଷ୍ଟାରୁ ପ୍ରତିନିବୃତ କରିବେ, ତାହା ଆଉ ପାରି ଉଠି ପାରିଲେ ନାହିଁ । ଫଳ ଯାହା ହେବାର ତାହା ହେଲା । ପ୍ରତ୍ୟେକ prophet (ପ୍ରେରିତ ପୁରୁଷ)ଙ୍କୁ ଦେଖାଯାଏ, ସମସ୍ତଙ୍କ ପାଇଁ ତାଙ୍କର ଯାହା କରିବାର ତାହା କରିବାରେ ସେ ଟିକିଏ ବି ତ୍ରୁଟି କରନ୍ତି ନାହିଁ, କିନ୍ତୁ environment (ପରିବେଶ)ର ତାଙ୍କ ପାଇଁ ଯେତେଟା ଯାହା କରିବା ଉଚିତ ତାହା ପ୍ରାୟଃହିଁ କରି ନଥାଏ । ପ୍ରବୃତ୍ତିର ଉର୍ଦ୍ଧ୍ୱେ ନ ଉଠିଲେ ଅତନ୍ଦ୍ରଭାବେ ତାଙ୍କର ସେବା କରିବା ବା ତାଙ୍କ ଉପରେ ଦୃଷ୍ଟି ରଖିବା ସମ୍ଭବ ମଧ୍ୟ ହୁଏନା ।

ପ୍ରତ୍ୟେକଙ୍କର ଅସ୍ଥିମଜ୍ଜାଗତ ହୋଇଯାଏ, ତାହାହିଁ କରିବାକୁ ହେବ । ଆଚରଣ ଓ ଚରିତ୍ର ସମନ୍ୱିତ ଯାଜନ ବ୍ୟାପକ ଭାବେ ହେବା ଦରକାର । ଭେଳିକି ଲାଗିଗଲା ପରି ନିଶାରେ ମତେଇ ଦେବାକୁ ହେବ ।

ପ୍ରଫୁଲ୍ଲଭାଇ— ଆପଣ ଗୋଟାକ ପରେ ଗୋଟାଏ କାମର ନିର୍ଦ୍ଦେଶ ଦେଉଛନ୍ତି କିନ୍ତୁ ସେସବୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ତ ଆମେ ବେଶୀ ଦୂର ଅଗ୍ରସର ହୋଇ ପାରୁନୁ ।

ଶ୍ରୀଶ୍ରୀଠାକୁର— Brain (ମସ୍ତିଷ୍କ)ବି ଆଉ ବସି ରହେନା, ସେ ତ ବଞ୍ଚିବା-ବଢ଼ିବାକୁ sacrifice (ବିସର୍ଜନ) କରିପାରେନା । ପ୍ରତ୍ୟେକ ଅବସ୍ଥାରେ ସେ ବୁଦ୍ଧି ଖଟାଇ ଉପାୟ ଉଦ୍‌ଭାବନ କରେ । କିନ୍ତୁ ଯେତେ ଭଲ ଉପାୟ ବି ଉଦ୍ଭାବନ ହେଉନା କାହିଁକି, ତା'କୁ ଯଦି କାର୍ଯ୍ୟରେ ଫଳୀଭୂତ କରି ତୋଳା ନଯାଏ ତା'ହେଲେ ତ ତାହା ନିଷ୍ଫଳ । କାମ କଲାବାଲା ତ ତୁମେସବୁ ।

ପ୍ରଫୁଲ୍ଲଭାଇ— ଯେପରି ଦେଢ଼ଲକ୍ଷ ଲୋକଙ୍କ ଦୀକ୍ଷା ଦେବା କଥା ଯାହା କହୁଛନ୍ତି, ସେ ସମ୍ବନ୍ଧରେ ଆମମାନଙ୍କ ଦ୍ୱାରା କେତେଟା କ'ଣ ହେବ, ତାହା ତ ଆପଣହିଁ ଜାଣନ୍ତି । ଆମର କ୍ଷମତା ଓ ଯୋଗ୍ୟତା କେତେ ଟିକେ, ତାହା ତ ଆପଣଙ୍କୁ ଜଣା ଅଛି ।

ଶ୍ରୀଶ୍ରୀଠାକୁର— ତାହା ଜାଣେ ପୁଣି ଏହା ମଧ୍ୟ ଜାଣେ ଯେ, କରିଲେ ତୁମେମାନେ ପୁରାପୁରି ପାରିବ । ମୁଁ ଦେଖୁଛି— କରିଲେହିଁ ପାରିବ । ଯଦି ନ କର, ସେଇ ନ କରିବା ସଙ୍ଗେ ଯେ କେତେ suffering (ଦୁର୍ଭୋଗ) ଜଡ଼ିତ ଅଛି, ତାହା ପରେ ବୁଝିବ । ପରିବେଶ ପାଇଁ ଆମର ଯାହା କରଣୀୟ, ତାହା ନ କଲେ ଆମେ କେବେହେଲେ ଭଲରେ ରହି ପାରିବା ନାହିଁ । *(କ୍ରମଶଃ)*

***ଅନୁବାଦକ : ଶ୍ରୀଯତୀନ୍ଦ୍ରନାଥ ମହାନ୍ତି***

ହୃଦୟଢ଼ଳା ଉତ୍ସର୍ଜନା
ଥାଏହିଁ ଯଦି ଅନ୍ତରେ,
ଯା' ପାରୁଛୁ ଦେ ପ୍ରୀତି-ଅର୍ଘ୍ୟ-
ବୃଦ୍ଧି ଆସୁ ଉତ୍ତରେ । ୧୪ ।

*(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

প্রেষ্ঠ-পুরুষোত্তম শ্রীশ্রীঠাকুর অনুকূলচন্দ্রঙ্ক সহিত কথোপকথন

# নানা প্রসঙ্গ

## (প্রথম খণ্ড)

*সংকলয়িতা–* **শ্রীকৃষ্ণপ্রসন্ন ভট্টাচার্য্য,** এম.এ.

*(পূর্বপ্রকাশিত উত্তারু.....)*

ପ୍ରଶ୍ନ– କଥାଟା ଠିକ୍‌ଭାବେ ଧରି ପାରିଲିନି । ଗୋଟେ କିଛି ନ ଧରିଲେ ଯଦି ଜାଣିବାଟା ହୁଏନା, ତା'ହେଲେ ଜଣକୁ ବରଂ ଧରିଲି– ସେଥିରେ ଯା' ଜଣାହେଲା, ତା'ପରେ ତା'କୁ ଛାଡ଼ିଦେଇ ଆଉ ଜଣକୁ ଧରିଲି– ଏପରି କରି ଚାଲିଲେ ତ ହୁଏ ?

ଶ୍ରୀଶ୍ରୀଠାକୁର– ନା;– ଜଣକୁ ଧରି ଜାଣିଲି, ଆଉ ଜଣକୁ ଧରି ଜାଣିଲି– ଏହିପରି series of ଜାଣିବାର water-tight compartment ହେବ– unsolved solved complexes ହୋଇ ଛିଡ଼ାହେବ । ଭେଦ ଅର୍ଥାତ୍ solution, ବା ଯୁକ୍ତି ତ ଦୂରର କଥା, ଭାର ହେବାହିଁ ସ୍ୱାଭାବିକ । ଏହା ଏକ ରକମର insanity;– ଏପରି ଭାବଟା ଯାହାର ହୋଇଛି, ତା'କୁ ଟିକେ ଖେଞ୍ଚା ମାରିଦେଲେହିଁ ଲକ୍ଷଣ ପ୍ରକାଶ ପାଏ ।

ପ୍ରଶ୍ନ– ଠିକ୍‌ଭାବେ ବୁଝିପାରିଲିନି ତ ? ଏପ୍ରକାର ତ ଆମେ ସାଧାରଣତଃ ସମସ୍ତେ କରିଥାଉ !

ଶ୍ରୀଶ୍ରୀଠାକୁର– ଧରନ୍ତୁ, ଛୋଟ ଗୋଟେ ଶିଶୁ । ସେ ପ୍ରଥମ ତା'ର ମା' ପାଖରେ ତୃପ୍ତ ହୁଏ; ତୃପ୍ତ ହେବା ପାଇଁ ତା'ର ହୁଏ ମା' ପ୍ରତି attachment. ଏପରି କରି ମା' ଉପରେ ମୁଁ attached ହେଲି,– ସେଇଟା ହେଲା ମୋ ଭିତରେ ଗୋଟେ subject of tension. ମା'କୁ ଧରି ମୋ ଭିତରେ grow କରିଲା ଗୋଟେ receptive attitude. ଭିତରେ ଗୋଟେ tension ବା ଟାଣ ହୁଏ,– ସେଥିରୁ ହୁଏ ପାରିପାର୍ଶ୍ୱିକର ଜଗତର ବୋଧ ।

ଆଉ, ଜଗତର ବୋଧଗୁଡ଼ିକର full solution ଯେତେବେଳେ ମୁଁ ପାଏନା– ସେତେବେଳେ ମା' ପାଖରୁ ପାଇଥିବା ସେହି attitude ନେଇ ଆଉ ଏକ ଜଣକ ନିକଟକୁ ଯାଏ– ଯିଏ ମୋର problemଗୁଡ଼ିକୁ solve କରି ପାରନ୍ତି, ସିଏ ହୁଅନ୍ତି ସେତେବେଳେ ମୋ ଭିତରେ ଗୋଟେ ନୂତନ subject of tension,– ସେହିଠାରୁହିଁ ଆରମ୍ଭ ହୁଏ ମୋର ବୋଧଗୁଡ଼ିକର ଗୋଟେ re-adjustment; ଆଉ, ସେହି tension ପାଇଁ ମୋ ବୋଧର ଜଗତ ବଢ଼ିଯାଏ,– ନୂତନ problemର ଉଦ୍‌ଭବ ହୁଏ, ଆଉ solution ବି ହୁଏ– ତାଙ୍କୁ ମୁଁ ଭଲପାଏ, ଭକ୍ତି କରେ, ବଡ଼ ବୋଲି ଜାଣେ । ଏଣୁ, ନୂଆ କିଛି ଧରିବାର, ନୂତନ କାହାକୁ ଆଦର୍ଶ ବା unit କରିବାର ପ୍ରଶ୍ନହିଁ ନଥାଏ; ଆଉ ଏରକମ ଯେଉଁମାନଙ୍କର ନହୁଏ, ସେମାନେ ଥାଆନ୍ତି unsolved complexes ନେଇ; ତେଣୁ ଗୀତାରେ ଅଛି–

''ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାଯୁକ୍ତସ୍ୟ ଭାବନା ।
ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ।।''

ପ୍ରଶ୍ନ– ତା'ହେଲେ ବି ତ ମା'ର ଗୋଟେ ଟାଣ, ପୁନଶ୍ଚ

> ପ୍ରୀତି-ଅବଦାନ କିମ୍ବା ଅର୍ଘ୍ୟରେ
> ଲୋଭପ୍ରତ୍ୟାଶୀ ବୁଦ୍ଧି ନାହିଁ,
> ଏଗୁଡ଼ିକ ସବୁ କରେ ନା କାହିଲ
> କୌଣସିପ୍ରକାର ଉନ୍ନତିକୁହିଁ । ୧୭ ।
> *(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

ଆଉ ଗୋଟେ ଟାଣ ହେଲା— ଏଥିରେ ବି ତ ମନଟା ଦୋ-ଟଣା ହେଲାନି କି ?

ଶ୍ରୀଶ୍ରୀଠାକୁର— ମା'ଠାରେ unfulfilled ବୃତ୍ତିଗୁଡ଼ିକ ଯଦି ତାଙ୍କ ନିକଟକୁ ଯାଇ fulfilled ନହୁଏ, ତେବେ ତ ଦୋ-ଟଣା ହେବହିଁ । କିନ୍ତୁ ତାଙ୍କ ନିକଟକୁ ଯାଇ ଯଦି ସେଗୁଡ଼ିକ fulfilled ହୁଏ, ସେଥିରେ ମାତା, ପିତା ବା ଅନ୍ୟାନ୍ୟ ଗୁରୁଜନ absorbed ହିଁ ହୋଇଥା'ନ୍ତି, ଅର୍ଥାତ୍ ସେ ସେମାନଙ୍କୁ ସହଜଭାବେ fulfil କରିପାରେ । ତା'ହେଲେହିଁ ଏପ୍ରକାର ହେଲେ ଆଉ ଦୋ-ଟଣାର କୌଣସି ground ରହେନା । ଆଉ, ଯାହାଙ୍କ ନିକଟରେ ଏପ୍ରକାର ହୁଏ, ତା'କୁହିଁ ପ୍ରକୃତ guide ବା ଆଦର୍ଶ କୁହାଯାଏ ।

ଆମମାନଙ୍କର ଶିକ୍ଷାରେ ତ ଦେଖେ ଏଇଟା ଏକଦମ୍ ନାହିଁ ! ତେଣୁ ଶିକ୍ଷା ଆମମାନଙ୍କର କର୍ମଶକ୍ତି ବଢ଼ାଇବା ଦେଇ ଆପଣ ଯାହା କହିଲେ— ବୋଝ ହୋଇଉଠେ, ଆମମାନଙ୍କୁ ପଙ୍ଗୁ କରିତୋଳେ । ଦେଶର ବର୍ତ୍ତମାନ ଶିକ୍ଷା-ପଦ୍ଧତିଟାକୁ କେମିତି ସେଇ ଦିଗରେ ମୋଡ଼ ଫେରାଇବାକୁ ହେବ— ଏଇ elevated intellectualism ଆଣିବ କିପରି ?

ଶ୍ରୀଶ୍ରୀଠାକୁର— Studentମାନଙ୍କର ଭିତରେ କୌଣସି ideal infused ହେଉ ନାହିଁ— ଏଥିରୁ ବୁଝାଗଲା, ଶିକ୍ଷକମାନେ idealରେ lacking ! First and foremost duty of a teacher ହେଲା to put the ideal before the students gloriously, lucidly and affectionately. ସେମାନଙ୍କର କ୍ଲାସକୁ ଯିବା ଆଗରୁହିଁ ନିଜର mood ଏପରି କରି ଯିବାକୁ ହେବ, ଯେଉଁଥିରେ ସେଇ attitude ଆସେ । ଆଉ, ସେଥିପାଇଁ ଶିକ୍ଷକମାନଙ୍କର ହେବା ଦରକାର actively unitcentric— କୌଣସି ମୂର୍ତ୍ତ ଆଦର୍ଶରେ actively attached ରହିବା । ଏମିତି କରିଲେ ସେମାନଙ୍କର ସର୍ବଦାହିଁ student-like attitude ରହିବ । ସେମାନଙ୍କ ଆଦର୍ଶ studentମାନଙ୍କ ଭିତରେ infuse କରିବାକୁ ହେଲେ ଦେଶର ପ୍ରତ୍ୟେକ teacherକୁ primarily ହେବାକୁ ହେବ ଏପରି ଧାରା student,— ଆଉ, ଏହି student-like attitude ସେମାନଙ୍କର ଭିତରେ ଯେତେଦୂର ଜାଗ୍ରତ ରହିବ ସେତେଦୂର successfully impart କରିପାରିବେ studentମାନଙ୍କ ଭିତରେ ସେମାନଙ୍କ idealକୁ ! ଏପରି କରି ଦେଶମୟ ବିଛାଡ଼ି ଦେବାକୁ ହେବ elevated intellectualism.

ଆମମାନଙ୍କର ଇଚ୍ଛାକୁ stunted କରେ ଭୟ, ଆଉ, attract and emphasise କରେ love and liking;— ଦରକାର studentମାନଙ୍କ willକୁ mould କରିବା ।

ପ୍ରଶ୍ନ— ଆଉ କହିଲେ, ଶିକ୍ଷାଟା ହେବ practical ଓ industrial— ସେ କିପରି ? ଆଉ, ତା' immediately introduce କରିବାକୁ ବା ପାରିହେବ କିପରି ?

ଶ୍ରୀଶ୍ରୀଠାକୁର— ମଣିଷ ଆର୍ଟହିଁ ପଢୁ ବା ବିଜ୍ଞାନହିଁ ପଢୁ,— ଆର୍ଟ ସହିତ ଏପ୍ରକାର practical something compulsory ରହିବା ଉଚିତ୍, ଯେଉଁଥିରେ ପିଲାମାନେ ତା' ଖଟାଇ କଲେଜରୁ ବାହାରି ସେତେବେଳେ ତା' ଉପରେ ଛିଡ଼ା ହୋଇପାରିବେ । ଆଉ, Science, Physics, Chemistry ଇତ୍ୟାଦି subjectକୁ classify କରି ଏପ୍ରକାର practical industrial divisionsରେ ଭାଗ କରିବାକୁ ହୁଏ, ଯେଉଁଥିରେ ନା ସେମାନେ through practice with theoretical lectures ସେମାନେ college-career ଶେଷ କରିପାରିନ୍ତି । ତା'ହେଲେ ତା'ଫଳରେ ସେମାନେ ଏପ୍ରକାର common sense ନେଇ ବାହାରିବେ, ଯେଉଁଥିରେ ବାହାରେ ଆସି 'ଚାକର କିଣିବ କିଏ, ଚାକର କିଣିବ କିଏ' ବୋଲି ଚିତ୍କାର କରି 'ଇତୋଭ୍ରଷ୍ଟସ୍ତତୋ ନଷ୍ଟଃ' ହୋଇ ସର୍ବନାଶର କୋଳରେ ଢ଼ଳି ନ ପଡ଼ନ୍ତି ।

ଆଉ, ଅବଶ୍ୟ ଏଇଟା କହିବା ବାହୁଲ୍ୟ— ଆର୍ଯ୍ୟମାନଙ୍କର ଆଦିମ ସହଜ ଶିକ୍ଷା, ଯା' ଉପରେ ଛିଡ଼ା ହୋଇ ସେମାନେ ନିଜର ଖାଦ୍ୟସଂସ୍ଥାନ କରୁଥିଲେ— ସେଇ agricultureଟା ରଖିବା ଦରକାର all through;— ତା'ର ଯେତେରକମ ଉତ୍କର୍ଷ ହୋଇପାରେ,— with practical demonstration,— ଏଇଟା ସମସ୍ତଙ୍କ ଭିତରେହିଁ ରହିବା ଦରକାର । ଏମିତି ହେବା ଦରକାର— ଯଦି ଆଉ କିଛି ନ ପାଏ, ତେବେ ଅନ୍ତତଃ ମାଟି ତାଡ଼ିବି ଦି'ଟା ଖାଇପାରେ ।

ପ୍ରଶ୍ନ— ଏ ତ ହେଲା ବଡ଼ମାନଙ୍କର ଶିକ୍ଷା । କିନ୍ତୁ ଆଜିକାଲି Psychoanalysis ଆଉ Science of Eugenics ଯାହା କହୁଛି, ସେଥିରେ ତ ୧୦ବର୍ଷ ବୟସ ହେଉ ନ ହେଉଣୁ ମଣିଷର ଶିଖିବାର ଯାହାକିଛି ସବୁହିଁ ପ୍ରାୟଃ ଶିଖିବା ହୋଇଯାଏ— ସେ ସମ୍ବନ୍ଧରେ କିଛି କରଣୀୟ ଅଛି କି ?

ଶ୍ରୀଶ୍ରୀଠାକୁର— ସାଧାରଣତଃ, ଶିଶୁ ତା'ର ପାରିପାର୍ଶ୍ୱିକର

> ଅପକୃଷ୍ଟ ରାଗେ ବିଭୁ
> ଅପକର୍ଷରେ ହୁଅନ୍ତି ରଞ୍ଜିତ,
> ଉତ୍ତମ ସେବାରେ ବିଭୁଙ୍କ ଦୟା
> ଉତ୍ତମେହିଁ ହୁଏ ସିଞ୍ଚିତ । ୧୯ ।
>
> *(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

sensationଗୁଡ଼ିକୁ carry କରେ ଆଖି ଦେଇ,— ତେଣୁ ଦେଖାଯାଏ, ଶିଶୁ ମୁଣ୍ଡ ବୁଲାଇ ଏଣେତେଣେ ଚାହେଁ, ହସେ, କାନ୍ଦେ । ଆଖିହିଁ ପ୍ରଥମେ ତା' ଭିତରେ ପାରିପାର୍ଶ୍ୱିକକୁ carry କରେ with sensation; ଆଉ, brain impressed ହୁଏ, active ହୁଏ, developed ହୁଏ ଆଖି ଦେଇ ପ୍ରଥମେ, ତା'ପରେ naturally ଖୋଲେ ତା'ର କାନ,— ତା'ପରେ ଅନ୍ୟସବୁ ।

ତା'ହେଲେ ଶିଶୁକୁ ଭଲଭାବେ brought up କରିବାକୁ ହେଲେ ପ୍ରଥମେହିଁ ଦରକାର ପିତାମାତା ଏବଂ ପରିବାରର ଏପ୍ରକାର ଚାଲିଚଳନ, ଯେଉଁଥିରେ ସେଇ impressionଗୁଡ଼ିକ ଉତ୍ତର ଜୀବନରେ ତା'କୁ elevationର ଦିଗରେ ନେଇଯାଏ; ଆଉ, ଏଠାରେ ଦୋଷ ରହିଲେହିଁ— ବିଶେଷତଃ ପିତାମାତା, ଭାଇଭଉଣୀ ଭିତରେ— ତା' uproot କରିବା ବଡ଼ହିଁ କଠିନସାଧ,— ତାହା ତା'ର ଜୀବନକୁ ଅସଂଯତ, ବିକୃତ, ଅବନତିପ୍ରବଣ କରି ତୋଳିବହିଁ । ହିନ୍ଦୁଶାସ୍ତ୍ରରେ ତେଣୁ ଦୈନନ୍ଦିନ ଆଚାର-ବ୍ୟବହାରରୁ ବହୁବିଧ ସଂସ୍କାରର ବିଧି ପ୍ରଦତ୍ତ ହୋଇଛି,— ଆଉ, ଏଗୁଡ଼ିକୁ ସଂସ୍କାର ବୋଲି ଅଭିହିତ କରା ହୋଇଛି ।

ଅସଲ କଥାହିଁ ହେଉଛି ପିତାମାତାଙ୍କ ଭିତରେ attachment, ସ୍ତ୍ରୀ ପୁରୁଷକୁ ଯେପରି ଭାବେ ସମ୍ବର୍ଦ୍ଧନ କରି ଆମନ୍ତ୍ରଣ କରେ, ସନ୍ତାନର pre-natal tendencies ସେପ୍ରକାର ହୁଏ । ତା'ହେଲେ ଧରିବାକୁ ଗଲେ ଧାତୁ, ଚରିତ୍ର ଆଉ ଶିକ୍ଷା depend କରୁଛି ପିତାମାତାଙ୍କ ଉପରେ— ମୁଖ୍ୟ ଓ ଗୌଣଭାବେ । ଆଉ, ସଂସ୍କାର ମାନେ ସେହି ସଂସ୍କାର ବା ସମ୍ୟକ୍ କରିବା ଯା' ଆମମାନଙ୍କୁ elevation ଓ upliftmentର ଦିଗରେ ନେଇଯାଏ ।

॥ ୮ ॥

ପ୍ରଶ୍ନ— ଆଚ୍ଛା, ସ୍ୱାସ୍ଥ୍ୟ-ସମ୍ବନ୍ଧରେ ଆପଣ ଯେଉଁ କହିଛନ୍ତି normal diet and mode of living, physical exercise through activity, ଆଉ elevative engagement — ତା'ର ମାନେ କ'ଣ ?

ଶ୍ରୀଶ୍ରୀଠାକୁର— Normal diet ତା'ହିଁ, ଯା' କି non-irritative, ସହଜପାଚ୍ୟ, ପୁଷ୍ଟି ଓ ଶାନ୍ତିପ୍ରଦ; normal mode of living ମାନେ ଏପରି କରି ଚାଲିବା, ଯେଉଁଥିରେ କି ହଠାତ୍ ଏହିଭଳି exertion ନ ହୁଏ, ଯେଉଁଥରେ health break କରିପାରେ,— ଆଉ, ଏହିଭଳି ଅନ୍ୟାୟଭାବେ ଆହାର-ବିହାର କରିବା ନୁହେଁ, ଯେଉଁଥିରେ ଆମେମାନେ ଅପଟୁ ଓ ଅବସନ୍ନ ହୋଇପଡୁ; ଆଉ, ଏହିଭଳି physical exercise ହେବା ଉଚିତ୍ ଯା' ସ୍ୱାସ୍ଥ୍ୟ ଓ ସେବାକୁ ଅକ୍ଷୁଣ୍ଣ ଓ ଉନ୍ନତ କରେ । Elevative enngagment ହେଉଛି ତା'ହିଁ, ଏହିଭଳି ବିଷୟ ନେଇ engaged ହେବା, ଯେଉଁଥିରେ ଉନ୍ନତିର ପରିପୁଷ୍ଟି ଛଡ଼ା କଦାପିବି ଶରୀର ବା ମନର ଅପକର୍ଷ ନେଇ ଆସେନା ।

ପ୍ରଶ୍ନ— ଆଉ industryରେ service basis, profitable management, ଆଉ continuity ଆଣିବାକୁ ହେବ କହିଲେ— ତା'ର ମାନେ କ'ଣ ?

ଶ୍ରୀଶ୍ରୀଠାକୁର— Intention ଯଦି ନ ହୁଏ to serve others, ଅର୍ଥାତ୍ କ'ଣ କରି ଅନ୍ୟର ପରିପୁଷ୍ଟି ଓ ପରିବର୍ଦ୍ଧନ ଅଣାଯାଇପାରେ, ତେବେ industryର ଉଦ୍‌ବୋଧନ ମଣିଷ ଭିତରେ କିପରି ହୋଇପାରେ ? Industry ମାନେହିଁ ହେଲା building up from within. ତା'ହେଲେ, ଇଣ୍ଡଷ୍ଟ୍ରୀ ବା ଶ୍ରମ-ଶିଳ୍ପାଦିର basic principleହିଁ ଏହା— ମଣିଷ ନିକଟକୁ ଯିବା, ସେମାନଙ୍କ ପ୍ରତି ସହାନୁଭୂତି ଦେଖାଇବା, ସେମାନଙ୍କର ସୁବିଧା-ଅସୁବିଧା ଦେଖିବା, ଆଉ, ତା'ହିଁ ଚିନ୍ତା କରିବା, କିପରି କରି ତା' meet କରାଯାଏ— ଯେଉଁଥିରେ ପରିପୁଷ୍ଟ, ପରିବର୍ଦ୍ଧିତ ହୋଇପାରେ, ଦୁଃଖକଷ୍ଟ ଅସୁବିଧାର ହାତରୁ ବଞ୍ଚିପାରେ,— ଆଉ, ଏହିଭଳି ଅଭାବ ଓ ବେଦନା ଜାଣିବାର ସଂଘାତରେହିଁ ସାହାଯ୍ୟ କରେ to build up from within— ସେଥିରେ ଲାଗି ଯିବା ଆପ୍ରାଣ ହୋଇ— to meet them. ଆଉ, ଏଥିରୁହିଁ ଆସେ profitable management— କ'ଣ କରି କୋଉଠି, କିପରି arrangement କରିଲେ deteriorationକୁ avoid କରି elevationକୁ ଅକ୍ଷୁଣ୍ଣ କରାଯାଏ ।—

ଆଉ, ଏହା କରିବାକୁ ଗଲେହିଁ we are to deal with them sweetly and sincerely, ଆଉ ଏହି serving attitude ଓ profitable managementରେ carefully, actively and continuously ଲାଗି ରହିବା ଦରକାର । ତେଣୁ, industryର ଏହିଗୁଡ଼ିକ ଅର୍ଥାତ୍ ଏହି ଚରିତ୍ରଗୁଡ଼ିକ ପ୍ରକୃତ ଏବଂ ପ୍ରକୃଷ୍ଟ ସେବକ,— ଏହା ଯେଉଁଥିରେ ନାହିଁ, ତା'ର industry କରିବା ଏକପ୍ରକାର ଆକାଶ-କୁସୁମ । ଜଗତରେ ଦେଖାଯାଏନା, ଏପରି ମଣିଷ ବଡ଼ ହୋଇଛି, ଯା' ଭିତରେ ଏହିଭଳି ଚରିତ୍ର ସ୍ୱଭାବ-ସିଦ୍ଧ ନୁହେଁ ।

*(କ୍ରମଶଃ)*

ସେବାନିଟୋଳ ସନ୍ଦୀପନା
ନିଷ୍ଠା ଥିଲେହିଁ ଶିଷ୍ଟ ହୁଏ,
ନହେଲେ ବାଜେ ବ୍ୟଭିଚାରେ
ସେଇଟା କ୍ରମେ କ୍ଷୟ ପାଏ । ୨୦ ।

*(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

### ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଲଚନ୍ଦ୍ରଙ୍କ ସହିତ କଥୋପକଥନ

# କଥା-ପ୍ରସଙ୍ଗ

## (ପ୍ରଥମ ଖଣ୍ଡ)

ପ୍ରଶ୍ନକର୍ତ୍ତା — ଶ୍ରୀସୁଶୀଲ ଚନ୍ଦ୍ର ବସୁ

*(ପୂର୍ବପ୍ରକାଶିତ ଉତ୍ତାରୁ......)*

ପ୍ରଶ୍ନ— ସିଦ୍ଧିଲାଭ କା'କୁ କହନ୍ତି ?

ଶ୍ରୀଶ୍ରୀଠାକୁର— ମଣିଷର କୌଣସିବି କିଛି କରିବାର ଅଭ୍ୟାସ ଯେତେବେଳେ ତା'ର ପ୍ରକୃତିଗତ ହୋଇପଡ଼େ ଅର୍ଥାତ୍ ଏପରି ହୋଇଯାଏ ଯେପରି ଚଲା-ବୁଲା, ଖାଇବା-ପିଇବା ଇତ୍ୟାଦି— ସେତେବେଳେହିଁ ତା'କୁ ସିଦ୍ଧି କୁହାଯାଏ । କିନ୍ତୁ ମଣିଷ ତା'ର ଈପ୍ସିତଙ୍କ ପ୍ରତି ଆବେଗଭରା ଟାଣରେ, ତାଙ୍କୁ ପରିପୂରଣର କୃତାର୍ଥତାର ନିଶାରେ, ପାରିବା-ନ-ପାରିବା-ବୁଦ୍ଧିହରା ହୋଇ, ଯେପରି ତା'ର ଅଭୀଷ୍ଟ ତୃପ୍ତ ହୁଅନ୍ତି, ସୁଖୀ ହୁଅନ୍ତି; ତା' ନ କରିହିଁ ରହିପାରେନା, ସିଦ୍ଧି ସେତେବେଳେ ଘୁରିବୁଲେ ଦାସୀ ପରି ତା' ପଛରେ— ଦକ୍ଷତା, କ୍ଷିପ୍ରତା ତା'ର ଯେପରି ସହଧର୍ମିଣୀ ହୋଇ ଠିଆହୁଏ ।

ଏହିଭଳି ହୋଇବି ସେ କିନ୍ତୁ ବୁଝିପାରେନା ଯେ ଏତେ ସେ ପାରେ କିପରି ! ମଣିଷ ତା'କୁ ହିସାବ-ନିକାଶ କରି କହିବାକୁ ବାଧ୍ୟ ହୁଏ, ସେ ଯେପରି ତା'ର ଜନ୍ମଗତ— ଭାବି କୌଣସିବି ହଦିସହିଁ ପାଏନା, ଏ ଜନ୍ମଗତ ବ୍ୟାପାରର ମୂଳରେ କ'ଣ ଅଛି— ଏ ପାରିବାଟା ତା'ର କାହିଁକି ?

ତୀକ୍ଷ୍ଣ ଦୃଷ୍ଟିସମ୍ପନ୍ନ ମଣିଷ କିନ୍ତୁ ତା'ର ଚାହାଣୀ ଦେଖି ଧରି ପକାଇବ ଯେ ତା'ର ଏସବୁ ପାରିବାର ମୂଳରେ, ସାପ ଭଳି ଫଣା ଧରି ମୁଣ୍ଡଗୁଞ୍ଜା ଦେଇ ଅଛି, ଗୋଟେ ଲେଲିହାନ— ଯା' ସମସ୍ତଙ୍କ ଭିତରେ ବୃତ୍ତିଶାୟୀ ହୋଇ ଅନ୍ଦି-ସନ୍ଧିରେ ନାନାରକମ ଘୁରି ବୁଲୁଛି— ସେଇ ଆଦିମ ଆସକ୍ତି । ସେସବୁ କିଛି ଦେଖିଲେ ନାହିଁ, ମଣିଷ ପ୍ରାଣପଣେ ନାକମୁଖ ମୁହଁନାକ ଛିଞ୍ଚାଡ଼ି ସେ ଯା' କରେ, ତା'ହିଁ କରିବାକୁ ଆରମ୍ଭ କରି ଦେଲେ— ତା'ର ପାରିବାର ପରିପାଟୀ ଦେଖି, ଆଶାର ସୁନେଲୀ ନିଶାରେ; ତା' କ'ଣ ହୁଏ ବାବା ? ଆଡୁସାଡୁ ଯେତେହିଁ କରନା କାହିଁକି, ଯା' ଦେଇ ସବୁ କରିବା ନିୟନ୍ତ୍ରିତ ହୁଏ, ସବୁ କରିବାର ମୂଳରେ ଯେ ଗୋଟେ ଦକ୍‌ଦକାନି ବୁକୁ ନେଇ ହରଦମ ଜାଗି ରହିଥାଏ— କିପରି କରି କ'ଣ କରିବ ତା'ରହିଁ ଏତ୍‌ଫାଙ୍କ ନେଇ, ଅନ୍ଦି-ସନ୍ଧି ସବୁଆଡ଼େ ଖୋଜି କରିବା ଚାହାଣୀ ନେଇ, ନାନାରକମର ଫନ୍ଦି-ଫିକରର ଆଡୁସାଡୁ ବିବେଚନା ଓ ବିଚାର ନେଇ, କିପରି କରି ତା'ର ଅଭୀଷ୍ଟଙ୍କର ଚାହିଦାକୁ ସେ ପରିପୂରଣ କରିବ ତା'ରହିଁ ଗୋଟେ ଗଞ୍ଜୁଡ଼ିଆ ନିଶା ନେଇ, ଦିଗ୍‌ବିଦିଗ ଆତ୍ମସ୍ୱାର୍ଥ-ବେହୋସ ହୋଇ— ତା' କିଏ ଜାଣେ ?

କିନ୍ତୁ ଯିଏ ଧରିପାରେ, ସେ ସବୁ ଠାଉର କରି ନେଇ ସେଇ ତା'ହିଁ ଖୋଲି ନିଏ, ଯା' ଦେଇ ତା'ର କରିବାଗୁଡ଼ିକ ହଠାତ୍ କରି ହେବାରେ ପରିଣତ ହୋଇ ତା'କୁ ଏହିଭଳି କରି ତୋଳିଛି ସେଇ ଆଦିମ ଆସକ୍ତି— ଯା' ତା'ର ଅଭୀଷ୍ଟକୁ ସବୁରକମରେ ପରିପୂରଣ କରିବାର ସ୍ୱାର୍ଥରେ, ବେହଦ୍ଦ ଚଳନରେ ଚଲେଇ ନେଇ ବୁଲୁଛି । ସେଇ ସୁଯୋଗ ନେଇ ଯେହିଁ ଲାଗି ଯାଇଛି, କିଛିମାତ ପଥରେ ସେ ବି ଚାଲିଲେ । ଆଉ, ଯେଉଁମାନେ ସୁଯୋଗ ନେଇ କଥାର ସୀମା ଆଡ଼ାଉ ଆଡ଼ାଉ ନୟାନ୍ତ ହେବାକୁ ଲାଗିଲା, କେହି ହୁଏତ କିଛି ପାଇଲା, କେହି ହୁଏତ ବୋକା-ଗଙ୍ଗାରାମ ଭଳି ଗାଲରେ ହାତ ଦେଇ ଭଗବାନଙ୍କୁ ଲକ୍ଷେ ଦୋଷାରୋପର ପୂଜାରେ ଅପଦାର୍ଥ କରି ତୋଳିଲା; କହି ବୁଲିଲା,— ସେସବୁ କିଛି ନୁହେଁ ବାବା ! ଆମମାନଙ୍କ ଭଳି ତୁମେମାନେ ଆଉ ଠକାଠକି କରନା ! ମତେ ଦେଖି ତୁମେମାନେ ଶିଖ— ଧର୍ମଟର୍ମ କିଛି ନାହିଁ ! ଖାଅ-

ପିଅ, ଫୂର୍ତ୍ତି କର, ବୃତ୍ତିଭୋଗର ବହର ଯେତେ ପାର ଖୋଲି ଦିଅ, ବରଂ ଜୀବନ-ମରଣର ମଝିରେ ଯେଉଁଟିକିଏ ସମୟ ପାଅ, ଯେତେଟିକେ ପାର ଗୋଟେ ଢ଼ୋକରେ ନିକାଶ କରିବାକୁ ଚେଷ୍ଟା କର ! ଏହି ତ ଗଲା ବ୍ୟାପାର ।

ତେଣୁ କହେ, ସିଦ୍ଧି ଯଦି ଚାହଁ— ଅଭୀଷ୍ଟକୁ ତୁମର ସେଇ ଭିତରର— ଯା' ଦେଇ ତୁମର ବୃତ୍ତିଶାଳାଗୁଡ଼ିକ ଏତେ ସ୍ଫୂର୍ତ୍ତିର ଲୋଟନରେ ଲୁଟୁଛନ୍ତି, ଦିନ ମଧ୍ୟରେ ଲକ୍ଷେବାର ତୁମକୁ କେତେ ରକମରେ କରି, କେତେ ନୟାନ୍ତ ଲେଲିହାନ ସୁଖର ଆବେଶର ଫଙ୍କିକାରୀ ଟାଣରେ ନେଇ ବୁଲୁଛି, ତୁମର ଅନ୍ତରଟିକୁ ଗୋଟେ ଠକିବାର ଗୋଦାମ କରି ପକାଇଛି—

ସେଇ ଆଦିମ ଆସକ୍ତିଟାକୁ ଅଭୀଷ୍ଟରେ ବାନ୍ଧି ପକାଇ ଏପରି ଅତୁଟ ଓ ଆପ୍ରାଣଭାବେ ଯୁକ୍ତ ହୁଅ, ଯେପରି ଲକ୍ଷେ ବଜ୍ର, ଅନନ୍ତ ସ୍ୱର୍ଗ, ଅସୀମ ନରକର ପୂତିଗନ୍ଧ, ତୁମକୁ ପାଦେ ବି ହଲାଇ ନ ପାରେ । ଦେଖି ନିଅ, ସିଦ୍ଧି ଦାସୀ ହୋଇ ତୁମକୁ କିପରି ସେବାରେ ସମୃଦ୍ଧ କରିତୋଳେ ! ପୁଣି, ଅହଂର ଜ୍ୱାଳାମୟୀ ଉତ୍ତେଜନାରୁ କିପରି କରି ବଞ୍ଚେଇ ଆତ୍ମପ୍ରସାଦର ଅମୃତ-ସିଞ୍ଚନରେ କିପରି ଅମରତ୍ୱରେ ନେଇଯାଏ— ବାସ !

ପ୍ରଶ୍ନ— ଶୁଣିବାକୁ ପାଏ, କେତେ ଲୋକହିଁ ଆମମାନଙ୍କ ଦେଶରେ ସିଦ୍ଧ ହୋଇଛନ୍ତି: କିନ୍ତୁ ସେଥିରେ ସେମାନଙ୍କରହିଁ ବା କ'ଣ ହେଲା, ଆଉ ଆମମାନଙ୍କର ବା କ'ଣ ହେଲା ?

ଶ୍ରୀଶ୍ରୀଠାକୁର— ଯେଉଁମାନେ ଯେପରି ସିଦ୍ଧ ହୋଇଥିଲେ, ସେ ଅଭୀଷ୍ଟ, ଯା' କରି, ସେମାନଙ୍କର ସେହିଭଳି ହିଁ ହୋଇଥିଲା । ସେସବୁ ସିଦ୍ଧି ଦେଇ ଆମମାନଙ୍କ ଜୀବନର ଚଳନାରେ ଯା' ହୋଇପାରେ, ତା' ହୋଇଛି, ଏବେବି ହୁଏତ ହେଉଛି ।

କିନ୍ତୁ ଶୁଣାଯାଏ, ସିଦ୍ଧାର୍ଥ କାଳେ ସିଦ୍ଧ ହୋଇଥିଲେ । ସେଦିନ ଭଗବାନ୍ ଶ୍ରୀଶ୍ରୀରାମକୃଷ୍ଣଦେବବି କାଳେ ସିଦ୍ଧ ହୋଇଥିଲେ: ଗୁରୁ ନାନକ, କବୀର— ଏମାନେବି ସିଦ୍ଧ ହୋଇଥିଲେ । ଏମାନଙ୍କ ସିଦ୍ଧିର ନମୁନା ଏବେବି ଜୀବନ୍ତ ହୋଇ ଯେପରି ଘୁରି ବୁଲୁଛି ! ସେମାନଙ୍କ ଆଶାର ବାଣୀ ଏବେବି କେତେ ପ୍ରାଣକୁ କେତେ ବେଦନାର ହାହାକାରରୁ କିପରି କରି ତୋଳି ଧରିଛି, ତା' ଦେଖିଲେ— ଦେଖିଲେ କାହିଁକି, ଟିକେ ଭାବିଲେବି ବୁକୁ କିପରି ଏକ ଜୀବନର ସ୍ପନ୍ଦନରେ ଫୁଲି ଉନ୍ନତ ହୋଇଉଠେ ।

ପୁନଶ୍ଚ, ସେଇ ବୃତ୍ତିମୁଖୋ ଆଦିମ ଆସକ୍ତି କେତେ ଲୋକଙ୍କୁ କେତେ ରକମରେ ସିଦ୍ଧି ଦାନ କରିଛି ତା'ର ଇୟତ୍ତା ନାହିଁ । ହୁଏତ କେହି ହୋଇଛି ପକ୍କା ଠକ, ନୟାନ୍ତ କରା ବେଦମ ଚୋର-ବଦମାସ, କେହି ହୋଇଛି ଖୁନୀ, କେହି ହୋଇଛି ଡ଼କାୟତ, ଆଉ ଭଲମନ୍ଦ କେତେରକମର କ'ଣ, ତା'ର କ'ଣ ଲେଖାଜୋଖା ଅଛି ? ଫଳକଥା, ଯା'ର ଅଭୀଷ୍ଟ ଯେପରି, ସେ ବୃତ୍ତିହିଁ ହେଉ ବା ଇଷ୍ଟ, ଆଦର୍ଶ, ଭଗବାନ୍ ଯା'ହିଁ ହେଉ— ସେଇ ଆଦିମ ଆସକ୍ତି ବା ସୁରତ ଯେଉଁଥିରେ ଯୁକ୍ତ ହୋଇ ମଣିଷର କରିବାକୁ ହେବାରେ ପରିଣତ କରିଛି, ତା' ଗୋଟେ ମଣିଷର, ଆଖି ଝଲସା, କିଛି ନା କିଛି ହୋଇଛିହିଁ । ଏହା ଭିତରେ ରଘୁ ଡ଼କାୟତ, ମହର ଖାଁ ଇତ୍ୟାଦିବି ବାଦ ନାହାଁନ୍ତି କିନ୍ତୁ— ବୁଝିଲେ ତ ?

ପ୍ରଶ୍ନ— ନିତ୍ୟସିଦ୍ଧ ବା କୃପାସିଦ୍ଧ କା'କୁ କହନ୍ତି ?

ଶ୍ରୀଶ୍ରୀଠାକୁର— ଯେଉଁମାନେ ଇଷ୍ଟ ବା ଅଭୀଷ୍ଟର ଟାଣରେ ହିସାବ-ନିକାଶହରା, ଅଭୀଷ୍ଟକୁ ପରିପୂରଣ କରିବାରେ ଆପ୍ରାଣ, ନିଜର କ'ଣ ହେବ ଏପରି କୌଣସି ହିସାବହିଁ ସେମାନଙ୍କର ନାହିଁ, ଇଷ୍ଟ ହିଁ ଯେଉଁମାନଙ୍କର ଏକମାତ୍ର ସ୍ୱାର୍ଥ, ଏ ସ୍ୱାର୍ଥ-ସମ୍ପାଦନରେ ଯେଉଁମାନଙ୍କର ନିଜର ସୁଖ-ଦୁଃଖର ଜାବେଦା ହିସାବ ଏକଦମ ବେଭୁଲ ପଥରେହିଁ ଚାଲିଛି, ପସନ୍ଦବି କରେ ନା ଯେ ଗୋଟେ ଖତିୟାନ ରଖି ନିଜକୁ ଟିକେ ନିକାଶର ଆମଳରେ ନେଇ ଆସେ, ଇଷ୍ଟସ୍ୱାର୍ଥ ହେବାହିଁ ଯେପରି ତା'ର ଜନ୍ମଗତ ସଂସ୍କାର, ସେ ବିଷୟରେ କୌଣସି ସ୍ୱାର୍ଥହିଁ ତା'କୁ କବଜା କରିପାରେନା,— ଏହି ଏଇମାନେହିଁ ହେଉଛନ୍ତି ନିତ୍ୟ-ସିଦ୍ଧର ଥାକ । ଆଉ, ସାଧନ-ସିଦ୍ଧ ସେମାନେହିଁ ଯେଉଁମାନଙ୍କର ଟାଣବି ଅଛି, ଅଥଚ ନିଜର ହିସାବ-ନିକାଶବି ଅନେକଟା ଅଛି, ଅଭୀଷ୍ଟର ପରିପୂରଣରେ ତା'ର ଆପ୍ରାଣ ଇଛା ଥିବା ସତ୍ତ୍ୱେବି, ତା'ର କର୍ମରେ ନିୟୋଜିତ ହୋଇବି, ଆତ୍ମ-ପ୍ରଶ୍ନହରା ଏକଦମ ଯେ ହେବ, ବିବେଚନା ସେହିଭଳି ତା'କୁ କରି ଦେଇ ବି ପାରୁନାହିଁ, ଅଥଚ ଅଭୀଷ୍ଟ ପ୍ରତି ଟାଣ ଏହି ଆତ୍ମବୁଦ୍ଧିଠାରୁ ଏପରି ବେଶୀ, ସେଇ ଇଷ୍ଟସ୍ୱାର୍ଥ ହେବାର ପ୍ରଲୋଭନ ଏଗୁଡ଼ିକୁ ଅନେକଟା ଛପେଇହିଁ ଚାଲିଛି, ଆତ୍ମବେକୁବୀ ସ୍ୱାର୍ଥ ସେଇ ଟାଣକୁ ଭାଙ୍ଗି ଦେଇବି ପାରୁନାହିଁ; ଯେଉଁମାନେ ଏହିଭଳି, ସେମାନେହିଁ ବୃତ୍ତିମୁଖତା ଓ ଇଷ୍ଟମୁଖତାର ସଂଘର୍ଷରେ ହିସାବ-ନିକାଶୀ ସାଧାରଣତଃ ହେବାକୁ ବାଧ୍ୟ ହୁଅନ୍ତି । ଆଉ, ସେଇ କରି କରିହିଁ ବୃତ୍ତିଗୁଡ଼ିକୁ ନିୟନ୍ତ୍ରିତ କରି ଅଭୀଷ୍ଟର— ଇଷ୍ଟଙ୍କ ଦୀପ୍ତିରେ ସବୁଗୁଡ଼ିକୁ ବିନ୍ୟସ୍ତ ଓ ଅର୍ଥଯୁକ୍ତ କରି କ୍ରମସିଦ୍ଧିରେ ଉପନୀତ ହୁଏ,— ଏମାନେହିଁ ହେଉଛନ୍ତି ସାଧନ-ସିଦ୍ଧ । *(କ୍ରମଶଃ)*

ଶ୍ରେୟନିଷ୍ଠ ନୁହେଁଟି ପ୍ରୀତି
ନାହିଁ ପରିଚର୍ଯ୍ୟୀ ସେବା,
ଥଟ୍ଟା କରୁଛି ନିଜ ସଙ୍ଗେ,-
ପାଇବୁ କୋଉଠି ବରେଣ୍ୟ-ବିଭା ? ୨୧ ।

*(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

ପ୍ରେଷ୍ଠ-ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

# ଅମୀୟ-ବାଣୀ

*ସଂକଳୟିତା* – ଶ୍ରୀଅଶ୍ୱିନୀକୁମାର ବିଶ୍ୱାସ

*(ପୂର୍ବପ୍ରକାଶିତ ଉତ୍ତାରୁ......)*

''ସବୁବେଳେ ସବୁ କଥା ତ ଆପଣମାନେ ଶୁଣନ୍ତିନି । ତା' କହି କ'ଣ କରିବି, ମୁଁ ତ ତା' କହି କା'ରିବି ପ୍ରତି ବିରକ୍ତ ହୋଇପାରେନା । କା'ରିବି ପ୍ରତି ରାଗ ଯେ ହୁଏନା, କାହାକୁ ବି ଯେ ତ୍ୟାଗ କରିପାରେନା, ସମସ୍ତଙ୍କୁ ଯେ ତୋଳି ନେବାକୁ ହେବ । ଭୁଲ କରିଲେ ତ୍ୟାଗ କରିବି, ତା'ହେଲେ ପ୍ରାୟଃ ଆପଣମାନଙ୍କୁ ସମସ୍ତଙ୍କୁ ହିଁ ଯେ ତ୍ୟାଗ କରିବାକୁ ହେବ । କାରଣ, ଆପଣମାନେ ତ ଦିନରାତିହିଁ ଭୁଲ୍ କରନ୍ତି । ତା'ହେଲେ ସମସ୍ତଙ୍କୁ ଛାଡ଼ି କାହାକୁ ନେଇ ରହିବି ? ଜଗତର ସମସ୍ତଙ୍କୁ ତା'ହେଲେ ଛାଡ଼ିବାକୁ ହୁଏ– ତା'ହେଲେ ଯେ ସବୁ ଛାଡ଼ିବାକୁ ହୁଏ । ସବୁ ଛାଡ଼ିହିଁ ତ ଦିଆ ଯାଇଛି– ଏବେ ଉଠାଇ ନେବା । ଏବେ ଆଉ କାହାକୁ ଛାଡ଼ି ଦେଇପାରି ହୁଏନା ।''

କେଇଦିନ ହେଲା ଶ୍ରୀଶ୍ରୀଠାକୁର ମୋର କର୍ମସ୍ଥଳକୁ ଆସୁଛନ୍ତି । ସନ୍ଧ୍ୟାବେଳେ ଘରୁ ବାହାରି ରାସ୍ତା ଦେଇ ତାଙ୍କ ସଙ୍ଗେ ଯାଉଛି । ଆମେ ୧୫।୨୦ଜଣ ଲୋକ ଅଛୁ । ମୁଁ ଥିଲି ସମସ୍ତଙ୍କ ପଛରେ । କିଛିଦୂର ଯିବା ପରେ ଜଣେ ତାଙ୍କ ଗଳାରେ ଗୋଟେ ଫୁଲମାଳ ପିନ୍ଧାଇ ଦେଲା । କେହି ଗଳାରେ ମାଳ ପିନ୍ଧାଇ ଦେଲେ ସିଏ ତା' ଗଳାରେ ରଖନ୍ତିନି, ଆଉ କାହାକୁ ପିନ୍ଧାଇ ଦିଅନ୍ତି । ମୁଁ ମନେ ମନେ ଭାବୁଛି, ସିଏ ତ ମାଳ କାହାକୁ ଦେବେହିଁ, ଆଚ୍ଛା ମତେହିଁ କାହିଁକି ଦିଅନ୍ତିନି । ମୁଁ ମନେ ମନେ ଯେ ମାଳ ଚାହୁଁଛି ତା' ଜାଣିପାରି ମାଳଟା ମତେ ଦିଅନ୍ତି, ତା'ହେଲେ ବୁଝିବି ସିଏ ଅନ୍ତର୍ଯ୍ୟାମୀ । ଦୁଇଚାରି ପାଦ ଏହା ଭାବିଭାବି ଯାଆନ୍ତେ ନ ଯାଆନ୍ତେ ସିଏ ମତେ ଡ଼ାକିଲେ । ମୁଁ ତାଙ୍କ ନିକଟକୁ ଆଗେଇ ଗଲି । ହସି ହସି ମତେ କୁଣ୍ଢାଇ ଧରି କହିଲେ, ''ଦୁଷ୍ଟାମି ଆଉ ଗଲାନି ।''

ପରଦିନ ରାତି ଆଠଟା ବେଳେ ସ୍ଥାନୀୟ ବଜାରରେ କୀର୍ତ୍ତନ ହେଉଛି । ତାଙ୍କ ସଙ୍ଗେ ଠିଆ ହୋଇ କୀର୍ତ୍ତନ ଶୁଣୁଛି । ଜଣେ ତାଙ୍କ ଗଳାରେ ମାଳ ପିନ୍ଧାଇ ଦେଲା । ମୋର ପାଜି ମନ ସେଇଆହିଁ ଭାବିବାକୁ ଲାଗିଲା, କାଲିର ଘଟଣାଟା କିପରି ହଠାତ୍ ମିଶି ଯାଇଛି ! ଆଜି ଯଦି ଏହି ମାଳ ରାୟଚୌଧୁରୀଙ୍କ ଗଳାରେ ପିନ୍ଧାଇ ଦିଅନ୍ତି ତା'ହେଲେ ହିଁ ନିଶ୍ଚିତ ବୁଝାଯିବ ଅନ୍ତର୍ଯ୍ୟାମୀ କି ନା । ରାୟଚୌଧୁରୀ ମହାଶୟ ଦୂରରେ ଠିଆ ହୋଇଥିଲେ । ଶ୍ରୀଶ୍ରୀଠାକୁର ମୋ ଆଡ଼େ ଚାହିଁ ହସି ହସି ତାଙ୍କ ପାଖକୁ ଯାଇ ତାଙ୍କୁ ମାଳଟା ପିନ୍ଧାଇ ଦେଲେ । ପୁନରାୟ ପରୀକ୍ଷା କରିଲି ବୋଲି ଲଜ୍ଜାରେ ମୋର ମୁଣ୍ଡ ତଳକୁ ହୋଇଗଲା । ସିଏ ତା' ବୁଝିପାରି ଶୀଘ୍ର ଶୀଘ୍ର ଆସି ମତେ କୁଣ୍ଢାଇ ଧରି ମୋର ସେ ଭାବଟା ତଡ଼ି ଦେଲେ, ଏବଂ ହାତ ଧରି ନେଇ କୀର୍ତ୍ତନ ସ୍ଥାନ ତ୍ୟାଗ କରିଲେ । କିୟତ୍‌ଦୂର ଯାଇ କହିଲେ, ''ଯେଉଁମାନେ ପରୀକ୍ଷା ଦେବେ ସେମାନେହିଁ କ୍ରମାଗତ ନାନାରକମରେ ପରୀକ୍ଷା ନେଉଛନ୍ତି; ଆଉ ସେମାନଙ୍କ ପରୀକ୍ଷା ଦେବା ସମୟରେ ସେମାନେ ଦେବାକୁ ଚାହୁଁ ନାହାଁନ୍ତି– ଏ ମଜା ମନ୍ଦ ନୁହେଁ ।''

କର୍ମରହସ୍ୟର କଥା ଚାଲିଛି । କହିଲେ, ''ଅନାଗତ କର୍ମକୁ ଡ଼ାକି ନ ଆଣିବା ଏବଂ ଉପସ୍ଥିତ କର୍ମକୁ ମନ ଦେଇ କରି ଯିବାହିଁ କର୍ମର ବନ୍ଧନ କ୍ଷୟ କରିବାର ଉପାୟ । ଅନାଗତ କର୍ମକୁ ଡ଼ାକି ଆଣିବା ମାନେ ଏ କାମ କରିବି, ସେ କାମ କରିବି– ଏପରି ସଂକଳ୍ପ କରିବା । ତା' କରିଲେହିଁ ଯେତେଦିନ ପର୍ଯ୍ୟନ୍ତ ସଂକଳ୍ପିତ କାମ ଶେଷ ନ କରୁଛନ୍ତି ସେତେଦିନ ନିସ୍ତାର ନାହିଁ । କାମରେହିଁ କର୍ମ-ବନ୍ଧନ ହେବାକୁ ସତ୍ୱର ମୁକ୍ତି ନାହିଁ । ଆଉ, ଆଗତ କର୍ମବି ଅବହେଳା କରିବାର ନୁହେଁ । କାରଣ, ସେଇଟାବି ତ ପୂର୍ବସଂକଳ୍ପଜାତ

କର୍ମ । ସେଇଟାବି ମନ ଦେଇ କରି ଶେଷ କରି ପକାଇବାକୁ ହୁଏ, ଅବହେଳାରେ ଜମା ହୋଇ ରହିବାକୁ ଦେବାର ନୁହେଁ । ଯେତେ ସତ୍ୱର କରି ପକାଯାଏ ସେତେହିଁ ବନ୍ଧନଟା ସତ୍ୱର କାଟେ— ଏହା ହେଲା କର୍ମର ରହସ୍ୟ ।

**ଜ୍ୟେଷ୍ଠ—** କୁଷ୍ଟିୟାର ନିକଟବର୍ତ୍ତୀ ବାଡ଼ାଦି ଗ୍ରାମର ସତ୍‌ସଙ୍ଗ-ଭବନ । ବହୁ ଭଦ୍ରଲୋକ ଉପସ୍ଥିତ । ନାନା କଥା ଚାଲିଛି ! ଶ୍ରୀଶ୍ରୀଠାକୁର କହିଲେ, ''ଦେଖନ୍ତୁ, ଉପରୁ brain (ମସ୍ତିଷ୍କ)ରେ spirit current (ଚୈତନ୍ୟଧାରା) draw (ଆକର୍ଷଣ) କରନ୍ତି ସମସ୍ତେ, ଯେଉଁମାନଙ୍କର intellect (ବୁଦ୍ଧିବୃତ୍ତି) ଯେତେ developed (ଉନ୍ନତ) ସେମାନଙ୍କର ମୁଣ୍ଡ ସେତେହିଁ ଉପର ଆଡ଼େ । ଗଛର ସବୁଠାରୁ କମ, ତା'ର ମୁଣ୍ଡ ତଳ ଦିଗରେ । ତା'ଠାରୁ ଉନ୍ନତ ଜୀବ ପଶୁ ଇତ୍ୟାଦିର ମୁଣ୍ଡ horizontal (ଚକ୍ରବାଳର ସମାନ୍ତରାଳ), ଠିକ୍ ଆକାଶ-ମୁଖାବି ନୁହେଁ ପୁଣି ଠିକ୍ ମାଟିମୁଖାବି ନୁହେଁ । କ୍ରମେ ଉନ୍ନତ ହୋଇ ମଣିଷର ମୁଣ୍ଡ ଆକଶମୁଖା । ପୁଣି ଦେଖନ୍ତୁ, ଶୋଇ କଥା କହୁଛନ୍ତି, ଯେହିଁ କଥାଟା interesting (ହୃଦୟଗ୍ରାହୀ) ବେଶୀ ହୋଇଛି, ବୁଦ୍ଧିବୃତ୍ତି ବେଶୀ ଚାଳନା କରିବା ଦରକାର ହୋଇଛି, ସେମିତିହିଁ ଉଠି ବସି ମୁଣ୍ଡ ଆକାଶ ଆଡ଼େ କରି ନିଅନ୍ତି— ଏହାବି ସେଇଥିପାଇଁ ।''

**ଶ୍ରାବଣ-୭—** ଆଶ୍ରମ । କହିଲେ, ''ଦେଖନ୍ତୁ, ଆପଣମାନେ ଯେତେବେଳେ ପରମପିତାଙ୍କ ଜିନିଷ, ତାଙ୍କ ବିଶେଷ ଅନୁଗ୍ରହ ମଧ୍ୟରେହିଁ ପଡ଼ିଛନ୍ତି, ସେତେବେଳେ ସାମାନ୍ୟ ଦୁଃଖ-ଦୈନ୍ୟ ରୋଗାଦିରେ ବିଚଳିତ ହେବେ ନାହିଁ । ସିଏ ପୂର୍ବରୁହିଁ— ଯେପରି ଭଲ ହୁଏ ତା'ର ବ୍ୟବସ୍ଥା କରି ରଖିଛନ୍ତି । କେତେବେଳେହିଁ ruined (ଧ୍ୱଂସ) ହେବେନି— ତା' ଯେ position (ଅବସ୍ଥାରେ)ରେହିଁ ପଡ଼ନ୍ତୁ ନା କାହିଁକି । ସାହସ କରି ରହିଲେହିଁ ହେଲା । ଘାବରେଇ ଗଲେହିଁ ବୃଥା ଆହୁରି ସେସବୁକୁ ଚାପି ଧରିବାର ଅବସର ଦିଆ ଯାଏ । ଯେତେକ୍ଷଣ ପର୍ଯ୍ୟନ୍ତ ଆପଣ ତାଙ୍କର— ଏ ବିଶ୍ୱାସ ଅଛି, ଯେତେକ୍ଷଣ ସିଏହିଁ କର୍ତ୍ତା, ତାଙ୍କରହିଁ ସବୁ ବୋଲି ଜାଣୁଛନ୍ତି, ସେତେକ୍ଷଣ ପର୍ଯ୍ୟନ୍ତ ଭୟ କ'ଣ ? ତାଙ୍କ ମାଲ ସିଏହିଁ care (ଯତ୍ନ) ନେବେ । ଅହଙ୍କାର-ବଶରେ ନିଜେ କର୍ତ୍ତା ମନେ କରି ହିସାବ-ନିକାଶ କରିବାକୁ ଗଲେହିଁ ଗୋଳ ହୁଏ, ତା' କରିବେନି ।

''ଆଉ, ପରମପିତାଙ୍କ ଶରଣ ନେଲେ, ତାଙ୍କୁ ଡ଼ାକିଲେ ତାଙ୍କ ପ୍ରକୃତି ଆପେ ସବୁ ଯୋଗାଇବ— ତା' ଧନ, ମାନ, ଇତ୍ୟାଦି । କିନ୍ତୁ ସେସବୁ ଚାହିଁବାକୁ ହେବ ନାହିଁ— ସେ ଆବଶ୍ୟକାନୁଯାୟୀ ଯା' ହୁଏ ହୋଇଯାଉ । ପରମପୁରୁଷ ଆଉ ପ୍ରକୃତି ଯେପରି ସ୍ୱାମୀ ଆଉ ସତୀ ସ୍ତ୍ରୀ । ସ୍ୱାମୀଙ୍କୁ ଭଲପାଇଲେ, ତାଙ୍କର ପ୍ରିୟପାତ୍ର ହେଲେ ପ୍ରକୃତି ମା' ନ୍ୟାୟରେ ସ୍ନେହ ନେଇ ସେବା କରିବାକୁ ଛୁଟିବ । କିନ୍ତୁ ଯଦି ପ୍ରକୃତିକୁ ଭଜନା କରିବାକୁ ଚାହାଁନ୍ତି, ତା'ର ସେବା କରିବାକୁ ଚାହାଁନ୍ତି, ତା'ର ସ୍ତୁତି କରି ତା'ର ଭଣ୍ଡାର ଭୋଗ କରିବାକୁ ଚାହାଁନ୍ତି, ତା'ହେଲେ ସେ ଦୂରକୁ ଚାଲିଯିବ । ଯେପରି ଯଦି ମତେ ଭଲପାଆନ୍ତି, ମୋର ସୁଖ୍ୟାତି ଓ ସ୍ତୁତି କରନ୍ତି, ମୋର ପ୍ରିୟ ହୁଅନ୍ତି ତେବେ ମୋ ସ୍ତ୍ରୀ କେତେ ମା' ଭଳି ସେବା କରିବ । କିନ୍ତୁ ଯଦି ତା'କୁ ଭଲପାଇବାକୁ ଚାହାଁନ୍ତି, ତା'ର ସ୍ତୁତି କରନ୍ତି, ସେ ଦୂରକୁ ପଳାଇବ । ସାମନାକୁ ଆସି ମା' ଭଳି ଆଦର କରି ଖାଇବାକୁ ଦେବ ନାହିଁ । ସତୀ-ନାରୀ ପତିର ଭକ୍ତକୁ ଭଲପାଏ, ନିଜର ସ୍ତାବକକୁ ଚାହେଁନା ! ପ୍ରକୃତିର ସ୍ୱଭାବବି ସେଇଭଳି ।'' ପୁଣି ନାନା କଥା ହେଉ ହେଉ କହିଲେ, ''ଦେଖନ୍ତୁ, ଭଗବତ୍-ତତ୍ତ୍ୱ, ସୃଷ୍ଟିତତ୍ତ୍ୱ— ଏଥିରୁ ଗୋଟେ ବୁଝିଲେହିଁ ହେଲା । ଗୋଟେ ବୁଝି ପାରିଲେହିଁ ତିନିଟାଯାକ ବୁଝିବା ହୋଇଯାଏ ।

''ଆହୁରିବି ଦେଖନ୍ତୁ, ସବୁ କାମ ମଧ୍ୟରେ ଗୋଟେ କୌଶଳ ଅଛି, ସେଇଟାହିଁ ଧରି ପାରିଲେ ସଂକ୍ଷେପରେ ମାରି ଦିଆଯାଏ । ଯେପରି ଗୋଟେ ଅଙ୍କ କେତେ process (ପ୍ରଣାଳୀ) କରି କିଏ କରେ, କିଏ ଏତେ process ଜାଣେନା ବା କରେନା । କିନ୍ତୁ ଏପରି କୌଶଳ ଧରି ପକାଇଛ ଯେ ସଙ୍କେତ କରି ତା'ର answer (ଉତ୍ତର) କହି ଦେଇପାରେ । ସବୁ step (ଧାପ) କଷିବାକୁ ସେ ହୁଏତ ପାରେବି ନା, କିନ୍ତୁ ଫଳ ସମାନହିଁ । ଯେପରି, ବହୁ ସାଧନ, ଅଷ୍ଟାଙ୍ଗ-ଯୋଗାଦି କରି ସିଦ୍ଧ ହେଲ, କିଏ ବା କୃପାସିଦ୍ଧ ହେଲା; ସଙ୍କେତ କରି କୃପାବଶରେ ହୋଇ ଯାଇଛି କହି ସବୁ process ନ ବି ଜାଣିପାରେ, କିନ୍ତୁ ସେଙ୍କେତ ବୁଝି ସଂକ୍ଷେପ ଉପାୟ ବତାଇ ଦିଏ ଓ ଦେବ ଏବଂ ଏତେ କଷ୍ଟସାଧ ସାଧନ ଅନାବଶ୍ୟକ କହିବେ । ପୁଣି, ସାଧନସିଦ୍ଧ ବ୍ୟକ୍ତି— ଯା'ର ଜାଣିବା ଅଛି ସେଇ ସିଦ୍ଧାବସ୍ଥା, ସେଇ କଷ୍ଟକର ସାଧନର result (ଫଳ), ସେ କହିବ ସାଧନ ଅନାବଶ୍ୟକ । ଦୁଇଜଣଙ୍କ କଥାହିଁ ଠିକ୍ । ତେବେ ସଙ୍କେତ-କୌଶଳ ବୁଝି ସଂକ୍ଷେପରେ ମାରି ଦେଇ ଯେ ପାରେ, ସେହିଁ ଅଧିକ ଚତୁର ଅଟେ ।'' *(କ୍ରମଶଃ)*

ଦୁଷ୍ଟ-ଅସତ୍-ଶୃଙ୍ଖଳା ହୃଦୟ
ପାରିଲେ ସୁଷ୍ଠୁସିକ୍ତ କରିବୁ,
ସ୍ନେହସିକ୍ତ କରି ତା'କୁ
କୃତିଚର୍ଯ୍ୟାରେ ଉଚ୍ଛୁଳାଇ ଧରିବୁ । ୨୪ ।
*(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

*ପରମଦୟାଲ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ*

# ଇସଲାମ ପ୍ରସଙ୍ଗ

*ପ୍ରଶ୍ନକର୍ତ୍ତା* – **ମହମ୍ମଦ ଖଲିଲର ରହମାନ**
**ଓ ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ,** ଏମ.ଏ

*(ପୂର୍ବପ୍ରକାଶିତ ଉତ୍ତାରୁ......)*

ପୁଣି, କେତେଗୁଡ଼ିଏ ଲୋକ– ସାଧୁ ଭଲ ମଣିଷ ବୋଲିହିଁ ଖ୍ୟାତି ଥିଲା ବେଶ, ସାଧୁତ୍ୱ-ଜ୍ଞାନର ଆଖଡ଼ା ନେଇ ଲୋକସମାଜରେ ହାତମୁଣ୍ଡ ହଲାଇ ବୁଲୁଥିଲା– ହଜରତଙ୍କ ଚଳନ, କଥନ, ଭାବ, ଭଙ୍ଗୀ, ଆଦବ-କାଇଦା, ସେବା-ସହାନୁଭୂତି ଓ ସାହଚର୍ଯ୍ୟ ଯେତେହିଁ ଲୋକମାନଙ୍କୁ ଜୀବନ-ବୃଦ୍ଧିର ଉତ୍କର୍ଷ-ଚଳନରେ ଆକୃଷ୍ଟ କରିବାକୁ ଲାଗିଲା, ସେତେହିଁ ସେଇ ଲୋକମାନେ ରାଗି ଗରଗର କରିବାକୁ ଲାଗିଲେ– ସ୍ୱାଭାବିକ ହଜରତଙ୍କ ସହିତ ପ୍ରତ୍ୟକ୍ଷ ତୁଳନାର ଭିତର ଦେଇ ନିଜ ନିକଟରେହିଁ ନିଜକୁ ହୀନ ବୋଲି ଧରା ପଡ଼ିବାକୁ ଲାଗିଲା– ଏହି ଚେତନା ଚିହ୍ନିବାହିଁ ହେଲା ବିପଦର ସ୍ୱାଗତମ୍-ସ୍ୱର ! ନାନାରକମ ଫନ୍ଦୀ-ଫିକର ଭିତର ଦେଇ, କ୍ରମେକ୍ରମେ ସମସ୍ତେ ଏକାଠି ହୋଇ ଉଠି କ୍ରମଗଭୀରତାର ନିଷ୍ଠୁର ଆକାର ଧାରଣ କରିବାକୁ ଲାଗିଲେ– ନାନାରକମ ପ୍ରସ୍ରବଣରେ ସେମାନଙ୍କ ନିଷ୍ଠୁର ଅଭିବ୍ୟକ୍ତିର ଅଭିନୟ ହେବାକୁ ଲାଗିଲା– ହଜରତ ସଦୟ ସ୍ୱଭାବରେହିଁ ସହ୍ୟ କରିବାକୁ ଲାଗିଲେ । ଯେଉଁମାନେ ନିୟତହିଁ ହଜରତଙ୍କୁ ମନ୍ଦ କହୁଛନ୍ତି ସେମାନଙ୍କୁ ମନ୍ଦ ହାତରୁ ଏଡ଼ାଇ ଦେବାକୁ କେତେହିଁ ଚେଷ୍ଟା କରିବାକୁ ନ ଲାଗିଲେ, ତାଙ୍କର ନିଜ ପ୍ରତି ଦୁର୍ବ୍ୟବହାରର କଥା ହୁଏତ ମୁହଁ ଖୋଲି କାହାକୁ କହିଲେନି ବି ।

ଅତ୍ୟାଚାର କ୍ରମଶଃହିଁ ନାନାରକମ ପରିବେଶ ସୃଷ୍ଟି କରି ରକମାରୀ ଭିତର ଦେଇ ଚାଲିବାକୁ ଲାଗିଲା– କିନ୍ତୁ ପ୍ରକୃତି ତା' ଆଉ କେତେଦିନ ସହ୍ୟ କରିବ ? ଏପରି ଦିନ ଆସିଲା, ହଜରତଙ୍କୁ ଉପୁଚି, ସିଏ ଯେଉଁମାନଙ୍କର ଆପ୍ରାଣ ପ୍ରିୟ ସେମାନଙ୍କ ହୃଦୟକୁ ଆଲୋଡ଼ନ କରି ତୋଳିଲା– ସେଇ ମନ୍ଦକାରୀମାନଙ୍କ ପ୍ରତି ହଜରତଙ୍କ ଦୟା ଆଉ ସେମାନଙ୍କୁ ଅଟକାଇ ପାରିଲାନି– ଆବର୍ଜନାରେ ନିଆଁ ଲାଗିଲା, ଦାଉଦାଉ କରି ଜଳି ଉଠିଲା ଚାରିଆଡ଼ ! ହଜରତଙ୍କ କରୁଣା-ବାଣୀ ଧରି ସେଇ ଚଳନାରେ ନିଜନିଜକୁ ଜୀବନ ଓ ବୃଦ୍ଧିରେ ଉନ୍ନତ କରିତୋଳିବା ଯେଉଁମାନେ ଅହଂ-ପ୍ରଗଲ୍‌ଭତାରେ ବିବେଚନା ବିକି ଦିଗ୍‌ଦାରୀ ମନେକରିଲେ, ସେମାନେ ନିଜନିଜର ଦଳିତ ଅଭିମାନ-ବିସ୍ଫୋରଣରେ ତା' ଶୁଖିଲା କାଠ ଭଳି ଜଳିବାକୁ ଆରମ୍ଭ କରିଲେହିଁ– ତା'ଛଡ଼ା ସେମାନଙ୍କ ଆଖପାଖ-ଆଶ୍ରୟରେ ଯେଉଁମାନେ ଥିଲେ– ହୁଏତ ଯେଉଁମାନେ ଏହିଭଳି ହୋଇ ନ ବି ଜଳିପାରନ୍ତି– ସେଇ ନିଆଁର ଆଞ୍ଚରେ ବିଶ୍ୱାସ-ରସରୁ ବଞ୍ଚିତ ହୋଇ ସେମାନଙ୍କର ଭିତ୍ତିହୀନ କାଫେର ହେବା– ବିଚ୍ଛୁରିତ ଫୁଲ୍‌କି-ନିଆଁରେ ସେମାନେବି ଜଳିବାକୁ ଆରମ୍ଭ କରିଦେଲେ । ମହାନ୍ ହଜରତ-ପ୍ରେମୀ– ହଜରତଙ୍କ ପୋଷଣ, ରକ୍ଷଣ ଓ ବର୍ଦ୍ଧନହିଁ ଯେଉଁମାନଙ୍କର ଏକମାତ୍ର ଜୀବନ ଓ ଧର୍ମ ହୋଇଉଠିଥିଲା, ତାଙ୍କର ଜୀବନ-ବୃଦ୍ଧିର ଆକାଂକ୍ଷା ଯେଉଁମାନଙ୍କର ହୃଦୟ ବଜ୍ର ଭଳି କଠୋର ଓ ହୁଙ୍କାରଶୀଳ ଜ୍ୟୋତିଷ୍ମାନ୍ କରି ତୋଳିଥିଲା– କାଫେର ଆତତାୟୀମାନଙ୍କ ପ୍ରତ୍ୟାଖ୍ୟାତ ହଜରତଙ୍କ କରୁଣ ସସ୍ନିଗ୍ଧ କରୁଣାବି ଆଉ ସେଇ ହଜରତ-ପ୍ରାଣ ବଜ୍ରଗୁଡ଼ିକୁ ଆଗୋଳି ପାରିଲାନି । ସେମାନେ ଆତତାୟୀ ସେଇ କୂଟ କାଫେରମାନଙ୍କୁ ସମୁଚିତ ଶିକ୍ଷା ଦେଲେ, ଶୟତାନ ଭୀତି-ସଙ୍କୁଳଚିତ୍ତରେ ଶାସିତ ଭଲ୍ଲୁକ ଭଳି ହଜରତଙ୍କ କରୁଣାଭିକ୍ଷୁ ହୋଇ ସତୃଷ୍ଣନୟନରେ ଚାହିଁ ରହିଲା– ଦୟା ହଜରତଙ୍କ ହୃଦୟ ଉପୁଚାଇ ବାହୁପ୍ରସାର କରି ଆଗୋଳି ଧରିଲେ– ଆଲ୍ଲା ତା'ହିଁ ବହନ କରି ସମସ୍ତଙ୍କୁ ସ୍ୱସ୍ତିରେ ଉପୁଚାଇ ଦେଲେ ! ବ୍ୟାପାର ଚିରଦିନହିଁ କମ-ବେଶୀ ନାନାରକମର ଭିତର ଦେଇ ସେଇ ରକମହିଁ ଚାଲେ !

ପ୍ରଶ୍ନ– ହଜରତ ମହମ୍ମଦ ଆଲ୍ଲାଙ୍କ ପ୍ରତ୍ୟାଦେଶ ଲାଭ କରୁଥିଲେ– ଆଲ୍ଲାର ପ୍ରତ୍ୟାଦେଶ ଅନୁସାରେ ସିଏ ଯୁଦ୍ଧରେବି

ଯାଆନ୍ତି— ଏସବୁ କଥାର ମାନେ କ'ଣ ?

ଶ୍ରୀଶ୍ରୀଠାକୁର— ଖୋଦାତୁର ଚିତ୍ତ ତାଙ୍କ ଦୁନିଆର ଦୁଃଖକଷ୍ଟ କୁଢ଼େଇ ନେଇ ମୁଗ୍ଧ ହୋଇ ଯେତେବେଳେହିଁ ଆତ୍ମନିବେଦନରେ ଅବଶ-ନ୍ୟସ୍ତତାରେ ଜଡ଼େଇ ଧରୁଥିଲା,— ସେତେବେଳେ ତାଙ୍କର ସେଇ ଚେତନ-ପ୍ଲାବନ ଅନ୍ତଃକରଣରେ ଯେଉଁ ସମସ୍ତ ଭାବ-ତରଙ୍ଗ ଉଠି ସ୍ନାୟୁ ଓ ପେଶୀକୁ ଯେଉଁ ଉନ୍ମାଦନାରେ ଉତ୍ତେଜିତ କରି, ବିନ୍ୟାସ, ସାମଞ୍ଜସ୍ୟ ଓ ସମାଧାନର ଭିତର ଦେଇ ଯେଉଁ ବୋଧର ସୃଷ୍ଟି କରୁଥିଲା ତା' ହିଁ ହେଉଛି ତା'ର ଖୋଦାଙ୍କ ପ୍ରେରଣା । — ଯା' କି ତାଙ୍କଠାରେ ଓହ୍ଲାଇ ଆସୁଥିଲା— ଆଉ ତା' ଥିଲା ତାଙ୍କ ଜୀବନଚଳନାର ଦିଗ୍‌ଦର୍ଶନ ଯନ୍ତ୍ର । କରିବା ଓ କହିବାର ଭିତର ଦେଇ ତାଙ୍କର ଅଭିବ୍ୟକ୍ତିବି ସେହିଭଳି ହେଉଥିଲା— ତାଙ୍କର ଦୁନିଆଟାକୁ ସିଏ ନିୟନ୍ତ୍ରିତ କରୁଥିଲେ ସେପରି କରିହିଁ । ଆର୍ଯ୍ୟ-ଋଷିମାନେ ସେଇଭଳି ହେବାଟାକୁହିଁ ଆତ୍ମସ୍ଥ ହେବା କହୁଥିଲେ । ତାଙ୍କର ସତ୍ତା, ସୁରତ ବା ଆଦିମ ଆସକ୍ତି ଯେଉଁ ଭୂମି ଅବଲମ୍ବନ କରି ଅସ୍ତିତ୍ୱରେ ଅତୁଟ ହୋଇ ଅଛି, ସେଇ ହେଉଛି ତାଙ୍କର ବାସ୍ତବ ଆତ୍ମା— ଆଉ ସେଥିରେ ମୁଗ୍ଧଚିତ୍ତ ହୋଇ ନ୍ୟସ୍ତ ରହିବାହିଁ ହେଉଛି ଆତ୍ମସ୍ଥ ହେବା ବା ଆତ୍ମାରାମ ହେବା । ଆର୍ଯ୍ୟମାନଙ୍କ ଭାଗବତରେ ଭଗବାନ୍ ଶ୍ରୀକୃଷ୍ଣଙ୍କ କଥା ଅଛି— ସିଏ ଅବରୁଦ୍ଧସୌରତ ହୋଇ, ଆତ୍ମାରାମ ହୋଇ ଲୀଳା କରିଥିଲେ ଅର୍ଥାତ୍ ତାଙ୍କ ସତ୍ତାର ସେଇ ଯା' ଦେଇ ସିଏ ପାରିପାର୍ଶ୍ୱିକରେ ଡୁବି ନ ଯାଇ ଅସ୍ତିତ୍ୱକୁ ଭିତ୍ତି କରି ଅଛନ୍ତି, ତାଙ୍କଠାରେ ନିଜର ଆଦିମ ଆସକ୍ତି ବା ସୁରତକୁ ସର୍ବତୋଭାବେ ଯୁକ୍ତ କରି ଅର୍ଥାତ୍ ଅବରୁଦ୍ଧ-ସୌରତ ହେବା । ତାଙ୍କରବି ଜୀବନ-ଚଳନାର ନିୟନ୍ତ୍ରକ ଥିଲା ଏହିଭଳିହିଁ !

ତା'ହେଲେ ଏବେ ବୋଧହୁଏ ବୁଝିପାରିଲେ, ଖୋଦାଙ୍କ ପ୍ରତ୍ୟାଦେଶ କିପରି ହଜରତ ରସୁଲଙ୍କ ପ୍ରତି ଓହ୍ଲାଇ ଆସୁଥିଲା ! ଆଉ ପ୍ରତ୍ୟାଦେଶ କୁହନ୍ତୁ ଆଉ ଯା' ହିଁ କୁହନ୍ତୁ,— ତା' ଏପରି କରି ଚିରଦିନହିଁ ଓହ୍ଲାଇ ଆସେ— ସେଇ ଆତ୍ମସ୍ଥ ହେବାର ଭୂମି ହେବାକୁ ! ଆତ୍ମସ୍ଥ ହେବାର ଭୂମି ମାନେ— ଯେଉଁଥିରେ ବା ଯେଉଁଠାରେ ଆତ୍ମସ୍ଥ ହୁଏ ଅର୍ଥାତ୍ ଯା' ଦେଇ ଜୀବନର ଆତ୍ମତ୍ୱରେ ନ୍ୟସ୍ତ ହୁଏ ।

ପ୍ରଶ୍ନ— ଆଚ୍ଛା, ଲୋକମୁଖରୁ ଶୁଣେ— ଆପଣବି କାଳେ ଖୋଦାଙ୍କ ନୂର ଓ ସ୍ୱର ଦେଖି ଓ ଶୁଣି ପାରନ୍ତି ? ଆପଣବି କାଳେ ଆଲ୍ଲାଙ୍କ କାଲାମ ଶୁଣି ପାରନ୍ତି ? ଅନେକଦିନହିଁ ଆପଣଙ୍କ ମଧ୍ୟ ଦେଇବି 'ସେଇ' ଅବତୀର୍ଣ୍ଣ ହୋଇଛି ?

ଶ୍ରୀଶ୍ରୀଠାକୁର— ହଁ । ମୁଁ ଯା' କହେ ସବୁଗୁଡ଼ିକହିଁ ମୋର direct experience (ଅନୁଭୂତି)ରୁହିଁ । ଆଉ ମୋରବି ଯେପରି ଯେପରି ରକମର ଭିତର ଦେଇ ଯା' ଯା' ହୋଇଛି, ଆପଣମାନଙ୍କର ବି ସେଇସେଇ ପଥରେହିଁ, ସେପରି କରି ହିଁ ପ୍ରାୟଶଃ ତାହାହିଁ ହେବ । ମୁଁ ଯା'କୁ ଯେପରି କରି ଯେଉଁ ଅଭିବ୍ୟକ୍ତିର ଭିତର ଦେଇ 'ଖୋଦାଙ୍କ ବାଣୀ' ମନେକରେ, ସେପରି କରି ସେଇ ରକମର ଭିତର ଦେଇ 'ଖୋଦାଙ୍କ ବାଣୀ' ଅନେକଙ୍କ ନିକଟରେହିଁ revealed ହୋଇପାରେ— ସ୍ୱର, ନୂର ଇତ୍ୟାଦିବି ସେଇଭଳିହିଁ ।

ଆଉ ଏପରି କରି, ଏହିଭଳି ଚଳନା ଓ କରିବାର ଭିତର ଦେଇ ସେଇ ସେଇ ରକମ ଅଭିବ୍ୟକ୍ତି ହୁଏ ବୋଲିହିଁ ତା'କୁ ପରାବିଦ୍ୟା ବା ବିଜ୍ଞାନ କହିଥା'ନ୍ତି— ପୁଣି, ଏଇଟା ଯେଉଁମାନେ ଯେଉଁ experience କରିଛନ୍ତି ସେମାନଙ୍କର ପ୍ରତ୍ୟେକଙ୍କର ହିଁ ସେଇ ସେଇ experience (ଅନୁଭୂତି)ଗୁଡ଼ିକର ଦେଶକାଳପାତ୍ର-ହିସାବରେ similarity ଅଦ୍ଭୁତ ଭାବେ ବିଦ୍ୟମାନ ଅଛିହିଁ ଅଛି ।

ପ୍ରଶ୍ନ— ହିନ୍ଦୁ ଋଷି ବା ଦ୍ରଷ୍ଟାମାନେ ଯେଉଁସବୁ ମତ ପ୍ରଚାର କରିଛନ୍ତି, ମୁସଲମାନ ପୟଗମ୍ବରମାନେ କାହିଁ ତା' ତ ପ୍ରଚାର କରିନାହାଁନ୍ତି ? ଯା' ସତ୍ୟ, ତା' ତ ଏକ ରକମର ହେବାର କଥା ?

ଶ୍ରୀଶ୍ରୀଠାକୁର— ଆଃ ସର୍ବନାଶ ! ସେ କ'ଣରେ ଡ଼କାଏତ? ବାଛୁରୀ ଦେଖିହିଁ ଆସିଲେ, ଲାଞ୍ଜଟେକି ଆଉ ଦେଖିଲେନି— ମାଈ କି ଅଣ୍ଡିରା ! ସେ ବାବା ସବୁ ଶିୟାଳହିଁ ଏକ ଡ଼ାକ— କିଏ ଟିକେ ମିହି ସ୍ୱରରେ, କିଏ ଟିକେ ଚିଲ୍ଲେଇ କରି ! ଆଉ, ସମସ୍ତଙ୍କରହିଁ ଗୋଟେ କଥା ବୋଲି ହିଁ ଦୁନିଆ ସେଗୁଡ଼ିକୁ ବାସ୍ତବ ଯଥାର୍ଥ ବୋଲି ମାନି ନେଇଛି ! ସମସ୍ତଙ୍କରହିଁ ବଞ୍ଚିବା-ବଢ଼ିବାର ଧର୍ମ ଓ ଧାଞ୍ଚ ଏକହିଁ ରକମ ବୋଲି ଏବଂ ଯେଉଁ ଯେଉଁଗୁଡ଼ିକ ସେମାନେ ବାତିଲ୍ କରି ଦେଇ ଯାଇଛନ୍ତି— ଦେଶକାଳପାତ୍ର-ହିସାବରେ ତାରତମ୍ୟ ବାଦରେ, ସମସ୍ତଙ୍କ ପକ୍ଷେହିଁ ସମାନ ପ୍ରୟୋଜନୀୟ— ତେଣୁ ଦୁନିଆ ସେଗୁଡ଼ିକୁ ସତ୍ୟ ବୋଲିହିଁ ଗ୍ରହଣ କରିଛି ! ସତ୍ୟ ମାନେହିଁ ହେଉଛି ସତ୍‌ର ଭାବ ବା ପ୍ରକାଶକ— ଆଉ ସତ୍ ତା'ହିଁ ଯେଉଁଥିରେ କାଳେ ଅସ୍ତି-ବୃଦ୍ଧି ଅଛି । ପୁଣି, ଯା' ଦେଇ ଏହି ଅସ୍ତି-ବୃଦ୍ଧି ଫୁଟି ଉଠେ ତା'ହିଁ ହେଉଛି ତା'ର ଭାବ ବା ପ୍ରକାଶକ । ସେଥିପାଇଁ ସତ୍ୟ ମାନେହିଁ ହେଉଛି ଅସ୍ତି-ବୃଦ୍ଧିର ପ୍ରକାଶକ । ସେମାନେ ଯା' କହି ଯାଇଛନ୍ତି ତା' ଅନୁସରଣ କରି ଜୀବନକୁ ସେହିଭଳି କରି ଚଳାଇଲେ, ମଣିଷ ଜୀବନ ଓ ବୃଦ୍ଧିରେ ଅଟୁଟ ରହି ନିରନ୍ତର ଗୋଟେ ଅମୃତ-ଉପଭୋଗର ଭିତର ଦେଇ ଚାଲିପାରେ— ଏହା ହେଉଛି ସେମାନଙ୍କର ସେଇ ସତ୍ୟଗୁଡ଼ିକର ବୈଶିଷ୍ଟ୍ୟ । ତା'ହିଁ ତ ସେମାନଙ୍କର ପାଦରେ ଆଜିବି ଦୁନିଆ ଏହିଭଳି ସଶ୍ରଦ୍ଧ ପ୍ରୀତିବିହ୍ୱଳ ନତିରେ ଏହିଭଳି ଅବନତ ! ସେମାନଙ୍କୁ ଦେଇ ଯଦି ମଣିଷ ସେଇ ପ୍ରକାରେ ସେମାନଙ୍କର ବଞ୍ଚିବା ଓ ବଢ଼ିବାର ପଥରେ ଚାଲି କୃତାର୍ଥ ହୋଇ ନ ପାରନ୍ତା, ତା'ହେଲେ କ'ଣ ଆଉ ଆବେଗ-ଶ୍ରଦ୍ଧାର ପ୍ରଚୁର ଉତ୍କଣ୍ଠାରେ ମଣିଷ ବିରହ-ଅଧୀର ହୋଇ ଏପରି କରି ଛାତି ଚାପି ବୁଲେ !

*(କ୍ରମଶଃ)*

পরম-পুরুষোত্তম শ্রীশ্রীঠাকুর অনুকূলচন্দ্রঙ্ক সহিত কথোপকথন

# ପ୍ରଭାଳାଓ

*ସଂକଳୟିତା* – **ଶ୍ରୀ ମଣିଲାଲ ଚକ୍ରବର୍ତ୍ତୀ**

*(ପୂର୍ବପ୍ରକାଶିତ ଉତ୍ତାରୁ......)*

ପ୍ରାର୍ଥନାନ୍ତେ ହୁଜୁର ମହାରାଜ, ସରକାର ସାହେବ, ଶ୍ରୀଶ୍ରୀଠାକୁରଙ୍କ ପିତୃଦେବ ଓ ମାତୃଦେବୀଙ୍କ ପ୍ରତିକୃତିଗୁଡ଼ିକ ସୁନ୍ଦର ଗୋଟେ କାଠର ଫ୍ରେମ୍ ଦେଇ ତିଆରି କରାଯାଇ ଶ୍ରୀଶ୍ରୀଠାକୁରଙ୍କ ସମ୍ମୁଖକୁ ଅଣା ଯାଇଛି । ଗୋଟେ ପରେ ଗୋଟେ ପ୍ରତିକୃତି ଶ୍ରୀଶ୍ରୀଠାକୁରଙ୍କ ସମ୍ମୁଖରେ ଏବେ ଦେଖା ଗଲା । ଆଲୋକର ବ୍ୟବସ୍ଥାବି ଅଛି । ଶ୍ରୀଶ୍ରୀଠାକୁର ଜଣ ଜଣ କରି ସେମାନଙ୍କୁ ପ୍ରତ୍ୟେକଙ୍କୁ ଅର୍ଘ୍ୟାଞ୍ଜଳି ସହ ପ୍ରଣାମ କରିଲେ । ଅର୍ଘ୍ୟାଞ୍ଜଳିର ମୁଦ୍ରାଗୁଡ଼ିକ ସିଏ କ୍ରମାଗତ ବଡ଼ଦାଙ୍କ ହସ୍ତରେ ଦେଉଛନ୍ତି ପ୍ରଣାମ ହୋଇଯିବା ପରେ ।

ଶ୍ରୀଶ୍ରୀବଡ଼ମା' ଆସିଲେ । ସିଏ ପ୍ରଥମେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣ ସ୍ପର୍ଶ କରି ପ୍ରଣାମ କରିଲେ । ତା'ପରେ ଅନୁରୂପଭାବେ ପ୍ରତିକୃତିରେ ଜଣ ଜଣ କରି ପ୍ରଣାମ ନିବେଦନ କରନ୍ତି । ପୂଜନୀୟା ଛୋଟମା' ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ କପାଳସ୍ପର୍ଶ କରି ପ୍ରଣାମ କରନ୍ତି । ପୂଜ୍ୟପାଦ ବଡ଼ଦା ଶ୍ରୀଶ୍ରୀଠାକୁର ଓ ଶ୍ରୀଶ୍ରୀବଡ଼ମା'ଙ୍କୁ ପ୍ରଣାମ କରି ପୂଜନୀୟା ଛୋଟମା'ଙ୍କୁ ପ୍ରଣାମ କରନ୍ତି ।

ଶ୍ରୀଶ୍ରୀବଡ଼ମା'ଙ୍କୁ ତାଙ୍କ ଘରକୁ ଅଣାଗଲା । ତା'ପରେ ଭକ୍ତବୃନ୍ଦ ଅର୍ଘ୍ୟାଞ୍ଜଳି ସହ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରୁଥା'ନ୍ତି । ଅନେକକ୍ଷଣ ଧରି ଏ ପ୍ରଣାମ ଚାଲେ । ମାଇକିରେ ବାରମ୍ବାର କହି ଦିଆଯାଉଛି ଯେପରି ଶ୍ରୀଶ୍ରୀଠାକୁରଙ୍କ ନିକଟରେ କେହି ଭିଡ଼ ନ କରନ୍ତି । ପ୍ରାୟଃ ସାତଟା ଅବଧି ଏ ଭିଡ଼ ଚାଲେ । ସନ୍ଧ୍ୟାକାଳୀନ ହରିସଂକୀର୍ତ୍ତନ ଦଳ ଆସି ଆଶ୍ରମ ପ୍ରଦକ୍ଷିଣ କରିଗଲା ନିତ୍ୟଦିନ ଭଳି ।

ଶ୍ରୀଶ୍ରୀଠାକୁର ଓ ଶ୍ରୀଶ୍ରୀବଡ଼ମା'ଙ୍କୁ ପ୍ରଣାମ କରିବା ପରେ ଭକ୍ତବୃନ୍ଦ ଅର୍ଘ୍ୟାଞ୍ଜଳି ସହ ପୂଜ୍ୟପାଦ ବଡ଼ଦାଙ୍କୁ ପ୍ରଣାମ କରନ୍ତି ।

ଆଶ୍ରମରେ ଯେପରି ଗୋଟେ ଆନନ୍ଦର ବନ୍ୟା ବହି ଚାଲିଛି । ଏହି ଦିବ୍ୟପରିବେଶରେ ସମସ୍ତେ ତୃପ୍ତ । ଗୋଟେ ସ୍ୱର୍ଗୀୟ ସୁଧା ଓ ଅନବଦ୍ୟ ପ୍ରେମ ଓ ଶ୍ରଦ୍ଧାଭକ୍ତିର ବନ୍ୟା ଆଶ୍ରମର ଏହି ମର୍ତ୍ତ୍ୟଲୋକରେ ବିରାଜ କରିଛି ।

ପୂଜ୍ୟପାଦ ବଡ଼ଦା ଆସି ପୁଣି ଶ୍ରୀଶ୍ରୀଠାକୁରଙ୍କ ନିକଟରେ ବସିଛନ୍ତି । ସିଏ ଖୁବ୍ ଚିନ୍ତାଯୁକ୍ତ ।

ଶ୍ରୀଶ୍ରୀଠାକୁର– କ'ଣ ଖବର ରେ ?

ବଡ଼ଦା– ପ୍ୟାଣ୍ଡେଲ ଯା' ତିଆରି ହୋଇଛି ତା' ପ୍ରାୟଃ ସବୁ ଭର୍ତ୍ତି ହୋଇଗଲା । ଆସାମରୁ, ଶିଲଚରରୁ ସ୍ପେଶାଲ ଟ୍ରେନ୍ ଆସିବ । ସେମାନଙ୍କୁ ଆସିବାକୁ ୩/୪ଦିନ ସମୟ ଲାଗିବ । ଆହୁରି ଅନେକ ସ୍ଥାନରୁ ସ୍ପେଶାଲ ବଗି କରି ଲୋକ ଆସୁଛନ୍ତି । ଏହି ସ୍ପେଶାଲ ଟ୍ରେନ୍ କରି ସାତ ଆଠ ହଜାର ଲୋକ ଆସିବେ ।

ଶ୍ରୀଶ୍ରୀଠାକୁର– ସବୁ ବ୍ୟବସ୍ଥା କର । ତୋର ପରମପିତା ଅଛନ୍ତି ।

ପୂଜ୍ୟପାଦ ବଡ଼ଦା ପୁଣି ଆସି ଚାଳଘରେ ବସିଲେ । ପୂଜ୍ୟପାଦ ବଡ଼ଦା ଯା'କୁ ଯା' ନିର୍ଦ୍ଦେଶ ଦେବାର ତା' ଦେଇ ଚାଲିଛନ୍ତି । ସବୁକିଛିହିଁ ସିଏ ସୁସ୍ଥୁ ଭାବରେ କରୁଛନ୍ତି । ଶ୍ରୀଶ୍ରୀଠାକୁରଙ୍କ ଆଶୀର୍ବାଦ ନେଇ ସିଏ ଏହି ମହାନ୍ ଦାୟିତ୍ୱ ମସ୍ତକରେ ଧାରଣ

କରି ସମାଧାନ କରିବାର ପ୍ରୟାସ କରୁଛନ୍ତି ।

## ଇଂ ତା୧୩।୧୦।୬୭ରିଖ, ଶୁକ୍ରବାର

ଶ୍ରୀଶ୍ରୀଠାକୁର ସକାଳବେଳା ବଡ଼ଦାଲାଣର ହଲଘରେ ଉପବିଷ୍ଟ ଅଛନ୍ତି । ପୂଜ୍ୟପାଦ ବଡ଼ଦା ଆସି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ବସିଲେ । ସକାଳ ସାଢ଼େ ଛଅଟା ସମୟରେ ସିଏ ଗାଡ଼ି କରି ଶ୍ରୀଶ୍ରୀଠାକୁରଙ୍କୁ ବୁଲାଇବାକୁ ନେଇଗଲେ । ପୁଣି ସାଢ଼େ ସାତଟା ବେଳେ ଫେରି ଆସିଲେ ।

ଶ୍ରୀଶ୍ରୀଠାକୁର ତମାଖୁ ଖାଉଛନ୍ତି । ଏପରି ସମୟରେ ପରମପୂଜନୀୟା ଶ୍ରୀଶ୍ରୀବଡ଼ମା'ଙ୍କୁ ଗୋଟେ ଚେୟାରରେ ବସାଇ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଅଣାଗଲା । ଶ୍ରୀଶ୍ରୀବଡ଼ମା' ଚଲାବୁଲା କରିପାରନ୍ତିନି ।

ଶ୍ରୀଶ୍ରୀଠାକୁର ବଡ଼ମା'ଙ୍କୁ ଦେଖି କହିଲେ— ତୁମକୁ ଆସିବାକୁ କଷ୍ଟ ହୋଇନି ତ ?

ଶ୍ରୀଶ୍ରୀବଡ଼ମା'— ନା । ଧୀରେନ, ତିଭିରୀ ଆଦି ନେଇ ଆସିଲେ । ଅସୁବିଧା ହୋଇନି । ତୁମେ କିପରି ଅଛ ?

ଶ୍ରୀଶ୍ରୀଠାକୁର— ଭଲ ।

କିଛିସମୟ ବସିବା ପରେ ଶ୍ରୀଶ୍ରୀବଡ଼ମା'ଙ୍କୁ ପୁଣି ତାଙ୍କ ନିଜ ଘରକୁ ନେଇଯିବା ହେଲା ।

ଆଜିଠାରୁ ସକାଳେ ମାଇକି ଯୋଗେ ବିନତି-ପ୍ରାର୍ଥନା ଆରମ୍ଭ ହୁଏ । ଅନେକ ଗୁରୁଭ୍ରାତା ଓ ଭଗିନୀ, ଭକ୍ତ ଓ ଅନୁରାଗୀ ଏଠାକୁ ଆଶ୍ରମକୁ ଆସିଯାଇଛନ୍ତି । ଆଗକୁ ପୂଜା ଉତ୍ସବ, ତେଣୁ ବିଭିନ୍ନ ପ୍ରାନ୍ତରୁ ଭକ୍ତବୃନ୍ଦ ଆସିବା ଆରମ୍ଭ କରିଦେଇଛନ୍ତି ।

## ଇଂ ତା୧୪।୧୦।୬୭ରିଖ, ଶନିବାର

ସକାଳବେଳା ୫ଟା ୫୦ମିନିଟ୍ ସମୟରେ ଶ୍ରୀଶ୍ରୀଠାକୁର ବଡ଼ଦାଲାଣର ହଲଘରେ ଉପବିଷ୍ଟ ଅଛନ୍ତି ।

ପୂଜ୍ୟପାଦ ବଡ଼ଦା ଆସି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ବସିଲେ । ଶ୍ରୀଶ୍ରୀଠାକୁର ବଡ଼ଦାଙ୍କୁ କହିଲେ— କ'ଣ ଖବର ରେ !

ପୂଜ୍ୟପାଦ ବଡ଼ଦା— ଭଲ । ବହୁ ଲୋକବାକ ଆସୁଛନ୍ତି । ଆସାମରୁ ସ୍ପେଶାଲ ଟ୍ରେନ କରି ଗୁରୁଭାଇମାନେ ସବୁ ଆସିବେ । ଗତକାଲି ବାରୁଣୀ ଷ୍ଟେସନରେ ସେଇ ଗାଡ଼ି ଚାରିଟାବେଳେ ଆସି ପହଞ୍ଚି ଯାଇଛି । ଗାଡ଼ି ଅଟକାଇ ରଖିଛନ୍ତି । ଛାଡ଼ିବାକୁ ଡ଼େରି ହେଉଛି ।

ଶ୍ରୀଶ୍ରୀଠାକୁର— ଆସାମରୁ ଯେଉଁ ସ୍ପେଶାଲ ଟ୍ରେନ୍‌ଟି ଆସିବାର କଥା ଥିଲା ଏଇଟା କ'ଣ ସେଇଟା ?

ପୂଜ୍ୟପାଦ ବଡ଼ଦା— ହଁ । ଗାଡ଼ି ସମୟ ଅନୁସାରେ ନ ଆସିଲେ ମୋର ଉତ୍କଣ୍ଠା ହୁଏ । ଖୁବ୍ ଅସ୍ୱସ୍ତି ଅନୁଭବ କରେ ।

ଶ୍ରୀଶ୍ରୀଠାକୁର— ମୋର ବି ହୁଏ । ମୋର ଖୁବ୍ ଉଦ୍‌ବେଗ ହୁଏ ।

ଶ୍ରୀଶ୍ରୀଠାକୁର ତମାଖୁ ଖାଉଛନ୍ତି । ମାୟା ମାଉସୀମା', ଶ୍ରୀଶ୍ରୀଛୋଟମା', ଶୈଳେନ୍ଦ୍ର ଭଟ୍ଟାଚାର୍ଯ୍ୟଭାଇ, ପଙ୍କଜ ସାନ୍ୟାଲଭାଇ ଓ ଆହୁରି ଅନେକେ ଅଛନ୍ତି ।

ଶ୍ରୀଶ୍ରୀଠାକୁରଙ୍କୁ କହି ପୂଜ୍ୟପାଦ ବଡ଼ଦା ନଡ଼ାଇଲ ହାଉସ(ଷୋଡ଼ଶୀଭବନ)କୁ ଗଲେ ।

ଆଜି ଫିଲାନ୍‌ଥ୍ରପୀ ଅଫିସର ଦ୍ୱିତଳରେ ସକାଳବେଳା ଯଥାବିହିତ ସମୟରେ କର୍ମୀ-ସମ୍ମେଳନ ହୁଏ । ଫିଲାନ୍‌ଥ୍ରପି ଅଫିସର ଦ୍ୱିତଳଟି ନୂଆ ତିଆରି ହୋଇଛି । ପ୍ରାୟଃ ୭।୮ଶହ ଲୋକ ଖୁବ୍ ସହଜଭାବେ ବସିପାରିବେ । ଋତ୍ୱିକ୍‌ମାନେ ଓ କର୍ମୀମାନେ ଆସି ଯାଇଛନ୍ତି । ଏବେ ବିନତି-ପ୍ରାର୍ଥନା ଆରମ୍ଭ ହେବ ।

ଶୈଳେନ୍ଦ୍ର ଭଟ୍ଟାଚାର୍ଯ୍ୟଭାଇ ପ୍ରଥମେ ଆହ୍ୱାନୀ ଦିଅନ୍ତି । ତା'ପରେ ବିନତି-ପ୍ରାର୍ଥନା ଆରମ୍ଭ ହୁଏ । ପ୍ରାର୍ଥନା ପରେ ଚୁନୀଲାଲ ରାୟ ଚୌଧୁରୀଭାଇ (ଯୁଗ୍ମ ସମ୍ପାଦକ, ସତ୍‌ସଙ୍ଗ) କର୍ମୀମାନଙ୍କର ତ୍ରୈମାସିକ କାର୍ଯ୍ୟ ବିବରଣୀ ପାଠ କରନ୍ତି । ପ୍ରଫୁଲ୍ଲ କୁମାର ଦାସଭାଇ ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ଉପରେ ଓ ଇଷ୍ଟନିର୍ଦ୍ଦେଶ ପାଳନରେ କର୍ମୀମାନେ ଯେପରି ଆହୁରି ବେଶୀ ତତ୍ପର ହୋଇଉଠନ୍ତି ସେ ନେଇ ଆଲୋଚନା କରନ୍ତି । ସଭା କାମ ଖୁବ୍ ସୁନ୍ଦର ହୁଏ ।

ଏପଟେ ଠାକୁରବଙ୍ଗଳାର ଯତି ଆଶ୍ରମରେ ପୂଜା, ହୋମ, ଯାଗଯଜ୍ଞାଦି ଓ ବିଭିନ୍ନ ଧର୍ମଗ୍ରନ୍ଥାଦି ପାଠ ସୁଷ୍ଠୁରୂପେ ଚାଲୁଥାଏ ।

ଦ୍ୱିପ୍ରହରେ ଭୋଗ ପରେ ଶ୍ରୀଶ୍ରୀଠାକୁର ଟିକେ ବିଶ୍ରାମ କରି ପୁଣି ହଲଘରେ ଶୁଭ୍ରଶଯ୍ୟା ଉପରେ ଉପବିଷ୍ଟ । ଭକ୍ତମଣ୍ଡଳୀ ତାଙ୍କୁ ବେଷ୍ଟନ କରି ଅଛନ୍ତି । ପୂଜ୍ୟପାଦ ବଡ଼ଦା ସାଢ଼େ ଚାରିଟା ବେଳେ

> ପଇସା ନେଇ ଚାକିରୀ କରିବା
> ବୁଝ- ମହାଦୁର୍ଭାଗ୍ୟ,
> ବିନା ପଇସାରେ ପ୍ରୀତିଚର୍ଯ୍ୟା
> ଏହାଠୁ ବଡ଼ ନାହିଁ ସୌଭାଗ୍ୟ । ୩୩ ।
> *(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

ହଲଘରେ ନିତ୍ୟଦିନଭଳି ଆସି ଉପସ୍ଥିତ ହୋଇଛନ୍ତି । ସିଏ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ବସିଲେ ।

ପୂଜ୍ୟପାଦ ବଡ଼ଦା— ବାବା ବହୁ ଲୋକ ଆସିଛନ୍ତି ।

ଶ୍ରୀଶ୍ରୀଠାକୁର— ଖୁବ୍ ଭଲ ।

ପୂଜ୍ୟପାଦ ବଡ଼ଦା— ବାବା । ମୁଁ ଗାଡ଼ି ନେଇ ଆସିଛି ।

ଶ୍ରୀଶ୍ରୀଠାକୁର— ମୋ ପାଇଁ ?

ପୂଜ୍ୟପାଦ ବଡ଼ଦା— ଆଜ୍ଞା । ବୁଲିବାକୁ ଯିବେ କହୁଥିଲେ, ତେଣୁ ନେଇ ଆସିଛି ।

ଶ୍ରୀଶ୍ରୀଠାକୁର— ମୁଁ ବାଥରୁମ ଯିବି । ମୋର ଯେପରି ପାଇଖାନା ଯିବାର ବେଗ ଲାଗିହିଁ ରହିଛି ।

ପୂଜ୍ୟପାଦ ବଡ଼ଦା— ଆପଣ ବାଥରୁମରୁ ଆସନ୍ତୁ । ତା'ପରେ ଇଚ୍ଛା ହେଲେ ଯିବେ ।

ଶ୍ରୀଶ୍ରୀଠାକୁର— ଦେଖେ, ପାଇଖାନା ଯାଉଛି । ଯଦି successful (କୃତକାର୍ଯ୍ୟ) ହୁଏ, ତେବେ ବୁଲିବାକୁ ଯିବି ।

ଉପସ୍ଥିତ ସମସ୍ତେ ଶ୍ରୀଶ୍ରୀଠାକୁରଙ୍କ କଥା ଶୁଣି ହସି ଦେଲେ ।

ଆଜି ସନ୍ଧ୍ୟାବେଳେ ପଣ୍ଡିତ ବିନୋଦାନନ୍ଦ ଝା (ପ୍ରାକ୍ତନ ମୁଖ୍ୟମନ୍ତ୍ରୀ, ବିହାର) ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାକୁ ଆସନ୍ତି । ସକାଳେ ସିଏ ଉତ୍ସବ ପ୍ୟାଣ୍ଡେଲରେ ଉଦ୍‌ବୋଧନୀ ଭାଷଣ ଦାନ କରିଛନ୍ତି । ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ୮୦ତମ ଜନ୍ମମହୋତ୍ସବ ଚାଲିଛି । ବିନୋଦାବାବୁ କିଛିସମୟ ବସି ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ଯିବାର ଅନୁମତି ନେଇ ଚାଲି ଯାଆନ୍ତି ।

ଆଜି ଦିପହରେ ଶିଲଚରରୁ ଆଗତ ସ୍ପେଶାଲ ଟ୍ରେନ୍‌ଟି ଯଶିଡ଼ିରେ ଆସି ପହଞ୍ଚିଛି । ସେଥିରୁ ବହୁ ଲୋକ ଆଶ୍ରମରେ ଆସି ଉପସ୍ଥିତ ହୋଇଛନ୍ତି । ପ୍ରାୟଃ ସବୁ ପ୍ୟାଣ୍ଡେଲଗୁଡ଼ିକହିଁ ଭର୍ତ୍ତି ହୋଇ ଯାଇଛି । ଠାକୁରବାଡ଼ି ଓ ଫିଲାନ୍‌ଥ୍ରପୀ ଅଫିସର ବାରଣ୍ଡାଗୁଡ଼ିକବି ସବୁ ଭରି ଯାଇଛି । ଏବେବି ମଣିଷ ଆସୁଛନ୍ତି । ରହିବା ପାଇଁ ଜାଗାର ଖୁବ୍ ଅଭାବ ।

ଜନୈକ ଭାଇ ଆସି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି କହିଲେ— ଦୟାଲ ! ମୋର ଝିଅର ବିବାହ ଠିକ୍ ହୋଇଛି । ଯୋଟକ ବିଚାରରେ ଖୁବ୍ ସୁନ୍ଦର ମେଳ ହୋଇଛି । ସେମାନେ ଆମମାନଙ୍କର ପାଲଟିଘର । ଖୁବ୍ ଉଚ୍ଚ ବଂଶ । ଲୋକବି ଭଦ୍ର । ଆପଣଙ୍କ ଆଶୀର୍ବାଦ ପ୍ରାର୍ଥନା କରେ ।

ଶ୍ରୀଶ୍ରୀଠାକୁର— ମେଳ ହେଲେ ଦେବୁ । ମୋର ଆଶୀର୍ବାଦ ଅଛିହିଁ ।

## ଇଂ ତା ୧୫।୧୦।୬୭ରିଖ, ରବିବାର

ଶ୍ରୀଶ୍ରୀଠାକୁର ସକାଳବେଳା ବଡ଼ଦଲାଣର ହଲଘରେ ବସିଛନ୍ତି । ଏବେ ପ୍ରାୟଃ ୬ଟା ବାଜିବାକୁ ଚାଲିଲା । ଅସମ୍ଭବ ଭିଡ଼ ହୋଇଛି । ଚତୁର୍ଦ୍ଦିଗରେ କେବଳ ମଣିଷ ଆଉ ମଣିଷ । ସମସ୍ତେ ପ୍ରାର୍ଥନା କରିବା ପାଇଁ ଠାକୁରବଙ୍ଗଳାର ପ୍ରାଙ୍ଗଣରେ ଆସି ଉପସ୍ଥିତ ହୋଇଛନ୍ତି । ପ୍ରତ୍ୟେକେ ତାଙ୍କ ନିଜ ନିଜ ଭଳି ଜାଗା କରି ନେଇ ବସି ପଡ଼ିଛନ୍ତି । ଜୀବନର ପରମ ଧ୍ୟେୟ ଓ ପ୍ରେୟଙ୍କ ସାନ୍ନିଧ୍ୟରେ ବିନତି-ପ୍ରାର୍ଥନା କରିବା ପାଇଁ ଏ ଭକ୍ତ ସମାଗମ । ଭକ୍ତଗଣ ତାଙ୍କୁ ଦର୍ଶନ କରିବେ, ତାଙ୍କ ସାନ୍ନିଧ୍ୟରେ ଆସି ଚିର ଅବାଧ ଦେବତାଙ୍କ ଶ୍ରୀଚରଣରେ ଅର୍ଘ୍ୟାଞ୍ଜଳି ପ୍ରଦାନ କରିବେ, ପ୍ରାଣଖୋଲି ବାଞ୍ଛିତ ଦେବତାଙ୍କ ଶ୍ରୀଚରଣେ କାମନା-ବାସନାର କଥା ନିବେଦନ କରିବେ— ଏହା ଯେ କେତେ ଆନନ୍ଦର, ତୃପ୍ତିର ଓ ଜନ୍ମଜନ୍ମାନ୍ତରର ସୁକୃତିର ଫଳ ତା' ବୁଝେ, ପ୍ରାଣ ବୁଝେ ଯା'ର ।

ପୂଜ୍ୟପାଦ ବଡ଼ଦା ଆସି ଶ୍ରୀଶ୍ରୀଠାକୁରଙ୍କ ନିକଟରେ ତଳେ ବସିଲେ । ନିତ୍ୟଦିନଭଳି ହରିସଂକୀର୍ତ୍ତନ ଦଳ ଅଗ୍ରିମ ପ୍ରଦକ୍ଷିଣ କରି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ଚାଲିଗଲେ ।

ପୂଜ୍ୟପାଦ ବଡ଼ଦା ଶ୍ରୀଶ୍ରୀଠାକୁରଙ୍କୁ କହିଲେ— ପ୍ରାର୍ଥନା ସମୟ ହୋଇ ଆସିଲା ।

ଶ୍ରୀଶ୍ରୀଠାକୁର— ହଁ । *(କ୍ରମଶଃ)*

ବୋଧବିକାଶର ଘୋର ଅନ୍ତରାୟ
ଚାକିରୀ କିମ୍ବା ବେଶ୍ୟାବୃତ୍ତି,
ଅନ୍ତର୍ଦ୍ଦେବତା ନିଥର ରୁହନ୍ତି
ଥାଏ ସେଠାରେ କମ୍ ପାରଗସ୍ଫୁର୍ତ୍ତି । ୩୪ ।
*(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

### ବିଜ୍ଞପ୍ତି

ଏତତ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ବୈବାହିକୀ ସ୍ତମ୍ଭରେ ବିଜ୍ଞାପନ ଦେବାକୁ ଚାହୁଁଥିବା ବ୍ୟକ୍ତିମାନେ ସମସ୍ତ ବିବରଣୀ ଓଡ଼ିଆ ଭାଷାରେ ଦେବାକୁ ଚେଷ୍ଟା କରିବେ । କେବଳ ଦୀକ୍ଷିତ ପାତ୍ର/ପାତ୍ରୀମାନଙ୍କର ବିବରଣୀ ପ୍ରକାଶ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବ । ପରମାରାଧ୍ୟ ଶ୍ରୀଶ୍ରୀଠାକୁରଙ୍କ ଭାବାଦର୍ଶ ଦ୍ୱାରା ଅସମର୍ଥିତ କୌଣସି ତଥ୍ୟ ଗ୍ରହଣଯୋଗ୍ୟ ହେବ ନାହିଁ । *- ପରିଚାଳକ, ଊର୍ଜ୍ଜନା*

**ଯୁଗାଚାର୍ଯ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ସହିତ କଥୋପକଥନ**

# ଇଷ୍ଟପ୍ରସଙ୍ଗ

**ସଂକଳୟିତା– ଡଃ. ଶ୍ୟାମସୁନ୍ଦର ରକ୍ଷିତ,** ଏମ୍.ଏ., ପି.ଏଚ୍.ଡି.

*(ପୂର୍ବପ୍ରକାଶିତ ଉତ୍ତାରୁ......)*

ଗୋଟେ ଘଟଣା କହିଲେ ଦୀନେଶଭାଇ । ବଙ୍ଗଳା ଭଲ କହି ପାରନ୍ତିନି । ତେଣୁ ଇଂରାଜୀରେ କହିଲେ– In 1986 Sudarsana went to the States and she stayed there in Sanfranciso for three months. There was a discussion on religion there, Sudarsana attened the discussion. Swamiji's of Ramkrisna Mission also participated. After the discussion was over Sudarsana helped an old lady to wear shoes. A swamiji noticed Sudarsana's selfless service and impressed. He asked Sudarsana, "You look like a Bengalee. Of what race you are ?" She replied that she was a Gujrathi. Sudarsana was speaking Bengali where necessary. "Where did you learn speaking Bengali ?" Swamiji asked, Sudarsana replied, "I have learnt Bengali by the grace of my Gurudev Sree Sree Barada of Satsang. Sree Sree Thakur Anukulchandra is my Beloved the Supreme." Swamiji was pleased to know all these things. To satisfy eagerness they asked more regarding Sree Sree Thakur and Satsang. Swamiji expressed his willingness to visit Satsang and to have darsan of Gurudev while he would come to India. Swamiji was a man of Calcutta. (୧୯୮୬ ସାଲରେ ମାର୍କିନ ଯୁକ୍ତରାଷ୍ଟ୍ର ଯାଇ ସୁଦର୍ଶନା ସାନଫ୍ରାନସିସ୍କୋରେ ତିନିମାସ ରହିଥିଲା । ସେଠାର ଧର୍ମ ବିଷୟରେ ଗୋଟେ ଆଲୋଚନାଚକ୍ର ବସିଥିଲା । ସୁଦର୍ଶନା ଉପସ୍ଥିତ ଥିଲା । ରାମକୃଷ୍ଣ ମିଶନର ସ୍ୱାମୀଜୀମାନେ ବି ଆଲୋଚନାରେ ଯୋଗ ଦେଇଥିଲେ । ସଭା ପରେ ସୁଦର୍ଶନା ଜଣେ ବୃଦ୍ଧା ମହିଳାଙ୍କୁ ଜୋତା ପିନ୍ଧିବାରେ ସହାୟତା କରିଥିଲା । ସୁଦର୍ଶନାର ଏହି ନିଃସ୍ୱାର୍ଥ ସେବା ଜଣେ ସ୍ୱାମୀଜୀଙ୍କ ମନରେ ରେଖାପାତ କରେ । ସିଏ କହିଲେ, ‘‘ଆପଣ ବଙ୍ଗାଳୀ ଭଳି ମନେହେଉଛନ୍ତି, ଆପଣ କୋଉ ପ୍ରଦେଶର ?’’ ସୁଦର୍ଶନା କହିଲା, ମୁଁ ଗୁଜରାଟୀ । ସୁଦର୍ଶନା ପ୍ରୟୋଜନ ପଡ଼ିଲେ ବଙ୍ଗଳାବି କହୁଥିଲା । ସ୍ୱାମୀଜୀ ପଚାରିଲେ : ‘‘ଆପଣ ବଙ୍ଗଳା କେଉଁଠାରେ ଶିଖିଲେ ?’’ ‘‘ମୋର ଗୁରୁଦେବ ସତ୍‌ସଙ୍ଗର ଶ୍ରୀଶ୍ରୀବଡ଼ଦା । ତାଙ୍କ ଆଶୀର୍ବାଦରୁ ବଙ୍ଗଳା ଶିଖିଛି । ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ମୋର ପ୍ରିୟପରମ ।’’ – ସୁଦର୍ଶନା ଉତ୍ତର ଦେଲା । ଏହିସବୁ ଜାଣିପାରି ଖୁବ୍ ଖୁସି ହେଲେ ସେମାନେ । କୌତୁହଳ ଉଦ୍ରେକ ହେବାରୁ ସେମାନେ ସୁଦର୍ଶନା ନିକଟରୁ ସତ୍‌ସଙ୍ଗ ଓ ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧରେ ଆହୁରିବି ବହୁତ ତଥ୍ୟ ଜାଣି ନିଅନ୍ତି ।

ଉପକାରର ଦାୟ ଦେଖାଇ
ପଇସା ଯେଉଁମାନେ ଚାହାଁନ୍ତି,
ଅନର୍ଥକୁ କୁଢ଼େଇ ଆଣି
ନଷ୍ଟ ଆଡ଼କୁହିଁ ଧାଆଁନ୍ତି । ୩୬ ।
*(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

ଭାରତ ଆସିଲେ ସେମାନେ ଦେଓଘର ସତ୍‌ସଙ୍ଗ ଆଶ୍ରମ ଆସିବେ ଏବଂ ଆପଣଙ୍କୁ ଦର୍ଶନ କରିବେ ଜଣାଇଲେ । ସେଇ ସ୍ୱାମୀଜୀ କଲିକତାର ଲୋକ ।)

ଶ୍ରୀଶ୍ରୀପିତୃଦେବ ଦୀନେଶଭାଇଙ୍କର ବିବାହ ଓ ଶ୍ୱଶୁରଘର ସମ୍ବନ୍ଧରେ ଜାଣିବାର ଇଛା ପ୍ରକାଶ କରିଲେ ।

ଦୀନେଶଭାଇ— In 1963 we got married. My wife is the eldest daughter of her father. My father-in-law Babubhai Paramananda Parekh was a freedom fighter of Western India. He sacrificed everything for India's freedom. His name is referred to in Netaji Subhas Chandra Bose's works. I have read the book. He joined with Netaji and took the charge of organising Western India for the movement. My mother-in-law came from Gandhiji's family. (୧୯୬୩ ସାଲରେ ମୋର ବିବାହ ହୁଏ । ମୋର ସ୍ତ୍ରୀ ତା' ବାପାଙ୍କର ଜ୍ୟେଷ୍ଠା କନ୍ୟା । ଶ୍ୱଶୁର ମହାଶୟଙ୍କ ନାମ ବାବୁଭାଇ ପରମାନନ୍ଦ ପାରେଖ । ସିଏ ପଶ୍ଚିମ ଭାରତର ଜଣେ ସ୍ୱାଧୀନତା ଯୋଦ୍ଧା ଏବଂ ଦେଶର ସ୍ୱାଧୀନତା ପାଇଁ ସର୍ବସ୍ୱ ବିସର୍ଜନ ଦେଇଥିଲେ । ନେତାଜୀ ସୁଭାଷଚନ୍ଦ୍ର ବସୁରଚିତ ଗ୍ରନ୍ଥରେ ଏହି ନାମ ମିଳେ । ବହିଟି ପଢ଼ିଛି । ମୋର ଶ୍ୱଶୁର ମହାଶୟ ନେତାଜୀଙ୍କ ସହିତ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ପଶ୍ଚିମ ଭାରତରେ ସ୍ୱାଧୀନତା ଆନ୍ଦୋଳନ ସଂଗଠନର ଦାୟିତ୍ୱ ଗ୍ରହଣ କରନ୍ତି । ମୋର ଶାଶୁ ଗାନ୍ଧିଜୀଙ୍କ ପରିବାରର ଲୋକ ।)

ଶ୍ରୀଶ୍ରୀପିତୃଦେବ— Who is that lady photographer who came here during centenary celebration ? (ଶତବାର୍ଷିକ ଉତ୍ସବରେ ଯେଉଁ ମହିଳା ଫଟୋଗ୍ରାଫର ଆସିଥିଲେ ସେ କିଏ ?)

ଦୀନେଶଭାଇ— She is Mukta Ben Seth. She is adapted sister. (ତାଙ୍କ ନାମ ମୁକ୍ତା ବେନ ଶେଠ । ସିଏ ଦତ୍ତକ ଭଗିନୀ ।)

ଶ୍ରୀଶ୍ରୀପିତୃଦେବ— What is the meaning of Ben ? (ବେନ-ର ଅର୍ଥ କ'ଣ ?)

ଦୀନେଶଭାଇ— Sister (ଭଗିନୀ) ।

ଶ୍ରୀଶ୍ରୀପିତୃଦେବ— What did she say when she went back from here ? (ଏଠାରୁ ଫେରି ଯାଇ ସିଏ କ'ଣ କହିଥିଲେ ?)

ଦୀନେଶଭାଇ— To see the Ashram she was very happy. After her visit she talks always about Satsang in the family. All of my kith and kin are getting interested after Mukta Ben visited this place. She desires to go to Ashram alongwith us. Pujyapada Bardada told her about Satsang centres of Assam. (ଆଶ୍ରମ ଦେଖି ସେ ଖୁବ୍ ଖୁସି । ଫେରି ଯାଇ ପରିବାର ନିକଟରେ ସର୍ବଦା ସତ୍‌ସଙ୍ଗ ଆଶ୍ରମ ସମ୍ବନ୍ଧରେ କହନ୍ତି । ତାଙ୍କ ମୁହଁରୁ ଆଶ୍ରମର କଥା ଶୁଣି ଆମର ଆତ୍ମୀୟସ୍ୱଜନମାନେ ସତ୍‌ସଙ୍ଗ ସମ୍ବନ୍ଧରେ ଆହୁରି ବି ଆଗ୍ରହୀ ହୋଇଉଠିଛନ୍ତି । ଆମ ସଙ୍ଗେ ତାଙ୍କର ବି ଆସାମ ଯିବାର ଇଛା । ପୂଜ୍ୟପାଦ ବଡ଼ଦାଦା ତାଙ୍କ ନିକଟରେ ଆସାମର ସତ୍‌ସଙ୍ଗ କେନ୍ଦ୍ର ମନ୍ଦିର ବିଷୟରେ ଗପ କରିଥିଲେ ।)

ପ୍ରସଙ୍ଗକ୍ରମେ ଦୀନେଶଭାଇ ତାଙ୍କ କନ୍ୟା ସୁଦର୍ଶନାର ବିବାହ ଅନୁଷ୍ଠାନ ପର୍ବ ବିଷୟରେ କହିଲେ । ବିବାହ ରାତିରେ ନିରାମିଷ ଆହାର୍ଯ୍ୟ-ସାମଗ୍ରୀ ସମସ୍ତଙ୍କ ନିକଟରେ ବେଶ୍ ଉପାଦେୟ ହୋଇଥିଲା । ଏପରି ଖାଦ୍ୟ ଯେ ବହୁ ବର୍ଷ ଧରି ଖାଇ ନାହାଁନ୍ତି ଏହିପରି ଅଭିମତ ବି ଅନେକେ ପ୍ରକାଶ କରିଛନ୍ତି ।

ଶ୍ରୀଶ୍ରୀପିତୃଦେବ ଖୁସି ହେଲେ ଶୁଣି ।

ପୂଜନୀୟା ବଡ଼ଦି— ବିବାହ କେତେବେଳେ ହୁଏ ? ରାତିରେ ?

ଦୀନେଶଭାଇ- In the evening, after 7.30. (ସନ୍ଧ୍ୟାରେ, ସାଢ଼େ ସାତଟା ପରେ ।)

ପୂଜନୀୟା ବଡ଼ଦି— ଝିଅ ବିଦା ହୁଏ କେତେବେଳେ ?

ଦୀନେଶଭାଇ— Immediately after the function is over. (ବିବାହ ଅନୁଷ୍ଠାନର ଠିକ୍ ପରେପରେହିଁ ।)

ପୂଜନୀୟା ବଡ଼ଦି— ବିଦାୟ ସମୟରେ କନ୍ଦାକଟା ହୋଇନି ? Weeping ?

ଦୀନେଶଭାଇ— She [mother of Sudarsana] was weeping. (ସୁଦର୍ଶନାର ମା' କାନ୍ଦିଥିଲା ।)

ପୂଜନୀୟା ବଡ଼ଦି— And you ? (ଆଉ ଆପଣ ?)

ଦୀନେଶଭାଇ— I also wept. (ମୁଁବି କାନ୍ଦିଥିଲି ।)

ପୂଜନୀୟା ବଡ଼ଦି— ସୁଦର୍ଶନାର ବର ଦୀକ୍ଷା ନେଇଛି ?

ଶ୍ରୀଶ୍ରୀପିତୃଦେବ— ହଁ, ଆଗରୁହିଁ ଦୀକ୍ଷା ନେଇଛି ।

ପ୍ରତ୍ୟାଶାହୀନ ପରିଚର୍ଯ୍ୟାହିଁ
ଧୀମାନ୍ କରେ ମଣିଷକୁ,
ବିନାୟିତ ଅନୁଶୀଳନ
ଧରିହିଁ ତୋଳେ ତାହାକୁ । ୪୦ ।

*(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

ଦୀନେଶଭାଇ— 8th January initiation, Wedding 23-January. (୮-ଜାନୁୟାରୀରେ ଦୀକ୍ଷା, ୨୩-ଜାନୁୟାରୀରେ ବିବାହ ।)

ସୁଦର୍ଶନାର ଅଳ୍ପ ସମୟ ମଧ୍ୟରେ ବଙ୍ଗଳା କଥା କହିବା ସମ୍ବନ୍ଧରେ ଶ୍ରୀଶ୍ରୀପିତୃଦେବ କହିଲେ— ସୁଦର୍ଶନାକୁ ଯେଉଁଦିନ କହିଲି ସେଦିନ ଉପରବେଳାଠାରୁହିଁ ଆରମ୍ଭ କରିଲା । ଆଉ ଅଭ୍ୟସ୍ତବି ହୋଇଗଲା । ଏବେ ଶୁଣି ମନେହୁଏ ବଙ୍ଗଳାଟାହିଁ ଭଲ କହେ ।

ଦୀନେଶଭାଇଙ୍କ ସ୍ତ୍ରୀ ରେଖାଦେବୀଙ୍କୁ ନିର୍ଦ୍ଦେଶ କରି ପୂଜନୀୟା ବଡ଼ଦି କହିଲେ— ମା'ବି କହିପାରେ ।

ଆଶୁଭାଇ— ଗତକାଲି ମା' କହିଲେ, କଲ ଯାତେ ହ୍ୟାୟ (କାଲି ଯିବାକୁ ହେବ) । ବାବା କହିଲେ ବଙ୍ଗଳାରେ କୁହ । ମା' କହିଲେ— କାଲ ଯେତେ ଚାଇ (କାଲି ଯିବାକୁ ଚାହେଁ) । She can speak. ଲେକିନ ବାବାକେ ପାସ ନେହିଁ ବଲତେ ହ୍ୟାୟ (କିନ୍ତୁ ବାବାଙ୍କ ପାଖରେ କହିବାକୁ ହୁଏନା ।)

ପରମଦୟାଲ ଶ୍ରୀଶ୍ରୀଠାକୁରଙ୍କୁ ଜୀବନରେ ଗ୍ରହଣ କରି ଦୀନେଶଭାଇ କିପରିଭାବେ କଠିନ ରୋଗରୁ ଅଳ୍ପ ସମୟ ମଧ୍ୟରେ ଆରୋଗ୍ୟଲାଭ କରିଛନ୍ତି ସେଇ ଘଟଣା ବିବୃତ କରିଲେ— Being attacked by tuberculosis I was admitted to Panchgani hospital on 9th August, 1984. Mr. Dongre was a famous doctor in the hospital. He told it would take almost two years to recover. But I recovered within only $3^{1/2}$ months. Dr. Dongre told me that it was only with the blessings of my Lord. The doctor was impressed. Dr. Dongre alongwith his wife took initiation. Sri P.D. Joshi gave them initiation. Both of them are enjoying now. They came here in Centenary. They are very pleased. After initiation Dr. Dongre got promotion and the supreme charge of hospital came on him. The hospital is the oldest hospital there.

My miraculous recovery from tuberculosis became a story in the hospital. One Mr. Surendra Chouhan a school teacher heard the story from Dr. Dongre. Mr. Surendra used to tell us about Savitri Ashram of Pondichery. He was also convinced and took initiation. Sri keshab Sharma of Pathsala gave him initiation. (ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୋଇ ୧୯୮୪ ସାଲର ୯-ଅଗଷ୍ଟରେ ମୁଁ ପଞ୍ଚଗନି ହାସପାତାଳରେ ଭର୍ତ୍ତି ହୁଏ । ଡ଼ାଃ ଡ଼ୋଙ୍ଗେରେ ହାସପାତାଳର ଜଣେ ବିଖ୍ୟାତ ଡ଼ାକ୍ତର । ସିଏ ପରୀକ୍ଷା କରି ମତେ କହିଲେ ଦୁଇବର୍ଷ ସମୟ ଲାଗିବ ଆରୋଗ୍ୟ ହେବାକୁ । ସତ୍‌ସଙ୍ଗୀ-ଠାକୁର ପ୍ରଦତ୍ତ ନିୟମାବଳୀ ସାଧ୍ୟମତ ମାନି ଚାଲେ । ଠାକୁରଙ୍କ ଦୟାରୁ ମାତ୍ର ସାଢ଼େ ତିନିମାସ ମଧ୍ୟରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଉଠିଲି । କୌଣସି ବ୍ୟାଖ୍ୟା ନ ପାଇ ଡ଼ାଃ ଡ଼ୋଙ୍ଗେର କହିଲେ, ଗୁରୁଙ୍କ ଆଶୀର୍ବାଦରୁ ହିଁ ଏତେ ଶୀଘ୍ର ଆରୋଗ୍ୟ ହୋଇଛନ୍ତି, ତା' ଭିନ୍ନ ଏହି ଜଟିଳ ରୋଗ ଆରୋଗ୍ୟ ହେବା ଆଦୌ ସମ୍ଭବ ନଥିଲା । ମୋର ଆରୋଗ୍ୟ ହେବା ଡ଼ାଃ ଡ଼ୋଙ୍ଗେରଙ୍କୁ ପରମଦୟାଲ ଶ୍ରୀଶ୍ରୀଠାକୁରଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ କରିଲା । ସିଏ ସସ୍ତ୍ରୀକ ଦୀକ୍ଷାଗ୍ରହଣ କରିଲେ । ଶ୍ରୀ ପି.ଡ଼ି. ଯୋଶୀଭାଇ ସସ୍ତ୍ରୀକ ଡ଼ାଃ. ଡ଼ୋଙ୍ଗେରଙ୍କୁ ସତ୍‌ମନ୍ତ୍ରରେ ଦୀକ୍ଷାପ୍ରଦାନ କରିଲେ । ଶତବାର୍ଷିକୀ ଉତ୍ସବରେ ସେମାନେ ଦେଓଘର ଆସିଥିଲେ । ଉତ୍ସବ ଦେଖି, ଆଶ୍ରମ ପରିବେଶ ଦେଖି ଏବଂ ଆପଣଙ୍କ ଦର୍ଶନ ପାଇ ସେମାନେ ଖୁବ୍ ଖୁସି । କହିବା ବାହୁଲ୍ୟ, ଦୀକ୍ଷାଗ୍ରହଣ ପରେ ତାଙ୍କର ପଦୋନ୍ନତି ଘଟେ ।

ମାତ୍ର ସାଢ଼େ ତିନିମାସ ମଧ୍ୟରେ ଆଶ୍ଚର୍ଯ୍ୟଜନକଭାବେ ଯକ୍ଷ୍ମାରୋଗରୁ ମୋର ଆରୋଗ୍ୟଲାଭର ଘଟଣା ଶ୍ରୀସୁରେନ୍ଦ୍ର ଚୌହାନ ନାମରେ ଜଣେ ସ୍କୁଲ ଶିକ୍ଷକବି ଶୁଣନ୍ତି । ସିଏ ପଣ୍ଡିଚେରୀର ସାବିତ୍ରୀ, ଆଶ୍ରମର କଥା ପ୍ରାୟଃହିଁ କହୁଥିଲେ । ସିଏବି ପରମଦୟାଲ ଶ୍ରୀଶ୍ରୀଠାକୁରଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହେଲେ । ସିଏବି ଦୀକ୍ଷାଗ୍ରହଣ କରିଲେ । ପାଠଶାଳାର ଶ୍ରୀକେଶବ ଶର୍ମା ତାଙ୍କୁ ଦୀକ୍ଷା ପ୍ରଦାନ କରନ୍ତି ।)

ଶ୍ରୀଶ୍ରୀପିତୃଦେବ ଖୁସି ହେଲେ କାହାଣୀଟି ଶୁଣି ।

CRYSTALIS— a journal of the Swedenborg Foundation. ଏଥିରେ କେରୀ ବ୍ରେସଭାଇଙ୍କର ଗୋଟେ ରଚନା ଛପା ହୋଇଛି । ଶିରୋନାମ ହେଲା— "Sri Sri Thakur Anukulchandra and the meaning of the Holographic model". କେରୀଭାଇ ଗୋଟେ CRYSTALIS ଡ଼ାକଯୋଗେ ପଠାଇଛନ୍ତି । ଶ୍ରୀଶ୍ରୀପିତୃଦେବ ଲେଖାଟି ହରିବଲ୍ଲଭଭାଇଙ୍କୁ ଦେଖାଇବାକୁ ନିର୍ଦ୍ଦେଶ ଦେଲେ । ରୋହିତୋଷ ପାଖ ଘରୁ ପତ୍ରିକାଟି ଆଣି ହରିବଲ୍ଲଭଭାଇଙ୍କ ହାତରେ ଦେଲା ।

ହରିବଲ୍ଲଭଭାଇଙ୍କର ଦେଖିବା ପରେ ଶ୍ରୀଶ୍ରୀପିତୃଦେବ କହିଲେ— ଏଇ ଭାଇଙ୍କୁ (ଦୀନେଶଭାଇଙ୍କୁ) ଦେଖାଇବାର ଇଚ୍ଛା ଥିଲା ।

ଦୀନେଶଭାଇ ସାଗ୍ରହରେ ଜର୍ନାଲଟି ନେଲେ । ଆଦ୍ୟୋପ୍ରାନ୍ତ ପଢ଼ି କହିଲେ— Very good article. (ଖୁବ୍ ଭଲ ରଚନା ।)

*(କ୍ରମଶଃ)*

***ଅନୁବାଦକ : ଡ଼ାଃ. ବିନାୟକ ମହାପାତ୍ର***

*(ବି.ଦ୍ର. : ଅନୁଲେଖକ ଶ୍ରୀଶ୍ରୀବଡ଼ଦାଙ୍କୁ ଶ୍ରୀଶ୍ରୀପିତୃଦେବ ଓ ପୂଜ୍ୟପାଦ ଦାଦାଙ୍କୁ ପୂଜ୍ୟପାଦ ବଡ଼ଦାଦା ବୋଲି ସମ୍ବୋଧନ କରନ୍ତି ।)*

# ଇଷ୍ଟାନୁରାଗର ପ୍ରଧାନ ପରଖ

## ।। ସଂସାର-ଜୀବନରେ ଇଷ୍ଟ-ଝୁଙ୍କା ହେବାକୁ ହୁଏ କାହିଁକି ?

କଥାପ୍ରସଙ୍ଗରେ ଜଣେ କହିଲେ— ଗୃହସ୍ଥର ସଂଯତ ଜୀବନଯାପନ କରିବା ଖୁବ୍ କଠିନ ।

ଶ୍ରୀଶ୍ରୀଠାକୁର— ଯେଉଁ training (ଶିକ୍ଷା) ନେଇ ଗାର୍ହସ୍ଥ୍ୟାଶ୍ରମରେ ପ୍ରବେଶ କରିବାକୁ ହୁଏ, ସେ training (ଶିକ୍ଷା)ହିଁ ଯେ ଆମମାନଙ୍କର ନିଆ ହୁଏନା । ମଣିଷ ଗୁରୁଗ୍ରହଣ ନ କରିଲେ, ନିଷ୍ଠାସହକାରେ ଗୁରୁସେବା ନ କରିଲେ ଇନ୍ଦ୍ରିୟଗୁଡ଼ିକ ଆୟତ୍ତରେ ଆସେନା । ସେଇ ଅବସ୍ଥାରେ ବିବାହ କରିଲେ ସ୍ତ୍ରୀ-ମୁଖୀ ହୋଇପଡ଼େ । ସ୍ୱାମୀ ଯେଉଁଠାରେ ସ୍ତ୍ରୀ-ମୁଖୀ, ସ୍ତ୍ରୀ ସେଠାରେ ସ୍ୱାମୀ-ମୁଖୀ ହେବାର ଆବଶ୍ୟକତା ବୋଧ କରେନା,— ବରଂ ଖିଆଲମୁଖୀ ହୁଏ ଏବଂ ସ୍ୱାମୀଙ୍କୁ ବି ନିଜ ଖିଆଲର ଇନ୍ଧନ କରିନିଏ । ସେଥିରେ ସଂସାରରେ ସୁଖ ହୁଏନା, ପିଲାପିଲିମାନେ ଭଲ ହୁଅନ୍ତିନି । ସଂସାର ଭଲ କରି କରିବା ପାଇଁ ପୁରୁଷମାନଙ୍କର ପ୍ରବୃତ୍ତି-ଝୁଙ୍କଠାରୁ ଇଷ୍ଟ-ଝୁଙ୍କା ବେଶୀ ହେବା ଦରକାର । କୌଣସି ଜିନିଷର above (ଊର୍ଦ୍ଧ୍ୱରେ) ନ ରହିଲେ ତା' control (ନିୟନ୍ତ୍ରଣ) ବା enjoy (ଉପଭୋଗ) କରିହୁଏନା ।

ଉକ୍ତ ବ୍ୟକ୍ତି— ତା' କିପରି ?

ଶ୍ରୀଶ୍ରୀଠାକୁର— ଧର, ତୁମେ ପହଁରି ଜାଣନା, ବେଶୀ ପାଣି ଭିତରେ ପଡ଼ିଲେ ତୁମେ ବୁଡ଼ିଯାଅ । ସେଥିରେ କ'ଣ ତୁମେ ଅଥଳ ପାଣି ମଧ୍ୟରେ ପଡ଼ି ଆନନ୍ଦ ପାଅ ? ପହଁରା ଜାଣିଲେ କିନ୍ତୁ ଗଭୀର ଜଳ ପାଇଲେ ତୁମର ଆନନ୍ଦର ସୀମା ରହେନା । କାରଣ, ସେତେବେଳେ ଜଳ ତୁମର ଅଧୀନ, ତୁମେ ଜଳର ଅଧୀନ ନୁହଁ । ଇଷ୍ଟଙ୍କୁ ଆଙ୍କଡ଼ି ଧରି ରହି ତୁମେ ଯେତେଦୂର ପ୍ରବୃତ୍ତି ଉପରେ ରହିପାରିବ, ସେତେହିଁ ସଂସାର ତୁମର ଅଧୀନରେ ରହିବ । ଆଉ, ତୁମେ ସଂସାରରେ ରହିବି କିଛିଟା ତା'ର ଊର୍ଦ୍ଧ୍ୱରେ ରହିପାରିବ । ସଂସାର ନେଇ ସେତେବେଳେ ତୁମେ ବିବ୍ରତ ହେବନି, ଅଥଚ ଯା' କରଣୀୟ ତା' କରିବାରେ କୌଣସି ବାଧା ହେବନାହିଁ ।

ପ୍ରଶ୍ନ— ଏଇଟା ସମ୍ଭବ ହେବ କିପରି ? ଏହାର ବାସ୍ତବ ପଥ କ'ଣ ?

ଶ୍ରୀଶ୍ରୀଠାକୁର— ଇଷ୍ଟଙ୍କୁ ରଖିବାକୁ ହେବ ସର୍ବପ୍ରଥମ ଓ ସର୍ବପ୍ରଧାନ କରି ଜୀବନରେ । ଆଉ ଯାହା କିଛିର ସ୍ଥାନ ରହିବ ତାଙ୍କ ପରେ । ସେତେବେଳେ ଯାହା କିଛି ହିଁ ହେବ ଇଷ୍ଟାର୍ଥରେ । ସଂସାର କରିବାକୁ ଯାଇ ବି ଲକ୍ଷ୍ୟ ରହିବ— ତା' ଭିତର ଦେଇ ଇଷ୍ଟାର୍ଥ କେତେଦୂର ପରିପୂରିତ ହେଉଛି,— ତା' କେତେଦୂର ଇଷ୍ଟଙ୍କର ହୋଇଉଠିଛି । ସଂସାର ଭିତର ଦେଇ ଯଦି ଇଷ୍ଟାର୍ଥ-ସାଧନ ନ ହୁଏ, ତା'ହେଲେ ସେ ସଂସାର କରିବା ତ ଭୂତର ବେଗାରୀ ଖଟିବା । ଜୀବନହିଁ କୁହ, ସଂସାର ହିଁ କୁହ, ସବୁକିଛିର ସ୍ୱାର୍ଥ ବି ଇଷ୍ଟ, ପରମାର୍ଥ ବି ଇଷ୍ଟ । ଆମେ ଜାଣୁ ବା ନ ଜାଣୁ, ବୁଝୁ ବା ନ ବୁଝୁ— ଏହା ହେଲା fact (ବାସ୍ତବ ତଥ୍ୟ) । ଏଇଟା ଅଭ୍ୟାସରେ ଥିଲେ ଆଉ କୌଣସି ଭାବନା ନାହିଁ ।

*(ଆଲୋଚନା-ପ୍ରସଙ୍ଗ, ୫ମଖଣ୍ଡ, ତା୨୧.୦୫.୧୯୪୩)*

## ।। ଇଷ୍ଟାନୁରାଗର ପ୍ରଧାନ ପରଖ ।।

ଜଣେ ପଚାରିଲେ— ମଣିଷର ଇଷ୍ଟାନୁରାଗର ପ୍ରଧାନ ପରଖ କ'ଣ ?

ଶ୍ରୀଶ୍ରୀଠାକୁର— ଇଷ୍ଟଙ୍କ ପାଇଁ ହସହସ ମୁହଁରେ ଖୁସିମନରେ କିଏ କେତେ କଷ୍ଟ ସହିପାରେ, କେତେଦୂର ପ୍ରବୃତ୍ତିର ପ୍ରଲୋଭନ ଓ ଉତ୍ତେଜନା ଏଡ଼ାଇ ଚାଲିପାରେ; କେତେଦୂର ଖିଆଲ-ଖୁସି ବିସର୍ଜନ ଦେଇପାରେ; ତାଙ୍କୁ ଦେଇ ତାଙ୍କ ପାଇଁ କରିବାକୁ କା'କୁ କିପରି ଭଲ ଲାଗେ; ତାଙ୍କ ସନ୍ତୁଷ୍ଟି ପାଇଁ ଆତ୍ମନିୟନ୍ତ୍ରଣ କିଏ କେତେଟିକେ କରିପାରେ; ଅହଙ୍କାର, ଅଭିମାନ, ସ୍ୱାର୍ଥ, ଦ୍ୱେଷ, ହିଂସା ଓ ବୈରୀଭାବ କେତେଟା ତ୍ୟାଗ କରିପାରେ— ସେଇଟା ଦେଖିବାକୁ ହେବ । ମୁଁ ଯଦି ତୁମକୁ ଅତ୍ୟନ୍ତ ଅନାଦର କରେ ଏବଂ ଠିକ୍ ସେଇ ଏକ ସମୟରେ ତୁମେ ଯା'ଙ୍କ ପ୍ରତି ବିରୂପ ଏହିଭଳି କାହାକୁ ଯଦି ଖୁବ୍ ସମାଦର କରେ, ଦେଇ ଥୋଇ ଏବଂ ସେଥିରେ ଯଦି ତୁମ ମନରେ ଏତେଟିକେ ଈର୍ଷ୍ୟାର ସଞ୍ଚାର ନ ହୋଇ ଆନନ୍ଦର ସଞ୍ଚାର ହୁଏ, ତା'ହେଲେ ବୁଝାଯିବ, ତୁମର ଅନ୍ତରରେ ଅନୁରାଗର ଜାଗରଣ ହୋଇଛି । ପୁଣି, ତୁମେ ଯଦି ମତେ ଭଲପାଅ ଏବଂ କାହାକୁ ଯଦି ଦେଖ— ତୁମ ପ୍ରତି ବନ୍ଧୁଭାବାପନ୍ନ ଅଥଚ ମୋ ପ୍ରତି ବିରୂପ, ତା'ହେଲେ କିନ୍ତୁ ତା'ର ଲକ୍ଷେ ବନ୍ଧୁତ୍ୱ ତୁମ ନିକଟରେ ପ୍ରୀତିକର ଲାଗିବନି ।

*(ଆଲୋଚନା-ପ୍ରସଙ୍ଗ, ୫ମଖଣ୍ଡ, ତା୦୫.୦୪.୧୯୪୩)*

## ।। ଇଷ୍ଟପ୍ରୀତିର ଗୋଟେ ଲକ୍ଷଣ ।।

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ଇଷ୍ଟପ୍ରୀତିର ଗୋଟେ ଲକ୍ଷଣ ହେଲା, ପରିବେଶର ଭଲ ପାଇଁ ଗୋଟେ maddenning urge (ପାଗଳପଣିଆ ଆଗ୍ରହ-ଆକୂତି) । ସେଇ urge (ଆକୂତି) ତା'ର ଶକ୍ତିକୁ ଆହୁରି ଉଚ୍ଛଳ କରିତୋଳେ । .......... ଆଉ, ଏଇ ଯେ ପରିବେଶର ସେବାରେ ଉଦ୍ଦାମ ହୋଇଉଠେ, ତା'ର ପ୍ରଧାନ ଉଦ୍ଦେଶ୍ୟ ଥାଏ ଇଷ୍ଟଙ୍କ ତୃପ୍ତି-ଉତ୍ପାଦନ । ତେଣୁ, ସେବାର ଅହଙ୍କାର ବା ଆତ୍ମପ୍ରତିଷ୍ଠାର ବୁଦ୍ଧି ତା'କୁ କମ୍‌ହିଁ ଅଭିଭୂତ କରିପାରେ । ଏହାକୁ ହିଁ କହନ୍ତି ଯୋଗସ୍ଥ ହୋଇ କର୍ମ କରିବା । ଏହା ଭିତର ଦେଇ ହିଁ ଅର୍ଥ ଓ ପରମାର୍ଥର ସମନ୍ୱୟ ହୁଏ ଜୀବନରେ ।

ଜଣେ ପ୍ରଶ୍ନ କରିଲେ— ଅର୍ଥ ଓ ପରମାର୍ଥର ସମନ୍ୱୟ କହିଲେ କ'ଣ ବୁଝିବୁ ?

ଶ୍ରୀଶ୍ରୀଠାକୁର— ଆପଣ ଯଦି ପ୍ରକୃତ ସେବାପରାୟଣ ହୁଅନ୍ତି, ଆପଣଙ୍କୁ ଦେଇ ଯଦି ବହୁ ଲୋକ ବାସ୍ତବରେ ଉପକୃତ ହୁଅନ୍ତି, ତା'ହେଲେ ପ୍ରାକୃତିକ ନିୟମରେ ଆପଣ ଆର୍ଥିକ ସମସ୍ୟାର ସ୍ୱତଃହିଁ ସମାଧାନ ହେବା କଥା । କାରଣ, ଅର୍ଥ ଆସେ ସେବା ଓ ପ୍ରୟୋଜନ ପୂରଣର ଭିତର ଦେଇ । ପୁନଶ୍ଚ, ସେହି ସେବା ପଛରେ ଆତ୍ମସ୍ୱାର୍ଥ ଓ ଆତ୍ମପ୍ରତିଷ୍ଠାର ବୁଦ୍ଧି ନ ଥାଇ ଇଷ୍ଟସ୍ୱାର୍ଥ ଓ ଇଷ୍ଟପ୍ରତିଷ୍ଠାର ବୁଦ୍ଧି ଯଦି ପ୍ରବଳ ହୁଏ ତେବେ ତା' ଭିତର ଦେଇହିଁ ଆସେ ପରମାର୍ଥ ଅର୍ଥାତ୍ ଇହ ଜୀବନର ସାର୍ଥକତା । ପ୍ରବୃତ୍ତି-ପରାମୃଷ୍ଟ ସ୍ୱାର୍ଥପର ସଂକୀର୍ଣ୍ଣ ଜୀବନ ଇଷ୍ଟସ୍ୱାର୍ଥକତାରେ ଭୂମାୟିତ ପରିବ୍ୟାପ୍ତି ଲାଭ କରେ । ଜୀବନ ସଫଳ ହୋଇଯାଏ, ଆଉ ତାହାହିଁ ତ ପରମାର୍ଥ । *(ଆଲୋଚନା-ପ୍ରସଙ୍ଗ, ୫ମଖଣ୍ଡ, ତା୧୫.୧୦.୧୯୪୩)*

## ।। ଇଷ୍ଟଙ୍କୁ ଅନୁସରଣ କରି ଚାଲିଲେ କ'ଣ ହୁଏ ?

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ମଣିଷ ଯଦି ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଇଷ୍ଟଙ୍କୁ ପାଏ ଓ ସକ୍ରିୟ ନିଷ୍ଠାରେ ତାଙ୍କୁ ଅନୁସରଣ କରି ଚାଲେ, ତେବେ ଧର୍ମ, ଅର୍ଥ, କାମ, ମୋକ୍ଷ ସବୁହିଁ ତା'ର ଜୀବନରେ ସହଜଲଭ୍ୟ ହୋଇଉଠେ । ମୋକ୍ଷ ମାନେ ପ୍ରବୃତ୍ତିର ଅଭିଭୂତି ଓ ବନ୍ଧନରୁ ମୁକ୍ତି । ମଣିଷର ଇଷ୍ଟାନୁରାଗ ଯେଉଁ ପରିମାଣରେ ବୃଦ୍ଧିପାଏ, ତା'ର ମୋକ୍ଷ ବି ଲାଭ ହୁଏ ତଦନୁପାତିକ । ମୋକ୍ଷ ମାନେ ଯଦି କେହି ବୁଝେ ଇହବିମୁଖତା, ତାହା କିନ୍ତୁ ଠିକ୍ ନୁହେଁ । ବରଂ ଆମମାନଙ୍କର ଘର, ସଂସାର, ସମାଜ ଓ ପରିବେଶକୁ ଏପରି କରି ନିୟନ୍ତ୍ରିତ କରିବାକୁ ହେବ ଯା' ଦେଇ ତାହା ଇଷ୍ଟଙ୍କର ହିଁ ଲୀଳାକ୍ଷେତ୍ର ହୋଇଉଠିବ ।

*(ଆଲୋଚନା-ପ୍ରସଙ୍ଗ, ୫ମଖଣ୍ଡ, ତା୦୫.୦୧.୧୯୪୪)*

## ।। କୋଉ ବୃତ୍ତି ଇଷ୍ଟଙ୍କ ଅନୁକୂଳ ବା ପ୍ରତିକୂଳ ?

କଥାପ୍ରସଙ୍ଗରେ ଜଣେ ପଚାରିଲେ— ମୋର କୋଉ ବୃତ୍ତି ଇଷ୍ଟଙ୍କ ଅନୁକୂଳ ଆଉ କୋଉ ବୃତ୍ତି ଇଷ୍ଟଙ୍କ ପ୍ରତିକୂଳ, ତା' ଧରିବି କିପରି ?

ଶ୍ରୀଶ୍ରୀଠାକୁର— ମୋ ନିଜର ସ୍ୱାର୍ଥ-ପ୍ରତିଷ୍ଠା ବୁଝୁ ତ ! ସେଇ ଭିତ୍ତିରେ ଛିଡ଼ା ହୋଇ ଇଷ୍ଟଙ୍କ ସ୍ୱାର୍ଥ-ପ୍ରତିଷ୍ଠାକୁ ଯଦି ମୋର ଏକମାତ୍ର କାମ୍ୟ ବସ୍ତୁ କରିନିଏ, ସେତେବେଳେ କଷି କଷି ଠିକ୍ କରି ନେଇ ପାରିବି— ବଣିଆ ଯେପରି କଷ୍ଟି ପଥରେ ଘଷି ଘଷି ସୁନା କରିନିଏ । ଏହା ହେଲା ବିଚାରର ଦଣ୍ଡିପଲା । ଇଷ୍ଟଙ୍କ ସ୍ୱାର୍ଥ ଓ ପ୍ରତିଷ୍ଠା ଦୁଇଦିଗହିଁ ବଜାୟ ରହିବା ଦରକାର । ଚୋରି କରି ଟଙ୍କା ଆଣି ଇଷ୍ଟଙ୍କୁ ଦେଲି, ସେଥିରେ ତାଙ୍କର ସ୍ୱାର୍ଥର ପଲ୍ଲା ଭାରି ହେଲା, କିନ୍ତୁ ପ୍ରତିଷ୍ଠାର ପଲ୍ଲା ହାଲ୍‌କା ହୋଇଗଲା, ଲୋକେ କହନ୍ତି ବିରାଡ଼ି— ଅମୁକ ଚୋରର ଗୁରୁ— ତା' କିନ୍ତୁ ଠିକ୍ ନୁହେଁ । ପୁନଶ୍ଚ ତାଙ୍କ ପ୍ରତିଷ୍ଠା କରିବାକୁ ଯାଇ ଯଦି ତାଙ୍କ ସ୍ୱାର୍ଥକୁ ବ୍ୟାହତ କରେ ତା' ବି ହେବନି । ଇଷ୍ଟ-ପ୍ରତିଷ୍ଠା ଉଦ୍ଦେଶ୍ୟରେ ଗୋଟେ ଜାଗାରେ ଗୋଟେ ହସ୍‌ପିଟାଲ କଲି । ଆଉ ତା'ର ଦାୟିତ୍ୱ ଚାପି ଦେଲି ଇଷ୍ଟଙ୍କ କାନ୍ଧରେ । ତାଙ୍କର ସେତେବେଳେ ପ୍ରାଣ ଉପରେ ଦେଇଯାଏ । ତେଣୁ balanced way ରେ (ସାମ୍ୟସଙ୍ଗତ ପନ୍ଥାରେ) ଦୁଇ ଦିଗହିଁ ଦେଖିବାକୁ ହେବ । ଇଷ୍ଟସ୍ୱାର୍ଥପ୍ରତିଷ୍ଠାହିଁ ହେଲା ସଂସାର-ସମୁଦ୍ରରେ ଏକମାତ୍ର compass(ଦିଗ୍‌ଦର୍ଶନ ଯନ୍ତ୍ର) । ସେଇଟିକୁ ହିଁ ସଙ୍ଗ କରି ନେଇ ଯେଉଁ ଦରିଆକୁ କୁଦା ମାର, ଦିଗହରା ହେବ ନାହିଁ । ଘରର ପୁଅ ଘରକୁ ଫେରି ଆସିପାରିବ । ବୃତ୍ତି ତୁମର ବାହନ ହେବ । *(ଆଲୋଚନା-ପ୍ରସଙ୍ଗ, ୬ଷ୍ଠଖଣ୍ଡ, ତା୨୬.୧୨.୧୯୪୫)*

## ।। ଇଷ୍ଟଙ୍କ ଚରଣପୂଜା ମାନେ ?

ଶ୍ରୀଶ୍ରୀଠାକୁର ନିଜ ମନକୁମନ କହିଲେ— ଚରଣ-ପୂଜା ମାନେ ଚଳନ-ପୂଜା । ଇଷ୍ଟଙ୍କ ଚଳନଟାକୁ ନିଜ ଜୀବନରେ ଆୟତ୍ତ କରି ସେଇ ଚଳନର ପ୍ରସାରତା ଓ ସମ୍ବର୍ଦ୍ଧନା ଯଦି ନ ଘଟାଅ ବାସ୍ତବରେ, ତା'ହେଲେ କିନ୍ତୁ ତାଙ୍କର ଚରଣ-ପୂଜା ସାର୍ଥକ ହୁଏନା । (ସହାସ୍ୟେ) ଆମେମାନେ ଫାଙ୍କତାଳରେ କାମ ସାରିବାକୁ ଚାହୁଁ, କିନ୍ତୁ ବିଧି ବଡ଼ କଠିନ ବନ୍ଧା, କୌଣସି ଚାଲାକି ଚଳେନା ତା' ପାଖରେ । *(ଆଲୋଚନା-ପ୍ରସଙ୍ଗ, ୪ର୍ଥଖଣ୍ଡ, ତା୨୯.୧୨.୧୯୪୨)*

କର୍ମୀଦର୍ପଣ

# ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣପ୍ରାନ୍ତେ କର୍ମୀ-ସମ୍ମେଳନ

ଏକ ସମୟ ଥିଲା ଯେତେବେଳେ ପୁଣ୍ୟତୀର୍ଥ ଦେଓଘର ସତ୍ସଙ୍ଗ ଆଶ୍ରମରେ ଅନୁଷ୍ଠିତ ଗୋଟେ ଗୋଟେ ଉତ୍ସବ ବା ଋତ୍ୱିକ୍ ଅଧିବେଶନରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ସାନ୍ନିଧରେ ସମାଗତ କର୍ମୀମାନଙ୍କ ବୈଠକ ଅନୁଷ୍ଠିତ ହେଉଥିଲା । ଋତ୍ୱିଗାଚାର୍ଯ୍ୟ ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ କର୍ମୀମାନେ ଶ୍ରୀଶ୍ରୀଠାକୁରଙ୍କ ପଦପ୍ରାନ୍ତେ ବସି ତାଙ୍କ ଶ୍ରୀମୁଖରୁହିଁ ଜାଣି ନେଉଥିଲେ ସେମାନଙ୍କ ଚଲାର ପଥନିର୍ଦ୍ଦେଶ । ଆଜିକାର ଦିନର କର୍ମୀ ଯେଉଁମାନେ, ସେମାନଙ୍କର ଇଷ୍ଟୀଚଳନକୁ ଅବିକୃତ ଓ ଅବ୍ୟାହତ ରଖିବାକୁ ଏବଂ ଇଷ୍ଟାର୍ଥ ସାଧନକୁ ଅମୋଘ କରି ତୋଳିବାକୁ ସେଇ ସବୁ ନିର୍ଦ୍ଦେଶ ଆଜିବି ସମାନ ଗୁରୁତ୍ୱର ସହିତ ଅନୁସରଣୀୟ ।

## (ଚାରି)

ବେଶ୍ କରି ଆଲୋଚନା କର, ତୁମେମାନେ ପ୍ରତିପ୍ରତ୍ୟେକେ କ'ଣ ଥିଲ, କିପରି କରି କ'ଣ ହେଲ ଆଉ କେତେ କ'ଣ ହେବାର ସମ୍ଭାବନା ତୁମମାନଙ୍କ ଭିତରେ ଉଙ୍କି ମାରୁଛି— ତା' ସକ୍ରିୟ ଅନୁଶୀଳନ ଭିତର ଦେଇ ଜୀବନରେ କେତେ ଶୀଘ୍ର କେତେଦୂର ବାସ୍ତବାୟିତ କରି ତୋଳି ପାରିହୁଏ— ଆହୁରି ଦିଗରେ, କି ଚଳନରେ ।

ଶ୍ରଦ୍ଧୋଚ୍ଛଳ ଇଷ୍ଟାନୁରାଗ-ଅନ୍ୱିତ ହୋଇ ବିହିତଭାବେ ସଦାଚାରସମୂହ ପାଳନର ସହିତ ଯାଜନ ଓ ଇଷ୍ଟଭୃତି-ପରାୟଣ ହୋଇ ଜପ-ଧ୍ୟାନାଦି ନିତ୍ୟ ନିୟମିତଭାବେ ପାଳନ କରି ଆତ୍ମନିୟନ୍ତ୍ରଣହିଁ ହେଉଛି ଆମମାନଙ୍କ ବ୍ୟକ୍ତି ଓ କର୍ମଶକ୍ତିର ଉଦ୍ବୋଧନାର ଆଲମ୍ବନ ଭିତ୍ତି । ତେଣୁ ଆମମାନଙ୍କର ପ୍ରଥମ ଓ ମୁଖ୍ୟ କରଣୀୟ ହିଁ ହେଉଛି— ଦୀକ୍ଷିତଙ୍କ ସଂଖ୍ୟା ସର୍ବତୋଭାବେ ଦ୍ରୁତ ବୃଦ୍ଧିପର କରିତୋଳିବା— ସେଥିରେ ବଢ଼ିବ ଆତ୍ମୋନ୍ନତି, ପାରସ୍ପରିକ ସଂହତି, ଅନୁବେଦନା ଓ ସମ୍ବର୍ଦ୍ଧନୀ ଚଳନ— ଆଉ ବଢ଼ିବ ଆଶ୍ରୟ, ସାହସ ଓ ପରାକ୍ରମୀ ବୋଧନା ।

ଦୈନନ୍ଦିନ କ୍ରମବର୍ଦ୍ଧିପର ପରିଚର୍ଯ୍ୟାରେ ଦରକାର ଆମମାନଙ୍କର ସେଇ ଇଷ୍ଟଭୃତି ନିବେଦନ— ଯା' ଦେଇ ତୁମମାନଙ୍କର ପ୍ରେଷ୍ଠ ଯିଏ ସିଏ ଇଚ୍ଛାନୁକ୍ରମେ ଯେଉଁଠାରେ ତାଙ୍କର ଯେଉଁଭଳି ପ୍ରୟୋଜନ ତା' କରିପାରନ୍ତି । ଏହି ଅବଦାନର ଭିତର ଦେଇ ତାଙ୍କୁ ଯେତେହିଁ ଅବାଧ କରି ତୋଳିପାରିବ, ତୁମମାନଙ୍କର ସମ୍ବର୍ଦ୍ଧନୀ ଗତି ସେତେହିଁ ଅବାଧ ହୋଇଉଠିବ— ଅନୁସରଣର ଭିତର ଦେଇ ଯୋଗ୍ୟତାରେ ଉଦ୍ଭିନ୍ନ ହୋଇ— ବ୍ୟକ୍ତିତ୍ୱର ସୁକେନ୍ଦ୍ରିକ ପରିପୁଷ୍ଟିରେ ।

ଆହୁରିବି ଦରକାର ପ୍ରତିମାସରେ ସେଇ ଇଷ୍ଟଭୃତିର ଅନୁଗ-ଅବଦାନ— ଭ୍ରାତୃଭୋଜ୍ୟ, ଭୂତଭୋଜ୍ୟ ଓ ସଂଗଠନୀର ଯଥାଯଥ ନିବେଦନ— ଯେଉଁଥିରେ ଇଷ୍ଟଭ୍ରାତା ଓ ପରିବେଶର ଯଥାସାଧ୍ୟ ସମ୍ପୋଷଣାରେ ସେମାନେ ଜୀବନଧାରଣ କରି, ସୁକେନ୍ଦ୍ରିକ ଓ ତତ୍ପରତାରେ ଯୋଗ୍ୟତାର ଅନୁଶୀଳନରେ ଉପଯୁକ୍ତ ହୋଇ, ଆତ୍ମନିର୍ଭରଶୀଳ ହୋଇ ଅନ୍ୟ ଅପଟୁକୁ ସମବେତ ଅନୁଚର୍ଯ୍ୟାରେ ପଟୁ କରି ଉଦ୍ଗତିସମ୍ପନ୍ନ କରି ତୋଳିପାରନ୍ତି ।

ତୃତୀୟତଃ ହେଉଛି ସ୍ୱସ୍ତ୍ୟୟନୀ-ବ୍ରତ ପାଳନ । ଅର୍ଘ୍ୟ ଅବଦାନର ସହିତ ଆମେମାନେ ଯେପରି ସର୍ବତୋଭାବେ ଭଲ ରହିପାରୁ ଏହାର ପାଞ୍ଚୋଟି ନୀତିର ପରିଚର୍ଯ୍ୟା ଭିତର ଦେଇ— ବାସ୍ତବ ସ୍ୱସ୍ତିରେ, ଆମମାନଙ୍କର ଅସ୍ତିତ୍ୱ ସେପରି କରିତୋଳିବା— ସଂରକ୍ଷଣାରେ, ସମ୍ପୋଷଣାରେ, ସମ୍ପୂରଣାରେ ।

ତା'ପରେହିଁ ହେଉଛି, ଯିଏ ଯେପରି ପାରେ କୃଷ୍ଟିବାନ୍ଧବ ବା କୃଷ୍ଟିପ୍ରହରୀ ଅନୁଚର୍ଯ୍ୟା କରିବା— ଯେଉଁ ଅନୁନୟନ ଭିତର ଦେଇ ଆମେମାନେ ପ୍ରତିପ୍ରତ୍ୟେକେ ଜୀବନବୃଦ୍ଧିର କୃଷ୍ଟିରେ ସଂକର୍ଷିତ ହୋଇ ଆହୁରିରେ ଉଦ୍ଗତିସମ୍ପନ୍ନ ହୋଇ ଉଠିପାରିବା,— ସେଥିପାଇଁ ଯେଉଁଠାରେ ଯେଉଁଭଳି କରିବା ପ୍ରୟୋଜନ ତା' ଯେପରି କରେ ।

ଆହୁରିବି କଥା ହେଉଛି— ଋତ୍ୱିକୀ ଅର୍ଘ୍ୟ-ଅବଦାନ- ଯା'ର ଯେଉଁଭଳି ସମ୍ଭବ । ଯେଉଁମାନେ ତୃପ୍ତି ଓ ଆତ୍ମପ୍ରସାଦ ଲାଭ କରନ୍ତି, ସେମାନେ ଯଦି ଏହି ଋତ୍ୱିକୀ କରି ଋତ୍ୱିକ୍ମାନଙ୍କର ଭାର ଗ୍ରହଣ କରନ୍ତି, ତେବେ ଏହି ଯଜମାନମାନଙ୍କର ପାଳନ ଓ ବର୍ଦ୍ଧନ କରିବାହିଁ ଋତ୍ୱିକ୍ମାନଙ୍କର ଉପଜୀବିକା ହୋଇଉଠିବ । ଏହି ସଂଖ୍ୟା ଯେତେ ବୃଦ୍ଧି ଲାଭ କରିବା, ସେତେହିଁ ଧୃତି ପୋଷଣ-ପ୍ରଦୀପ୍ତ ହେବ । ସେମାନଙ୍କର ଏହି ଯଜମାନୀ ଯାଜନ ଓ ଅନୁଚର୍ଯ୍ୟାର ଭିତର ଦେଇ ସେମାନଙ୍କର ଯେତେ ହିଁ ଅନ୍ତଃ ଓ ବହିଃ

ସଙ୍ଗତିଶାଳିନ୍ୟରେ ସର୍ବତୋମୁଖୀ ଉନ୍ନତିପର କରି ତୋଳିପାରିବ, ଆତ୍ମପୋଷଣ ସେଥିରେ ସମୃଦ୍ଧ ହୋଇଉଠିବ । ତେଣୁ ଯଜମାନର ଜୀବନହିଁ ହେଉଛି ଋତ୍ୱିକ୍ ପକ୍ଷେ ସିଧାସଳଖ ସ୍ୱାର୍ଥ ।

ତା'ଛଡ଼ା, ଆହୁରିବି କହେ, ନିଜର ହୃଦୟ-ଉସାରୀ ଅବଦାନ– ଯେହିଁ ହେଉନା କାହିଁକି– ଯଦି କେହି କିଛି ଦେଇ ଆତ୍ମପ୍ରସାଦ ଲାଭ କରନ୍ତି– ତା' ଏକକାଳୀନହିଁ ହେଉ, ଇଚ୍ଛାମତ ଯେତେବେଳେହିଁ ହେଉ– ଅର୍ଥ, ଜମି, ଜାଗା, ଯା'ହିଁ ହେଉନା କାହିଁକି, ସେଗୁଡ଼ିକୁ ସଂଗ୍ରହ କରି ଯେପରି ଆଦର୍ଶ, ଧର୍ମ ଓ କୃଷ୍ଟିର ଅନ୍ୱିତ ଅନୁଚର୍ଯ୍ୟାରେ ଲୋକବର୍ଦ୍ଧନାରେ ନିୟୋଜିତ ହୁଏ, ତା' କରି ଚାଲିବା ।

ଆଉ ଦରକାର ଦୀକ୍ଷୋତ୍ତର ଯଜନ-ଅନୁଶୀଳନୀ ଯାଜନ– ଯା' ଭିତର ଦେଇ ପ୍ରତିଟି ଦୀକ୍ଷିତ ସକ୍ରିୟଭାବେ ଆତ୍ମ ଓ ପର ନିୟମନରେ ଅକାଟ୍ୟ ହୋଇଉଠେ ।

ତା'ର ସହିତ, ପ୍ରତ୍ୟେକ ଋତ୍ୱିକ୍ ପାରସ୍ପରିକ ସହଯୋଗିତା ସମ୍ପନ୍ନ ହୋଇ ପ୍ରତ୍ୟେକର ସ୍ୱାର୍ଥରେ ପ୍ରତ୍ୟେକେ ସ୍ୱାର୍ଥାନ୍ୱିତ ହୋଇ ସୌହାର୍ଦ୍ଦ୍ୟ ସମ୍ପ୍ରୀତି ଉଚ୍ଛଳ କରି ଚାଲିବାହିଁ ଇଷ୍ଟକର୍ମ ନିରତିର ପ୍ରଥମ ଓ ପ୍ରଧାନ ଉତ୍ସ– ଯା' ଫଳରେ, ଅସ୍ତି-ବୃଦ୍ଧିକୁ ପ୍ରତିଟି ପଦକ୍ଷେପର ଭିତର ଦେଇ ନିୟମନ କରି ଜୀବନକୁ ଉପଭୋଗ କରିପାରି ହୁଏ– ବଳରେ, ଭରସାରେ, ବିକ୍ରମରେ– କର୍ମନିରତିର ଅଦମ୍ୟ ଉତ୍ସାହରେ ।

ସତ୍‌ସଙ୍ଗର ଯେକୌଣସି ବ୍ୟାପାରହିଁ କରେନା କାହିଁକି, ତା' ଋତ୍ୱିକ୍, ଅଧ୍ୱର୍ଯ୍ୟୁ ଓ ଯାଜକମାନେ ବ୍ୟକ୍ତିଗତ ଆତ୍ମୋତ୍ସର୍ଗୀ ଅନୁଚର୍ଯ୍ୟାର ଭିତର ଦେଇ ନିଜେ କରିଲେ, ସେମାନଙ୍କର ସେ ଭାବ ଓ ଦୃଷ୍ଟାନ୍ତ ସମସ୍ତଙ୍କ ଭିତରେ ସଞ୍ଚାରିତ ହୋଇ ସମସ୍ତଙ୍କୁ କୃତୀ ଓ ସମର୍ଥ କରିତୋଳିବ– ହୃଦ୍ୟ, ପ୍ରୀତିପୂର୍ଣ୍ଣ ଉଦ୍‌ବର୍ଦ୍ଧନୀ ଓ ଉଦ୍‌ବର୍ତ୍ତୀ ଆହରଣର ଭିତର ଦେଇ ।

ଫଳକଥା, ବର୍ଦ୍ଧନାର ପଥରେ ଯା'କିଛି ଏବେବି କରିପାରି ହୋଇନି ବ୍ୟକ୍ତିଗତଭାବେ– ତା' ବହିର୍ଜଗତରେହିଁ ହେଉ, ଆଉ ଅନ୍ତର୍ଜଗତରେହିଁ ହେଉ ବୈଧୀ ସୁନିୟମନାରେ ସେଗୁଡ଼ିକୁ ଯଥୋପଯୁକ୍ତ ଭାବେ କରି ତୋଳିବାହିଁ ଆମମାନଙ୍କ ଜୀବନ-ସମ୍ବେଗ ହୋଇଉଠୁ ।

ଏହିଗୁଡ଼ିକ ପ୍ରତ୍ୟେକ ଋତ୍ୱିକ୍, ଅଧ୍ୱର୍ଯ୍ୟୁ ଓ ଯାଜକର ଅନ୍ତଃକରଣରେ ସ୍ୱତଃସନ୍ଦୀପ୍ତ ପ୍ରଦୀପନାରେ ଏପରି କରି ଗୁନ୍ଥି ତୋଳିବାକୁ ହେବ, ଯେଉଁଥିରେ ସେମାନଙ୍କର ସ୍ୱାଭାବିକ ଚଳନ ମଧ୍ୟରେ ଆଦର୍ଶ, ସତ୍ତାଧର୍ମ ଓ କୃଷ୍ଟିର ଅନୁବେଦନୀ ସମ୍ବେଗ ସ୍ୱତଃ-ଜାଗ୍ରତ ହୋଇଥାଏ, ଯେଉଁଥିରେ ପ୍ରତିମୁହୂର୍ତ୍ତରେ ସେମାନେ କର୍ମର ଭିତର ଦେଇ ଏଗୁଡ଼ିକୁ ମୂର୍ତ୍ତ କରି ତୋଳିପାରନ୍ତି । ଏହା ହେଉଛି ସାରକଥା ।

**ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ନିର୍ଦ୍ଦେଶକ୍ରମେ ୨୯୨ତମ ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍-ସମ୍ମେଳନରେ ସ୍ଥିରୀକୃତ ଏହି ଅନୁଷ୍ଠାନରେ ଅଞ୍ଚଳଭିତ୍ତିକ ଆନନ୍ଦବଜାରର ପୂତ ଦାୟିତ୍ୱର ସୂଚୀ :**

| ଅନୁଷ୍ଠାନର ନାମ | ଅନୁଷ୍ଠାନ ସ୍ଥଳ | ତାରିଖ | ଆନନ୍ଦବଜାରର ଦାୟିତ୍ୱପ୍ରାପ୍ତ ରାଜ୍ୟ/ଜିଲ୍ଲା |
|---|---|---|---|
| ୧- ୨୯୨ତମ ସର୍ବଭାରତୀୟ | ସତ୍‌ସଙ୍ଗ, ଦେଓଘର | ୧୩-ଜୁଲାଇ, ୨୦୧୩ | ଦିନାଜପୁର ଜିଲ୍ଲା ସତ୍‌ସଙ୍ଗ |
| ସତ୍‌ସଙ୍ଗ ଋତ୍ୱିକ୍-ସମ୍ମେଳନ | ସତ୍‌ସଙ୍ଗ, ଦେଓଘର | ୧୪-ଜୁଲାଇ, ୨୦୧୩ | ବାଙ୍କୁଡ଼ା ଜିଲ୍ଲା ସତ୍‌ସଙ୍ଗ |
| ୨- ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ୧୨୦ତମ ଆବିର୍ଭାବ ତିଥି | ସତ୍‌ସଙ୍ଗ, ଦେଓଘର | ୩-ଅଗଷ୍ଟ, ୨୦୧୩ | ହୁଗୁଳି ଜିଲ୍ଲା ସତ୍‌ସଙ୍ଗ |
| ୩- ଶ୍ରୀଶ୍ରୀଠାକୁରଙ୍କ ଶ୍ରୀବୈଦ୍ୟନାଥଧାମକୁ ୬୮ତମ ଶୁଭାଗମନ ସ୍ମରଣୋତ୍ସବ | ସତ୍‌ସଙ୍ଗ, ଦେଓଘର | ୨-ସେପ୍ଟେମ୍ବର, ୨୦୧୩ | ଝାଡ଼ଖଣ୍ଡ ରାଜ୍ୟ ସତ୍‌ସଙ୍ଗ |

*ସତ୍‌ସଙ୍ଗ ସମ୍ପାଦକ*
*୧୫.୦୪.୨୦୧୩*

ମାତୃଜଗତ

# ଯେକୌଣସି ନାରୀ ଯେକୌଣସି ପୁରୁଷକୁ ବିବାହ କରିପାରେନା କାହିଁକି ?

## ।। ନାରୀର ସାନ୍ନିଧରେ ପୁରୁଷର କ'ଣ ହୁଏ ?

ଝିଅମାନେ ଯେପରି ନୀଚକୁ ଟାଣନ୍ତି । Gravity (ଅଭିକର୍ଷ) ଅଛି । ତେଣୁ ପୁରୁଷର ମନକୁ ସ୍ୱଭାବତଃହିଁ କିଛିଟା ନିମ୍ନଗାମୀ କରିଦେଲେ । ପୁରୁଷର ସାନ୍ନିଧ୍ୟରେ ନାରୀମାନଙ୍କର ଅବଶ୍ୟ କିଛିଟା ଭଲ ହୋଇପାରେ । କବୀର ସାହେବଙ୍କର କ'ଣ ଯେ କଥା ଅଛି–

'ଦୁନିୟା ମେଁ ଲୋଗ ସବ ବାଉରା ହୋକେ
ଘର ଘର ବାଘିନୀ ପୋଷେ,
ଦିନକା ମୋହିନୀ ରାତକା ବାଘିନୀ
ପଲପଲ ଲୋହୁ ଚୋଷେ ।'

ଅବଶ୍ୟ ସମସ୍ତେ ସେପ୍ରକାର ନୁହଁନ୍ତି ।

ପ୍ରଶ୍ନ– ସାଂସାରିକ ଜୀବନରେ ଏମାନଙ୍କୁ ବାଦ୍ ଦେଇ ତ ଚଳି ହୁଏନା !

ଶ୍ରୀଶ୍ରୀଠାକୁର– ସାଂସାରିକ ଜୀବନରେ ଚାଲିବାକୁ ହେଲେ ପୁରୁଷର ଖର୍ଚ୍ଚ ମଧ୍ୟ ଦେଇ ଚାଲିବାକୁ ହୁଏ । ଉଠେ ପୁଣି ଖସେ । ଖର୍ଚ୍ଚ ହୁଏ, ପୁନଶ୍ଚ ତା' ପୂରଣ କରିବାକୁ ହୁଏ । ଅବଶ୍ୟ ପୁରୁଷର ସଂସର୍ଗରେ ସେମାନେ ଯେତେଟା ଉନ୍ନତ ହୁଅନ୍ତି, ସେତେଟା ସୁବିଧା ହୁଏ ।

*(ଆଲୋଚନା-ପ୍ରସଙ୍ଗ, ୧୬ଶଖଣ୍ଡ, ତା୩୦।୦୩।୧୯୪୯)*

## ।। ନାରୀର ବହୁ ବିବାହରେ କ'ଣ ଦୋଷ ହୁଏ ?

ସେଥିରେ ସୁପ୍ରଜନନ ଦିଗରୁ ଭଲ ହୁଏନା । ସ୍ତ୍ରୀ ଯଦି concentric (ସୁକେନ୍ଦ୍ରିକ) ନହୁଏ, ତେବେ ତା'ର secretion (କ୍ଷରଣ) ଠିକ୍ ହୁଏନା । ସେ proper nurture (ଯଥାର୍ଥ ପୋଷଣ) ଦେଇପାରେନା । ସେ ଯେତେ ଏକନିଷ୍ଠ ସ୍ୱାମୀଭକ୍ତିପରାୟଣ ହୁଏ, ସେତେ ହିଁ ସନ୍ତାନକୁ ଉପଯୁକ୍ତ ପୋଷଣ ଦେଇପାରେ । ଝିଅମାନଙ୍କର ବହୁ ବିବାହର ଅଧିକାର ନାହିଁ । ତା' ବୋଲି ସେମାନଙ୍କର ଶକ୍ତି ଯେ କମ୍, ତା' ନୁହେଁ । ସେମାନଙ୍କର ସ୍ନାୟୁର ତୁଳନା ନାହିଁ । ସେମାନଙ୍କର ପ୍ରତ୍ୟେକଟି କୋଷ କେତେଦୂର ସହନଶୀଳ । ପୁରୁଷର ସେ ଦିଗରୁ ସେମାନଙ୍କ ସଙ୍ଗେ ତୁଳନାହିଁ ହୁଏନା । ସନ୍ତାନ ପାଳନର ଉପଦ୍ରବ ସେମାନେ ଯେପରି କରି ନେଇ ପାରନ୍ତି, ପୁରୁଷ ପକ୍ଷେ ତା' ଅସମ୍ଭବ । ସେମାନଙ୍କର ବହୁ ବିବାହ ଯେ ନିଷିଦ୍ଧ ତା' law of nature (ପ୍ରକୃତିର ବିଧି) ଅନୁଯାୟୀ । ଏହାର ମାନେ ଏହା ନୁହେଁ ଯେ ସେମାନେ ପୁରୁଷଠାରୁ ନିକୃଷ୍ଟ ।...... ସୁପ୍ରଜନନର ଦିଗରୁ ଦ୍ରୌପଦୀର ପଞ୍ଚସ୍ୱାମୀ ଥିବାରୁ ଫଳ ଭଲ ହୋଇନି । ଆମେ ଚାହୁଁ– ଜଣକ ପାଇଁ ଅର୍ଥାତ୍ ଜଣକର ପରିପୂରଣାର୍ଥେ ସମସ୍ତଙ୍କୁ ଭଲପାଇବାକୁ । ନଚେତ୍ ବିଚ୍ଛିନ୍ନତା ଓ ବିକେନ୍ଦ୍ରିକତା ଆସିଯାଏ ।

*(ଆଲୋଚନା-ପ୍ରସଙ୍ଗ, ୧୬ଶଖଣ୍ଡ, ତା୧୭।୦୭।୧୯୪୯)*

## ।। ସ୍ତ୍ରୀକୁ ସ୍ୱାମୀର ପୋଷଣ କରିବାକୁ ହେବ କି ନା ?

ହଁ ! ସ୍ୱାମୀର ସ୍ତ୍ରୀକୁ ପୋଷଣ କରିବାକୁ ହେବ । କିନ୍ତୁ ସ୍ତ୍ରୀର ଯେ ସ୍ୱାମୀକୁ ପୋଷଣ କରିବାକୁ ହେବନି ତା' ନୁହେଁ । କର୍ତ୍ତବ୍ୟଟା କେବଳ ସ୍ୱାମୀର ନୁହେଁ, ସ୍ତ୍ରୀର ବି ଅଛି । ସାଧାରଣତଃ ସ୍ତ୍ରୀ ଯଦି କାୟମନୋବାକ୍ୟରେ ପୋଷଣୀ ଓ ସହନଶୀଳ ହୁଏ, (ତେବେ) ସ୍ୱାମୀପୂରଣୀ ହୁଏହିଁ । ସ୍ତ୍ରୀ ସ୍ୱାମୀକୁ ପୋଷଣ ନ ଦେଲେ ସ୍ୱାମୀର ପୂରଣ ପ୍ରବୃତ୍ତି ଓ ପୂରଣ କ୍ଷମତା ଶିଥିଳ ହୋଇଯାଏ । ତେବେ ସାଧ୍ୟମତ ତା'ର କର୍ତ୍ତବ୍ୟ ସେ କରିବାହିଁ ଭଲ ।

*(ଆଲୋଚନା-ପ୍ରସଙ୍ଗ, ୧୬ଶଖଣ୍ଡ, ତା୧୮।୦୭।୧୯୪୯)*

## ।। ସନ୍ତାନର ଜନ୍ମ ଏକ ଆକସ୍ମିକ ଘଟଣା ହେଲେ କ'ଣ ହୁଏ ?

Accidentରେ (ଆକସ୍ମିକଭାବେ) ଯା' ଜନ୍ମାଏ ତା' ବନ୍ୟ; ବିହିତ ସୁଫଳପ୍ରଦ ଚାଷରେ ଯା' ଜନ୍ମେ ତା' ପୁଣ୍ୟ । ପ୍ରବୃତ୍ତି-ଲାଳସାରେ ଅବିଧିପୂର୍ବକ ଉପଗତ ହୋଇ ଯେଉଁ ସନ୍ତାନ ଜନ୍ମେ ତା'ର ଚରିତ୍ରର କୌଣସି ଠିକ୍ ରହେନା । ତା'ର କଥାବି ବାହାରେ ସେପରି । ଗର୍ଭାଧାନ-ସଂସ୍କାରର ଭିତର ଦେଇ, ଉନ୍ନତ ଚିନ୍ତାପ୍ରସୂତ ବିଧିମାଫିକ ପବିତ୍ର ଯେଉଁ ଜନ୍ମ ତା'ର ରକମ ହିଁ ଅଲଗା । ଘରେ ଘରେ ଭଗବାନ ଯେପରି ଜନ୍ମିବେ ସେପ୍ରକାର ଥିଲା ଆମମାନଙ୍କର

ବିଧାନ । ....... ଆମେ କୁକୁର ଗୋରୁ ଇତ୍ୟାଦି ଜନ୍ତୁ ଯେପରି ଭଲ ହୁଏ ସେଥିପାଇଁ ବିଜ୍ଞାନସମ୍ମତଭାବେ କେତେ ଚେଷ୍ଟା କରୁଛେ । କିନ୍ତୁ ମଣିଷର ସୁଜନନ ଦିଗରୁ ଆମମାନଙ୍କର ଲକ୍ଷ୍ୟ କମ୍ । ବିବାହାଦି ଓ ନିଜର ଆଚରଣ– ଦୁଇଦିଗ ଠିକ୍ ନ କରିଲେ ପିଲାପିଲି ଭଲ ହୁଅନ୍ତିନି । ଆମେ ଭଲ ଖାଉ, ଭଲ ପିନ୍ଧୁ, ଯେତେହିଁ ଯାହା କରୁ, ଭଲ ପିଲା ହେଉ ଏଇଟା ସମସ୍ତେହିଁ ଚାହାଁନ୍ତି । ମୁଁ ବାପାକୁ ନ ମାନିପାରେ, କିନ୍ତୁ ମୋ ପୁଅ ମତେ ନମାନୁ, ତା' ଚାହେଁନା । କିନ୍ତୁ ମୋର ଅବାଧତାର ଭିତର ଦେଇ ବୁଣି ରଖିଲି ସେପରି ପ୍ରାପ୍ୟଟା– ଯା' ମୁଁ ଆଦୌ ଚାହେଁନା । ମୁଁ ହୁଏତ ଭାବେ– ମୁଁ ଖରାପ କରିଲେ କ'ଣ ହେବ ? ପାଇବି ଭଲ ହିଁ । କିନ୍ତୁ ତା' କ'ଣ ହୁଏ ?

*(ଆଲୋଚନା-ପ୍ରସଙ୍ଗ, ୧୮ଶଖଣ୍ଡ, ତା୨୬।୦୭।୧୯୪୯)*

## ॥ ନାରୀ ପୁରୁଷ ସମାନ କି ନା ?

ଜଣେ କହିଲେ– ନାରୀ ପୁରୁଷ ସମାନ– ଏହି କଥାଟା ରାଜନୀତିରେ ଖୁବ୍ ଚାଲେ ।

ଶ୍ରୀଶ୍ରୀଠାକୁର– ବାସ୍ତବତାର ସହିତ ଯେଉଁ ରାଜନୀତିର ସମ୍ପର୍କ ନାହିଁ, ସେ ପୁଣି କେମିତିକା ରାଜନୀତି ? ନାରୀ ପୁରୁଷ ଉଭୟଙ୍କର ହିଁ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି ।

*(ଆଲୋଚନା-ପ୍ରସଙ୍ଗ, ୧୬ଶଖଣ୍ଡ, ତା୦୩।୦୪।୧୯୪୯)*

## ॥ ଯେକୌଣସି ନାରୀ ଯେକୌଣସି ପୁରୁଷକୁ ବିବାହ କରିପାରେନା କାହିଁକି ?

ପ୍ରଶ୍ନ– ଅନେକଙ୍କର ଧାରଣା ଯେକୌଣସି ପୁରୁଷ ଯେକୌଣସି ନାରୀକୁ ବିବାହ କରିପାରେ । ବିଧିନିଷେଧ କେବଳ ସାମାଜିକ ବିଧାନ ।

ଶ୍ରୀଶ୍ରୀଠାକୁର– ତା'ହେଲେ ନାଇଟ୍ରୋଗ୍ଲିସାରିନ୍ର ସମାବେଶ ଘଟାଇବାକୁ ଗଲେ ବିସ୍ଫୋରଣ ହୁଏ କାହିଁକି ? ସମାବେଶ କରିଲେହିଁ ହେଲା । ତା' ମଧ୍ୟରେ ସଙ୍ଗତି, ଅସଙ୍ଗତି ବୋଲି କିଛି ନାହିଁ ? ବ୍ୟକ୍ତିବୈଶିଷ୍ଟ୍ୟ ଓ କୁଳସଂସ୍କୃତି ଦିଗରୁ ନାରୀ ପୁରୁଷର ସାମଞ୍ଜସ୍ୟର କୌଣସି ପ୍ରଶ୍ନ ନାହିଁ ? ତା'ପରେ ଆଜିକାଲି ବିବାହ ବିଚ୍ଛେଦର ଜୟଗାନ କରାଯାଉଛି । ବିଶେଷ କ୍ଷେତ୍ରରେ ସ୍ୱାମୀ-ସ୍ତ୍ରୀର ସ୍ୱତନ୍ତ୍ର ଭାବେ ରହିବା ସମର୍ଥନୀୟ ହୋଇପାରେ । କିନ୍ତୁ ଧର, ଜଣକର ମା' କାଲି ତା'ର ବାପାକୁ ଛାଡ଼ି ଅନ୍ୟ ପୁରୁଷ ସଙ୍ଗେ ଚାଲିଗଲା । ସେଇ ମା' ସଙ୍ଗେ ଯାଇ ସେତେବେଳେ ତା'ର କି ଦଶା ? ଏକସଙ୍ଗେ ସେ ପିତୃହରା ଓ ମାତୃହରା ହେଲା । ଦୁନିଆରେ ତା'ର ରହିଲା କିଏ ? ଗୋଟେ street-dog (ରାସ୍ତାର କୁକୁର)ର ଅବସ୍ଥା ହୋଇଗଲା ତା'ର । ସେତେବେଳେ ସେ ଗୋଟେ ନିରାଶ୍ରୟ ଘୃଣିତ ଜୀବନ ବହନ କରି ଚାଲେ କୌଣସିଭାବେ । ସତୀ ସ୍ତ୍ରୀର ପ୍ରାଣକଢ଼ା ପାଳନ-ପରିଚର୍ଯ୍ୟା ଓ ମମତା, ନିତ୍ୟାନ୍ତ ହିଁ ମୋର ବୋଲି ଜାଣେ ଯା'କୁ– ସେଇ ପବିତ୍ର ସମ୍ପର୍କ ଯଦି ନଷ୍ଟ କରିପକାଉ, ତା'ହେଲେ ମୋର ଆଶ୍ରୟ ବୋଲି କ'ଣ ରହିଲା ? ତା'ପରେ ନିଜ କୃଷ୍ଟି ପ୍ରତି ଅଶ୍ରଦ୍ଧା ପରି ବିଶ୍ରୀ ଜିନିଷ ଆଉ ହୁଏନା । ନିଜର ବାପାକୁ ବାପା ବୋଲି କହିବାକୁ ରାଜୀ ନୁହେଁ, ଏହା କିପରି କଥା ? ନିଜ ବାପା ପ୍ରତି treacherous (ବିଶ୍ୱାସଘାତକ) ହୋଇ ଅନ୍ୟ ବାପା ଉପରେ କିପରି true (ଖାଣ୍ଟି) ହେବି ? ନିଜର ଉତ୍ସ ଯିଏ, ନିଜର ପିତା ଯିଏ ତାଙ୍କୁ ଅବଜ୍ଞା କରି ଅନ୍ୟର ପିତା ବା ପିତୃପୁରୁଷଙ୍କ ପ୍ରତି ଆମମାନଙ୍କର ଆଗ୍ରହ-ଶ୍ରଦ୍ଧା ଅବାଧଭାବେ ଚଳାଇ ଚାଲୁ ଯଦି, ତେବେ ସେଥିରେ ବା କେତେଦୂର ଶ୍ରଦ୍ଧା ଅଛି– ତା' କ'ଣ ବୁଝାଯାଏନା ? ଖୋଜି ଦେଖିବା ଭଲ ଆମମାନଙ୍କର ବାପା, ଜେଜେବାପା କ'ଣ କହି ଯାଇଛନ୍ତି ଏବଂ ସେଥିରେ ମାଲମସଲା କିଛି ଅଛି କି ନାହିଁ । ଆଗରୁ ଯଦି ଧରି ରଖେ ଯେ ବାପା, ଜେଜେବାପା ମୂର୍ଖ ତା'ହେଲେ ଷୋଳଅଣା ବଞ୍ଚିତ ହେବି । ଆଉ, ସେତେବେଳେ ହିଁ ପରର ବାପାକୁ ବାପା କହିବାର ପ୍ରବୃତ୍ତି ହେବ । ସେଥିରେ ବି ନିଜର ମାଲ ବୋଲି ଆଉ କିଛି ରହିବନି ।

*(ଆଲୋଚନା-ପ୍ରସଙ୍ଗ, ୧୮ଶଖଣ୍ଡ, ତା୨୬।୦୭।୧୯୪୯)*

## ॥ ସ୍ୱାମୀ ପାଇଁ ଗର୍ବବୋଧ କାହାର ଲକ୍ଷଣ ?

ସ୍ୱାମୀ ପ୍ରତି ସ୍ତ୍ରୀର ଗଭୀର ଶ୍ରଦ୍ଧା ଥିଲେ ତା' ସମ୍ବନ୍ଧରେ ଗୋଟେ ଗର୍ବ ବୋଧ ଥାଏ । ଏଇଟା ସତୀତ୍ୱର ଗୋଟେ ଲକ୍ଷଣ । ସ୍ୱାମୀ ଉପରେ ଗଭୀର ଟାଣ ନଥିଲେ ସ୍ତ୍ରୀର ବୁଦ୍ଧି ହୁଏ, ସ୍ୱାମୀକୁ ଦେଇ ନିଜର ପ୍ରବୃତ୍ତି-ଚାହିଦା ପୂରଣ କରିବାର । ସେପରି ଟାଣ ଥିଲେ ସ୍ତ୍ରୀ ସ୍ୱାମୀକୁ ସର୍ବତୋଭାବେ ପୋଷଣ ଦେବାକୁ ଚେଷ୍ଟା କରେ । ସେ ଦେଖେ କିପରିଭାବେ ସ୍ୱାମୀ ଶରୀର, ମନ ଓ ଆତ୍ମାରେ ସୁସ୍ଥ ରହେ ଓ ସମୃଦ୍ଧିଶାଳୀ ହୋଇଉଠେ, ଆଉ ସେଥିରେହିଁ ସେ ନିଜକୁ ସୁସ୍ଥ ଓ ସମୃଦ୍ଧିଶାଳୀ ବୋଲି ବୋଧ କରେ । ବାଇବଲରେ ଅଛି– ସ୍ୱାମୀ ଏବଂ ସ୍ତ୍ରୀ ଯେପରି same flesh ଅର୍ଥାତ୍ ଏକଦେହ, ଏକମନ, ଏକପ୍ରାଣ ।

*(ଆଲୋଚନା-ପ୍ରସଙ୍ଗ, ୧୬ଶଖଣ୍ଡ, ତା୨୭।୦୬।୧୯୪୯)*

**ଯୁଗାଚାର୍ଯ୍ୟ ସ୍ମରଣେ**

# ନିଛକ ଜଣେ ନାତିର ଗଳ୍ପ

◆ *ଅର୍କଦ୍ୟୁତି ଚକ୍ରବର୍ତ୍ତୀ (ପୌତ୍ର)*

*(ଯୁଗାଚାର୍ଯ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଜନ୍ମ-ଶତବର୍ଷ ଅବସରରେ ଇଷ୍ଟ-ପରିବାରବର୍ଗଙ୍କର ତଁତ୍ସମ୍ବନ୍ଧରେ ସ୍ମୃତିଚାରଣ ନେଇ – ଏହି ଆଲେଖ୍ୟ ପ୍ରସ୍ତୁତ – ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳିଭାବେ ।)*

## (୧)
### ଈଶ୍ୱରସ୍ୟ ବରପୁତ୍ରଃ

''ଏ ତୁ କ'ଣ ଖାଉଛୁ ରେ ?'' ଲୁଚି ଲୁଚି 'ତାଙ୍କର' ଜଣେ ବାଲ୍ୟବନ୍ଧୁ ଗୋଟେ କାଚ ଶିଶିରୁ ମୋଦକର ଗୋଟେ ଗୁଳି ଖାଇବାକୁ ଯାଇ ଧରାପଡ଼ି ଯାଇଛି । ବନ୍ଧୁଟି ସଦ୍ୟ ନିଶା ଆରମ୍ଭ କରିଛି, 'ତାଙ୍କ' କାନକୁ ଯାଇଛି ସେ କଥା, ପ୍ରତିକାରର ଆବେଦନ ନେଇ । ବନ୍ଧୁଟିର ଲୁଚାଇବାର ନିଷ୍ଫଳ ପ୍ରୟାସ 'ତାଙ୍କ' ହାତର ଆକର୍ଷଣରେ ଶେଷ ହେଲା । ନିରୂପାୟରେ ବନ୍ଧୁଟି ନିଶା ବିଷୟରେ ଯାବତୀୟ ଜ୍ଞାନ ଉଜାଡ଼ କରି ଦେବା ପରେ ସିଏ ମୃଦୁ ହସି ସେଇ ଶିଶିରେ ଅବଶିଷ୍ଟ ପ୍ରାୟଃ ନବେଟି ଗୁଳି ଏକଯୋଗେ ଗୋଟି ଗୋଟି କରି ଖାଇଥିଲେ । ବନ୍ଧୁଟି ବିପଦର ଆଶଙ୍କାରେ ଆର୍ତ୍ତନାଦ କରି ଉଠିଲା । ତା'ର ନିଶା ସେତେବେଳେ ଉଭେଇ ଯାଇଛି । କିନ୍ତୁ 'ସିଏ' ଯେପରି ନୀଳକଣ୍ଠ । ସେଇ ମଙ୍ଗଳମୟଙ୍କର କ'ଣ କିଛି ଅମଙ୍ଗଳ ହୋଇପାରେ ? ନିଶା ତ ହେଲା ନାହିଁ, ଓଲଟା ସେଇ ବନ୍ଧୁଟି ଏପରି କାଣ୍ଡ ଦେଖି ଭୟ ପାଇଯାଇ ନିଶାର ଉପଦ୍ରବରୁ ଚିରଦିନ ପାଇଁ ରକ୍ଷା ପାଇଗଲା ।

ଅବଶ୍ୟ 'ତାଙ୍କ' ସଙ୍ଗୀମାନେ କେହି ଯେପରି-ସେପରି ହୋଇପାରନ୍ତିନି । ସେମାନେବି ବିଶିଷ୍ଟତାରେ ଭରପୁର । ଥରେ କୌଣସି ଜଣେ ଆଶ୍ରମିକର ଚରିତ୍ରରେ ଦୋଷ ଆସିବାରୁ ବିପଥରେ ନିୟମିତ ଯାତାୟାତ ଆରମ୍ଭ କରିଲେ । ବୁଝାଇ ସୁଝାଇ ନିବୃତ୍ତ ନ କରିପାରିବାରୁ ସର୍ବଶେଷ ପନ୍ଥା 'ପ୍ରହାରେନ ଧନଞ୍ଜୟ' ଗ୍ରହଣ କରିବା ଛଡ଼ା ଆଉ ଉପାୟ ରହିଲାନି ।

ନିର୍ଦ୍ଦିଷ୍ଟ ଦିନ ଉକ୍ତ ବ୍ୟକ୍ତିଟି ନୈଶ ଯାତ୍ରା ପଥରେ ଜଣେ ଆଶ୍ରମିକ ଯୁବକ ରାମା ଜୋୟାରଦାର ହାତରୁ ମାଡ଼ ଖାଇଲେ । ପ୍ରହାରକାରୀଙ୍କୁ ଅନ୍ଧକାରରେ ଚିହ୍ନି ନ ପାରି ନିଜର ଦୋଷରେ ଚାଦର ଘୋଡ଼ାଇ ବ୍ୟକ୍ତିଟି ପରମଦୟାଲଙ୍କ ନିକଟରେ ବୃତ୍ତାନ୍ତ ଜଣାଇଲେ । ଡ଼କାହକା ଖୋଳତାଡ଼ ଆରମ୍ଭ ହୋଇଗଲା । 'ତାଙ୍କ'ର ଜଣେ ସଙ୍ଗୀ ଅମୂଲ୍ୟ ଘୋଷ ମହାଶୟଙ୍କ ଡ଼କରା ଆସିଥିଲା । ଯିଏ ଘଟଣା ସମୟରେ ଆଶ୍ରମ ବାହାରେ ଅନ୍ୟତ୍ର ଥିଲେ, କିନ୍ତୁ ଜାଣିଥିଲେ ସବୁ ।

ପରମଦୟାଲଙ୍କ ତଲବ ପହଞ୍ଚିଲା । ଅକପଟରେ ସ୍ୱୀକାର କରିଲେ ଅମୂଲ୍ୟ ଘୋଷ, 'ଜାଣେ କିଏ ମାରିଛି– କିନ୍ତୁ ଆପଣଙ୍କୁ କହି ପାରିବିନି ।' ଶାସନ କରାଗଲା ତାଙ୍କୁ ପ୍ରଚଣ୍ଡଭାବେ, ତେବେବି ମୁଖରୁ ଗୋଟେବି ଶବ୍ଦ ବାହାରିଲାନି ।

ପରମଦୟାଲ କହିଲେ ଶେଷରେ– ''ବଡ଼ଖୋକାର girdle (ବେଷ୍ଟନୀ) ଖୁବ୍ –strong (ଶକ୍ତ) ।''

ଏତେ ବିଶାଳ, ଅଥଚ ସୁକୌଶଳୀ । ଜଣେ ଆସି 'ତାଙ୍କୁ' ଜଣାଉଛନ୍ତି– ଠାକୁର ତା'କୁ ସ୍ୱପ୍ନ ଦେଖାଇଛନ୍ତି ତା'ର ବିପଦରୁ ତା'କୁ ଶ୍ରୀଶ୍ରୀବଡ଼ଦାହିଁ କାଳେ ରକ୍ଷା କରିବେ । କଥାଟା ଗୋପନ ଓ କୂଟ-ଅଭିପ୍ରାୟପୂର୍ଣ୍ଣ । ସିଏ ଉତ୍ତର ଦେଲେ– ''ମତେ ଯେଉଁଦିନ ସ୍ୱପ୍ନ ଦେଖାଇବେ ସେଦିନ ଦେଖାଯିବ ।''

ଜଣେ ଆସି ନିବେଦନ କରିଲା– ଯେଉଁ କାମ ଦେବେ ପାରିବି । ସେବା କରିବାକୁ ଚାହେଁ । ପ୍ରତ୍ୟୁତ୍ତରରେ ସିଏ ଜଣାଇଲେ– ''ଝାଡୁ କରିବାଠାରୁ ପ୍ଲେନ୍ ଚଲାଇବା ସବୁହିଁ ପାରିବ କହୁଛି । ତା' କେତେଦିନ ବାଦେ ତୁମକୁହିଁ ସେବା ଦେବାକୁ ହେବ ?'' ସେବକର ଭଣ୍ଡଧରା ସେଇ ବ୍ୟକ୍ତିଟି ଏହି ଗୋଟେ କଥାରେହିଁ ଦୂରେଇ ଗଲା ।

ନିଜର ନିନ୍ଦାରେ ଭରା ଗୋଟେ ଚିଠି 'ତାଙ୍କ' ତକିଆ ତଳେ ରଖାଯାଇଛି । ସିଏ ଲମ୍ବା ହୋଇ ଶୋଇ ସେଇ ନିନ୍ଦୁକକୁହିଁ ପ୍ରଶ୍ନ କରୁଛନ୍ତି ସେଇ ବିଷୟରେ । ଶପଥ ଭଙ୍ଗୀମାରେ ଗଳା ଚଢ଼େଇ ସେ ନିଜର ଅନ୍ୟାୟ୍ୟ ଆଚରଣର ସଫେଇ ଗାଇବାକୁ ଆରମ୍ଭ କରିଲା । ପ୍ରମାଣ ଥିବା ସତ୍ତ୍ୱେବି ମୃଦୁ ହସି କେବଳ କହିଲେ– 'ମୁଁ ବି ତ ତା'ହିଁ ଭାବେ, ତୁ ଏପରି କଥା କହି ହିଁ ପାରୁନା ।'

ବଡ଼ମା'ଙ୍କର ସେଠାରେ ସେତେବେଳେ ଦୁଇଜଣ ସେବିକା ପ୍ରୟୋଜନ । ସେ କାରଣରୁ ଆଶ୍ରମକୁ ଦୁଇଜଣ ମା'ଙ୍କର ଆଗମନ ହେଲା । ଲକ୍ଷ୍ମୀ ଓ ଗୌରୀ । ନାନା କାର୍ଯ୍ୟକାରଣରେ ଭାସି ଭାସି ଅବଶେଷର ଲକ୍ଷ୍ମୀଦିଦିଙ୍କ (ଗୁହ) ରହିବାର ବ୍ୟବସ୍ଥା ହେଲା

ଠାକୁରବାଡ଼ିରେ ଆଉ ଗୌରୀଦିଦି (ଜାନା) ଠାଇଁ ପାଇଲେ 'ତାଙ୍କ' ଘରେ । ଗୌରୀଦିଦିର ଆଖିଟା ଭଲ ନ ଥିବାରୁ ଚିକିତ୍ସାର ବ୍ୟବସ୍ଥା କରାଯାଇଥିଲା । ସମସ୍ତ ଚିକିତ୍ସକମାନଙ୍କର ଏକ ଅଭିମତ ଏଇ ଆଖିର ଦୃଷ୍ଟି ନଷ୍ଟ ହୋଇଯିବ ଅନତିବିଳମ୍ବରେ । 'ଯା'ଙ୍କ' ଆଶ୍ରୟରେ ଗୌରୀଦିଦି ରୁହନ୍ତି ସିଏ ଏତେ ସହଜରେ ଛାଡ଼ି ଦେବାର ମଣିଷ ନୁହଁନ୍ତି । ଗୌରୀଦିଦିର ଅନ୍ଧତ୍ୱର ବିରୁଦ୍ଧରେ ଯୁଦ୍ଧ ଘୋଷିତ ହେଲା । ନିର୍ଦ୍ଦେଶ ଦେଲେ ଗୌରୀଦିଦିକୁ ରୋଜ ନିଷ୍ଠାସହ ଗୋଟେ କରି ଠାକୁରଙ୍କ ପାଇଁ ମାଳ ଗୁନ୍ଥିବାକୁ– ଛୁଞ୍ଚି-ସୂତା ଦେଇ । ଆଜି ସେଇ ଘଟଣାର ପଇଁଚାଳିଶ ବର୍ଷ କଟି ଯିବା ପରେ ସେଦିନ ଆବିଷ୍କାର କରାଗଲା ରାତିରେ ଗୌରୀଦିଦି ଆଜିବି ଟି.ଭି. ଦେଖି ଚାଲିଛନ୍ତି । ଅନ୍ଧତ୍ୱର ଅଭିଶାପ ଏପର୍ଯ୍ୟନ୍ତବି ତାଙ୍କୁ ସ୍ପର୍ଶ କରିପାରିନି । ଯିଏ ପ୍ରକୃତ ଚକ୍ଷୁଷ୍ମାନ, ସିଏହିଁ ଏପରିଭାବେ ଚକ୍ଷୁଦାନ କରିପାରନ୍ତି ।

ସେତେବେଳେ 'ତାଙ୍କ' କନିଷ୍ଠ ପୁତ୍ରଦ୍ୱୟଙ୍କୁ ଉପନୟନ କାରଣରୁ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ହେଉଛି । ସେମାନେ ଯେଉଁଠାରେ ବ୍ରହ୍ମଚାରୀର ବେଶରେ ରହୁଥିଲେ ସେଠାରେ ବ୍ରହ୍ମଚାରୀମାନଙ୍କ ବ୍ରତପାଳନର ସୁବିଧା ପାଇଁ ଜଣେ ମଧ୍ୟବୟସୀ ମା' ଅଳ୍ପ ଦୂରରେହିଁ ଶୋଉଥିଲେ । ସେଇ ମା' ସଂସାର-ସୁଖରୁ ବଞ୍ଚିତା । ଗୈରିକ ବସନରେ ସିଏ ବର୍ଷେ ଖଣ୍ଡେ ଆଗରୁ ଉପସ୍ଥିତ ହୋଇଥିଲେ ଆଶ୍ରମରେ, ପରମଦୟାଲଙ୍କ ଚରଣାରବିନ୍ଦରେ । ପରମଦୟାଲଙ୍କ ନିର୍ଦ୍ଦେଶରେ ମା'ଟି ଠାଇଁ ପାଇଥିଲେ 'ତାଙ୍କ' ସଂସାରରେ । ସମସ୍ତେ ତାଙ୍କୁ ହିରଣମା' ବୋଲି ଡ଼ାକୁଥିଲେ ।

ଗଭୀର ରାତି, ଆକାଶ ସେଦିନ ଯେପରି ଆହୁରି କଳା ହୋଇ ଯାଇଥିଲା । ଫିଲାନ୍ଥ୍ରପି-ପ୍ରାଙ୍ଗଣ ସେତେବେଳେ ଏତେଟା ଲୋକ-ସମାଗମରେ କୋଳାହଳପୂର୍ଣ୍ଣ ରହୁ ନଥିଲା । ନିର୍ଦ୍ଦିଷ୍ଟ ସମୟ ପରେ ଅନ୍ଧକାର ମାୟାବିନୀର ବେଶରେ ପରିବେଶଟା ଗ୍ରାସ କରୁଥିଲା ।

ସେଇ ରାତିରେ ହିରଣମା' ବ୍ରହ୍ମଚାରୀମାନଙ୍କ ଘର ପାଖରେ ଶୋଇଥିଲେ । ଜଣେ ତସ୍କର ସେଇ ନିଶ୍ଛିଦ୍ର ଅନ୍ଧକାରର ସୁଯୋଗ ନେଇ ହିରଣମା'ର ଗଳାରେ ପିନ୍ଧିଥିବା ଗୋଟେ ସୁନା ଚେନ୍ ଟାଣିବାକୁ ଯାଇଥିଲା । ଦୈବାତ୍ ଠିକ୍ ସେଇ ସମୟରେହିଁ ହିରଣମା'ର ନିଦ ପତଳା ହୋଇଥିଲା ବୋଲି ତସ୍କରର ହାତ ଗଳାର ଚେନ୍ ଆକର୍ଷଣ କରିବାକୁ ଯାଆନ୍ତେହିଁ ସିଏ ସଜାଗ ଆଖିରେ କୌଣସିପ୍ରକାରେ ଗୋଟେ ଅସ୍ପଷ୍ଟ ଆଭାସ ପାଇ ପ୍ରାଣପଣେ 'ଚୋରଚୋର' ଚିତ୍କାରରେ ସେଇ ନିଶବ୍ଦ ନୀରବ ପ୍ରାଙ୍ଗଣକୁ ମୁଖରିତ କରି ତୋଳନ୍ତି ।

ସେତେବେଳେ ନୈଶପ୍ରହରାର ଏତେ ବିଶାଳ ବନ୍ଦୋବସ୍ତ ନଥିଲା । ପ୍ରତି-ପ୍ରତ୍ୟେକେ ନିଜ ଦାୟିତ୍ୱ ନିଜେ ବହନ କରୁଥିଲେ, ତସ୍କର ବୃତ୍ତିର ପ୍ରକୋପାଦିରୁ ନିଜକୁ ରକ୍ଷା କରୁଥିଲେ ।

'ସିଏ' ଯେଉଁ ଘରେ ରହୁଥିଲେ ତା'ର ପୂର୍ବ ପଶ୍ଚିମ ଦୁଇପଟରେ ବାରଣ୍ଡା, ଯା'ର ଉତ୍ତର ଓ ଦକ୍ଷିଣଦିଗରେ ଗୋଟେ କରି ଘର । ସେଇ ମା'ର ଚିତ୍କାର ସମସ୍ତଙ୍କୁ ସଜାଗ କରି ତୋଳନ୍ତେହିଁ ସମସ୍ତେ ଜଣ ଜଣ କରି ଚିତ୍କାରର ଉତ୍ସ ଲକ୍ଷ୍ୟ କରି ଆଗେଇ ଆସିଲେ । ପହଞ୍ଚି ସେମାନେ ସେଇ ତସ୍କରକୁ ଆଉ ଖୋଜି ପାଇଲେନି ।

ସେଇ ଚିତ୍କାର 'ତାଙ୍କ' କାନରେ ମୁହୂର୍ତ୍ତକାଳ ଆଗରୁହିଁ ପହଞ୍ଚିଥିଲା । ଘଟଣାସ୍ଥଳରୁ 'ସିଏ' ବହୁ ଦୂରରେ । ଛାୟାହୀନ ସେଇ ଅନ୍ଧକାରରେବି ସିଏ 'ତାଙ୍କ' ଘରର ସୀମା ମଧ୍ୟରେହିଁ ଠିଆ ହୋଇ କୌଣସି ଏକ ଫାଙ୍କରେ ଝଲକାଏ ଗୋଟେ ମୂର୍ତ୍ତିକୁ ଅନ୍ଧକାର ମଧ୍ୟରେ ଅପସୃତ ହେବାର ଦେଖି ପାରିଥିଲେ ।

ଚୋର ନ ଧରି ପାରିବାରୁ ହତାଶ ହୋଇ ସମସ୍ତେ ଯିଏ ଯା'ର ବିଛଣାକୁ ଫେରି ଗଲେ । ସିଏ ହିରଣମା'କୁ ଏକାନ୍ତରେ କହିଲେ– 'ସେଇଟା ଅମୁକ ଥିଲା ନା ?' ହିରଣମା' ସମ୍ମତି ଜଣାଇ କହିଲେ– ଆଜ୍ଞା, ମୋର ବି ତ ତା'ହିଁ ମନେ ହେଲା ।

ତସ୍କରର ସାକ୍ଷାତ୍ ସେମାନେ ଦୁଇଜଣ ହିଁ ପାଇଥିଲେ । ସିଏ ଶତହସ୍ତ ଦୂରରୁ ଆଉ ସେଇ ମା' ସ୍ପର୍ଶ-ଦୂରତ୍ୱରୁ । ଦୃଶ୍ୟମାନ ହେବାକୁ ଯେ ଆଖିର ଆଲୋକର ପ୍ରୟୋଜନ ହୁଏନା, ତା' କ'ଣ ସାଧାରଣ କଥା !

ଏହି ଘଟଣାର ଆଉ ଗୋଟେ ଦିଗବି ଅଛି । ତସ୍କର ପରିଚିତମାନଙ୍କ ମଧ୍ୟରୁ କେହି ଜଣେ ଥିଲା । ସିଏ ହିରଣମା'କୁ ନାମ ପ୍ରକାଶ କରିବାକୁ ବାରଣ କରିଥିଲେ– ଯେପରି ତସ୍କର ନିଜର କୃତକର୍ମ ପାଇଁ ଏପରି ଅପମାନର ଦହନଜ୍ୱାଳା ନେଇ ଚିରଦିନ ଚୋରର ଛାପ ବହନ କରି ନ ବୁଲେ,– ଆକୂତି 'ତାଙ୍କର' ସେଠାରେ । ସାମାନ୍ୟ ଦରଦ ଯଦି ନ ଥାଏ ଅନ୍ତରରେ ମଣିଷ ପାଇଁ, ତେବେ ସେ କିପରିଭାବେ ହେବ ମଣିଷର ଅନ୍ତରର ରାଜା ।

ମଣିଷର ଚଲାବୁଲା ଅଯଥା ଶବ୍ଦ, ଅନବଧାନତାବଶତଃ କୌଣସି ଅବାଞ୍ଛିତ ଶବ୍ଦ, ଅଥବା ଅତି ଉଚ୍ଚ କଥନ ବା ହାସ୍ୟ-ପରିହାସ 'ତାଙ୍କ' ପସନ୍ଦର ଆୟତ୍ତରେ ପଡୁନଥିଲା । ଅଯଥା ଅପଚୟ– ସେ ନଳଠାରୁ ଟପ୍‌ଟାପ୍ କରି ପାଣି ପଡ଼ିବାହିଁ ହେଉ ବା ବିଦ୍ୟୁତ୍‌ର ଅପବ୍ୟୟହିଁ ହେଉ, ଦେଖିଲେହିଁ ସିଏ ବିରକ୍ତ ହେଉଥିଲେ ।

'ତାଙ୍କ' ଘର ବାହାରେ କାମ ଚାଲିଛି । କାମ ତଦାରଖ କରୁଥିଲେ ସମୀର ପର୍ବତ ମହାଶୟ । 'ତାଙ୍କ' ବିଶ୍ରାମ ସମୟରେ ବୋଧେ କାମରେ ସାମିୟକ ବିରତି ଦେବାରୁ କାମ ବନ୍ଦ ହେବାର କାରଣ ଜାଣିପାରି ତଦାରଖକାରୀକୁ ଡ଼ାକଗଲା । ମଜୁରିଆମାନଙ୍କୁ

ବସାଇ ବସାଇ ମଜୁରୀ ଦେଲେ ଯେଉଁ ଅପବ୍ୟୟ ହେବ ସେଥିରେ ଇଷ୍ଟାର୍ଥ ଅପଚୟରେ ଦୟାଳଙ୍କ ସ୍ୱାର୍ଥ ରକ୍ଷା ହେବ ନାହିଁ ବୋଲି 'ସିଏ' ଜଣାଇଲେ । ଶେଷରେ ଉପସଂହାରରେ– ''ବିଶ୍ରାମେ ବିଘ୍ନ କ'ଣ ରେ, କାମର ଶବ୍ଦ ତ ବଡ଼ହିଁ ମଧୁର ।'' ମୁହଁରେ କେବଳ ଇଷ୍ଟସ୍ୱାର୍ଥପ୍ରତିଷ୍ଠାର କଥା ନୁହେଁ, ଏକଦମ୍ ବାସ୍ତବରେ କରି ଦେଖାଇ ଦେଲେ– ତେଣୁ ତ ସିଏ ମଣିଷର 'ବଡ଼ଦା' ।

ପ୍ରାୟତଃ ଦେଖା ଯାଉଥିଲା 'ତାଙ୍କ' ଘରେ, ଯେତେବେଳେ ତାଙ୍କର ଚଲାବୁଲା ଶାରୀରିକ କାରଣରୁ ଡ଼ାକ୍ତରମାନଙ୍କର ପରାମର୍ଶ ଅନୁଯାୟୀ ସୀମିତ ହୋଇ ଆସିଲା, ସେତେବେଳେବି ନାନା ପ୍ରସଙ୍ଗର ଫାଙ୍କରେ ପଚାରୁଥିଲେ– ''ସେଇଟା କି ପକ୍ଷୀ ବୋବାଉଛି ?'' ଏହି ପ୍ରଶ୍ନ ସମସ୍ତଙ୍କୁ ସଜାଗ କରୁଥିଲା ଡ଼ାକଟିକୁ ଅନୁସରଣ କରି ସମାଧାନ ଦେବାକୁ । କା'ର କା'ର ପୁଣି ପକ୍ଷୀର ସ୍ୱରୂପ ତ ଦୂରର କଥା, ଡ଼ାକ ପର୍ଯ୍ୟନ୍ତ କାନରେ ପଡୁନଥିଲା । ବେଶୀଭାଗ ସମୟରେ ସିଏ ନିଜେହିଁ ଉତ୍ତର ଦେଇ ଦେଉଥିଲେ; ତେବେ କୌଣସି ଗଛରେ ବା କୋଉଠାରେ ବସି ପକ୍ଷୀଟି ଡ଼ାକୁଛି ସେଇଟା ଦେଖିବା ପାଇଁ କେହି ଉଠିଯାଇ ଦେଖି ଆସୁଥିଲେ ।

ଶ୍ରବଣଶକ୍ତି 'ତାଙ୍କର' ଏତେହିଁ ତୀବ୍ର ଥିଲା ଯେ ଥରେ ତାଙ୍କ ବାସଗୃହର ଦକ୍ଷିଣପ୍ରାନ୍ତରେ ଯେଉଁ ପୁଷ୍କରିଣୀ ଥିଲା, ସେଥିରେ ସ୍ନାନ ଚାଲିଥିଲା । 'ତାଙ୍କ' ଭୋଗପର୍ବ (ଖାଇବା) ସେତେବେଳେ ଶେଷ ହୋଇଛି । 'ସିଏ' ନିଜ ଘରେ ବସିଛନ୍ତି । ଘରର ଚାରିପଟରେ ଆହୁରିବି ନାନା ଘର । ଆଉ ପୁଷ୍କରିଣୀରେ ସେତେବେଳେ ମା'-ଜେଜେମା'ମାନଙ୍କର ଦଳ ପହଁରୁଥିବାର ଦେଖି ପାଦ ଝୁଲାଇ ବସି ରହୁ ରହୁ କେତେବେଳେ ଯେ ତାଙ୍କ ନାତିଟି ପ୍ରଲୁବ୍ଧ ହୋଇ ଝପ୍ କରି ଡ଼େଇଁପଡ଼ିଥିଲା ପାଣି ଭିତରକୁ । ପରେ ଉଠି ଆସିବା ସମୟରେ ନାତିଟର ଦେଖା ହେଲା କେତେଜଣଙ୍କ ସହିତ । ସେମାନେ ବିସ୍ମୟରେ ପଚାରିଲେ– ତୁମେ ବି କ'ଣ ପାଣିକୁ ଡ଼େଇଁଥିଲ ? ମଜାର କଥା ସିଏ କାଳେ ସେଇ ସାମାନ୍ୟ ଝପ୍ କରି ପାଣିରେ ପଡ଼ିବାର ଶବ୍ଦଟି ଘରେ ବସି ଟେର ପାଇ କହିଥିଲେ– 'କିଏ ଏବେ ପାଣିକୁ ଡ଼େଇଁଲା ?' ହୁଏତ ଆୟତ୍ତରେ ଥିବା କାରଣରୁ ପାଇପାରନ୍ତି ଯଦିଓ ସ୍ୱାଭାବିକଭାବେ ଆଉ କେହି ତା' ପାଆନ୍ତିନି ।

ଦେଓଘରେ ସିଏ 'ତାଙ୍କ' ଘରେ ହଠାତ୍ ସେବକମାନଙ୍କୁ କାହାକୁ କହିଲେ ପଶ୍ଚିମ ପଟର ଦରଜା ଖୋଲିବାକୁ । ଟିପ୍ ଟିପ୍ ବର୍ଷା ପଡୁଛି । 'ତାଙ୍କ' ଘରର ପଶ୍ଚିମ ପଟରେ ନିଝୁମ ଅନ୍ଧକାର । ବାରଣ୍ଡାର କୋଣରେ ଏକାକୀ କିଏ ଯେପରି ହଲି ଉଠିଲା ! ସେବକ ଆଗାନ୍ତେହିଁ ଏକ ବୃଦ୍ଧା ରମଣୀର ଅବୟବ ଦରଜା ସାମନାରେ ଆଗେଇ ପ୍ରଣାମ କରିଲା 'ତାଙ୍କୁ' । ଏତେକ୍ଷଣ ଧରି ସେଇ ବୃଦ୍ଧା 'ତାଙ୍କ' ଦର୍ଶନ ପାଇଁ ନିରନ୍ତର ଜଣାଉଥିଲା ତା'ର ଅର୍ଜି ପରମପିତାଙ୍କ ରାତୁଳ ଚରଣରେ ।

ଥରେ 'ସିଏ' ଯାଉଛନ୍ତି । ଗନ୍ତବ୍ୟ ଅଗରତାଲା । ସେଠାରେ ସେଦିନ ତାଙ୍କର ଅବସ୍ଥାନ । ଦର୍ଶନେଚ୍ଛୁ-ପ୍ରାଣର ଆକୁଳତା ବିସେ ଅଞ୍ଚଳକୁ ବ୍ୟାପୀ ବିଛାଡ଼ି ହୋଇ ପଡ଼ିଛି । ମାୟାରାଣୀ ନାମରେ ଜଣେ ମା' ନିଦାରୁଣ ଅର୍ଥକଷ୍ଟ ପାଇଁ ଦର୍ଶନ ଲାଭରୁ ବଞ୍ଚିତା । ସାରା ରାତ୍ରି ଧରି ତା'ର ଆକୁଳବ୍ୟାକୁଳ କ୍ରନ୍ଦନ ପରମପିତାଙ୍କ ନିକଟରେ ।

ରାତ୍ରି ଶେଷରେ ନୂତନ ସକାଳରେ, 'ତାଙ୍କ' ଫେରିବା ପଥରେ ଗାଡ଼ି ରହିଥିଲା ସେଇ ମା'ର ପର୍ଣ୍ଣକୁଟୀର ବାହାରେ ଏକ କୋଳି ଗଛ ତଳେ । କୋଳି ଖାଇବା ପ୍ରୟୋଜନରେ ସାଥୀ ହିସାବରେ ଯେ ଲୁଣ ଦରକାର ଥିଲା, ତା' ଆସିଥିଲା ସେଇ ଅଭାଗିନୀର ଘରୁ । ଲୁଣ ତ ବାହାନା ମାତ୍ର । 'ଯା'ଙ୍କ' ଦର୍ଶନ ପାଇଁ ସେଇ ମା'ର ହୃଦୟ ନିଗିଡ଼ା ପ୍ରାର୍ଥନା– ସେ ସ୍ୱୟଂ ସମ୍ମୁଖରେ ।

ଏଇ ଡ଼ାକ ଶୁଣିବାକୁ ଗଲେ ଯେଉଁ ଶ୍ରବଣ ଯନ୍ତ୍ରର ପ୍ରୟୋଜନ ତା' କ'ଣ କେବେ ବି ସାଧାରଣ ?

ଦେଓଘରେ ଷୋଡ଼ଶୀଭବନରେ ସିଏ 'ତାଙ୍କ' ଘରେ ବସିଛନ୍ତି । ତାଙ୍କ ଘରସଂଲଗ୍ନ ଆଉ ଗୋଟେ ଘର, ଯା'କୁ ସକଳେ ଲେଖାର ଘର କହନ୍ତି । ଉପରବେଳା ଘରେ ଠାକୁରଭୋଗର ଯୋଗାଡ଼ ଶେଷ କରି ହିରଣମା' 'ତାଙ୍କୁ' ପ୍ରଣାମ କରୁଛନ୍ତି । ସେହି ଲେଖା ଘରୁ ପ୍ରଣାମ କରି ସିଏ ଚାଲି ଯାଉଛନ୍ତି । ଘରର ହାୱାର ଗତି ହିରଣମା'ର ବିପରୀତ ଦିଗରେ, ଦୂରତ୍ୱ ୧୫ହାତ ପରି । ପ୍ରଶ୍ନ 'ତାଙ୍କର'– 'କ'ଣ ହିରଣମା', କଦଳୀ ଚକଟୁଥିଲ ନା କ'ଣ ?' – ଆଜ୍ଞା । ବସ୍ତୁତଃ ଘଟଣାର ଘଣ୍ଟାଏ ଖଣ୍ଡେ ଆଗରୁ ହିରଣମା' ଦୁଧକଦଳୀ ଚକଟୁଥିଲେ କାହା ପାଇଁ । ଏହାପରେ ହିରଣମା' ହାତରେ ସେତେବେଳେ ନାନା ଜିନିଷର ଏବଂ ପାଣିର ବହୁସ୍ପର୍ଶ ଘଟିଯାଇଛି । ଗନ୍ଧ କିନ୍ତୁ ଠିକ୍ ପହଞ୍ଚିଥିଲା 'ତାଙ୍କ' ନାକରେ । ମୃଦୁ ହସି ରହସ୍ୟର ସ୍ୱରରେ କହିଲେ,– 'ଗତ ଜନ୍ମରେ ବୋଧହୁଏ କୁକୁର ଥିଲି ।' କହନ୍ତି ଏ ଜନ୍ମରେ ନିଜକୁ– ଶ୍ରୀଶ୍ରୀଠାକୁରଙ୍କ କୁକୁର ।

*(କ୍ରମଶଃ)*

*(ଆତ୍ମଜନେର କଥା, ପୃ.୧୭୯-୧୮୪)ଅନୁବାଦ : ଶ୍ରୀମତୀ ସୁମିତା ମିଶ୍ର*

ଚର୍ଯ୍ୟାକୃତିର ନାହିଁ ଆବେଗ
ନାହିଁ ସେଠାରେ ଭାବର ବେଗ । ୧ ।
*(ଅନୁଶ୍ରୁତି, ୫ମଖଣ୍ଡ, ସେବା)*

**ସତ୍ୟାନୁସରଣର ପଥେ**

# ସତ୍ୟାନୁସରଣ ବ୍ୟାଖ୍ୟାନରେ ଯୁଗାଚାର୍ଯ୍ୟ ଶ୍ରୀଶ୍ରୀବଡ଼ଦା

*(ପୂର୍ବପ୍ରକାଶିତ ଉତ୍ତାରୁ.....)*

**ଅନୁଭବ କର, କିନ୍ତୁ ଅଭିଭୂତ ହୋଇପଡ଼ନା, ତା'ହେଲେ ଚାଲିପାରିବନି । ଯଦି ଅଭିଭୂତ ହେବାକୁ ହୁଏ ତ ଈଶ୍ୱରପ୍ରେମରେ ।**

ପ୍ରଦୀପ ପାଲ ଆଲୋଚନା କରିବାର ନିର୍ଦ୍ଦେଶ ପାଇ ବାଣୀଟି ଆଉ ଥରେ ପାଠ କରି କହିଲା— ଅଭିଭୂତ ମାନେ ଆକୃଷ୍ଟ । ଠାକୁର କା'ର ଦୁଃଖ ଦେଖି ଆକୃଷ୍ଟ ହେବାକୁ ବାରଣ କରୁଛନ୍ତି ।

ଶ୍ରୀଶ୍ରୀପିତୃଦେବ— କଦାପି ନୁହେଁ । କା'ର ଦୁଃଖ ଦେଖି ଆକୃଷ୍ଟ ହେବାକୁ ବାରଣ କରିଛନ୍ତି ?

ପ୍ରଦୀପ ନିରୁତ୍ତର । ଶ୍ରୀଶ୍ରୀପିତୃଦେବ— ଅନୁଭବ ମାନେ କ'ଣ ?

ପ୍ରଦୀପ ଠିକ୍‌ଭାବେ କହି ନପାରିବାରୁ କହିଲେ— ଆଉ କିଏ ପଢ଼ିଛି ?

ସୁନୀଲଭାଇ (ବିଶ୍ୱାସ) ଜଣାଇଲେ— ଗୋବିନ୍ଦ (ବିଶ୍ୱାସ) ।

ଶ୍ରୀଶ୍ରୀପିତୃଦେବ (ଗୋବିନ୍ଦକୁ)— ଅନୁଭବ ମାନେ କ'ଣ ?

— ପଶ୍ଚାତରେ ହେବା ।

ଶ୍ରୀଶ୍ରୀପିତୃଦେବ— ସେଇଟା କିପରି ?

— ମୁଁ କୌଣସି କାମ କରିଲି । ସେ କାମଟା ଅନୁଭବ କରିଲି, ବୁଝିଲି ।

ଶ୍ରୀଶ୍ରୀପିତୃଦେବ— କି କାମ, କ'ଣ ଅନୁଭବ କରିଲୁ ? ନିଆଁରେ ହାତ ଦେଲୁ, ପୋଡ଼ିଗଲା, ସେଇଟା ଅନୁଭବ କରିଲୁ ?

— ଆଜ୍ଞା, ବହି ପଢ଼ିଲି, ବହି ପଢ଼ି ଜାଣିଲି । ସେଥିରେ ଯଦି ଅଭିଭୂତ ହୋଇପଡ଼େ, ଆକୃଷ୍ଟ ହୋଇପଡ଼େ—

ଶ୍ରୀଶ୍ରୀପିତୃଦେବ— ବହି ପଢ଼େ, ଭଲ ବହି— ଆକୃଷ୍ଟ ହେଲି, ସେଥିରେ କ'ଣ ହେଲା ? ପାଖରେ ରଖାଯାଇଥିବା ଅଭିଧାନରୁ ଅଭିଭୂତର ଅର୍ଥ ଦେଖାଇ କହିଲେ— ଅଭିଭୂତ ମାନେ ପରାଭୂତ ହେବା, ବିହ୍ୱଳ ହେବା, ଆଚ୍ଛନ୍ନ ହେବା । ଏପରିହିଁ strong ଅନୁଭବ— ଯେଉଁଥିରେ ଅଭିଭୂତ ହୋଇଗଲ । ଦେଖିନୁ ଅନେକେ ରକ୍ତ-ଟକ୍ତ ଦେଖି ହତାଶ ହୋଇଯାଆନ୍ତି । ଇଞ୍ଜେକ୍‌ଶନ ଦେବାର ଦେଖି ମନେ କରନ୍ତି ମତେ ଦେଉଛି । ଗୋଟେ ସାପ ଦେଖିଲ, ଯାଉଛି ହୁଏତ । ମନେକରିଲ ମତେ କାମୁଡ଼ିଦେଲା, ଭାବି ଭାବି ଆଉ ଯାଇପାରିଲନି, ଆଉ ହଲିହିଁ ପାରିଲନି । ବାଘ, ଭାଲୁ ଦେଖିଲେବି ସେପରି ହୁଏ, ଭୟ ଆସେ । ଏତେ ଅନୁଭବ କରେ ଯେ ସମସ୍ତ ଶରୀର ଆଚ୍ଛନ୍ନ, ଅଭିଭୂତ ହୋଇପଡ଼େ । ସେଥିପାଇଁ ଠାକୁର କହୁଛନ୍ତି, ଯଦି ଅଭିଭୂତ ହେବାକୁ ହୁଏ ତ ଈଶ୍ୱରପ୍ରେମରେ ।

ପୁଣି ଏହି ପ୍ରସଙ୍ଗରେ କହିଲେ— ତୋର ବନ୍ଧୁ ଘରକୁ ଗଲୁ, ଦେଖିଲୁ ବନ୍ଧୁ ମୁଣ୍ଡରେ ପାଣି ଦେଉଛି— ମା', ବାବା କାନ୍ଦୁଛନ୍ତି । ସେତେବେଳେ ଏତେ ଅଭିଭୂତ ହୋଇପଡ଼ିଲୁ ଯେ ଆଉ ଡ଼ାକ୍ତର ଡ଼ାକିବାକୁ ଗଲୁ ନାହିଁ । ସେପରି ଭୂତ ଅଛି କି ନା ତା'ର ଠିକ୍ ନାହିଁ, ଛାୟା ଦେଖି ଭୂତର ଆଗମନ ମନେ କରି ଫିଟ୍ ହୋଇପଡ଼ିଲା । ସେଥିପାଇଁ ଠାକୁର କହିଛନ୍ତି— ଅନୁଭବ କର, କିନ୍ତୁ ଅଭିଭୂତ ହୁଅନା । ଠାକୁର କହୁଛନ୍ତି— ଈଶ୍ୱରଙ୍କୁ ଅନୁଭବ କରି, ଆଉ ସେଥିରେହିଁ ଅଭିଭୂତ ହୁଅ । ଏଥିରେ ଦୀର୍ଘାୟୁ ହୁଏ, ଅବୋଧର ବୁଦ୍ଧି ଖୋଲେ ଓ nerve (ସ୍ନାୟୁ) ଶକ୍ତ ହୁଏ । ବାଜେ ଜିନିଷରେ ଅଭିଭୂତ ହେଲେ ଶକ୍ତି ବଢ଼େନା, କ୍ଷୟ ହୁଏ— ଆଉ ବଢ଼ିପାରେନା ।

*(ପିତୃଦେବଙ୍କ ଚରଣପ୍ରାନ୍ତେ/ଇଂତା୨୧୦୬୭୯)*

ରତନ ବୈଦ୍ୟଭାଇ— ଅଭିଭୂତ କଥାର ମାନେ ମୋହଗ୍ରସ୍ତ ହେବା ?

ଶ୍ରୀଶ୍ରୀବଡ଼ଦା— ଅନୁଭବ କରିବା ମାନେ ମୋର senseଟା develop କରିବା । ସମାଧି ହେଲା କା'ରବି, ସେଥିରେ ବାହ୍ୟିକ ଚୈତନ୍ୟ ଲୋପ ପାଇଯାଏ । ଆଉ ଜଣେ ସତ୍‌ଭାବେ ସାରାଦିନ ପରିଶ୍ରମ କରିଲା, ସେବି ବାହ୍ୟିକ ଜ୍ଞାନ ହରାଇଲା । Sound sleep ହେଲା ତା'ର । ବାହ୍ୟିକ ଚେତନା ରହିଲାନି । ଜଣେ ଅନ୍ଧକାରରେ ବିଲୀନ ହେଲା । ଆଉ ଜଣକର ଅନ୍ତର ଆଲୋକିତ ହେଲା । ପୁଣି କେହି ହୁଏତ କାହାକୁ କାନ୍ଦିବାର ଦେଖି ଅଜ୍ଞାନ ହୋଇଗଲା ।

ସତୀଶଭାଇ— ଈଶ୍ୱରଙ୍କଠାରେ ଅଭିଭୂତ ହେଲେ କ'ଣ ହୁଏ ?

ଶ୍ରୀଶ୍ରୀବଡ଼ଦା— ଜ୍ଞାନ ରାଜ୍ୟରେ, ଚିର ଚୈତନ୍ୟମୟ ରାଜ୍ୟକୁ ଗଲି, ଈଶ୍ୱରପ୍ରେମରେ ଯା' ଯା' ହୁଏ । ମୁଁ ରସଗୋଲ୍ଲା ଖାଇନି, ତୁମେ ଅନେକ ବ୍ୟାଖ୍ୟା କରିଲ ରସଗୋଲ୍ଲାର । ମୁଁ ଖାଇନି, ତା' କିପରି ବୁଝିବି ? ଈଶ୍ୱର ପ୍ରେମରେ ଅଜ୍ଞାନତା ନାହିଁ, ଆନନ୍ଦର ରାଜ୍ୟ ।

ସତୀଶଭାଇ— ସେଥିରେ କି ଲକ୍ଷଣ ଦେଖିବ ?

ଶ୍ରୀଶ୍ରୀବଡ଼ଦା— ଅନୁରାଗ ଯା'ର ଲାଗିଛି ସେ ମସ୍‌ଗୁଲ ହୋଇ ଅଛି, ପ୍ରଦୀପ୍ତ ହୋଇ ଥାଏ । ଅଳସତା ନାହିଁ । ଖୁବ୍ active; ଲୋକ କହନ୍ତିନି ଆହାର ନିଦ୍ରା ସବୁ କଳ୍ପନାର ବାହାରେ । ସେମାନେ ଯେ ଆହାର୍ଯ୍ୟ ଗ୍ରହଣ କରନ୍ତି ତା' ଆମେମାନେ କଳ୍ପନା କରି ପାରୁନା ।

ପରମେଶ୍ୱରଭାଇ— ପରମହଂସଦେବ କହିଛନ୍ତି ଆଖିର ଦୃଷ୍ଟିର ପରିବର୍ତ୍ତନ ହୋଇଯାଏ ।

ଶ୍ରୀଶ୍ରୀବଡ଼ଦା— ଯେଉଁମାନେ ସହଜଭାବେ ଅକପଟ ସେମାନେହିଁ ଏଇଟା ଉପଲବ୍ଧି କରିପାରନ୍ତି । କପଟତା ଯେ ଆମମାନଙ୍କର କି କ୍ଷତି କରେ, ସବୁବେଳେ ବଞ୍ଚିତ କରିଦିଏ ।

*(ଯାମିନୀକାନ୍ତ ରାୟଚୌଧୁରୀଙ୍କ ଦିନଲିପି/ଇଂ୧୭।୦୧।୭୬)*

***　　***　　***

**ଯେତେ ପାର ସେବା କର, କିନ୍ତୁ ସାବଧାନ ସେବା ନେବାକୁ ଯେପରି ଇଚ୍ଛା ନ ହୁଏ ।**

ଅନ୍ୟାନ୍ୟ ଦିନ ଭଳି ଆଜିବି ବାଣୀଟି ନେଇ ଆଲୋଚନା ଆରମ୍ଭ ହେଲା । ସତୀଶଭାଇ ଦେବକୁମାରଭାଇଙ୍କୁ (ସିଂହଭାଦୁଡ଼ୀ) ଆଲୋଚନା କରିବାକୁ କହିଲେ ।

ଦେବକୁମାରଭାଇ— ଠାକୁର କହୁଛନ୍ତି ସେବା ନେବାକୁ ଯେପରି ଇଚ୍ଛା ନହୁଏ । ମୋର ସେବା ସମସ୍ତେ କରନ୍ତୁ ଏପରି ଭାବିବାର ନୁହେଁ ।

ଶ୍ରୀଶ୍ରୀପିତୃଦେବ— ସେବା ମାନେ ତ ବୁଝିପାରିଲିନି । ସେବାର ତ ଗୋଟେ ମାନେ ଅଛି । ଆଗେ ଏହାର ମାନେଟା ବୁଝିବା ଦରକାର । ମୋର ସମସ୍ତେ ସେବା କରନ୍ତୁ ସେଇଟା ବା ଭାବିବାକୁ ଯିବି କ'ଣ ପାଇଁ ?

ଅତଃପରେ ଶ୍ରୀଶ୍ରୀପିତୃଦେବ ଅଭିଧାନ ଖୋଲି ସେବ୍ ଧାତୁର ଅର୍ଥ ଦେଖିଲେ । କହିଲେ— ପରିରକ୍ଷଣ, ପରିପୂରଣ, ପରିପୋଷଣ ଏହି ତିନିଟି ସେବାର ଅଙ୍ଗ ।

ଏହାପରେ ଶ୍ରୀଶ୍ରୀପିତୃଦେବ ସତୀଶଭାଇଙ୍କୁ ବାଣୀଟିର ଅର୍ଥ ବୁଝାଇ କହିବାକୁ କହିଲେ ।

ସତୀଶଭାଇ— ଘରକୁ ଅତିଥି ଆସିଲେ ତା'ର ସେବା କରୁ— ରହିବା-ଖାଇବାର ବନ୍ଦୋବସ୍ତ କରୁ । ସେବା କହିଲେ ଏପରି ବୁଝେ ।

ଶ୍ରୀଶ୍ରୀପିତୃଦେବ— ଅତିଥି ଯିଏ, ନାରାୟଣ ଜ୍ଞାନରେ ତା'ର ସେବା କରିବି, ତା'କୁବି ଇଷ୍ଟ ଭାବି ପରିତୃପ୍ତ କରିବାର ଚେଷ୍ଟା କରିବି । ଆଉ ସବୁବେଳେ କ'ଣ ଅତିଥି ଆସିବେ ? କେବଳ କ'ଣ ତାଙ୍କରହିଁ ସେବା କରିବି ? ''ସେବା କର'' କହିଲେ କ'ଣ ଠାକୁର ଏହା କରିବାକୁ ଚାହିଁଛନ୍ତି ? ସେବା କରିବାର ତ କେତେ କ୍ଷେତ୍ର ଅଛି ।

କ୍ଷଣିକ ଅଟକି ଶ୍ରୀଶ୍ରୀପିତୃଦେବ କହିଲେ— ସେବା ମାନେ ମୁଁ ବୁଝେ ଠାକୁରଙ୍କ ସେବା । ନିଃସ୍ୱାର୍ଥ ସେବା ଦ୍ୱାରା ଯେତେବେଳେ ମଣିଷକୁ ଖୁସି କରେ, ତୃପ୍ତ କରେ ସେତେବେଳେ ଠାକୁର ଖୁସି ହୁଅନ୍ତି । ଇଷ୍ଟଜ୍ଞାନରେ ସ୍ଥାବର-ଅସ୍ଥାବର ସବୁକିଛିକୁ ସେବା ଦିଆଯାଏ ।

ସତୀଶଭାଇ— ସ୍ଥାବର ବା inanimate objectକୁ (ନିଷ୍ପ୍ରାଣ ବସ୍ତୁକୁ) ସେବା ଦେବା କିପରି ?

ଶ୍ରୀଶ୍ରୀପିତୃଦେବ— ଯେପରି ଗୋଟେ ବହିର ପୃଷ୍ଠା ଖୋଲାହୋଇ ପଡ଼ିଛି ଦେଖିହିଁ ତୁମେ ତା' ଠିକ୍ କରି ରଖିଲ, ଯା'ରହିଁ ବହି ହେଉନା କାହିଁକି । ଏପରି କରି ପ୍ରତ୍ୟେକ ବସ୍ତୁସତ୍ତାକୁ ସେବା ଦିଆଯାଏ, ତୃପ୍ତ କରାଯାଏ । ଏପରିଭାବେ ସେବା ଦେବାକୁହିଁ ଠାକୁର ଆମମାନଙ୍କୁ କହିଛନ୍ତି । 'ସେବ୍' ଧାତୁର ଅର୍ଥଟା ମନେ ମନେ ଠିକ୍ ରଖିବାକୁ ହୁଏ । କିନ୍ତୁ ମତେ ସମସ୍ତେ ସେବା ଦିଅନ୍ତୁ ତା' ଭାବିବାକୁ ହୁଏନା । ଯେଉଁମାନେ ସେବା ନେବାକୁହିଁ ଅଭ୍ୟସ୍ତ ସେମାନେ ନିଜ ପ୍ରତି ସାମାନ୍ୟତମ ତ୍ରୁଟିରେହିଁ ଅସନ୍ତୁଷ୍ଟ ହୋଇଥାଆନ୍ତି । ଯେଉଁମାନେ ପଇସା ଦେଇ ଚାକର-ବାକର ରଖନ୍ତି ସେମାନଙ୍କ ଅନେକଙ୍କ ମଧ୍ୟରେ ଦେଖାଯାଏ, ତା'ର ସାମାନ୍ୟତମ ତ୍ରୁଟିବି ସହ୍ୟ କରି ପାରନ୍ତିନି । ସେମାନେ ଜାଣନ୍ତି କାମର ସୁବିଧା ପାଇଁହିଁ ଚାକର ରଖାଯାଏ । ଚାକର ଉପରେ ନିର୍ଭର କରିବାକୁ ସେମାନେ ଅଭ୍ୟସ୍ତ ହୋଇପଡ଼ନ୍ତି । କିନ୍ତୁ ଚାକର ମଧ୍ୟରେବି ଇଷ୍ଟ ଅଛନ୍ତି । ତା'କୁବି ଇଷ୍ଟଜ୍ଞାନରେ ସେବା ଦେବାକୁ ହୁଏ । ଉଭୟେ ଉଭୟଙ୍କ ନିକଟରୁ ସେବା ପାଇବାରେ ପାରସ୍ପରିକ ଟାଣ ବଢ଼ିଯାଏ ।

ଗୁରୁକିଙ୍କରଭାଇ (ପାଣ୍ଡେ)— 'ସେବା ଦେବାକୁ ହୁଏ' ଶିଖାଇବା ପାଇଁ ତ ଅନେକ ସମୟରେ ସେବା ନେବାକୁ ହୁଏ । ଯେପରି ମୋ ପୁଅକୁ ମୋର ସେବା କରିବାକୁ କହିଲି । କିମ୍ବା ସଂଶୋଧନ ପାଇଁବି ତ ପ୍ରୟୋଜନ ହୋଇଥାଏ ।

ଶ୍ରୀଶ୍ରୀପିତୃଦେବ— ମୁଁ ନିଜେ ସେବା ନେଇ ଶିଖାଇବାକୁ ଯିବି କାହିଁକି ? ମୁଁ ସେବା ଦିଏ, ତା' ଦେଖି ମୋର ପୁଅ ବି ଶିଖିବ । ମୁଁ ସେବା ଦିଏ, ତା' ଦେଖି ମୋର ପୁଅବି ଶିଖିବ । ମୋର ଆଚରଣ ମଧ୍ୟରେ ତା' ଫୁଟି ଉଠିବ । ଏହିଭାବେ ସେ ବି ବୁଝିବ । ଅବଶ୍ୟ ଦୋଷତ୍ରୁଟି ସଂଶୋଧନ ପାଇଁ ପୁଅଝିଅଙ୍କୁ ଭଲପାଇବା, ମଧୁର କଥାରେ କାମ ନ ହେଲେ ପ୍ରୟୋଜନ ହେଲେ କେତେବେଳେ ବା ଆଘାତ ବି କରାଯାଏ । ଆଘାତ ଦେବାଟାବି ସେଠାରେ ଭଲ ପାଇଁହିଁ । ଯେପରି ଡ଼ାକ୍ତରମାନେ ରୋଗୀର ଘା' କାଟନ୍ତି, ରୋଗୀ ଚିତ୍କାର କରେ, ବ୍ୟଥା ପାଏ— ଏଇଟା ତା'ର ଭଲ ପାଇଁହିଁ ।

ମୋଟକଥା, ଇଷ୍ଟଙ୍କ ପ୍ରୀତି-ଉତ୍ପାଦନହିଁ ସେବାର ମୂଳ ଲକ୍ଷ୍ୟ । ସବୁ ଅବସ୍ଥାରେ ପ୍ରତି ପଦକ୍ଷେପରେହିଁ ଇଷ୍ଟଙ୍କୁ ଖୁସି କରିବାର ବ୍ୟାପାର ଅଛି । ଯା'କୁ ମୁଁ ସେବା ଦେଉଛି ସେ ଯଦି ପୁଷ୍ଟ ନ ହୁଏ, ପରିପୂରିତ ନ ହୁଏ ସେ ସେବାର କୌଣସି ଅର୍ଥ ହୁଏନା, ଇଷ୍ଟ ଖୁସି ହୁଅନ୍ତିନି ସେ ସେବାରେ । ଇଷ୍ଟଙ୍କ ପ୍ରୀତି-ଉତ୍ପାଦନହିଁ ମୋର ଲକ୍ଷ୍ୟ । *(ଇଷ୍ଟ-ପ୍ରସଙ୍ଗ/ଇଂତା୧୮।୦୧।୭୬)*

— ପ୍ରୀତିଦୀପା ରାୟ ଉପରେ ବାଣୀଟି ଆଲୋଚନାର ଭାର ପଡ଼ିଲା । ପ୍ରୀତିଦୀପା ବାଣୀଟି ପୁନରାୟ ପାଠ କରି କହେ— ମୁଁ ଯେତେ ପାରେ ସେବା କରିବି । ଜଣକର ଜ୍ୱର ହୋଇଛି, ତା'ର ମୁଣ୍ଡରେ ପାଣି ଢ଼ାଳି ଦେଲି, ଔଷଧ ଆଣି ଦେଲି ।

ଶ୍ରୀଶ୍ରୀପିତୃଦେବ— କା'ରବି ଯଦି ଜ୍ୱର ନ ହୁଏ ? ଜ୍ୱର ଯଦି ନ ହୁଏ, ସେତେବେଳେ କ'ଣ ସେବା କରିବି ?

ପ୍ରୀତିଦୀପା— ଜଣେ ବୁଢ଼ା ହୋଇଯାଇଛି— ବଜାର କରି ଦେଲି ।

ଶ୍ରୀଶ୍ରୀପିତୃଦେବ— ବୁଢ଼ା ଯଦି ହୋଇ ନ ଥାଏ ?

ପ୍ରୀତିଦୀପା— ଜଣେ ଲୋକ ଯେତେବେଳେହିଁ ଯେଉଁଟା କହିଲା, ମୁଁ ଯଦି ସେଇଟା କରିଦିଏ ।

ବାଣୀଟି ଠିକ୍ ଆଲୋଚନା ହେଉ ନାହିଁ ଦେଖି ଶ୍ରୀଶ୍ରୀପିତୃଦେବ କମଳଙ୍କୁ (ଚକ୍ରବର୍ତ୍ତୀ) କହିବାକୁ କହିଲେ ।

କମଳ— ଠାକୁର ଏଠାରେ କହୁଛନ୍ତି, ଯେତେ ପାର ସେବା କର କିନ୍ତୁ ସେବା ନିଅନା ।

ଶ୍ରୀଶ୍ରୀପିତୃଦେବ— ସେଇଟା କିପରି ? ସେବା ମାନେ କ'ଣ ?

ପାଖରେ ଥିବା ଅଭିଧାନ ଖୋଲି ଦେଖିଲେ— ସେବା ମାନେ ଆରାଧନା । (କମଳଙ୍କୁ) ଠିକ୍‌ହିଁ ତ କହିଛୁ, କହ ।

କମଳ— ଯେତେ ପାର ସେବା କର, କିନ୍ତୁ ସେବା ନିଅନା ।

ଶ୍ରୀଶ୍ରୀପିତୃଦେବ— ତା' ଅଛି ନା କ'ଣ ? ସାଧାରଣଭାବେ ବୁଝି ପାରୁନି ! ସେବା ଦେବାରହିଁ ରିୱାଜ ନାହିଁ ତ ! ସେବା କରିବା ମାନେ କ'ଣ ?— ଯେପରି ଜଣେ ଲୋକ କଳରୁ ପାଣି ପିଇବାକୁ ଆସିଲା— ଗାଧୋଉଥିଲି, ଛାଡ଼ି ଦେଲି । ନିଜର ସୁବିଧା ନ କରି ଅନ୍ୟର ସୁବିଧା କରି ଦେବାହିଁ ସେବା । ଗୋଟେ କୁକୁର ରାସ୍ତାରେ ପଡ଼ିଛି, ଗାଡ଼ି ଚଢ଼ିଯାଇପାରେ— ଦୂରେଇ ଦେଲି । (କମଳ ଆଡ଼କୁ ଚାହିଁ) କେବଳ ଝଗଡ଼ା କରିଲେ ତ ସେବା ହୁଏନା । ତୋର ଚୂଳରେ ହାତ ଦେଲେ ତୁ ମାରିଦେଉ । ଯଦି ବୁଝାଇ ଦେଇ ପାରନ୍ତୁ ତା'ହେଲେ ସେବା ହୁଅନ୍ତା । ମଣିଷର ଯେ କୌଣସି ପ୍ରକାର ସୁଯୋଗ-ସୁବିଧା କରି ଦେବା ନିଜର ଅସୁବିଧା କରିବି— ସେଇଟାହିଁ ସେବା । *(ପିତୃଦେବଙ୍କ ଚରଣପ୍ରାନ୍ତେ/ଇଂତା୨୨।୦୬।୭୯)*

*** *** ***

## ଅନୁରୋଧ କର, କିନ୍ତୁ ହୁକୁମ କରିବାକୁ ଯାଅନା ।

ଆଶ୍ରମର ପିଲାମାନେ ତାଙ୍କ ଆସନ ସାମନାରେ ବସିଛନ୍ତି । ସେଆଡ଼େ ଦୃଷ୍ଟି ବୁଲାଇ ଶ୍ରୀଶ୍ରୀପିତୃଦେବ କହିଲେ— ଧୃତିଦୀପୀ ପଢ଼ ।

ଧୃତିଦୀପିର (ବକ୍ସୀ) ପାଠ ପରେ ସିଏ ଧୃତିସୁନ୍ଦରକୁ (ଭଟ୍ଟାଚାର୍ଯ୍ୟ) ବାଣୀଟି ବୁଝାଇ ଦେବାକୁ କହିଲେ ।

ଧୃତିସୁନ୍ଦର— ଧୃତିଦୀପି ନିକଟରେ ବହି ଅଛି, ମୁଁ ଚାହିଁଲି । କହିଲି— ବହିଟା ଆଣି ଦେବ ?

ଶ୍ରୀଶ୍ରୀପିତୃଦେବ— ବହିଟା କା'ର ? ତୁମର ତ !

ଧୃତିସୁନ୍ଦର— ଆଜ୍ଞା, ମୋର ବହି ।

ଶ୍ରୀଶ୍ରୀପିତୃଦେବ— ତା'ହେଲେ ତ ଚାହିଁବ ହିଁ । ତୁମ ବହି, କିପରି କହିଲେ ଆଦେଶ ହେବ, ଆଉ କିପରି କହିଲେ ବା ଅନୁରୋଧ ହେବ ?

ଏଥର ଶ୍ରୀଶ୍ରୀପିତୃଦେବ ଭବେଶଙ୍କୁ (ସରକାର) ବାଣୀଟି ବୁଝାଇ କହିବାକୁ କହିଲେ ।

ଭବେଶ— ହୁକୁମ କରିଲେ ଚଳିବନି । ଠାକୁର କହୁଛନ୍ତି, ଅନୁରୋଧ କରି କୁହ । ମୋର ବନ୍ଧୁ ଦ୍ୱାରା କିଛି କରାଇବାକୁ ଗଲେ ଅନୁରୋଧ କରିହିଁ କହିବି ।

ଶ୍ରୀଶ୍ରୀପିତୃଦେବ— ବନ୍ଧୁ ନିକଟରେ ତ ଅନୁରୋଧହିଁ କରିବାକୁ ହୁଏ । ଧୃତିସୁନ୍ଦର ଯେପରି କହିଲା— ବହିଟା ଆଣି ଦେବେ ? ବହିଟା ଧୃତିସୁନ୍ଦରର । ଧୃତିଦୀପୀ ନିକଟରେ ଅଛି । ଏଠାରେବି ଅନୁରୋଧ କରିହିଁ କହିବାକୁ ହେବ । (କ୍ଷଣିକ ରହି) ଆମେମାନେ କାହାରିକୁ ଅନୁରୋଧ କରୁ, କାହାକୁ ହୁକୁମ କରୁ । ଆମେମାନେ ହୁକୁମ କରୁ କେଉଁମାନଙ୍କୁ ? ରିକ୍ସାବାଲାକୁ ହୁକୁମ କରୁ, ପରିବାବାଲାକୁ ହୁକୁମ କରୁ । ପଇସା ଦେଇ କିଣୁଛି, ପରିବାବାଲାକୁ କହୁଛି— 'ଏଇ ଗୋଟେ କେଜି ଆଳୁ ଦେ ।' ଘରେ ଯିଏ କାମ କରିଦିଏ, ତା'କୁ କହୁଛି— 'ଦୁଇ ବାଲ୍‌ତି ପାଣି ନେଇଆ' ଶୀଘ୍ର !' — ଏପରି କହିବା ଠିକ୍ ନା କ'ଣ ? ଯିଏ ବୟସରେ ବଡ଼, ତା'କୁ ସମ୍ମାନ ଦେଇ କଥା କହିବାକୁ ହୁଏ । ଯିଏ ଘରେ କାମ କରେ— ଘରର ଚାକର, ତା'କୁବି ସମ୍ମାନ ଦେଇ କଥା କହିବାକୁ ହୁଏ । ବଡ଼ମାନଙ୍କୁ 'ଭାଇ' ସମ୍ବୋଧନ କରି କହିବାକୁ ହୁଏ । ତୁମେ (ଧୃତିସୁନ୍ଦର) ମୋଠାରୁ ବୟସରେ ଛୋଟ, ତୁମକୁ ଯଦି ମୁଁ ସର୍ବଦା ହୁକୁମ କରି କହେ ତୁମକୁ ଭଲ ଲାଗିବନି, ଗୋଟେ ଛୋଟପିଲାକୁ ଉଚ୍ଚସ୍ୱରରେ କହିଲି— 'ଏଇ, ଏକ ପଇସାର ମୁଢ଼ି ନେଇ ଆସ୍ ତ !' ସେ ମୋର କଥା ଶୁଣି ମୋ ମୁହଁକୁ ଥରେ ଚାହିଁ ହିଁ ଧାଇଁ ପଳାଇବ । ଆଜିକାଲିର ପୁଣି ଅନେକ ପିଲା କହି ବସିବେ— ମୁଁ ଚାକର ନା କ'ଣ ? *(କ୍ରମଶଃ)*

*(ପ୍ରସଙ୍ଗ : ସତ୍ୟାନୁସରଣ, ପୃ.୭୩-୭୭)ଅନୁବାଦ:ଡ଼କ୍ଟର ନିରଞ୍ଜନ ମିଶ୍ର*

যেমনতাঙ্কে দেখ্ি

# ଯେମିତି ତାଙ୍କୁ ଦେଖିଛି

*(ପୂର୍ବପ୍ରକାଶିତ ଉତ୍ତାରୁ..........)*

ପାଦର ଶୃଙ୍ଖଳ ଯେତେବେଳେ ଖୋଲିହିଁ ଯାଇଛି, ସେତେବେଳେ ଏଥର ଦୌଡ଼ିବାକୁ ପଡ଼ିବ ଉର୍ଦ୍ଧ୍ୱଶ୍ୱାସ ହୋଇ । ଯାଇ ପହଞ୍ଚିବାକୁ ପଡ଼ିବ ଦ୍ରବଚିତ୍ତର ଉର୍ଦ୍ଧ୍ୱକୁ ।

ପାବନା ଗୟେଶପୁରର ରାଧାରମଣ ଗୋସ୍ୱାମୀ ହେଲେ ଅନନ୍ତନାଥଙ୍କର ଭଉଣୀ ଜୋଇଁ । ରାଧାରମଣ ଗୁରୁଗିରି କରନ୍ତି । ଶିଷ୍ୟ ଯଜମାନ ଅଛନ୍ତି । ଶିକ୍ଷାର ହାତର ଖଡ଼ି ଦେଉଛି ଦୀକ୍ଷା ଦ୍ୱାରା । ରାଧାରମଣଙ୍କ ପାଖରୁ ଦୀକ୍ଷା ନେଇ ସାଧନ ଭଜନ ଆରମ୍ଭ କରିଦେଲେ ଅନନ୍ତ ନାଥ ।

ସାଧନା ମାନେ ସେ ରୀତିମତ ସାଧନା । ଘରଠାରୁ କିଛି ଦୂରରେ ପଡ଼ିଆ ଭିତରେ ଗୋଟାଏ ଛୋଟ ଘର ତିଆରି କରିଛନ୍ତି ଦୁଇ କୋଠରୀ ବିଶିଷ୍ଟ । ଗୋଟାଏ କୋଠରୀରେ ଉଠାବସା କରନ୍ତି । ତମାଖୁ ରଖନ୍ତି । ବନ୍ଧୁବାନ୍ଧବ ଦେଖା କରିବାକୁ ଆସିଲେ ଦୁଇ ମିନିଟ୍ ସେଇଠି ବସି କଥାବାର୍ତ୍ତା କରନ୍ତି । ଆଉ ଗୋଟାଏ କୋଠରୀ ସେଇ ଗୁପ୍ତକକ୍ଷରେ ଚାଲେ ତାଙ୍କର ଗୁହ୍ୟତମର ଅନୁସନ୍ଧାନ । ଦିନ ପରେ ଦିନ କଟିଯାଏ ଏହି ସାଧନା କକ୍ଷରେ । ଥରେ ଧ୍ୟାନରେ ବସିଲେ ଏକାଥରେ ସାତ ଦିନ । ଛଅ ସାତ ଦିନ ପରେ ଗୋଟାଏ ବେଳା ବାହାରକୁ ବାହାରି ସ୍ନାନ ଶୌଚାଦି କରି କିଛି ଫଳମୂଳ ମୁହଁରେ ଦେଇ ପୁଣି ସେଇ ଘର ଭିତରେ ପଶନ୍ତି । କ୍ରମାଗତ ସପ୍ତାହେ ପର୍ଯ୍ୟନ୍ତ ।

ମନେ ମନେ ବଡ଼ କଠୋର ସଂକଳ୍ପ କରିଛନ୍ତି ଅନନ୍ତନାଥ । ଯେମିତି କରି ହେଉ ସେହି ଗୁଢ଼ାତୀତ ପରମାତ୍ମାଙ୍କର ରହସ୍ୟୋଦ୍‌ଘାଟନ କରିବା ଦରକାର ।

ବ୍ରହ୍ମଙ୍କୁ ନ ଜାଣି ପାରିଲେ ବ୍ରାହ୍ମଣ କୂଳରେ କଳଙ୍କ ହୋଇ ମିଛଟାରେ ରହିବେ କଅଣ ପାଇଁ ? ସୃଷ୍ଟିର ମୂଳରେ ରହିଛନ୍ତି ଯେଉଁ ସ୍ରଷ୍ଟା, ତାଙ୍କରି ସାଙ୍ଗରେ ସାକ୍ଷାତ କରିବାକୁ ହେବ । ପୋଥିର ଭଗବାନ ଦ୍ୱାରା ମୋ କଅଣ ହେବ ? ମୁଁ ଚାହେଁ ତାହାଙ୍କୁ ଇନ୍ଦ୍ରିୟ ଦେଇ ଅନୁଭବ କରିବା ପାଇଁ ।

ଅନୁକୂଳଚନ୍ଦ୍ର ଜାଣିବାକୁ ପାଇଲେ ଯେ, ଅନନ୍ତ ସାଧନ ଭଜନ କରୁଛି । ବ୍ରହ୍ମ ଦର୍ଶନ ପାଇଁ କୃଚ୍ଛ୍ର ସାଧନା କରୁଛି । ଧ୍ୟାନ ଯୋଗେ ଧରିବାକୁ ଚାହୁଁଛି ସେହି ଧ୍ୟାନତୀତଙ୍କୁ ।

ଅନ୍ତରେ ଏସବୁ କଅଣ ଆରମ୍ଭ କଲୁ ତୁ ? ମଝିମଝିରେ ଦେଖିବାକୁ ଯାଆନ୍ତି ଓ ପଚାରନ୍ତି ଅନନ୍ତନାଥଙ୍କୁ । ଏସବୁ କଅଣ ପାଇଁ ? ଅନନ୍ତନାଥ ବିସ୍ମିତ ହୁଅନ୍ତି ବନ୍ଧୁଙ୍କର ଏଭଳି ଅବାନ୍ତର ପ୍ରଶ୍ନରେ ।

ବ୍ରହ୍ମାଙ୍କର କୋଷ୍ଠୀ ଘାଣ୍ଟିବାକୁ ଚାହୁଁ ? ଆଛା କରୁ ନାହୁଁ । ସାଧନାର ପଥରେ ସ୍ୱର୍ଶ ଲାଗି କ୍ଷୁଧାଟା କ୍ଷୁରଧାର ହୋଇଯାଉ ପ୍ରଥମେ । ଅପେକ୍ଷାର ଅଗ୍ନିରେ ପୋଡ଼ି ବିଶ୍ୱାସଟା ଆଗେ ନିକଟତର ହେଉ ।

ଅନୁକୂଳଚନ୍ଦ୍ର ଉତ୍ସାହ ଦିଅନ୍ତି ନାହିଁ କି ବାଧା ବି ଦିଅନ୍ତି ନାହିଁ ।

ଅନନ୍ତନାଥଙ୍କର ସାଧନା ଚାଲିବାକୁ ଲାଗିଲା । କୃଚ୍ଛ୍ରର ତୀବ୍ରତା କ୍ରମଶଃ ହିଁ ବଢ଼ିବାକୁ ଲାଗିଲା । ପୁରା ଏକାଥରକେ ଛ' ସାତ ଦିନ ନୁହେଁ, ଶରୀର ଧର୍ମକୁ ଉପେକ୍ଷା କରି ଦିନ ପରେ ଦିନ ଚଳାଇବାକୁ ଲାଗିଲେ ଧ୍ୟାନ ଦର୍ଶନରେ ଈଶ୍ୱରାନୁସନ୍ଧାନ । ଶରୀର କଥାକୁ ଭୁଲିଯାଇ ଈଶ୍ୱରତତ୍ତ୍ୱରେ ମନଟା ଲୀନ ହୋଇଯାଇଛି । ଧ୍ୟାନାସନେ ଯିଏ ବସି ରହିଛି ସିଏ ଏକ ଶବ ଛଡ଼ା ଆଉ କିଛି ନୁହେଁ । ଦେହ ଉପର ଦେଇ ଲାଲ ପିମ୍ପୁଡ଼ିର ଧାର ଚାଲୁଛି । ଦୁଇ ପାଖରେ ଉଇମାଟି ସ୍ତୁପାକାରେ ଉଠିଲାଣି । ତଳେଇର ଫାଙ୍କ ଦେଇ ଉଙ୍କିମାରି ଲୋକମାନେ କହନ୍ତି ଇଏ କଅଣ ଆଉ ବଞ୍ଚି ରହିଛି ? କିଏ କହୁଛି ଇଏ କଅଣ ଅନନ୍ତ ? ଇଏ ହେଉଛି ସେଇ ଶ୍ରୀରାମଙ୍କ ସାଧକ ବାଲ୍ମିକୀ ।

ଏଥର ଆଉ ନିଜ ଆଡୁ ବାହାରନ୍ତି ନାହିଁ । ଦରଜାର ଖିଲ ଭାଙ୍ଗି ବାହାର ଆଡୁ ଦେହ ପ୍ରତ୍ୟୟକୁ ଫେରେଇ ଦେବାକୁ ପଡ଼େ ।

ତଥାପି ସାଧନାର ବିରାମ ନାହିଁ । କେବଳ ଯେ ବାଲ୍ମିକୀ ହେବା ତ ଆଉ ସାଧନା ନୁହେଁ । ରାମ ବି ଦରକାର । ଯେତେ ପର୍ଯ୍ୟନ୍ତ ରାମ ନାହାଁନ୍ତି ସେତେ ପର୍ଯ୍ୟନ୍ତ ବିରାମ ବି ନାହିଁ ।

ବିରତି ନାହିଁ । ଈଶ୍ୱର ଦର୍ଶନର ପ୍ରଚେଷ୍ଟାରେ ଲଗ୍ନରତି ହୋଇଛନ୍ତି ।

ନିରବିଚ୍ଛନ୍ନ ଧ୍ୟାନରେ ଦେହତନ୍ତ୍ରୀଟା ଏଥର ଶୁଖି ଆସିଲା । ତଥାପି ସାଧନାର ସିଦ୍ଧି କାହିଁ ? ଧ୍ୟାନ ଯୋଗେ ଧ୍ୟେୟଙ୍କୁ କେଉଁଠି ଧରାଯାଇ ପାରିଲା ?

ହତାଶ ହୋଇ ପଡ଼ିଲେ ଅନନ୍ତନାଥ । ଦୁଷ୍ଟର୍ଯ୍ୟ ତପସ୍ୟା ଦ୍ୱାରା ବି ଯାହାକୁ ଆୟତ୍ତ କରାଯାଇ ହେଲା ନାହିଁ, ତାଙ୍କୁ ପାଇବାର ଆଶା ପୋଷଣ କରିବେ ଅବା କେଉଁ ଭରସାରେ ? ଧ୍ୟାନରେ

ନାଦ ଶ୍ରବଣ ହେଲା । ଜ୍ୟୋତିଃ ଦର୍ଶନ ହେଲା । ମର୍ତ୍ତ୍ୟ ଲୋକର ଉପରର ଖବର ପାଇ ହେଲା । କିନ୍ତୁ ଭଗବାନଙ୍କୁ ପାଇ ହେଲା ନାହିଁ ତ ? ସେ ତ ସିଦ୍ଧି ଚାହାଁନ୍ତି । ଚାହିଁଛନ୍ତି ବି ସିଦ୍ଧି । ତପଃ ଦୃଷ୍ଟି ନେଇ ଯଦି ଈଶ୍ୱରଙ୍କୁ ବିଦ୍ଧ କରାଯାଇ ନ ପାରିଲା, ତା'ହେଲେ ସେ ତପସ୍ୟାରେ ଆଉ କାମ ନାହିଁ । ଆଉ ସେ ଅକାର୍ଯ୍ୟ ଦେହର ଭାର ବହନ କରିବାରେ କୌଣସି କାର୍ଯ୍ୟ ନାହିଁ । ସ୍ଥିର କଲେ ଅକାମସିଦ୍ଧ ହୋଇ ବଞ୍ଚି ରହିବେ ନାହିଁ ।

ପିନ୍ଧିବାର ଏକମାତ୍ର ଲୁଗାକୁ ମୋଡ଼ି ଦଉଡ଼ି ଭଳି କରି ଆଡ଼କାଠରେ ଝୁଲାଇ ଦେଲେ । ବର୍ତ୍ତମାନ ହିଁ ଏ ଅସାର୍ଥକ ଦେହକୁ ବିସର୍ଜନ ଦେବା ନିମନ୍ତେ ଉଦ୍‌ବିଘ୍ନ ।

ବାହାରେ ସେତେବେଳେ ସଦ୍ୟ ସନ୍ଧ୍ୟା ଓ ମୂଷଳଧାରାରେ ବର୍ଷା ହେଉଛି । ଭାବିଲେ ଏହିହିଁ ଉପଯୁକ୍ତ ସମୟ । ରାତ୍ରିର ଆସନ୍ନ ଅନ୍ଧକାର ସଙ୍ଗେ ସଙ୍ଗେ ଚାଲିଯିବେ ମୃତ୍ୟୁର ଅଦୃଶ୍ୟ ତମସା ମଧ୍ୟକୁ । କେହି ଜାଣିବେନି । କେତେବେଳେ କଅଣ ହେଲା ?

କବାଟ ଖିଲ ଭଲ କରି ଲଗାଇ ଦେଇ ଚାଲିଲେ ଆତ୍ମହତ୍ୟା ପାଇଁ । ହୁଏତ ଭଗବାନ ଦେଖା ଦିଅନ୍ତୁ । ନୋଚେତ୍ ଏ ଜୀବନ ଯାଉ । ସାଧନାର କଠିନ ପ୍ରଚେଷ୍ଟା ବେଦନାର ଅଶ୍ରୁ ହୋଇ ଝରି ପଡ଼ିଲା ଥରେ । ଯେହେତୁ ଭଗବାନଙ୍କୁ ପାଇଲି ନାହିଁ, ତେଣୁ ଏ ଜୀବନ ସମାପ୍ତ ହେଉ ।

ଚଟପଟ କରାଘାତ ପଡ଼ିଲା ବାହାରର କବାଟ ଉପରେ । ଚମକିତ ହେଲେ ଅନନ୍ତନାଥ । ଏ ଚରମ ମୁହୂର୍ତ୍ତରେ ପୁଣି କି ବିଘ୍ନ !

ଏମିତି ବାହାରୁ ଶବ୍ଦ ଆସିଲା : ଅନନ୍ତରେ ଶୀଘ୍ର ଦରଜା ଖୋଲ । ଓଦା ହୋଇଗଲିରେ । କାହିଁ ଖୋଲିଲୁ ?

ଅନନ୍ତ ଚିହ୍ନି ପାରିଲେ କିଏ ଡ଼ାକୁଛି ବାହାରେ । କିନ୍ତୁ ନା ତା' ପୂର୍ବରୁ ହିଁ କାମ ଶେଷ କରିବାକୁ ପଡ଼ିବ । ଖିଲ ଖୋଲିବାକୁ ନ ଯାଇ ଲୁଗାର ରଶିଟାକୁ ଶୀଘ୍ରଶୀଘ୍ର ଗଳାରେ ଗୁଡ଼େଇ ନେଲେ ।

ଆଉ ଏପଟେ ଦୁଆରେ ପ୍ରଚଣ୍ଡ ପଦାଘାତ ପଡ଼ିଲା । ସଙ୍ଗେ ସଙ୍ଗେ ଖିଲ ଭାଙ୍ଗି ଦୁଆର ଖୋଲିଗଲା ।

ଅନନ୍ତନାଥ ପୂର୍ବରୁ ବିସ୍ମିତ ହୋଇଥିଲେ, ଏଥର ସ୍ତମ୍ଭୀଭୂତ ହେଲେ ବିସ୍ମୟରେ । ଫାଙ୍କି ଦେବାକୁ ଯାଇକି ଫାଙ୍କି ଦେଇ ପାରିଲେ ନାହିଁ ।

ତୁମେ ଏଠାରେ ? ଏମିତି ଭାବେ ? ପ୍ରଶ୍ନ କରିବାକୁ ଯାଇ ଥତମତ ଖାଇ ଯାଆନ୍ତି ଅନନ୍ତନାଥ ।

ଘରେ ଔଷଧ ଧରି ଲୋକମାନଙ୍କ ସହ ଗଳ୍ପ କରୁଥିଲେ ଅନୁକୂଳଚନ୍ଦ୍ର । ହଠାତ୍ ଆକାଶର ଆସନ୍ନ ବର୍ଷା ଦିଗରେ ଚାହିଁ କେମିତି ଏକ ଭାବାନ୍ତର ହେଲା । ବାରଣ୍ଡାରେ ବସିଥିଲେ । ତଳକୁ ଲମ୍ଫ ଦେଇ ଡ଼େଇଁ ପଡ଼ିଲେ । ଝଡ଼ ବୃଷ୍ଟିରେ ଓଦା ହୋଇ ଦୌଡ଼ି ଚାଲିଲେ କାଶୀପୁରର ପଡ଼ିଆ ଆଡ଼କୁ । ଏକା ଦୌଡ଼ରେ ଆସି ହାଜର ହୋଇଛନ୍ତି ଅନନ୍ତର ସାଧନା ଘରେ ।

ସେତେବେଳ ପର୍ଯ୍ୟନ୍ତ ଧକାଉଛନ୍ତି ଅନୁକୂଳଚନ୍ଦ୍ର । ଶଳା, ମୋତେ ଛାଡ଼ି ଯିବୁ କୁଆଡ଼େ ? କଥା ସାଙ୍ଗରେ ଆକ୍ଷେପ ଆକୂତିର ବେଦନା ।

ଶଳା, ଏଇ ସାଧନା କଅଣ ମଣିଷର ଶେଷ ସାଧନା ? ନିଶ୍ଚୟତାର ଦୃପ୍ତ କଣ୍ଠରେ ରଡ଼ି ଛାଡ଼ିଲେ ଅନୁକୂଳଚନ୍ଦ୍ର । ବିଫଳ ହୋଇଛୁ ? କେଉଁଠି ? ତୁ ଭଗବାନଙ୍କ ପାଇଁ ପାଗଳ, ଆଉ ଭଗବାନ କଅଣ ଚୁପ୍ କରି ବସିପାରିବେ ? ସେ ଯେ ଦୌଡ଼ିଛନ୍ତି ତୋ ପଛରେ । ଦେଖି ପାରୁନୁ ?

ତୁମେ ଯଦି ଗୋଟାଏ କଡ଼ାଏ ବ୍ୟସ୍ତ ହୋଇଛ, ତେବେ ସେ ବ୍ୟସ୍ତ ହୁଅନ୍ତି ଏକ କାହାଣ । ସେ ଟାଣି ନିଅନ୍ତି ସାମନା ପଟକୁ । ତେଣୁ ଲୋକ ଯାଆନ୍ତି, ଦେଖନ୍ତି, ଆଗେଇ ଯାଆନ୍ତି । ତାଙ୍କର ଆକର୍ଷଣ ହିଁ ହେଲା ଗତି ଏବଂ ତାଙ୍କ ପାଇଁ ବ୍ୟଗ୍ରତା ହେଲା ତାଙ୍କର କରୁଣା ।

ବ୍ୟଗ୍ରଜନଙ୍କର ଅଗ୍ରରେ ଆସି ଠିଆ ହୁଅନ୍ତି ନିଜେ ଶ୍ରୀଭଗବାନ ।

ଭଲ କରି ଆଖି ରଗଡ଼ି ନେଲେ ଅନନ୍ତନାଥ । ଦେଖିଲେ ସାମନାରେ ଠିଆ ହୋଇଛନ୍ତି ଅନୁକୂଳଚନ୍ଦ୍ର ।

ଏଥର ଆଉ ଦେଖିବାର ସାଧନା ନୁହେଁ । ସାଧନା ଆରମ୍ଭ ହେଉ ତଦ୍‌ଗତ ହେବା ପାଇଁ ।

ହାତରେ ଧରି ଘରୁ ବାହାର କରି ଟାଣି ନେଇଗଲେ ଏକଦମ୍ ମା'ଙ୍କ ପାଖକୁ ।

ମା', ଏଇ ଅନନ୍ତର ଗୋଟାଏ ବ୍ୟବସ୍ଥା କରିଦିଅ । ଶଳା ମରିବାକୁ ଯାଉଥିଲା । କହୁଛି ଭଗବାନ ମିଳିଲେନି, ଆଉ ଏ ଜୀବନ ରଖିବିନି ।

ମା' ଓଠ ଧରି ଅନନ୍ତକୁ ଆଦର କରୁଛନ୍ତି । କି ଦେହ ଥିଲା, ଆଉ କଅଣ ହୋଇଛି ? ଅନନ୍ତ ତଥାପି ମୁଗ୍ଧ ଭଳି ଚାହିଁଛନ୍ତି ବନ୍ଧୁଙ୍କ ଆଡ଼କୁ । ତୁମେ କେମିତି ଏତେ ସବୁ ଜାଣିପାରିଲ ? ତୁମେ କଅଣ ତା'ହେଲେ ଆଉ କିଛି ?

ମା'ଙ୍କ ପାଖରେ ଦୀକ୍ଷା ହେଲା ଅନନ୍ତଙ୍କର ।

ଚତୁର୍ଦ୍ଦିଗରେ ରଟିଗଲା ଅନୁକୂଳଚନ୍ଦ୍ର ଅନ୍ତର୍ଯ୍ୟାମୀ ବୋଲି । ଅନନ୍ତ ପାଖରେ ସେ ନିଜେ ଧରା ଦେଇଛନ୍ତି ।

ଘଟଣାଟିକୁ ପ୍ରଚାର ନ କରି ଓ ପ୍ରିୟତମଙ୍କ କଥା ଲୋକଙ୍କ ପାଖରେ ନ କହି ରହି ପାରିଲେ ନାହିଁ ଅନନ୍ତନାଥ । *(କ୍ରମଶଃ)*

*(ମୂଳ ବଙ୍ଗଳା ରଚନା : ଶ୍ରୀନାଥ)(ଓଡ଼ିଆଭାଷାନ୍ତର : ଶ୍ରୀମତୀ ବିଷ୍ଣୁପ୍ରିୟା ପଣ୍ଡା)*

বিকৃতি-বিনায়না

# ଇଷ୍ଟନିଦେଶ ପରିପାଳନେ ଢ଼େରି କରିବା ମାନେ ?

## ଶ୍ରେୟପ୍ରତିଷ୍ଠା ବିକ୍ଷୁବ୍ଧ ହୁଏ,
## ଏପରି କିଛି କରିବାର ପରିଣାମ

ତୁମର ଶ୍ରେୟ-ପ୍ରେୟ ବୋଲି
ଯଦି କେହି ଥାଆନ୍ତି,
ଇଷ୍ଟ ବା ଆଦର୍ଶ ବୋଲି
ଯଦି କେହି ଥାଆନ୍ତି,
ଯେକୌଣସି ବ୍ୟାପାରରେହିଁ ହେଉ ନା କାହିଁକି—
ତାଙ୍କର ଭାବସଙ୍ଗତି, ବାକ୍ ଓ ବ୍ୟକ୍ତିତ୍ୱର ସହିତ
ଯଦି ସୁସ୍ପଷ୍ଟ ସଙ୍ଗତି ନ ଦେଖ,
ବା ତାଙ୍କ କଥା ଓ କରଣର ପ୍ରତିଷ୍ଠା ପରିବର୍ତ୍ତେ
ତା' ଭାଙ୍ଗି, ବିକୃତ କରି
ସ୍ୱାର୍ଥସିଦ୍ଧିର ପ୍ରୟାସ ଯଦି ଦେଖ,
ତା'କୁ ଗ୍ରହଣ କରିବାକୁ ଯାଅନା;
ପ୍ରୀତିର ପରମ ଲକ୍ଷଣହିଁ ହେଉଛି ପ୍ରିୟପ୍ରତିଷ୍ଠା,
ଏହି ପ୍ରିୟପ୍ରତିଷ୍ଠା ବିକ୍ଷୁବ୍ଧ ହୁଏ—
କୋଉଠିବି,
କୌଣସି ବ୍ୟାପାରରେ
ଏହିଭଳି ଯଦି କିଛି କର ବା କୁହ,
ବୁଝି ନିଅ—
ତୁମର ଇଷ୍ଟ, ପ୍ରିୟ ବା ପ୍ରେୟ-ପ୍ରୀତି ବୋଲି
କିଛି ନାହିଁ,
ତୁମେ ବ୍ୟତ୍ୟୟୀ ବାତ୍ୟାରେ
ଝଡ଼ର କୁଟା ଭଳି
ପ୍ରବୃତ୍ତି-ପ୍ରବାହିତ ହୋଇ ଚାଲିଛ,
ତୁମର ପ୍ରବର୍ଦ୍ଧନା ଓ ପ୍ରତିଷ୍ଠାବି
ସେଇ ଚାଲରେ ଆପୁଆପୁ ହୋଇ
ନାଚନ ଆରମ୍ଭ କରି ଦେଇଛି,
ଭବିତବ୍ୟ ଯେଉଁ ଭବିଷ୍ୟତ୍ ସୃଷ୍ଟି କରୁଛି—
ତା' କିନ୍ତୁ ଇଷ୍ଟାପୂତ କଲ୍ୟାଣପ୍ରସୂ ନୁହେଁ;
ଆଉ, ଯିଏ ତୁମକୁ ସମର୍ଥନ କରେ
ସେଇ ସେଇ ବ୍ୟାପାରରେ,—
ସେବି କିନ୍ତୁ
ସେଇ ବାତ୍ୟାରେ ଘୂର୍ଣ୍ଣିଚକ୍ର—
ଯା'ର ଫଳ ଭବିଷ୍ୟତ୍-ଗର୍ଭରେ
ନିହାତି ଅନ୍ଧକାରମୟ ହୋଇ
ଉଦ୍‌ବର୍ତ୍ତନାର ପ୍ରବୃଦ୍ଧି ଲାଭ କରିଛି;
ଭଲହିଁ ଯଦି ଚାହଁ—
ସମ୍ଭାଳି ହୋଇ ଚାଲ,
ନହେଲେ, ଝଡ଼ର କୁଟା ଭଳି
ତୁମର ନରକର ପଥ
ଅବାଧ ହୋଇଉଠିବ,
ଆଉ, ତା' ନିରୋଧ କରିବ—
ଏପରି କେହି କିନ୍ତୁ ବିରଳହିଁ । ୩୫୨ ।

## ଇଷ୍ଟନିଦେଶ ପରିପାଳନେ ଢ଼େରି କରିବା ମାନେ ?

ଇଷ୍ଟ ବା ପ୍ରେଷ୍ଟ-ନିଦେଶ
ସକ୍ରିୟ ପରିଚର୍ଯ୍ୟାରେ ପରିପାଳିତ କରି
ମୂର୍ତ୍ତ କରିବାକୁ ଅଯଥା ଢ଼େରି ହେଉଛି ବା ପାରୁନା
ତା'ର ମାନେହିଁ ଏହା—
ତୁମର ଆବେଗ ସକ୍ରିୟତାରେ ଶ୍ଳଥ ହୋଇଉଠିଛି,
ପ୍ରବୃତ୍ତିପ୍ରଲୁବ୍ଧ ବିବେକ ଯୋଗୁଁ
ତୁମେ ସେଥିରେ ଉଦ୍ଦାମ ହୋଇଉଠି ପାରୁନା,
ତୁମର ଚାହିଦାର ଟାଣ
ଆଉ ଇଷ୍ଟାନୁଗ ଆବେଗର ଭିତରେ
ଗୋଟେ ସଂଘର୍ଷ କରାଇ
ତା'କୁ ହଦିଶହରା ଓ ମନ୍ଥର କରି ଚାଲିଛି—
ତା' ଶାରୀରିକ, ମାନସିକ
ବା ଯେକୌଣସି ରକମରେହିଁ ହେଉ;
ଯେତେବେଳେହିଁ ଏପରି ଦେଖିବାକୁ ପାଉଛ—
ତୁମେ ସତର୍କ ହୁଅ, ସମୁଦ୍ଧ ହୁଅ,
ତୁମର ଆଗ୍ରହ-ଆବେଗକୁ
ଧକ୍କାରେ ଏହିଭଳି ଉସ୍କାଣ ଦେଉଥାଅ—
ନିରନ୍ତରତାରେ ଯେପରି ତୁମେ
ସକ୍ରିୟ ହୋଇ ଚାଲିପାର— ବିହିତ ନିୟନ୍ତ୍ରଣରେ,
ଏହି ଚଳନାର ବିପର୍ଯ୍ୟୟୀ
ଭାବ, ଧାରଣା ବା ସଂସ୍ରବକୁ ଏଡ଼ାଇ,
କିଛିଦିନ ଭିତରେହିଁ ତୁମର ଆଗ୍ରହ
ପୁଣି ତେଜିୟାନ୍ ହୋଇଉଠିପାରେ । ୨୧୨ ।

*(ବିକୃତି-ବିନାୟନା)*

শাশ্বতী

# ନୀତି

ଉନ୍ନତ ହୁଅ— ଆଉ ଉନ୍ନତ କର;
କିନ୍ତୁ ସ୍ୱାର୍ଥସମାରୋହରେ
ଅବନତିର ବିସ୍ତାର ଆଣନା । ୪୪୪ ।

ବଡ଼କୁ ଛୋଟ କରିବାକୁ ଯାଅନା,
ବରଂ ନିରୋଧ କର— ସେ ଚେଷ୍ଟାକୁ,
ଯେତେ ପାର
ଛୋଟକୁ ବଡ଼ କରିବାକୁ ଚେଷ୍ଟା କର ବିହିତଭାବେ—
ଯେପରି ବଡ଼ ହୋଇପାରନ୍ତି ସେମାନେ ବାସ୍ତବରେ—
ସତ୍ତାରେ । ୪୪୫ ।

ବୈଶିଷ୍ଟ୍ୟକୁ ଉତ୍‌କ୍ରମଣଶୀଳ କରିତୋଳ
ଶିଷ୍ଟ ଚଳନରେ—
ନଷ୍ଟ କରନା ତା'କୁ ବିରୁଦ୍ଧାଚାରେ, ଅନାଚରଣେ,
ଅପରିପୋଷଣେ । ୪୪୬ ।

ଅନ୍ୟାୟ କରନା—
ଦୁର୍ଦ୍ଦଶା ତୁମକୁ ଦୁଃସ୍ଥ କରି ତୋଳିବନି । ୪୪୭ ।

ଅନ୍ୟାୟର ପ୍ରତିବାଦ କର—
ପାର ତ ଏପରି କରିହିଁ ତା'କୁ ନିରୋଧ କର—
ମଙ୍ଗଳର ଅଧିକାରୀ ହେବ;
ଆଉ, ସେଇ ତ ଆଶୀର୍ବାଦର ଦୂତ । ୪୪୮ ।

ମନ୍ଦକୁ ନିରୋଧ କର—
କିନ୍ତୁ ବିରୋଧ ସୃଷ୍ଟି କରନା
—ପାରତପକ୍ଷେ । ୪୪୯ ।

ଚାଲିବା ସଙ୍ଗେସଙ୍ଗେହିଁ
ଭୁଲ୍ ଦୂର କରୁଥାଅ—
ପୌରୁଷ ଅବ୍ୟାହତହିଁ ରହିବ ସେଥିରେ । ୪୬୭

ଯଦି ସ୍ୱାର୍ଥହିଁ ଚାହଁ—
ତୁମର ସ୍ୱାର୍ଥ ଯେ, ତା'ର ସ୍ୱାର୍ଥ ହୋଇ ଠିଆହୁଅ,
ସ୍ୱାର୍ଥାନ୍ଧ ହୋଇ ତା'କୁ ଉପେକ୍ଷା କରନା,
ସ୍ୱାର୍ଥପରତାରେ ସ୍ୱାର୍ଥକୁ ବିସର୍ଜନ ଦିଅନା,
ସ୍ୱାର୍ଥ ତୁମର ଅନାବିଳ ହୋଇଉଠିବ । ୪୫୦ ।

ଯଦି ଚାହଁ,
ଏପରି ଠିଆହୁଅ—
ଯେଉଁଥିରେ ତୁମର ପାଇବାଟା
ସ୍ୱତଃସ୍ଫୂର୍ତ୍ତ ହୋଇଉଠେ । ୪୫୧ ।

ବୃତ୍ତିନିଶା ଓ ବାଞ୍ଛିତାନୁରାଗ ମଧ୍ୟରେ
ଆପୋଷରଫା କରି ଚାଲନା—
ବିକୃତ ଚଳନ ତୁମକୁ ବିକ୍ଷୁବ୍ଧ କରିବ କମ୍ । ୪୫୨ ।

କଥାରେ କାମରେ ଯା'ର ମେଳ ନାହିଁ—
ଖ୍ୟାତି ତା'ର ଯେତେହିଁ ଥାଉ—
ଯଦି ସେଥିରେ ନିର୍ଭର କରିବାକୁ ଚାହଁ,
ଖୁବ୍ ହିସାବ କରି କର—
ନଚେତ୍ ଠକିବ,— ବିପଦରେବି ପଡ଼ିପାର । ୪୫୩ ।

କାମରେ ଢ଼ିଲା, ବାକ୍‌ବିଳାସୀ ଯେଉଁମାନେ—
ଯଦି ସେମାନଙ୍କୁ ବ୍ୟବହାର କରିପାର—
ଭଲ ହିଁ,
କିନ୍ତୁ ଆସ୍ଥା ରଖି ଚାଲନା—
ବଞ୍ଚିତ ହୋଇପାର । ୪୫୪ ।

ନିଶ୍ଚେଷ୍ଟମାନଙ୍କର କଲ୍ୟାଣ ଅବସାଦଗ୍ରସ୍ତ;
ଯଥାବିହିତ ଚେଷ୍ଟା କର,
ଆୟତ୍ତରେ ଆଣ—
ଆଉ, ଉପଭୋଗ କର କଲ୍ୟାଣକୁ । ୪୫୬ ।

ବିପଦକୁ ଅଯଥା ଡ଼ାକି ଆଣନା,
ଯେତେ ପାର ତା' ସମ୍ଭାଳି ଚାଲ—
ସଂଯତ ହୋଇ— ବିଚକ୍ଷଣତାରେ,
ଯେପରି ତା'ର ଗ୍ରାସରେ ନ ପଡ଼—
ଏଡ଼ାଇବ— ବିପାକକୁ । ୪୫୭ ।

*(ଶାଶ୍ୱତୀ)*

ବିଧି ଓ ଜୀବନ

# ଅନୁଗ୍ରହ ଓ ନିଗ୍ରହ

## ଅନୁଗ୍ରହ ନ କରିଲେ ନିଗ୍ରହ କରିବାର ଅଧିକାର ରହେନା

ଯେ ବା ଯେଉଁମାନେ
ତୁମର ଅନୁକମ୍ପା-ଉତ୍ସାରଣୀ
ଅଯାଚିତ ଅନୁଗ୍ରହରୁ ବଞ୍ଚିତ,
ବା ତୁମର ଅନୁଗ୍ରହ ପାଇବାର
ପ୍ରତ୍ୟାଶାହିଁ କରିପାରନ୍ତିନି,
ତୁମେ ଯେହିଁ ହୁଅନା କାହିଁକି—
ସେମାନଙ୍କୁ କାହାକୁ କୌଣସିପ୍ରକାରେ ନିଗ୍ରହ କରିବା
ତୁମ ପକ୍ଷେ ନିତାନ୍ତ ଅପରାଧର,
କାରଣ, ଯା'କୁ ତୁମେ
ସତ୍ତାପୋଷଣୀ ଅନୁଗ୍ରହ-ଅବଦାନରୁ
ବଞ୍ଚିତ କରିଛ—
ତା'କୁ ଶାସନ କରିବାର ଅଧିକାରବି ତୁମର ନାହିଁ,
ତେବେ ଶୁଭ-ସନ୍ଦୀପନୀ ଅସତ୍-ନିରୋଧରେ
ସମସ୍ତଙ୍କର ହିଁ ଅଧିକାର ଅଛି । ୨୪୧ ।

## ନିଖୁଣ ଚଳନ

ଚକ୍ଷୁ, କର୍ଣ୍ଣ, ଜିହ୍ୱା, ନାସିକା, ତ୍ୱକ୍,
ସନ୍ଧିତ୍ସା, ବୋଧ-ବ୍ୟବହାର, ଚାଲି-ଚଳନଗୁଡ଼ିକୁ
ଉଦ୍ଦେଶ୍ୟରେ କେନ୍ଦ୍ରାୟିତ କରି
ଏହିଭଳି ସୁନିୟନ୍ତ୍ରିତ କରି ଚାଲିବାକୁ ହୁଏ—
ଯେଉଁଥିରେ ତୀକ୍ଷ୍ଣ ଧୀ ନେଇ
ସାମଞ୍ଜସ୍ୟରେ ସାର୍ଥକ କରିତୋଳି
କୂଟକୌଶଳରେ ନିଖୁଣଭାବେ
ଅନୁଧାବନ କରିପାର ବ୍ୟାପାରଗୁଡ଼ିକୁ,
ଆଉ, ବିପତ୍ତି ଆସିବା ଆଗରୁହିଁ
ଅଚ୍ଛେଦ୍ୟ ନିରୋଧ ସୃଷ୍ଟି କରି ରଖିପାର—
ଉତ୍କ୍ରମଣୀ ଚଳନାକୁ
ଅବ୍ୟାହତ ଗତିରେ ଚଲେଇ—
ସାର୍ଥକ କୃତିତ୍ୱରେ,
ନହେଲେ, ଅନ୍ତର୍ନିହିତ ଫାଙ୍କଗୁଡ଼ିକ
ଏପରି ବେଫାଁସ ବିକୃତିର ପଥ ଖୋଲି ଦେବ—
ତୁମେ ସେଥିରେ ବ୍ୟର୍ଥ ହେବାକୁ ବାଧ୍ୟ ହେବହିଁ ହେବ । ୨୪୨ ।

## ଯା'କୁ ନିଜର କରି ନ ନେଇଛ, ତା'ର ହଜାରେ କରିବାବି ତୁମେ ବୋଧ କରିପାରିବନି

ତୁମର ସ୍ନାୟୁତନ୍ତ୍ରରେ
ବିଧାନର କୌଣସି କିଛି ଯଦି
ସଙ୍ଗତିଲାଭ କରି ନଥାଏ—
ସେଠାରେ ଯେପରି ତୁମର
ବେଦନାବୋଧ ନଥାଏ,
ସେପରି ହୃଦ୍ୟ ଅନୁବେଦନା ନେଇ
ତୁମର ଆତ୍ମସମ୍ବେଗ
ଯେଉଁଠାରେ ଖେଳେଇ ଯାଇନି—
ବୋଧ ଓ ବେଦନାବି ସେଠାରେ
ସେପରି ମୂଢ଼ ଅଭିଭୂତି ନେଇହିଁ ଚାଲିଥାଏ;
ଗୋଟେକଥାରେ, ଯା'ଙ୍କୁ ନିଜର କରି ନ ନେଇଛ—
ସେ ଲକ୍ଷେ କରୁ ତୁମ ପାଇଁ,
ତୁମେ ତା'କୁ ଅନୁଭବ କରିପାର କମ୍‌ହିଁ,
ନିଜରହିଁ ଧୂକ୍ଷିତ ଚାହିଦାରେ
ତୁମେ ଯେତେବେଳେ ପରିବ୍ୟାପ୍ତ ହୋଇରୁହ—
ଦାମ୍ଭିକ ଗର୍ବେପ୍‌ସାରେ
ପ୍ରତ୍ୟାଶାବିଧୁର ହୋଇ;
ପୁଣି, ଆତ୍ମିକ ସ୍ନାୟୁସଙ୍ଗତି ଯଦି ଥାଏ—
ସେତେବେଳେ ତା'ର ଏତେଟିକେ କରିବାବି
ତୁମେ ପ୍ରଭୂତ ବୋଲି ବୋଧ କର । ୨୪୩ ।

## ଉଦ୍ଧତ ଦାବି ଓ ବିନୀତ ପ୍ରାର୍ଥନା

ଉଦ୍ଧତ ଦାବି ନ୍ୟାଯ୍ୟ ହେଲେବି
ତା' ପାଇବାର ପରିପନ୍ଥୀ,
ଆଉ, ହୃଦ୍ୟ-ଅଭିସାରିଣୀ ବିନୀତ ପ୍ରାର୍ଥନା
ପାଇବାର ପଥହିଁ ପ୍ରଶସ୍ତ କରେ । ୧୦୯ ।

*(ବିଧି-ବିନ୍ୟାସ)*

মত ও মন্তব্য

## ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ମତ ଓ ମନ୍ତବ୍ୟ ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ପ୍ରତି

''ତୁମେ ସତୀ, ସାଧ୍ୱୀ, ସ୍ୱାମୀ-ପରାୟଣା, ତୁମକୁ ମୁଁ ଆଉ
କ'ଣ ଶିକ୍ଷା ଦେବି ? ବରଂ ମୁହିଁ ତୁମ ନିକଟରୁ
ତୁମର ସ୍ୱାମୀ-ଭକ୍ତି ଶିକ୍ଷା କରିବାର ଉପଯୁକ୍ତ ।
ପାରତ, ତୁମେହିଁ ମୋତେ ଯେତେଦୂର ପାର ଚଳାଇ ନିଅ ।''

********************************

''ଯେଉଁ ସ୍ତ୍ରୀ ସ୍ୱାମୀଙ୍କୁ ସାକ୍ଷାତ୍ ଦେବତା ଜାଣି, ସ୍ୱାମୀ-ସେବାକୁ
ଦେବ-ସେବା ମନେକରି ସ୍ୱାମୀ-ସୁଖରେ ସୁଖିନୀ,
ଦୁଃଖରେ ଦୁଃଖିନୀ ହୁଏ, – ଯେଉଁ ରମଣୀ ସ୍ୱାମୀ
ଭିନ୍ନ ଆଉ କିଛି ହେଲେ ଜାଣେନା–
ଏପରି ଦେବୀ ନିକଟରୁ ମୋର
ଅନେକ କିଛି ଶିକ୍ଷା କରିବାକୁ ଅଛି ।''

********************************

ଆପଣମାନଙ୍କର ଠାକୁର ଯଦି ନାରୀଦେହ ନେଇ
ଜନ୍ମିଥା'ନ୍ତେ, ତା'ହେଲେ ତାଙ୍କର ଯେଉଁ ରୂପ
ହୋଇଥାଆନ୍ତା, ତା'ହିଁ ଏଇ ବଡ଼ବୋଉ ।''

********************************

''ବଡ଼ବୋଉ ଯଦି ସୁସ୍ଥ ଥା'ନ୍ତା, ତା'ହେଲେ
ମୁଁ ବୋଧହୁଏ ଶୀଘ୍ର ସୁସ୍ଥ
ହୋଇଉଠି ପାରିଥା'ନ୍ତି ।''

********************************

''ବଡ଼ବୋଉ ନଥିଲେ ମୋର ଲୋକ-ଜୀବନ
ଏପରି ନିରୁଦ୍‌ବେଗ
ହୋଇ ନଥା'ନ୍ତା ।''

********************************



# ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ମତ ଓ ମନ୍ତବ୍ୟ
# ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ପ୍ରତି

ପରିବାର ଜୀବନର କଥା କହିବାକୁ ଯାଇ ଶ୍ରୀଶ୍ରୀଠାକୁର କହିଲେ– ବଡ଼ବୋଉ ପରି ମଣିଷ ହିଁ ଦେଖେନା, ମୋର ଖୁବ୍ ଶ୍ରଦ୍ଧା ହୁଏ । ରାମକୃଷ୍ଣଦେବଙ୍କ ସ୍ତ୍ରୀ ମା'ଠାକୁରାଣୀ ଯେପରି ଥିଲେ, କେତେକାଂଶରେ ସେଇ ଧରଣର । ମୋର ବିବାହ ହୋଇଛି ସେଇ ୧୮ବର୍ଷରେ । ତା'ପରେ ଏପର୍ଯ୍ୟନ୍ତ ମୋର ତା' ସଙ୍ଗେ କୌଣସିଟା କିଛି ନେଇ ବାଧା ଉପୁଜିନି ପ୍ରାୟଃ । କାହାର କଥାରେ ଘର ପାଖ ଗବ ଗଛଟା କାଟିଥିଲା, ସେହିଦିନ ମୋର ରାଗ ହୋଇଥିଲା । ତା'ଛଡ଼ା ମୋର ମନରେ କୌଣସି ବ୍ୟଥା ହିଁ ଦେଇନି । କଂସରାଜାର ଖିଆଲ ପରି କେତେ ହୁକୁମ ଚଳାଇଛି । ହସମୁଖରେ ସୁଖ କରିଛି । ସନ୍ତପ୍ତ ହୋଇ ନାହିଁ । ମୁଁ ଚାଲିଗଲେ ତା'ର ତିଷ୍ଠିବା ମୁସ୍କିଲ୍ । ତେବେ ବଡ଼ଖୋକା ଏତେ ବିବେଚକ– ଏଇ ଯା' ଭରସା । ଭଗବାନ କରନ୍ତୁ ଏମାନେ ବଞ୍ଚିଥାଆନ୍ତୁ, ସୁସ୍ଥ ରୁହନ୍ତୁ ।

*(ଆଲୋଚନା-ପ୍ରସଙ୍ଗ, ୧୫ଶଖଣ୍ଡ)*

*** *** ***

ଶ୍ରୀଶ୍ରୀଠାକୁର– ବଡ଼ବୋଉରବି (ଶ୍ରୀଶ୍ରୀବଡ଼ମା'ଙ୍କର) ନିଦ ହୁଏନା । ମୋଠାରୁ ତା'ର ଦାୟିତ୍ୱ ଯେପରି ବେଶୀ । ତା'ର ନିଦ କୁକୁର ପରି (ସ୍ୱଳ୍ପସ୍ଥାୟୀ) । ଆପଣଙ୍କ (କେଷ୍ଟଦାଙ୍କ)ଠାରୁ ଶୁଣିଥିଲି, ଏରକମ ନିଦ ଭଲ । ପୁନଶ୍ଚ ଘରର କେଉଁଠି କ'ଣ ଅଛି ସବୁ ଠିକ୍‌ଭାବେ ରଖିଦେଇଛି । ଯେତେବେଳେ ଯେଉଁଟା ଦରକାର ଫଟ୍ କରି ବାହାର କରିଦିଏ । Out of necessity (ପ୍ରୟୋଜନର ତାଗିଦାରେ) ସେଇ ରକମ ହୋଇ ଯାଇଛି । ଆଉ, ଆଖି ଠିକ୍ ସର୍ଚ୍ଚ ଲାଇଟ୍ ପରି । ସବୁ ଧରି ପକାଇ ପାରେ । ଆଉ ଗୋଟେ ଜିନିଷ ଦେଖେ ବଡ଼ବୋଉ ମଧରେ । ଯିଏ ଯାହା ଚାହିଁବ ସେ ଅଧପଇସାହିଁ ହେଉ ଆଉ ଏକ ପଇସାହିଁ ହେଉ– ଦେଇହିଁ ଦେବ ଯେତେ ଚଟାପଟ୍ ସମ୍ଭବ । ଆଉ, ଅନ୍ୟମାନେ ଦେବାକୁହିଁ ଚାହାଁନ୍ତିନି । *(ଦୀପରକ୍ଷୀ, ୫ମଖଣ୍ଡ)*

*** *** ***

ଶ୍ରୀଶ୍ରୀଠାକୁର– ଥରେ ବଡ଼ବୋଉ ଏକଲା ନିଜେ ପାଣି ପର୍ଯ୍ୟନ୍ତ ବୋହି ଆଣି ୩୦୦-୪୦୦ଲୋକଙ୍କ ପାଇଁ ରୋଷେଇ କରିଥିଲା । ଏହାଛଡ଼ା ଆହୁରି କେତେଥର ଯେ କେତେକ'ଣ କରିଛି ତା'ର ଇୟତ୍ତା ନାହିଁ । ସେହିସବୁ ମଣିଷ ଯେଉଁମାନେ ଏପରିଭାବେ educated (ଶିକ୍ଷିତ) ହୋଇଉଠିଛନ୍ତି, ସେମାନେହିଁ ଦଶର ମା' ହୋଇପାରନ୍ତି । କେବଳ ଜୋରଜବରଦସ୍ତି କରି ତା' ହୁଏନା । ସେହି ଯେ ଗୋଟେ କଥା ଅଛି, ବାଉଁଶ ଉପରେ ବସିଲେହିଁ ଯଦି ମିସ୍ତ୍ରୀ ହୋଇଯାଏ ତେବେ ତ ଆଉ କଥାହିଁ ନାହିଁ । ଥରେ ଆମ ଘରେ ବ୍ରାହ୍ମଣମାନେ ଖାଉଥିଲେ । ପରିବେଷଣ କରୁଛି ଏକା ବଡ଼ବୋଉ । ଥରେ ନେଇ ଯାଉ ଯାଉ ହଠାତ୍ ପଡ଼ିଗଲା । ପରେ ମୁଁ ବଡ଼ବୋଉକୁ କହିଲି– ଦେଖ, ତୁମେ ଏତେ ମଣିଷ ମଧରେ ପଡ଼ିଗଲ, ମତେ କିନ୍ତୁ ଖୁବ୍ ଲଜ୍ଜ୍ୟା ଲାଗିଥିଲା । ତା'ପରଠାରୁ ଆଉ କୌଣସିଦିନ ବଡ଼ବୋଉକୁ ପଡ଼ିବାର ଦେଖିନି, ପଡ଼ିବି ନାହିଁ ।

*(ଦୀପରକ୍ଷୀ, ୧ମଖଣ୍ଡ)*

*** *** ***

ଶ୍ରୀଶ୍ରୀଠାକୁର– ବଡ଼ବୋଉର ପଢ଼ାଶୁଣାର ଅଭ୍ୟାସ ଅଛି ଖୁବ୍ । ଫାଙ୍କ ପାଇଲେହିଁ ପଢ଼ିବସେ ।*(ଆଲୋଚନା-ପ୍ରସଙ୍ଗ, ୩ୟଖଣ୍ଡ)*

*** *** ***

ଆଦିନାଥ ଭାଇ (ମଜୁମଦାର) ଶ୍ରୀଶ୍ରୀଠାକୁରଙ୍କ ସ୍ୱାର୍ଥର ପରିପନ୍ଥୀ ଜଣେ ଓକିଲାତନାମାର ଲେଖକ ଥିଲେ । ଆଦିନାଥଙ୍କୁ ଯେତେବେଳେ ପଚରାଗଲା, କାହିଁକି ସେ ଏପରି ଜିନିଷ ଲେଖିଛନ୍ତି ସେଥିରେ ସେ କହିଲେ– ମୁଁ ସକଳଙ୍କୁହିଁ ସମାନ ମନେ କରେ । କ୍ଷେପୁଦା ଠାକୁରଙ୍କ ଭାଇ, ସିଏ କହିଛନ୍ତି, ତେଣୁ ଲେଖିଦେଇଛି ।

'ସକଳଙ୍କୁ ସମାନ ମନେକରେ'– ଏହି କଥାରେ ଶ୍ରୀଶ୍ରୀବଡ଼ମା' ଖୁବ୍ ବ୍ୟଥିତ ହୁଅନ୍ତି । ସେ ଆଦିନାଥଙ୍କୁ ତିରସ୍କାର କରି କହିଚାଲନ୍ତି– 'ଠାକୁର ଆଉ ଠାକୁରଙ୍କର ଅନ୍ୟାନ୍ୟ ସମସ୍ତେ ସମାନ, ଏଇ କଥାରେ ମୁଁ ବଡ଼ ବ୍ୟଥା ପାଇଛି । ଠାକୁରଙ୍କ ସଙ୍ଗେ କାହାର ତୁଳନା ? ଠାକୁରଙ୍କ ସ୍ତ୍ରୀ, ପୁଅ, ଭାଇ ବା ଭଉଣୀ ଯେ ହେଉନା କାହିଁକି, ଠାକୁରଙ୍କ ସହ ସମାନ ହୋଇଯିବ ? ଠାକୁରଙ୍କର କୌଣସି ବୈଶିଷ୍ଟ୍ୟ ନାହିଁ ? ତେବେ ତାଙ୍କ ପାଖକୁ ଆସିବା କ'ଣ ଦରକାର ? ମୁଁ ତ ପ୍ରାୟଃ ୫୦ବର୍ଷ ଧରି ତାଙ୍କ ସଙ୍ଗ କରିଛି, ୧୨ବର୍ଷ ବୟସରେ ଏ ସଂସାରକୁ ଆସିଛି, ଆଜି ମୋତେ ପ୍ରାୟଃ ୬୦ବର୍ଷ, ଏଇ ୫୦ବର୍ଷ ତାଙ୍କ ନିକଟରେ ରହିଲି ତ ତାଙ୍କ କାଣି ଆଙ୍ଗୁଠିର ଯୋଗ୍ୟ ହୋଇପାରିନି । ତାଙ୍କ ଗୁଣର କାଣିକଉଡ଼ିଟିଏ ବି ପାଇନି । ତାଙ୍କ ସଙ୍ଗେ କାହାକୁ ସମାନ କରିବାକୁ ଦେଖିଲେ ମତେ ବେଶ୍ କଷ୍ଟ ଲାଗେ । ତୁ ବିଷୟ ସମ୍ପତ୍ତିର ଲେଖାପଢ଼ା ଯାହା କରିଛୁ ସେଥିପାଇଁ ତ ମୁଁ ତତେ କିଛି କହୁନି । କିନ୍ତୁ ଏପରି ଦିବ୍ୟଜ୍ଞାନ ତୋର ଖୋଲି ଯାଇଛି, ଏପରି ପରମହଂସ ହୋଇଯାଇଛୁ ତୁ, ଯେ ସକଳଙ୍କୁ ତୁ ଠାକୁରଙ୍କର ସମାନ ବୋଲି ଦେଖୁଛୁ– ସେଥିରେହିଁ ତ ମୁଁ ବେଶ୍ ଅବାକ୍ ହୋଇଯାଉଛି ।*(ଆଲୋଚନା-ପ୍ରସଙ୍ଗ, ୨୧ଶଖଣ୍ଡ)*

দিব্য অনুভূতি

# ମା’ ମୋର

● ସ୍ନେହଲତା କର

ଶ୍ରାବଣର ଘନଘଟାରେ ଆକଶ ମେଘାଚ୍ଛନ୍ନ । ଟପଟପ ବର୍ଷା ପଡୁଛି ଅନବରତ । ପୁଣି କେତେବେଳେ ବି ହେଉଛି ପ୍ରବଳ ବର୍ଷଣ । ସାରାଦିନ ଧରି ଚାଲିଛି ଏପରି । ନିସ୍ତବ୍ଧ ପ୍ରକୃତିର ବକ୍ଷରେ ରହି ରହି ଶୁଣାଯାଉଛି ଆକାଶର ଗୁରୁଗୁରୁ ଗର୍ଜନ । ସ୍ନିଗ୍ଧ, ସରସା ଧରିତ୍ରୀର ବକ୍ଷରେ ବନ୍ୟା ଡ଼ାକିଛି ପ୍ରକୃତିର ସୌନ୍ଦର୍ଯ୍ୟରେ । ବର୍ଷାର ପ୍ଲାବନରେ, ବୃଷ୍ଟିର ଧାରାରେ ଧୋଇପୋଛି ଯାଇଛି ସବୁ ମଳିନତା, ଦୂରେଇ ଯାଇଛି ସବୁ ଆବର୍ଜ୍ଜନା, ଦୂରେଇ ଯାଇଛି ସକଳ ଜୀର୍ଣ୍ଣତା । ଆକାଶ-ଛୁଆଁ ନିର୍ମଳ ଜଳରେ ଭରି ଯାଇଛି ସବୁ ନଦୀ, ଖାଲ, ବିଲ– ଖାଲ, ପୋଖରୀ । ଭରା ନଦୀ ଛୁଟି ଚାଲିଛି କଳକଳ ରବରେ । କେବେ କେବେ ବି ଦୁଇ କୂଳ ଲଙ୍ଘି ଉଠୁଛି ପରମାନନ୍ଦରେ । ପବିତ୍ର, ଶୁଚି-ଶୁଦ୍ଧ ପଲ୍ଲୀଜନନୀ ସହାସ୍ୟ ବଦନରେ ନିରୀକ୍ଷଣ କରୁଛନ୍ତି ତା’ର ସୁଜଳା-ସୁଫଳା ଶସ୍ୟ-ଶ୍ୟାମଳା ପ୍ରାନ୍ତରଟିକୁ । ଚମ୍ପା, ଜୁଇ, କାମିନୀ, ମାଳତୀ, କେତକୀ, କଦମ୍ବ ଆଉ ବେଲଫୁଲର ସୁବାସରେ ବତାସ ଉଠିଛି ମାତି ।

ପାବନା ଜିଲ୍ଲା ଅନ୍ତର୍ଗତ ଧୋପାଦହ ଗ୍ରାମ ନିବାସୀ ଶ୍ରୀଯୁକ୍ତ ରାମଗୋପାଳ ଭଟ୍ଟାଚାର୍ଯ୍ୟଙ୍କ ପତ୍ନୀ ତ୍ରିନୟନୀ ଦେବୀ ଆସିଛନ୍ତି ଜନନୀ କୈଳାସବାସିନୀ ଦେବୀଙ୍କ ନିକଟକୁ ପିତ୍ରାଳୟ ଗାଁଡ଼ଦହକୁ । ଗାଁଡ଼ଦହ ପାବନା ଜିଲ୍ଲାର ସିରାଜଗଞ୍ଜ ମହକୁମାରେ ଅବସ୍ଥିତ ଏକ ଗ୍ରାମ । ଏକ ସମୟରେ ଏହି ଗ୍ରାମର ଲାହିଡ଼ୀ-ବାଡ଼ୀ ଖୁବ୍‌ହିଁ ସଙ୍ଗତିସମ୍ପନ୍ନ ଥିଲା । କିନ୍ତୁ ବିଜୟକାନ୍ତ ଲାହିଡ଼ୀଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ପତ୍ନୀ କୈଳାସବାସିନୀ ଦେବୀ ଏକମାତ୍ର ପୁତ୍ର ଓ ଦୁଇଟି ଶିଶୁକନ୍ୟାଙ୍କୁ ନେଇ ବୈଧବ୍ୟ ବରଣ କରନ୍ତି । କୈଳାସବାସିନୀ ଦେବୀଙ୍କ କନିଷ୍ଠା ସନ୍ତାନ ତ୍ରିନୟନୀ ଦେବୀ-ଜନନୀଙ୍କ ପଣତର ଧନ, ନୟନର ମଣି । ସାତ ବର୍ଷର ଶିଶୁକନ୍ୟା ତ୍ରିନୟନୀ ଦେବୀଙ୍କୁ ବିବାହ ଦେଇ ଜନନୀ କମ୍ ବେଦନା ପାଇନାହାଁନ୍ତି, କମ୍ ଜ୍ୱାଳା ଭୋଗ କରିନାହାଁନ୍ତି । ଅବୋଧ ବାଳିକାର ନୟନଜଳରେ ଜନନୀଙ୍କ ନୟନରେ ଓହ୍ଲାଇଛି ଅଶ୍ରୁଧାରା । ମନ-ପ୍ରାଣ ହୋଇଛି ବେଦନାରେ ବିହ୍ୱଳ । କେତେ ବୁଝାଇ ତା’କୁ ପଠାଇବାକୁ ହୋଇଥିଲା ଶାଶୁଘରକୁ । ଅବୋଧ ବାଳିକା ତ୍ରିନୟନୀ ଏବେ ହୋଇଛନ୍ତି ବୁଦ୍ଧିମତୀ ଯୁବତୀ, ରୂପ-ଲାବଣ୍ୟରେ ଯେପରି ସ୍ୱର୍ଗର ଅପ୍‌ସରୀ । ରୂପସୀ କନ୍ୟାର ରୂପ ଆଉ ଦେହରେ ଧରେନା । ଠିକ୍‌ରେ ପଡ଼ିଛି ଯେପରି ଆଲୋକ, ଚାନ୍ଦର ଜ୍ୟୋସ୍ନା ହାର ମାନେ । ପ୍ରଥମ ଅନ୍ତଃସତ୍ତ୍ୱା ତ୍ରିନୟନୀ ଦେବୀ ଆସିଛନ୍ତି ଜନନୀଙ୍କ ନିକଟକୁ, ଜନନୀଙ୍କ ହୃଦୟରେ ଡ଼ାକିଛି ଆନନ୍ଦର ବନ୍ୟା ।

୧୩୦୧ସାଲର ୧୪-ଶ୍ରାବଣ, ରବିବାର, ଭୋରବେଳା । ନିଦ୍ରା ଭାଙ୍ଗିଯାଇଛି ତ୍ରିନୟନୀ ଦେବୀଙ୍କର । ଭାରି ସୁନ୍ଦର ଗୋଟେ ସ୍ୱପ୍ନ ଦେଖିଛନ୍ତି ସିଏ ଭୋରରାତ୍ରେ । ସ୍ୱପ୍ନର ସେଇ ଅପାର୍ଥିବ ମଧୁମୟ ସ୍ମୃତିଟିକକ ଯେପରି ତାଙ୍କର ସାରା ଦେହ-ମନକୁ ଆବେଶ ମୁଗ୍ଧ କରି ରଖିଛି, ଅଳସଜଡ଼ିତ ଭରା ଦେହଟି ଯେପରି ଆହୁରିବି ଭାରୀ ବୋଧ ହେଉଛି ତାଙ୍କର । ବିଛଣାରେ ବସି ଆନମନା ହୋଇ ଭାବି ଚାଲିଛନ୍ତି ସିଏ ସେହି ସ୍ୱପ୍ନର କଥା ।

ଆଗେଇ ଆସିଲେ ଜନନୀ କୈଳାସବାସିନୀ ଦେବୀ । କନ୍ୟାକୁ ପଚାରିଲେ ସ୍ନେହଭରେ– ‘‘ଶରୀର କିପରି ଅଛି ? ଭଲ ଅଛି ତ ?’’

ତ୍ରିନୟନୀ ଦେବୀ କହିବାକୁ ଲାଗିଲେ– ‘‘ଶୁଣ ମା’ । ଭୋରବେଳା ମୁଁ ଗୋଟେ ସ୍ୱପ୍ନ ଦେଖିଛି । ଘରେ ଲକ୍ଷ୍ମୀପୂଜା ହେଉଛି । ସଜାସଜି ହୋଇ ସବୁ ଚିକ୍‌ଚିକ୍ ଝକ୍‌ମକ୍ । ଚିତା ଅଙ୍କା ହୋଇଛି ମା’ ଲକ୍ଷ୍ମୀଙ୍କର ଚରଣଚିହ୍ନ । ଲାଲ୍ ମଖମଲରେ ଢ଼ଙ୍କା ହୋଇଛି ଲକ୍ଷ୍ମୀଙ୍କ ଚିତା । ସେଇ ଚିତାରୁ ବାହାରି ଆସୁଛି ଗୋଟେ ପରମାସୁନ୍ଦରୀ ଝିଅ । ଝିଅଟିର ଦେହର ରଙ୍ଗ ଦୁଧ-ଅଳତା ମିଶା । ପାଦ ଦୁଇଟି ଅଳତାରଙ୍ଗା, ଅନିନ୍ଦ୍ୟସୁନ୍ଦର ମୁଖଶ୍ରୀ । ପିନ୍ଧିଛି ଗୋଟେ ନାଲିପାଢ଼ିର ଶାଢ଼ୀ । ଝିଅଟିର ଦେହରୁ ଯେପରି ଆଲୋକ ଝରି ପଡୁଛି । ଝଅଟି ଧୀରେ ଧୀରେ ମୋ ଆଡ଼କୁ ଆଗେଇ ଆସୁଛି । ମୁଁବି ଏକଦୃଷ୍ଟିରେ ଚାହିଁ ରହିଛି ଝିଅଟି ଆଡ଼େ । କିନ୍ତୁ ଝିଅଟି ଆସ୍ତେ ଆସ୍ତେ ମୋ ନିକଟକୁ ଆସିହିଁ ମିଳେଇ ଗଲା । ଆଉ ସଙ୍ଗେ ସଙ୍ଗେ ମୋ ନିଦ ଭାଙ୍ଗିଗଲା ।’’

କୈଳାସବାସିନୀ ଦେବୀ କହିଲେ– ‘‘ଖୁବ୍ ଭଲ ସ୍ୱପ୍ନ । କାହାକୁ କହିବୁନି ।’’

ସକାଳୁ ଚାଲିଛି ବର୍ଷାର ଝିପିଝିପି । ଆଉ ରହି ରହି ଝିମ୍‌ଝିମ୍ ବେଦନାରେ ତ୍ରିନୟନୀ ଦେବୀଙ୍କ ସୁନ୍ଦର ଢ଼ଳଢ଼ଳ ଫର୍ସା ମୁଖଟିରେ ପଡ଼ିଛି କାଳିମାର ଛାପ ।

ଏକସମୟରେ ରାମଗୋପାଳ ଭଟ୍ଟାଚାର୍ଯ୍ୟଙ୍କ ପତ୍ନୀ ତ୍ରିନୟନୀ ଦେବୀ ଏକ ପରମାସୁନ୍ଦରୀ କନ୍ୟାରତ୍ନ ପ୍ରସବ କରିଲେ । ଘରେ ଆନନ୍ଦର ବନ୍ୟା ଉଚ୍ଛୁଳି ଉଠିଲା ସମସ୍ତଙ୍କ ମନ-ପ୍ରାଣରେ । ଦିଦିମା’

କୈଳାସବାସିନୀ ଦେବୀ ନାତୁଣୀକୁ କୋଳରେ ଧରି ବସିଛନ୍ତି, ଆଉ ପ୍ରତିବେଶୀଙ୍କ ଦଳ ଭିଡ଼ ଜମେଇଛନ୍ତି ନବଜାତ ଶିଶୁକୁ ଦେଖିବା ପାଇଁ । ଦିବ୍ୟ ଶିଶୁର ରୂପ ଦେଖି ମୁଗ୍ଧ ସମସ୍ତେ । କିଏ କହୁଛି ଝିଅର ବର୍ଣ୍ଣ ତ ଏକଦମ୍ ଚମ୍ପାଫୁଲ ଭଳି, କିଏ କହୁଛି ବେଲଫୁଲ ଭଳି । କିଏ କହୁଛି ଝିଅ ତ ନୁହେଁ ଯେପରି ସ୍ଫଟିକ । ରାୟ-ଗୃହିଣୀମା' ଝିଅମର ନାମ ରଖିଲେ 'ଫଟ୍‌କି' ।

ଫଟ୍‌କିର ଶୈଶବକାଳ କଟିଯାଏ ମାମୁଁଘରେ । ପ୍ରାୟଃ ଆଠ ବର୍ଷ ପର୍ଯ୍ୟନ୍ତ ଫଟକି ଥିଲା ତା'ର ମାମୁଁଙ୍କ ଘରେ । ମାମୁଁ ଶୀତଳାକାନ୍ତ ଲାହିଡ଼ୀ ଥିଲେ ନିଃସନ୍ତାନ । ଘରେ କୌଣସି କଅଁଳ ମୁଖର ହସ ନଥିଲା– ନଥିଲା ଶିଶୁର କୁଆଁକୁଆଁ ଡ଼ାକ । ତେଣୁ ତ୍ରିନୟନୀ ଦେବୀ ଯେତେବେଳେ ଆଉ ଗୋଟେ ପୁଅ କୋଳରେ ପାଇଲେ ସେତେବେଳେ ଦିଦିମା' ଓ ମାମୁଁ ଫଟ୍‌କିର ଜେଜେମା' ହରସୁନ୍ଦରୀ ଦେବୀଙ୍କ ଅନୁମତିକ୍ରମେ ଫଟ୍‌କିକୁ ନେଇ ଆସିଲେ ତାଙ୍କ ଘରକୁ । ଫଟ୍‌କି ଦିଦିମା'ଙ୍କ ପଣତର ଧନ, ନୟନର ମଣି, ମାମୁଁ-ମାଇଁଙ୍କର ବି ଆନନ୍ଦ ସରେନା ଫଟ୍‌କିକୁ ନିକଟରେ ପାଇ । ଫଟ୍‌କି ଯେପରି ଘରର ସମସ୍ତଙ୍କର ଆନନ୍ଦର ଉତ୍ସ, ଶାନ୍ତିର ନୀଡ଼ ।

ମାମୁଁ-ମାଇଁଙ୍କ ସ୍ନେହ-ଯତ୍ନରେ, ଦିଦିମା'ଙ୍କ ଆଦର-ଆହ୍ଲାଦରେ ଫଟ୍‌କିର ଦିନ ଚାଲେ ପରମାନନ୍ଦରେ । ହସିଖେଳି ବୁଲେ ସେ ଖେଳସାଥୀମାନଙ୍କ ସଙ୍ଗେ । ଏମିତିରେ ଦିନ କଟିଯାଏ । ଦିନକୁ ଦିନ ବଢ଼ିଚାଲେ ଫଟ୍‌କି 'ଚନ୍ଦ୍ରକଳା' ଭଳି । ଏଥର ଫଟ୍‌କି ଦିଦିମା'ଙ୍କ ପୂଜା କାମରେ ଯୋଗ ଦିଏ । ଭୋରବେଳା ଉଠି ଦିଦିମା'ଙ୍କ ଶିବପୂଜା ପାଇଁ ଫୁଲ ତୋଳି ଆଣେ ନିଜହାତରେ ମାମୁଁଙ୍କ ବଗିଚାରୁ । ମନ ଆନନ୍ଦରେ ଘୁରିବୁଲେ ଫୁଲଚାଙ୍ଗୁଡ଼ି ହାତରେ ଧରି । ଦିଦିମା'ଙ୍କ ସହିତ ପୂଜାର ବାସନ ମାଜେ । ଦିଦିମା'ଙ୍କ ସହିତ ବସି ଶିବ ଗଢ଼େ । ଦେଖୁ ଦେଖୁ ସେ ନିଜେହିଁ ଶିଖିଗଲା ସବୁ । ଦିଦିମା'ଙ୍କୁ ସଜେଇସାଜେଇ ଦିଏ ସବୁ ପୂଜାର କାମ । ଦିଦିମା' ଚାହିଁ ଦେଖିଲେ– ଆଉ ମନ ଆନନ୍ଦରେ ହସନ୍ତି ଫଟ୍‌କିର ନିଖୁଣ ଶିବ ଗଢ଼ା ଦେଖି ।

ମାମୁଁଙ୍କ ଘରର ଆମୋଦ-ଆହ୍ଲାଦରେ ଦିନ ଚାଲେ ଫଟ୍‌କିର ପରମ ଆନନ୍ଦରେ । ଫଟ୍‌କିର ଚାଲିବା ଛନ୍ଦରେ ବାଜିଉଠେ ପାଦର ପାଉଁଜି, ଦୋଳି ଉଠେ କାନର ଫୁଲ । ଉଜ୍ଜ୍ୱଳ ଗୌରକାନ୍ତି ଲକ୍ଷ୍ମୀ-ପ୍ରତିମା ଯେପରି ନାଚି ବୁଲେ ମନ ଆନନ୍ଦରେ ଗାଁଡ଼ଦହର ଲାହିଡ଼ୀ-ଘରେ ।

ଏଥର ଜନନୀଙ୍କ ଡ଼କରା ଆସିଲା । ଫଟ୍‌କି ଚାଲି ଆସିଲା ପିତାଙ୍କ ସଂସାରକୁ ଜନନୀଙ୍କ ନିକଟକୁ । ପଛରେ ରହିଗଲା ମାମୁଁଘର । ଦିଦିମା' ଆଉ ମାମୁଁ-ମାଇଁଙ୍କ ସଜଳ ଆଖି ।

ପିତା ରାମଗୋପାଳ ଭଟ୍ଟାଚାର୍ଯ୍ୟଙ୍କ କର୍ମସ୍ଥଳ ପାବନା ସହର । ପାବନା ଉଚ୍ଚ ଇଂରାଜୀ ବିଦ୍ୟାଳୟର ସିଏ ପ୍ରଧାନ ଶିକ୍ଷକ । ରାତିରେ ପିତା ବସାକୁ ଆସି ଫଟ୍‌କିକୁ ଡ଼ାକନ୍ତି ବହିଟି ନେଇ ଆସିବାକୁ । ଦେଖନ୍ତି ଝିଅ ଅନେକକିଛି ଶିଖିଯାଇଛି ତା'ର ମାମୁଁଙ୍କ ନିକଟକୁ । ଫଟ୍‌କିର ମେଧା ଓ ସ୍ମୃତିଶକ୍ତିର ପ୍ରଖରତା ଦେଖି ପିତା ଆହୁରି ଆଗ୍ରହରେ ପଢ଼ାଇ ଚାଲନ୍ତି କନ୍ୟାକୁ । ଲେଖାପଢ଼ା ଛଡ଼ା ଫଟ୍‌କି ମା'ଙ୍କୁ କାମରେବି ସାହାଯ୍ୟ କରେ । ଛୋଟଭାଇ କାଳିଦାସକୁ ନେଇ ଖେଳେ, ଖେଳ ସଙ୍ଗୀମାନଙ୍କ ସଙ୍ଗେ ବୁଲିବାକୁ ଯାଏ । ଏମିତି କରି ପରମାନନ୍ଦରେ ଦିନ ଚାଲେ ଫଟ୍‌କିର ।

ପାବନା ଜିଲ୍ଲାର ହିମାୟିତପୁର ଗ୍ରାମର ଚୌଧୁରୀ-ଘରର ବଧୂ ତ୍ରିନୟନୀ ଦେବୀଙ୍କ ମାମୁଁଝିଅ ଭଉଣୀ । ଚୌଧୁରୀଘରେ ଉପନୟନ ଉପଲକ୍ଷେ ନିମନ୍ତ୍ରଣ ଆସିଛି ତ୍ରିନୟନୀ ଦେବୀଙ୍କର । କୁଟୁମ୍ବଘର ଆସିଛନ୍ତି ସିଏ ପୁଅ-ଝିଅମାନଙ୍କୁ ନେଇ ନିମନ୍ତ୍ରଣ ରକ୍ଷା କରିବାକୁ । ଫଟ୍‌କିବି ଆସିଛି ମା'ଙ୍କ ସଙ୍ଗେ ଉପନୟନ ଦିନ । ସକାଳୁ କାମର ଅନ୍ତ ନାହିଁ । ଚୌଧୁରୀ ଗୃହିଣୀ ଆସି ତ୍ରିନୟନୀ ଦେବୀଙ୍କୁ ପୁଅଝିଅ କେତୋଟି ସହ ନେଇ ଗଲେ ପାଖର ଚକ୍ରବର୍ତ୍ତୀଘରକୁ । ଶିବଚନ୍ଦ୍ର ଚକ୍ରବର୍ତ୍ତୀଙ୍କ ଶାଶୁ କୃଷ୍ଣସୁନ୍ଦରୀ ଦେବୀ ସକାଳେ ନିଦରୁ ଉଠିହିଁ ହାଣ୍ଡିଏ ଅରୁଆଚାଉଳର ଅଗଳାଭାତ ରାନ୍ଧନ୍ତି । ଆଉ ଘରେ ପ୍ରସ୍ତୁତ ଗାଈଘିଅ ଦେଇ ଦେଇ ଭାତ ଖାଇବାକୁ ଦିଅନ୍ତି ତାଙ୍କ ନାତି-ନାତୁଣୀମାନଙ୍କୁ । ଚୌଧୁରୀଗୃହିଣୀ ଆସି ଠିଆହୁଅନ୍ତେହିଁ କୃଷ୍ଣସୁନ୍ଦରୀ ଦେବୀ କଥାବାର୍ତ୍ତା ହେଲେ । ଆଗମନର କାରଣ ଜାଣିପାରି ସାଗ୍ରହେ ଠିକ୍ ଦେଲେ ସେମାନଙ୍କର ଖାଇବାର ଜାଗା । ଫଟ୍‌କି ଆଡ଼େ ଚାହିଁ କହିଲେ– ''ଦିଅ ତା'କୁ ବସେଇଦିଏ ଅନୁକୂଳ ସଙ୍ଗେ । ତା' ସଙ୍ଗେ ବସୁ ସେ । ଏକସଙ୍ଗେ ହୋଇଯିବ ।'' ତ୍ରିନୟନୀ ଦେବୀ ଚାହିଁ ଦେଖିଲେ ସେପଟେ ଜଣେ ୧୪-୧୫ବର୍ଷର କିଶୋର ବାଳକ ଚାହିଁଲା ସେଆଡ଼େ । ଫଟ୍‌କିବି ଚାହିଁଲା ସେଆଡ଼େ । ଉଭୟଙ୍କର ଦୃଷ୍ଟି ବିନିମୟ ହୋଇଗଲା ପ୍ରଭାତ ସୂର୍ଯ୍ୟଙ୍କ ରଙ୍ଗା ଆଲୋକରେ । କୃଷ୍ଣସୁନ୍ଦରୀ ଦେବୀ ପୁଣି କହିଉଠିଲେ– ''ଦିଅ ନା ପିଲାକୁ, ତୁମ ବଡ଼ ଝିଅଟିକୁ ମୋ ବଡ଼ ନାତି ଅନୁକୂଳ ସଙ୍ଗେ ବସେଇଦିଏ ।'' ମାତା କନ୍ୟାର ବାହୁ ଧରି ଟାଣେ । କିଶୋର ଥାଳି ଛାଡ଼ିଦେଇ ରାଗିକରି ଉଠିଯାଏ– ''ଝିଅପିଲା ସଙ୍ଗେ ଖାଇବିନି ମୁଁ ।'' କୌତୁକର ହସ ହସି ଦିଦିମା' କହେ– ''ନା, ଖାଇବୁନି ଜମା ଯେମିତି ? ରହ, ସେଇ ଝିଅ ସଙ୍ଗେ ତୋର ବିବାହ କରିଦେବି ମୁଁ । ଆଣିବି ତା'କୁହିଁ ତୋର ସ୍ତ୍ରୀ କରି ।'' ବାଳିକାର ଲଜ୍ଜିତ ମୁହଁ ଆଡ଼େ ଥରେ ଚାହିଁ ''ଧେତ୍'' କହି ଏକା କୁଦାରେ ଘରୁ ବାହାରି ଗଲା ବାଳକ ଅନୁକୂଳଚନ୍ଦ୍ର । ଗୃହିଣୀ ଦୁଇଜଣ ଯାକ ହସି ଉଠିଲେ ।

ପାବନାକୁ ଫେରିଯିବାର ଦିନ ସ୍ଥିର ହୋଇଛି ତ୍ରିନୟନୀ

ଦେବୀଙ୍କର, ତେଣୁ ଫଟ୍‌କି ଟିକେ ବୁଲୁଥିଲା ଏକାଏକା । ଘର ବାହାରେ ଆସି ଠିଆ ହୁଅନ୍ତେ ନଜର ପଡ଼ିଲା ସାମନାର ପିଜୁଳି ଗଛଟା ଉପରେ । ବାଳକ ଅନୁକୂଳଚନ୍ଦ୍ର ଗଛର ଡ଼ାଳରେ ବସି ପିଜୁଳି ଚୋବାଉଛି । ଗଛ ତଳେ ତିନିଚାରି ଜଣ ପୁଅ-ଝିଅ । ମଝିରେ ମଝିରେ ଦୁଇଚାରିଟା ପକାଉଛନ୍ତି ତଳକୁ । ହଠାତ୍ ଗୋଟେ ଖାସା ପିଜୁଳି ଆସି ପଡ଼ିଲା ଫଟ୍‌କିର ପାଦ ପାଖରେ । ଆନନ୍ଦରେ ଫଟ୍‌କି ଗୋଟେଇ ନେଲା ସେଇଟିକୁ ।

ପାବନାକୁ ଫେରି ଆସିଲେ ତ୍ରିନୟନୀ ଦେବୀ । ପିତା ଏଥର କନ୍ୟାକୁ ଭର୍ତ୍ତି କରି ଦେଲେ ପାବନାର ବାଳିକା ବିଦ୍ୟାଳୟରେ । ଫଟ୍‌କିର ଭଲ ନାମ ଷୋଡ଼ଶୀବାଳା । ଷୋଡ଼ଶୀବାଳା ସ୍କୁଲରେ ଭର୍ତ୍ତି ହୋଇ ଖୁବ୍‌ହିଁ ଖୁସି, ବେଶ୍ ଆଗେଇ ଚାଲିଛି ପଢ଼ାପଢ଼ିରେ । ପାବନାର ବାଳିକା ବିଦ୍ୟାଳୟରେ ପଢ଼େ ଷୋଡ଼ଶୀବାଳା, ଆଉ ଅନୁକୂଳଚନ୍ଦ୍ର ପଢ଼େ ପାବନା ଇନ୍‌ସ୍ଟିଚ୍ୟୁସନରେ । ଦୁଇଟି ସ୍କୁଲର ରାସ୍ତା ମିଶିଛି ଗୋଟେ ଜାଗାରେ । ପ୍ରାୟଃହିଁ ଏଠାରେ ଆସି ଦେଖା ହୋଇଯାଏ ଷୋଡ଼ଶୀବାଳାର ଅନୁକୂଳଚନ୍ଦ୍ର ସଙ୍ଗେ ।

ଅନୁକୂଳଚନ୍ଦ୍ରଙ୍କ ବୟସ ସେତେବେଳେ ସତର ବର୍ଷ । ତାଙ୍କ ମା' ମନୋମୋହିନୀ ଦେବୀ ବ୍ୟସ୍ତ ହୋଇ ପଡ଼ିଲେ ପୁତ୍ରର ବିବାହ ପାଇଁ । ପିତା ଶିବଚନ୍ଦ୍ରଙ୍କର ବି ମନର ଇଚ୍ଛା ତା'ହିଁ ।

ପ୍ରତାପପୁରର ଜମିଦାର ବଂଶର ଏକ ପରମାସୁନ୍ଦରୀ କନ୍ୟା ସହିତ ଅନୁକୂଳଚନ୍ଦ୍ରଙ୍କ ବିବାହ ପ୍ରାୟଃ ଠିକ୍ ହୋଇଗଲା । କନ୍ୟାପକ୍ଷର ଅତି ଆଗ୍ରହ, ପିତା ଶିବଚନ୍ଦ୍ରଙ୍କରବି ପସନ୍ଦ । ଯୌତୁକ ବି ମିଳିବ ଭଲ । କିନ୍ତୁ ଏ ସମସ୍ତ କଥା ଶୁଣି ଅନୁକୂଳଚନ୍ଦ୍ରଙ୍କ ମୁହଁ ଶୁଖିଗଲା । ଅନେକ ଚିନ୍ତା-ଭାବନା ପରେ ଗୋଟେ ଅତି ପରିଚିତ ବାଳିକାର ମୁହଁ ତାଙ୍କ ଆଖି ସାମନାରେ ଭାସିଉଠିଲା । ସେ ବଧୂ ହୋଇ ଆସିଲେ ତାଙ୍କ ଜୀବନ-ଚଲାର ପଥରେ ତ କୌଣସି ବାଧା ଆସିବହିଁ ନାହିଁ, ଅଧିକନ୍ତୁ ଚାଲିବାର ପଥ ହେବ ମସୃଣ, ସରଳ ଓ ସୁନ୍ଦର । ଘରର ପୁରାତନ ଭୃତ୍ୟ ଶଶୀଭାଇ ମାଧ୍ୟମରେ ଅନୁକୂଳଚନ୍ଦ୍ର ମନର କଥା ଜଣାଇଲେ ଜନନୀଙ୍କ ନିକଟରେ । ଜନନୀ ପୁତ୍ରର ମନୋଭାବ ଜାଣିପାରି ଏଥର ସ୍ୱାମୀଙ୍କୁ ବୁଝାଇଲେ ଯେ ପ୍ରତାପପୁରର ଝିଅଠାରୁ ପାବନାର ଝିଅଟି ବେଶୀ ସୁନ୍ଦରୀ ଓ ସର୍ବସୁଲକ୍ଷଣା । ଖୁବ୍‌ହିଁ ଲକ୍ଷ୍ମୀମନ୍ତ । ଦେଖା ଝିଅଟି । ଶିବଚନ୍ଦ୍ରବି ଚିହ୍ନନ୍ତି କନ୍ୟାର ପିତା ରାମଗୋପାଳ ଭଟ୍ଟାଚାର୍ଯ୍ୟଙ୍କୁ । ଖୁବ୍‌ହିଁ ସତ୍‌ଲୋକ ସିଏ । ସଦ୍‌ବଂଶ, ବୁନିଆଦୀ ଘର । ବିବାହର ଉଦ୍ଦେଶ୍ୟ ସିଦ୍ଧ ହେବ ପୁତ୍ରର ମନୋମତ ପତ୍ନୀଲାଭ ହେଲେ ହିଁ । ସେପଟେ ତ୍ରିନୟନୀ ଦେବୀଙ୍କରବି ଅନୁକୂଳଙ୍କୁ ଜାମାତା କରିବାର ଇଚ୍ଛା । ଖୁବ୍‌ହିଁ ପସନ୍ଦ ତାଙ୍କର ପୁଅଟି । ଏତେ ରୂପଗୁଣ-ସମନ୍ୱିତ ଉଦାର ହୃଦୟ ପୌରୁଷଦୀପ୍ତ ପିଲା ଯଦି ଜୁଟେ ତାଙ୍କ ଫଟ୍‌କିର ଭାଗ୍ୟରେ ତ ସିଏ ଧନ୍ୟ । ରାମଗୋପାଳବି ଖୁବ୍‌ହିଁ ଭଲ ଚିହ୍ନନ୍ତି ଅନୁକୂଳଙ୍କୁ । ଗୃହିଣୀଙ୍କ ଅନୁରୋଧରେ ରାମଗୋପାଳ ଭଟ୍ଟାଚାର୍ଯ୍ୟ ପ୍ରସ୍ତାବ ନେଇ ଗଲେ ଶିବଚନ୍ଦ୍ର ଚକ୍ରବର୍ତ୍ତୀଙ୍କ ଘରକୁ । ପ୍ରସ୍ତାବ ସାଦରେ ଗୃହୀତ ହେଲା ।

ଏଥର ଆରମ୍ଭ ହେଲା ଝିଅଦେଖାର ପାଲା । ଝିଅ ଯେପରି ଲକ୍ଷ୍ମୀ-ପ୍ରତିମା, ଯେପରି ଅପୂର୍ବ ସୁନ୍ଦର ଦେହର ରଙ୍ଗ, ସେପରି ଗଢ଼ଣ । ସବୁଠାରୁ ସୁନ୍ଦର ଝିଅର ପାଦ ଦୁଇଟି, ଯେପରି ଚରଣ-କମଳ ।

୧୩୧୧ସାଲର ୨୭ଶ୍ରାବଣ, ସୋମବାର, ମହାସାଡ଼ମ୍ବରେ ଅନୁକୂଳଚନ୍ଦ୍ରଙ୍କ ସହିତ ଷୋଡ଼ଶୀବାଳାଙ୍କ 'ଶୁଭବିବାହ' ସମ୍ପନ୍ନ ହୋଇଗଲା ।

ବିବାହ ପରେ ନବବଧୂ ଷୋଡ଼ଶୀବାଳା ଆସିଲା ଶାଶୁଘରକୁ । ମାତ୍ର ଏଗାର ବର୍ଷରେ ପାଦ ଦେଇଛି ବଧୂ । ତେବେ ବଢ଼ନ୍ତ ଦେହର ଗଢ଼ଣରୁ ମନେହୁଏ ଯୌବନର କୋଣରେ ପାଦ ଦେଇଛି । ଦୁଧ-ଅଳତାର ଦେହର ରଙ୍ଗ ଯେପରି ଫୁଟନ୍ତ ପଦ୍ମର ପାଖୁଡ଼ା । ସାରା ଅଙ୍ଗରୁ ଝରି ପଡୁଛି ରୂପରାଶି । ଦେଖିବାକୁ ଯେପରି ଲକ୍ଷ୍ମୀ-ପ୍ରତିମା, ଚଳନ-ଚରିତ୍ରବି ସେପରି ନମ୍ର, ବିନୟୀ, ସୁଷମାମଣ୍ଡିତ ।

''ଜାଣେନା, ପାରେନା କିମ୍ବା ଘରେ ନାହିଁ''— ଏ ତିନୋଟି କଥା କେହି କୌଣସିଦିନ ଶୁଣିବାକୁ ପାଇନି ବଧୂର ମୁହଁରୁ । ଶାଶୁ ଯେତେବେଳେହିଁ ଯେଉଁ କାମ କଥା କହନ୍ତି, ସେକ୍ଷଣି ଆଗେଇଯାଏ ବଧୂ । ଯେତେବେଳେହିଁ ଯେଉଁ କାମର କଥା ପଚାରନ୍ତି— ''ହଁ, ପାରିବି'' କହି ଉତ୍ତର ଦିଏ ବଧୂ । ଶାଶୁ ନିଶ୍ଚିନ୍ତରେ ଘରର କାମର ଭାର, ରନ୍ଧା ଦାୟିତ୍ୱ ବଧୂ ଉପରେ ଛାଡ଼ି ଦେଇ ବାହାର କାମରେ ଚାଲି ଯାଆନ୍ତି । କିନ୍ତୁ ଫେରି ଆସି ପ୍ରାୟଃ ହିଁ ଦେଖନ୍ତି କାମ ସୁଷ୍ଠୁ ଓ ସୁନ୍ଦରଭାବେ ସମାପନ ହୋଇନି— କିଛି ନା କିଛି ଭୁଲ୍-ତ୍ରୁଟି ରହିଯାଇଛି ହିଁ । ସମ୍ଭାଳି ନିଅନ୍ତି ଶାଶୁ । ସିଏ ନିଜେହିଁ ବୁଝନ୍ତି— ଏତେ ଅଳ୍ପ ବୟସରେ କ'ଣ ଆଉ ଏତେ ସବୁ ପାରିବ ? ଆଗ୍ରହଭରେ ଯେ ଆଗେଇ ଆସେ ଏଇତ ଖୁବ୍ ।

ପୁଣି କୋଉ ଦିନ ଏକଦମ୍‌ହିଁ ଜିନିଷ ନଷ୍ଟ କରି ପକାଏ ବଧୂ । ହାଲୁଆ ରାନ୍ଧିବାକୁ ଯାଇ ସୁଜି ପୋଡ଼ି ଦେଇଛି । ସୁଜି ପୋଡ଼ା ଗନ୍ଧ ପବନରେ ଭାସି ଆସୁଛି । ଧାଇଁ ଆସିଲେ ଶାଶୁ । ''ଏ କ'ଣ କରୁଛ ବୋହୂମା' ? ସବୁ ତ ପୋଡ଼ି ଗଲା ।'' ଲଜ୍ଜାରେ ଆରକ୍ତିମବଦନରେ ଓ ଆନତ ନୟନରେ ଏକପାଖକୁ ଦୂରେଇ ଯାଇ ଠିଆ ହୁଏ ବଧୂ । ସତରେ ତ ଏତେଗୁଡ଼ିଏ ଜିନିଷ ଯେ ନଷ୍ଟ କରି ଦେଇଛି ସେ । ଏଥର ଶାଶୁ ହାଲୁଆ ତିଆରି କରନ୍ତି । ବଧୂ ଠିଆ ହୋଇ ଦେଖେ ମନଦେଇ । ଶିଖି ନିଏ ଭଲ କରି । ଆଉ

କୌଣସି ଦିନ ଭୁଲ୍ ହୁଏନା ।

ବଧୂର କାମ ଶିଖିବାର ଆଗ୍ରହ ଓ ନିରଳସ କର୍ମପ୍ରବଣତା ଦେଖି ମୁଗ୍ଧ ହୁଅନ୍ତି ଶାଶୁ ।

ଆଉ ଗୋଟେ ଅଭ୍ୟାସ ଥିଲା ନବବଧୂ ଷୋଡ଼ଶୀବାଳାର । ଶାଶୁଙ୍କ ଆଦେଶ ଭିନ୍ନ ପରିବାରର ଆଉ କା' ସଙ୍ଗେ କଥାବାର୍ତ୍ତା କରୁ ନଥିଲା ସେ । ଏପରିକି ବିନା ଦୋଷରେ କିଏ ଗାଳିଗୁଲଜ କରିଲେବି ନୁହେଁ । ଦିଅରମାନଙ୍କ କୌତୁକ ବା ଅନୁରୋଧରେବି ନୁହେଁ ।

ଏପଟେ ଅନୁକୂଳଚନ୍ଦ୍ର ତାଙ୍କ ଆଶୈଶବର ଅଭ୍ୟାସମତ ଗ୍ରାମବାସୀଙ୍କ ସେବା କରି ଚାଲନ୍ତି ଆନନ୍ଦ ମନରେ । ଗ୍ରାମର ଦୀନ-ଦୁଃଖୀ ସମସ୍ତଙ୍କର ସିଏ ଦାଦାଠାକୁର । ତାଙ୍କ କରୁଣାରେ କେତେ ଦୀନ-ଦରିଦ୍ର ଯେ ଅନାହାରରେ ଆହାର, ରୋଗ ପାଇଁ ଔଷଧ ପାଆନ୍ତି, ତା'ର ହିସାବ ନାହିଁ । ଦିନେ ଅନୁକୂଳଚନ୍ଦ୍ର ଗ୍ରାମର ଏକ କେଉଟଘରକୁ ଯାଇ ଦେଖନ୍ତି— କେଉଟର ପୁଅ ମୃତ୍ୟୁଶଯ୍ୟାରେ ଶାୟିତ । କେଉଟର ସ୍ତ୍ରୀ କାନ୍ଦିକାନ୍ଦି ଲୋଟିପଡ଼ିଲା ଦାଦାଠାକୁରଙ୍କ ପାଦତଳେ । ଅନୁକୂଳଚନ୍ଦ୍ର ଦେଖିଲେ ଏବେ ଅନ୍ତତଃ ପନ୍ଦରଟଙ୍କା ଦରକାର ପିଲାଟିର ଚିକିତ୍ସା ପାଇଁ । କେଉଟ କପର୍ଦ୍ଦକଶୂନ୍ୟ । ଅନୁକୂଳଚନ୍ଦ୍ରଙ୍କର ବି ହାତ ଶୂନ୍ୟ । ଦ୍ରୁତପଦରେ ଘରକୁ ଆସି ଷୋଡ଼ଶୀବାଳାଙ୍କୁ କହିଲେ— ''ବଡ଼ବୋଉ ! ତୁମର କାନଫୁଲ ଦୁଇଟିକୁ ଦେବ ? ଖୁବ୍ ହିଁ ଦରକାର ଥିଲା ।'' ଷୋଡ଼ଶୀବାଳା ସେକ୍ଷଣି ସୁନା କାନଫୁଲ ଦୁଇଟି ଓହ୍ଲାଇ ଦେଇଦେଲେ ସ୍ୱାମୀଙ୍କ ହାତରେ । ମନୋମୋହିନୀ ଦେବୀ ଶତବାର ପଚାରି ମଧ୍ୟ କାନଫୁଲର ହଦିସ୍ ପାଇଲେନି ବଧୂ ନିକଟରୁ । ଶେଷକୁ ଦିନେ କେଉଟସ୍ତ୍ରୀ କାନଫୁଲ ଦୁଇଟିକୁ ଦେଇଯାଏ ମନୋମୋହିନୀ ଦେବୀଙ୍କ ହାତରେ— ସେଦିନ ସିଏ ସବୁ ଜାଣିପାରନ୍ତି ।

କିଛିଦିନ ପରେ ଅନୁକୂଳଚନ୍ଦ୍ର ଚାଲି ଯାଆନ୍ତି କଲିକତା ଡ଼ାକ୍ତରୀ ପଢ଼ିବାକୁ । ବଧୂ ଷୋଡ଼ଶୀବାଳା ସଂସାରର କାମଧନ୍ଦା କରି ଚାଲିଛନ୍ତି ପୂର୍ବ ଭଳି । ତାଙ୍କ ମନର କଥା ବୁଝିପାରିବ କା'ର ସାଧ୍ୟ ନାହିଁ । କଲିକତାରୁ କ୍ୱଚିତ୍ କୋଉ ସମୟରେ ଚିଠି ଆସେ ଅନୁକୂଳଚନ୍ଦ୍ରଙ୍କର । ସାରାଦିନର କାମଧନ୍ଦା ପରେ ରାତିରେ ଶୋଇବା ସମୟରେ ଚିଠି ଖୋଲି ପଢ଼ି ବସେ ଷୋଡ଼ଶୀବାଳା— ''ନିଜେ ସ୍ୱାର୍ଥଶୂନ୍ୟ ହୋଇ ପରୋପକାରରେ ଯତ୍ନବତୀ ହୁଅ । ପରୋପକାର ତୁଲ୍ୟ ଜଗତରେ ଆଉ କ'ଣ ଅଛି ? ଗୁରୁଜନଙ୍କର ପ୍ରାଣପଣେ ସେବା-ଶୁଶ୍ରୂଷା କରିବ । କେବେବି କୌଣସି ପ୍ରାଣୀକୁ ଇଚ୍ଛାପୂର୍ବକ କଷ୍ଟ କିମ୍ବା ପ୍ରହାର କରିବନି । କର୍ତ୍ତବ୍ୟ ପ୍ରାଣପଣେ ପାଳନ କରିବ । ଚିନ୍ତାରେ ତୁମର ଭଗବାନଙ୍କୁ ସର୍ବଦା ହୃଦୟରେ ରଖିବ ।'' ସ୍ୱାମୀଙ୍କ ଚିଠି ପଢ଼ି ବୁକୁ ଭରି ଉଠେ ଷୋଡ଼ଶୀବାଳାର । ସ୍ୱାମୀଙ୍କ ଉପଦେଶ ଅନୁସାରେ ସଂସାରର ସମସ୍ତ କାମରେ, ସମସ୍ତଙ୍କ ସେବାରେ ପ୍ରାଣମନ ଢ଼ାଳି ଦିଏ ବଧୂ । ସଂସାରର ସମସ୍ତ କାମ ନିଜ ହାତରେ କରେ । ପରିଷ୍କାର-ପରିଚ୍ଛନ୍ନ, ନିଖୁଣ ସୁନ୍ଦର, ପରିପାଟି କାମଧନ୍ଦା । ଶ୍ୱଶୁର-ଶାଶୁ ଏପରିକି ସାଇ-ପଡ଼ିଶା ସମସ୍ତେ ହିଁ ପ୍ରଶଂସା କରନ୍ତି ବଧୂର କାମର । ଏକବାକ୍ୟରେ କହନ୍ତି 'ଲକ୍ଷ୍ମୀବୋହୂ' । ଦେଖିବାକୁ ଯେପରି ଲକ୍ଷ୍ମୀ-ପ୍ରତିମା, ଆଉ କାମଧନ୍ଦାରେବି ସେପରି । କାହିଁକିନା, ଷୋଡ଼ଶୀବାଳା ଏ ମଧ୍ୟରେ ଶିଖି ଯାଇଛନ୍ତି ସବୁକିଛି— ରନ୍ଧା-ବଢ଼ା, କାମଧନ୍ଦା, ସଜାସଜି । ସମସ୍ତେହିଁ ଶତମୁଖରେ ପ୍ରଶଂସା କରନ୍ତି ବଧୂର । ଏପରିଭାବେ ସଂସାରର ସମସ୍ତଙ୍କ ସେବାରେ ଦିନ ଗଡ଼ିଚାଲେ ବଧୂର । ଦେଖୁ ଦେଖୁ କେତୋଟି ବର୍ଷ କଟିଗଲା ।

ଡ଼ାକ୍ତରୀ ପଢ଼ା ଶେଷ କରି ଅନୁକୂଳଚନ୍ଦ୍ର ଫେରି ଆସିଲେ ନିଜ ପଲ୍ଲୀ ହିମାଇତପୁରକୁ । ଆନନ୍ଦର ଜୁଆର ବହି ଚାଲିଛି ସମସ୍ତଙ୍କ ମନପ୍ରାଣରେ । ଦୀର୍ଘଦିନ ପରେ ମାତା-ପିତା ପାଇଛନ୍ତି ସ୍ନେହର ନିଧି ପୁତ୍ରକୁ । ଗ୍ରାମବାସୀମାନେ ପାଇଛନ୍ତି ସେମାନଙ୍କର ଦାଦାଠାକୁରଙ୍କୁ । ଦୀର୍ଘ ବିରହ ପରେ ଷୋଡ଼ଶୀବାଳା ପାଇଛି ପ୍ରିୟତମ ସ୍ୱାମୀ-ଦେବତାଙ୍କୁ । ଅବ୍ୟକ୍ତ ଆନନ୍ଦରେ ଭରି ଉଠିଛି ତାଙ୍କ ମନ-ପ୍ରାଣ । ଖୁସିର ଜୁଆର ଉପୁଚି ପଡୁଛି ଦେହର ଲାବଣ୍ୟପ୍ରଭାରେ । ଅପୂର୍ବ ସୁଷମାମଣ୍ଡିତ ମୁଖଶ୍ରୀରେ ଡ଼ାକିଛି ରୂପର ବନ୍ୟା । ନବଯୌବନର ସୁରଭି-ମଦିରା ହିଲ୍ଲୋଳରେ ପ୍ରାଣମନ ମାତି ଉଠିଛି ଷୋଡ଼ଶ ବର୍ଷୀୟା ବଧୂ ଷୋଡ଼ଶୀବାଳାର । ଅପୂର୍ବ ଉତ୍ସାହ, ଅପାର ଆନନ୍ଦ ଖୋଜିପାଏ ବଧୂ ସଂସାରର ପ୍ରତିଟି କର୍ମରେ । ସଂସାରର ଶତ-ସହସ୍ର କର୍ମ ମଧ୍ୟରେବି ଠିକ୍ ଗୋଛେଇ ରଖେ ସ୍ୱାମୀଙ୍କ ପ୍ରୟୋଜନଟିକକ । ପୁଣି, ଶ୍ୱଶୁର-ଶାଶୁଙ୍କ ସେବା-ଯତ୍ନ, ସଂସାରର କାମଧନ୍ଦା, ରନ୍ଧା, ପରିବେଷଣ— କିଛିହିଁ ବାଦ ଯାଏନା । ତା' ମଧ୍ୟରେ ପୁଣି ଶିଶୁ ନଣନ୍ଦ ଗୁରୁପ୍ରସାଦୀର ସେବା-ଯତ୍ନ କରନ୍ତି ବଧୂ, ମାତୃସ୍ନେହ-ଝରା ଆଦର-ସୋହାଗରେ । ଶାଶୁ ଦେଖନ୍ତି ଆଉ ମନେମନେ ଭାବନ୍ତି ଏଥର ବୋହୂମା'ର କୋଳରେ ଗୋଟେ ସୁନାର ଚାନ୍ଦ ପୁତ୍ର ଓହ୍ଲାଇ ଆସିଲେ ହୁଏ ।

ଦିନ ଆଗେଇ ଚାଲେ କାଳର ଗତିରେ । ବଧୂ ଷୋଡ଼ଶୀବାଳା ଅନ୍ତଃସତ୍ତ୍ୱା ହୋଇଛନ୍ତି । କ୍ରମେ ବଧୂର ଭରା ଅଙ୍ଗରେ ରୂପର ଔଜ୍ଜ୍ୱଲ୍ୟ ଆଉ ଧରେନା । ମନରେ ଜାଗେ ଅହରହ ଭାବୀ ଜନନୀତ୍ୱର ସୁଧାସ୍ୱପ୍ନ । ଅପାର ଆନନ୍ଦରେ ନାଚିଉଠେ ହୃଦୟମନ ।

ହେମନ୍ତର ରକ୍ତରବିଙ୍କ ମିଷ୍ଟ ଆଲୋକ ବିଛାଡ଼ି ହୋଇପଡ଼ିଛି ବାଟେଘାଟେ । ବହି ଚାଲିଛି ଶୀତଳ ପବନ ମୃଦୁମନ୍ଦ ଗତିରେ । ନୂତନ ଧାନ୍ୟରେ ପରିପୂର୍ଣ୍ଣ ଘରର ଅଗଣା । ଘରେ ଘରେ ନବାନ୍ନ ଉତ୍ସବ । ଏପରି ଏକ ହେମନ୍ତର ପରମ ଶୁଭ ଲଗ୍ନରେ— ୧୩୧୮ସାଲ, ୫ମାର୍ଗଶୀର, ରବିବାର ସନ୍ଧ୍ୟାରେ ଏକ ପୁତ୍ରରତ୍ନକୁ

ପ୍ରସବ କରନ୍ତି ସେ । ଉଜ୍ଜ୍ୱଳ ଗୌରକାନ୍ତି ଶିଶୁ, ବଳିଷ୍ଠ ସୁନ୍ଦର । ଦିବ୍ୟ ସୁନ୍ଦର ଦେବ ଶିଶୁ । କାଳେ ଏଇ ଶିଶୁର ନାମ ରଖାହୁଏ ଅମରେନ୍ଦ୍ର ନାଥ ଯିଏ ଆଜି ସତ୍‌ସଙ୍ଗର ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା । ପରେ ବଧୂ ଷୋଡ଼ଶୀବାଳା କ୍ରମାନ୍ୱୟରେ ଆହୁରିବି ତିନୋଟି ସନ୍ତାନର ଜନନୀ ହୁଅନ୍ତି । ସେମାନଙ୍କର ନାମ ଯଥାକ୍ରମେ, ବିବେକରଞ୍ଜନ, ସାଧନା ଓ ସାନ୍ତ୍ୱନା ।

ଏପଟେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଚିକିତ୍ସାର ସୁନାମ ଓ ସୁଖ୍ୟାତି ଯେପରି ଚାରିଆଡ଼େ ବିଛାଡ଼ି ହୋଇପଡ଼ିଛି, ସେପରି ଖେଳେଇ ହୋଇଯାଇଛି ତାଙ୍କର ଦିବ୍ୟଜୀବନର ଦୈବୀପ୍ରଭା । ଡ଼ାକ୍ତର ଅନୁକୂଳଚନ୍ଦ୍ର ହୋଇଉଠିଛନ୍ତି ଠାକୁର ଅନୁକୂଳଚନ୍ଦ୍ର । ଧୀରେ ଧୀରେ ଗଢ଼ିଉଠିଛି ଏକ ଛୋଟ ଆଶ୍ରମ । ଛୋଟ ଛୋଟ ଚାଳଘର ଝାଟିମାଟି କାନ୍ଥରେ । ଗୋବର ମାଟି ଦେଇ ପ୍ରଲେପିତ । ପ୍ରତିବେଳା ପ୍ରାୟଃ ଦେଢ଼ଶହ-ଦୁଇଶହ ଲୋକଙ୍କ ପତ୍ର ପଡ଼େ । ବଧୂ ଷୋଡ଼ଶୀବାଳା ନିଜ ହାତରେ ଖାଦ୍ୟ ପ୍ରସ୍ତୁତି ଓ ପରିବେଷଣ କରନ୍ତି । ଜନନୀ ଓ ପତ୍ନୀର ଅସାମାନ୍ୟ ଦକ୍ଷତା, ସେବା-ପ୍ରାଣତା, ସାହାଯ୍ୟ ଓ ସହଯୋଗିତାରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କ୍ରମାନ୍ୱୟରେ ଗଢ଼ିତୋଳନ୍ତି ଏକ ବିରାଟ ଆଶ୍ରମ । ଅଗଣିତ ଭକ୍ତବୃନ୍ଦଙ୍କ ସେ ପ୍ରାଣର 'ଠାକୁର', ଆଉ ସ୍ନେହମୟୀ ଜନନୀ ଷୋଡ଼ଶୀବାଳା ହେଲେ ବଡ଼ମା' ।

ଜନନୀ ମନୋମୋହିନୀଦେବୀଙ୍କ ଦେହରକ୍ଷା ପରେ ଶ୍ରୀଶ୍ରୀବଡ଼ମା' ଆଶ୍ରମର ସମସ୍ତ ଦାୟିତ୍ୱ ଓ କର୍ମଭାର ନିଜ ହାତରେ ତୋଳିନେଲେ । ଜନନୀଦେବୀଙ୍କ ପରି ସେ ଆଶ୍ରମର ସମସ୍ତ ଦେଖାଶୁଣା ଓ ତଦାରଖ କରିବାକୁ ଲାଗିଲେ । ଶ୍ରୀଶ୍ରୀଠାକୁରଙ୍କ ଆଦର୍ଶ ଓ ଉଦ୍ଦେଶ୍ୟକୁ ବାସ୍ତବରେ ରୂପାୟିତ କରିବାକୁ ସିଏ ଥିଲେ ସତର୍କ ପ୍ରହରୀ ପରି ସର୍ବଦା ଜାଗ୍ରତ । ସେ ଥିଲେ ପରମ-ପତିପ୍ରାଣା ଓ ପତିବ୍ରତା । ପତି-ସେବାରେ ସେ ନିଜକୁ ଏପରିହିଁ ଢ଼ାଳି ଦେଇଥିଲେ— ଯେପରି ଦୁଇଟି ଦେହରେ ଗୋଟିଏ ସତ୍ତା । ଶ୍ରୀଶ୍ରୀବଡ଼ମା'ଙ୍କ ସମସ୍ତ କର୍ମର ଉତ୍ସ, ସମସ୍ତ କର୍ମର ଲକ୍ଷ୍ୟ ଥିଲେ ଶ୍ରୀଶ୍ରୀଠାକୁର । ତାଙ୍କୁ ଲକ୍ଷ୍ୟ କରିହିଁ, ତାଙ୍କର ତୁଷ୍ଟି ଓ ପୁଷ୍ଟି ପାଇଁ ତାଙ୍କରିହିଁ ତୃପ୍ତି ପାଇଁ ସେ ଗଢ଼ିତୋଳିଥିଲେ ତାଙ୍କର ବିଶାଳ ସଂସାର, ଗୋଛେଇ ରଖୁଥିଲେ ସର୍ବଦା ସବୁକିଛି— ଯେପରି ଏତେଟିକେ ସାମାନ୍ୟ ଜିନିଷବି ନଷ୍ଟ ନହୁଏ, କଦାପିବି । ଦେଖି ମନେ ହେଉଥିଲା, ସଂସାର ପ୍ରତି କେତେ ଆସକ୍ତି ନୁହେଁ ସତେ ! କିନ୍ତୁ ସିଏ ଯେ କେତେ ବଡ଼ ଅନାସକ୍ତ, ତା' ସେଦିନ ବୁଝାଗଲା ଯେଉଁଦିନ ଶ୍ରୀଶ୍ରୀଠାକୁର କହିଲେ— ''ବଡ଼ବୋଉ ! ଚାଲ, ଦେଓଘର ଯିବା ।'' ସଙ୍ଗେ ସଙ୍ଗେ ଶ୍ରୀଶ୍ରୀବଡ଼ମା' ଉଠି ଆସି ବସିଲେ ଗାଡ଼ିରେ, ଏପରିକି ହାତପାହାନ୍ତାର ଅତି ପ୍ରୟୋଜନୀୟ ଜିନିଷ ବି ଗୋଟେଇ ଆଣିବାକୁ ସମୟ ପାଇଲେନି । ଆଗକୁ ଧାଇଁ ଚାଲିଲା ଗାଡ଼ି— ପଛରେ ପଡ଼ି ରହିଲା ତାଙ୍କର ଲକ୍ଷଲକ୍ଷ ଟଙ୍କାର ଦ୍ରବ୍ୟ-ସାମଗ୍ରୀ ଦେଇ ସଜା ଯାଇଥିବା ସଂସାରଟି । ବଡ଼ମା' ଥରେ ବି ଫେରି ଚାହିଁଲେନି । ୧୯୪୬ମସିହା ସେପ୍ଟେମ୍ବର-୨ରେ ଶ୍ରୀଶ୍ରୀଠାକୁର ଓ ଶ୍ରୀଶ୍ରୀବଡ଼ମା' ଆସି ପଦାର୍ପଣ କରିଲେ ଦେଓଘରର ମାଟିରେ । ଅବସ୍ଥାନ କଲେ ଠାକୁରବଙ୍ଗଳାର ବଡ଼ଦାଲାଣଟିରେ ।

ସୂର୍ଯ୍ୟ ଆକାଶର ଯେଉଁଠାରେ ଅବସ୍ଥାନ କରୁନା କାହିଁକି ତା'ର ଆଲୋକରୁ କେହି ବଞ୍ଚିତ ହୁଅନ୍ତିନି । ପୁନଶ୍ଚ, ଆଲୋକ ଯେଉଁଠାରେହିଁ ରଖାଯାଉ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିବହିଁ । ଏଠାରେ ଆସିବି ଶ୍ରୀଶ୍ରୀଠାକୁରଙ୍କ ଦିବ୍ୟ ଜୀବନପ୍ରବାହ ବିଛାଡ଼ି ହୋଇପଡ଼ିଲା ଚାରିଦିଗରେ । ଖେଳେଇ ହୋଇଗଲା ସାରା ଭାରତରେ, ବହିର୍ଭାରତରେ, ଏସିଆରେ, ଆମେରିକାରେ, ସମସ୍ତ ପୃଥିବୀରେ । ତାଙ୍କର ପ୍ରେମର ବନ୍ଧନରେ ଦାନା ବାନ୍ଧିଉଠିଲା ଏକ ବିରାଟ ସତ୍‌ସଙ୍ଗ ଜଗତ । ଆଉ, ଶ୍ରୀଶ୍ରୀବଡ଼ମା'ଙ୍କ ସ୍ନେହଛାୟାରେ ଆସି ଛିଡ଼ା ହେଲେ ସତ୍‌ସଙ୍ଗ ଜଗତର ଲକ୍ଷ ଲକ୍ଷ ସନ୍ତାନ । ଏପରିଭାବେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ପାଖରେ ଛିଡ଼ା ହୋଇ ପରମାରାଧ୍ୟା ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା' ମାଟିର ପୃଥିବୀରେ ଗଢ଼ିତୋଳିଲେ ସ୍ୱର୍ଗର ଅମରାବତୀ ।

*(ଜୟ ତୁ ଜନନୀ ମେ, ପୃ.-୧୮୧-୧୮୮)*

## ବିଜ୍ଞପ୍ତି

ସତ୍‌ସଙ୍ଗ ଦେଓଘରକୁ ଆଗମନକାରୀ ଭକ୍ତ ଅନୁରାଗୀବୃନ୍ଦଙ୍କ ଜ୍ଞାତାର୍ଥେ ଜଣାଇ ଦିଆଯାଉଅଛି ଯେ, ଅତିଥିଶାଳାରେ ଅବସ୍ଥାନ ଓ ଆନନ୍ଦବଜାରରେ ପ୍ରସାଦ ପାଇବା ପାଇଁ ପ୍ରତିପ୍ରତ୍ୟେକଙ୍କର ନିମ୍ନବର୍ଣ୍ଣିତ କୌଣସି ଗୋଟେ ସଚିତ୍ର ପରିଚୟପତ୍ର, (Photo Identity) ଏବଂ ନିଜର ସାମ୍ପ୍ରତିକ ଅର୍ଘ୍ୟ-ପ୍ରଶସ୍ତି ଅବଶ୍ୟହିଁ ସଙ୍ଗରେ ଆଣିବେ ।

**ସଚିତ୍ର ପରିଚୟପତ୍ର (Photo Identity)**

୧- Voter Identity card (ସାମ୍ପ୍ରତିକ)
୨- Driving Licence
୩- PAN Card
୪- ଅନ୍ୟ କୌଣସି ବୈଧ ପରିଚୟପତ୍ର

*ସେକ୍ରେଟାରୀ, ସତ୍‌ସଙ୍ଗ*
*ସତ୍‌ସଙ୍ଗ, ଦେଓଘର, ୨୨.୧୦.୨୦୧୧*

**ଦିବ୍ୟ ଅନୁଭୂତି**

# ମଣିଷ

● ଇ. ଜେ. ସ୍ପେନ୍ସାର

ବିଗତ ମହାଯୁଦ୍ଧ ସମୟରେ ଦଳେ ଶିକ୍ଷିତ ଆମେରିକାନ ଯୁବକ ଭାରତବର୍ଷକୁ ଆସନ୍ତି ଫ୍ରେଣ୍ଡସ୍ ଇଉନିୟନ ସର୍ଭିସ୍ ନେଇ । ସେମାନଙ୍କ ମଧ୍ୟରେ କେଇଜଣଙ୍କର ଉତ୍ସୁକ୍ୟ ପ୍ରକାଶ ପାଏ ଭାରତବର୍ଷର କୃଷ୍ଟି ଓ ସଂସ୍କୃତିର ସମ୍ୟକ୍ ପରିଚୟ ଜାଣିବାକୁ । ଏଦେଶର ନାନା ଜନହିତକର ଏବଂ ଧର୍ମ ପ୍ରତିଷ୍ଠାନ ସଂସ୍ପର୍ଶରେ ଏମାନେ ଆସନ୍ତି । ଏପରି କରିହିଁ ଦିନେ ସତ୍‌ସଙ୍ଗର ପ୍ରାଣପୁରୁଷ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସାନିଧ୍ୟ ଲାଭ କରନ୍ତି । ଶ୍ରୀରାମକୃଷ୍ଣ ପରମହଂସଦେବଙ୍କ ପ୍ରତି ଏମାନଙ୍କର ଥିଲା ପ୍ରଗାଢ଼ ଭକ୍ତି ଓ ନିଷ୍ଠା । ସେଇ ଭକ୍ତି ଫଳରେହିଁ ସେମାନେ ପାଇଲେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ମଧ୍ୟରେ ପରମପୁରୁଷ ଶ୍ରୀରାମକୃଷ୍ଣଦେବଙ୍କୁ ଆଉ ପାଇଲେ ସେମାନଙ୍କ ଉପାସ୍ୟ ଭଗବତ୍ ତନୟ ଯୀଶୁଙ୍କୁ । ତଦବଧି ଦଳେ ଆଶ୍ରମରେହିଁ ସ୍ଥାୟୀଭାବେ ରହିଗଲେ– ପରମ ନିଷ୍ଠାଭରେ ଜପ, ଧ୍ୟାନ, ତପଶ୍ଚର୍ଯ୍ୟାପରାୟଣ ହୋଇ । ଆଉ ଦଳେ ଚାଲିଗଲେ ସୁଦୂର ଆମେରିକାକୁ ଏହି ଭାବଧାରାର ପ୍ରଚାର ଉଦ୍ଦେଶ୍ୟରେ । ଯେଉଁମାନେ ଏଠାରେ ରହିଗଲେ ମିଃ. ଇ.ଜେ. ସ୍ପେନ୍ସାର ତାଙ୍କ ମଧ୍ୟରେ ଅନ୍ୟତମ । ଇଏ ହାର୍ବାଟ ୟୁନିଭର୍ସିଟିର ଏମ.ଏ., ସତ୍‌ସଙ୍ଗରେ ରହି ଇଂରାଜୀ ମାସିକ ପତ୍ରିକା ''Ligate''ର ସମ୍ପାଦନା କରିଛନ୍ତି ।

୧୯୪୫ସାଲର ଅଗଷ୍ଟ-୩୦ର ଏକ ସନ୍ଧ୍ୟାରେ ପାବନାରେ ମୁଁ ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରଥମ ଦର୍ଶନ ଲାଭ କରେ । ତାଙ୍କ ଦେହରେ ଥିଲା ବଙ୍ଗାଳୀର ପ୍ରଚଳିତ ପୋଷାକ ଏବଂ ସିଏ ଥିଲେ ଗୋଟେ ଗଛ ତଳେ ସାଧାରଣ ଗୋଟେ ବେଞ୍ଚ ଉପରେ ଉପବିଷ୍ଟ । ଆଖପାଖରେ ଥିଲେ କେଇଜଣ ନରନାରୀ ଆଉ ବୋଧହୁଏ ଗୋଟେ ଛେଳି ଓ ଛେଳିଗୁହାଳ । ଜଣେ ସୈନ୍ୟାଧକ୍ଷ କହିଥିଲେ, ''ପରିବେଶଟା ଯେପରି ବାଇବଲ ଯୁଗର କଥା ସ୍ମରଣ କରାଇ ଦେଉଥିଲା ।''

ମୁଁ ଜାଣିବାକୁ ଚାହିଁଲି ସିଏ କି ଆଦର୍ଶ ପ୍ରଚାର କରନ୍ତି । ସିଏ ସମ୍ମୁଖରେ ଉପବିଷ୍ଟ ଲୋକମାନଙ୍କୁ ଦେଖାଇ କହିଲେ, ଏମାନଙ୍କୁ ପଚାର । ସେମାନେ କହିଲେ ଯେ ଠାକୁରଙ୍କ ସେବାରେ ସେମାନଙ୍କର ଜୀବନ ଧନ୍ୟ ହୋଇଯାଇଛି, ପୂର୍ଣ୍ଣ ହୋଇଯାଇଛି ଏବଂ ଠାକୁର ଯେତେବେଳେ ଯା' କହୁଛନ୍ତି ତା'ହିଁ ସେମାନଙ୍କ ଜୀବନରେ ଯଥାର୍ଥ ଘଟିଛି ।

ମୁଁ ପଚାରିଲି, ''ସତ୍ୟ କ'ଣ ?''

ଠାକୁର କହିଲେ, ''ଯାହା ତୁମର ଜୀବନ ଓ ବୃଦ୍ଧିର ଅନୁକୂଳ ତାହାହିଁ ସତ୍ୟ ।'' ବୁଝିଲି ଠାକୁର ସହଜ, ସ୍ୱାଭାବିକ, ବାସ୍ତବ ଜ୍ଞାନସମ୍ପନ୍ନ ଜଣେ ବ୍ୟକ୍ତି ।

କିନ୍ତୁ ଅସାଧାରଣ ଜିନିଷବି ଲକ୍ଷ୍ୟ କରିଲି । କଥା କହିବାକୁ ଗଲେହିଁ ତାଙ୍କର ଆଖି ଦୁଇଟି ଊର୍ଦ୍ଧ୍ୱରେ ଦୃଷ୍ଟି ନିବଦ୍ଧ ହୁଏ । ଚାଲିବାକୁ ଗଲେ ପାଦ ଦୁଇଟି ଯେପରି ଶୂନ୍ୟ ଉପର ଦେଇ ଚାଲେ, ମାଟି ସ୍ପର୍ଶ କରେନା । ଜ୍ୟାକ ଲେଷ୍ଟାର ଲକ୍ଷ୍ୟ କରିଲା, ତାଙ୍କର ଶିଶୁ ଭଳି ପ୍ରାଣଖୋଲା ଅଫୁରନ୍ତ ହସ । କିନ୍ତୁ ଆମେମାନେ ଦୁଇଜଣହିଁ ବୁଝିଲୁ ଠାକୁର ନିଶ୍ଚୟହିଁ 'ପ୍ରଫେଟ୍' ନୁହଁ । କାରଣ ତାଙ୍କର ଲକ୍ଷଣ ଠିକ୍ ଦେଖି ପାରୁଛି କୋଉଠୁ ? କିନ୍ତୁ ଏଇଟା ଠିକ୍ ଯେ ସିଏ ସାଧାରଣ ନୁହଁନ୍ତି, ସିଏ ଅନନ୍ୟସାଧାରଣ ।

ମୁଁ ପଚାରିଲି, ''ପ୍ରାଚ୍ୟରେ ଏତେ ଆଧ୍ୟାତ୍ମିକ ପୁରୁଷଙ୍କର ଆବିର୍ଭାବ ଘଟିଛି କିନ୍ତୁ ପାଶ୍ଚାତ୍ୟର କ'ଣ ହେବ– ସେଠାରେହିଁ ଯେ ଅବତାରଙ୍କର ପ୍ରୟୋଜନ ବେଶୀ ।''

ଠାକୁର ସହାସ୍ୟେ ଉତ୍ତର ଦେଲେ, ''ପୂର୍ବ ଓ ପଶ୍ଚିମରେ ଏକ ସମୟରେ ସୂର୍ଯ୍ୟଙ୍କୁ ଦେଖିପାରେନା । କିନ୍ତୁ ଜଣେ ଯେତେବେଳେ ସୂର୍ଯ୍ୟଙ୍କୁ ଦେଖେ ଅନ୍ୟଜଣେ ସେତେବେଳେ ଚାନ୍ଦକୁ ଦେଖିପାରେ ।''

ଲୋକେ କହନ୍ତି ପ୍ରଥମ ଦର୍ଶନର ଭାବଟାହିଁ କାଳେ ସ୍ଥାୟୀଭାବେ ମଣିଷ ମନରେ ବଜାୟ ରହେ, ମୋ ବେଳକୁ ତ ତା'ହିଁ ଘଟିଲା । ଯେତେହିଁ ତାଙ୍କ ସଙ୍ଗ କରିବାକୁ ଲାଗିଲି ସେତେହିଁ ସିଏ ଅସମ୍ଭବ ରକମର ସ୍ୱାଭାବିକ ବୋଲି ମୋର ମନେ ହେବାକୁ ଲାଗିଲା । କିନ୍ତୁ ଅସାଧାରଣ ତାଙ୍କର ଅବିଚଳତା ! ଖିଟିଖିଟି ଲୋକ ତାଙ୍କ ସାମନାରେହିଁ ହୁଏତ ଝଗଡ଼ା କରୁଛି, ସିଏ ସକୌତୁକରେ ଉପଭୋଗ କରୁଛନ୍ତି । ଅବଶେଷରେ ସେମାନେ ଯେତେବେଳେ ମୀମାଂସା ପାଇଁ ତାଙ୍କ ନିକଟକୁ ଆସିଲେ ସିଏ ମୁହୂର୍ତ୍ତକ ମଧ୍ୟରେ ସବୁ ପାଣି କରି ଦେଲେ । ସୁବିଚାର ତ ଅଟେହିଁ କିନ୍ତୁ ଏହି ବିଚାର ପଦ୍ଧତି ମତେ ସ୍ମରଣ କରେଇ ଦେଉଥିଲା ଫ୍ରାନ୍ସର ତେର ଶତାବ୍ଦୀର ସେଣ୍ଟ ଲୁଇୟଙ୍କ ବୃକ୍ଷତଳର ବିଚାରାଳୟର କଥା । ତାଙ୍କ ବିଶ୍ରାମରେ

ବ୍ୟାଘାତ ସୃଷ୍ଟି କରି ହୁଏତ କୌଣସି ଉଦ୍‌ବିଗ୍ନା ଜନନୀ ତାଙ୍କ ରୁଗ୍ଣ ସନ୍ତାନ ପାଇଁ ପରାମର୍ଶ ନେବାକୁ ଆସିଛି କିମ୍ବା ବିପଥଗାମୀ ସନ୍ତାନର ପରିବର୍ତ୍ତନ କିପରିଭାବେ କରାଯାଏ ତା'ର ନିର୍ଦ୍ଦେଶ ଜାଣିବାକୁ ଚାହିଁଛି— ସିଏ ବିଶ୍ରାମ ଭୁଲି ସେକ୍ଷଣିହିଁ କ'ଣ କରିବାକୁ ହେବ ତା' କହିଦେଲେ । ପ୍ରୟୋଜନ ହେଲେହିଁ ସମସ୍ତେ ତାଙ୍କ ନିକଟକୁ ଛୁଟି ଆସନ୍ତି, ସମୟ ଅସମୟରେ ବିଚାର ବିବେଚନା କରନ୍ତିନି । ତାଙ୍କରବି ସେପରି ଆଳସ୍ୟ ନାହିଁ, କ୍ଲାନ୍ତି ନାହିଁ— ଅଚଞ୍ଚଳ ସହିଷ୍ଣୁତା । ସମସ୍ତଙ୍କ ଡ଼ାକରେ ସାଡ଼ା ଦିଅନ୍ତି, ସବୁ ସମସ୍ୟାରହିଁ ସମାଧାନ ଦିଅନ୍ତି । ସମସ୍ତଙ୍କ ପ୍ରୟୋଜନହିଁ ସିଏ ପରିପୂରଣ କରିପାରନ୍ତି । ପାରନ୍ତି ବୋଧହୁଏ ଏଇଥିପାଇଁ ଯେ ସିଏ ସଦାହିଁ ପ୍ରଶାନ୍ତ । କୌଣସିକିଛିରେ ତାଙ୍କର ସ୍ୱଭାବସିଦ୍ଧ ପ୍ରଶାନ୍ତି ନଷ୍ଟ ହୁଏନା । କେହି କେହି କହନ୍ତି ତାଙ୍କ ନିକଟକୁ ଗଲେ ହିଁ ମନ ଆପଣାଛାଏଁ ଶାନ୍ତ ହୋଇଆସେ, ମୋର ବି ଠିକ୍ ତା'ହିଁ ମନେହୁଏ । ବୋଧହୁଏ ତାଙ୍କର ଭଲପାଇବା ଭଳି ତାଙ୍କର ପ୍ରଶାନ୍ତ ରକମଟାବି ଯେପରି ଛୁଉଁଛି । ଜଣେ ଆମେରିକାନ ଯୁବକ ମନ୍ତବ୍ୟ କରିଲା, ''ଏଇ ମଣିଷଟିର ଚତୁର୍ପାଶ୍ୱସ୍ଥ ସମସ୍ତ ପରିବେଶଟାହିଁ ଏପରି ପ୍ରଶାନ୍ତ ଗାମ୍ଭୀର୍ଯ୍ୟ ନେଇ ବିରାଜ କରୁଥିଲା ଯେ ମୁଁ ଯେ ପ୍ରଶ୍ନ ତାଙ୍କୁ ପଚାରିବି ଭାବୁଥିଲି, ଯେଉଁ ସମସ୍ୟା ମତେ ବିବ୍ରତ କରି ତୋଳୁଥିଲା ତା' ସବୁ ଭୁଲିଗଲି । ମୋର ସମସ୍ୟା କୋଉଠି ଯେପରି ମୁହୂର୍ତ୍ତକେ ଉଭେଇ ଗଲା ।''

ଭଲପାଇବା ଏବଂ ଶାନ୍ତି— ଏହା ହେଉଛି ମଣିଷର ଚିରନ୍ତନ ଲକ୍ଷ୍ୟ । କିନ୍ତୁ ଲୋକେ ସାଧାରଣତଃ କହନ୍ତି ଜୀବନରେ ଏହାକୁ ଭିତ୍ତି କରି ଚାଲିବା ସମ୍ଭବ ନୁହେଁ । କିନ୍ତୁ ଠାକୁର ସେପରିହିଁ ଚାଲନ୍ତି, କୌଣସି ଆପୋଷ କରନ୍ତିନି । ଠାକୁରଙ୍କ ଭଳି ଭଲପାଇବା ମାନେ ଯା'କୁ ଭଲପାଏ ତା'ର ଖିଆଲ ଖୁସି ଅନୁଯାୟୀ ଚାଲିବା ନୁହେଁ ବରଂ ପ୍ରେମାସ୍ପଦର ଯେପରି ଭଲ ହୁଏ ତା'ହିଁ କରିବା— ତା'ର ଭଲ ମଧ୍ୟରେ ବାସ କରିବା । ଠାକୁର-କଥାଟା କହିଲେ ସିଏ କହନ୍ତି, ଯିଏ ଠୋକ୍କର (ଧକ୍କା) ଦିଅନ୍ତି । ଠାକୁର ମଣିଷର ପ୍ରବୃତ୍ତି ଉପରେ ଠୋକ୍କର ଦେଇ ଥାଆନ୍ତି ସସ୍ନେହରେ, ଯେତେଦିନ ପର୍ଯ୍ୟନ୍ତ ମଣିଷ ସେଇ ପ୍ରବୃତ୍ତିର ବନ୍ଧନ ଏବଂ ଅନୁଶୋଚନାରୁ ମୁକ୍ତ ନ ହୁଏ । ଠାକୁରଙ୍କ ମତରେ, ଶାନ୍ତି ମାନେ ଅକ୍ଷମତା ବା ଦୁର୍ବଳତା ନିକଟରେ ନତି ସ୍ୱୀକାର ନୁହେଁ, ବରଂ କ୍ରମାଗତ ବିଷୟର ନିୟନ୍ତ୍ରଣ— ଭିତରର ଏବଂ ବାହାରର— ଏବଂ ସମୟ ସମୟରେ ତା' ପାଇଁ ବଳପ୍ରୟୋଗର ପ୍ରୟୋଜନ ହୁଏ ।

ଅରୁଣ ବୋଲି ଜଣେ ପିଲା ତା' ଜୀବନର ଗୋଟେ କାହାଣୀ ବେଶ୍ ଗର୍ବର ସହିତ ଉତ୍ଥାପନ କରେ ଏବଂ ତା'ଦ୍ୱାରା ପ୍ରମାଣ କରିବାକୁ ଚାହେଁ ତା'ର ସମବୟସୀମାନଙ୍କ ଉପରେ ତା'ର ପ୍ରତିପତ୍ତିର କଥା । ଯେତେବେଳେ ତା'ର ବୟସ କମ୍ ସେତେବେଳେ ତା'ର ପ୍ରଧାନ ଖେଳ ଥିଲା ସମବୟସୀ ପିଲାମାନଙ୍କ ମୁହଁ ଉପରେ ଜୀବନ୍ତ ସାପ ଛାଡ଼ି ଦେବା । ଥରେ ଗୋଟେ ବିଷାକ୍ତ ସାପ ନେଇ ତା'ହିଁ କରିବ ଠିକ୍ କରିଲା, କିନ୍ତୁ ତା' ଆଗରୁହିଁ ତା'ର ସମବୟସୀ ଗୋଟେ ବନ୍ଧୁ ଭୀତ-ସନ୍ତ୍ରସ୍ତ ହୋଇ ଠାକୁରଙ୍କ ନିକଟରେ ଯାଇ କହିଦେଲା । ଠାକୁର ସେକ୍ଷଣି ଅରୁଣ ଏବଂ ତା'ର ମା'କୁ ଡ଼କେଇ ପଠାଇଲେ । ତା'ପରେ ଗଛରୁ ଗୋଟେ ଶକ୍ତ ଡ଼ାଳ ଭାଙ୍ଗି ଅରୁଣକୁ ଖୁବ୍ ମାରିଲେ, ଅରୁଣ କହିଲା ଯେ ସେ ଯେତେବେଳେ ଭୀଷଣ ମାଡ଼ ଖାଉଛି ସେତେବେଳେ ଥରେ ଚାହିଁ ଦେଖିଲା, ମନେହେଲା ଠାକୁରବି ଯେପରି ଖୁବ୍ ରାଗି ଯାଇଛନ୍ତି କିନ୍ତୁ ପରେ ପୁଣି ବ୍ୟଥା ଜାଗାରେ ପ୍ରଲେପ ଦେବା ପାଇଁ ଠାକୁର ଅରୁଣ ପାଇଁ ମଲମ ପଠାଇ ଦେଲେ । କିନ୍ତୁ ଅରୁଣଠାରୁ ଠାକୁର ନିଜ ହାତର ବେଦନା ନେଇ ଭୋଗିଲେ ବେଶୀ । ଦିନେ ଦେଖିଲି ଠାକୁର ଜଣେ ଲୋକକୁ ଧରି ମାରୁଛନ୍ତି— ଲୋକଟି କାଲେ ତା'ର ସ୍ତ୍ରୀକୁ ମାରିଥିଲା । କିନ୍ତୁ ମୁଁ ଲକ୍ଷ୍ୟ କରିଲି, ଯେଉଁ ହାତ ଦେଇ ଠାକୁର ମାରିଲେ ସେଇ ହାତର ବ୍ୟଥା ଦୂର କରିବାକୁ କେଇ ସପ୍ତାହ ଲାଗିଲା । ଅରୁଣ ସେଇ ଦିନର ସେଇ ଘଟଣା ପରେ ଆଉ କେବେ ବି ସାପ ଛୁଇଁ ନାହିଁ ଏବଂ ସେ ଜାଣେ ଯେ ଠାକୁର ତା'କୁ ସବୁଠାରୁ ବେଶୀ ଭଲପାଆନ୍ତି ।

ଠାକୁର କିପରି ଧାରାର ଲୋକ ? ସିଏ କ'ଣ ପ୍ରେମମୟ ? ବୋଧହୁଏ ତା'ହିଁ— ମୋର ତ ତା'ହିଁ ମନେହୁଏ । କିନ୍ତୁ ଯିଏ ଆଗେ ନିଜେ ଭଲ ନପାଏ ସେ ଅନ୍ୟର ହୃଦୟ ଜାଣିବ କିପରି ? ଆଉ ଯେତେବେଳେ ସେ ଭଲପାଏ ସେତେବେଳେ ତ ସେ ସବୁ କିଛି ପ୍ରେମିକର ଦୃଷ୍ଟିଭଙ୍ଗୀରେହିଁ ଦେଖିବ । ସେତେବେଳେ ସେ ନିଜେ ପ୍ରେମର ପ୍ରତିମୂର୍ତ୍ତିହିଁ ତାଙ୍କ ମଧ୍ୟରେ ଦେଖେ । ଯା'ର ଏହି ଦୃଷ୍ଟି ଆସିଛି ତା'ର କ'ଣ ଆଉ କିଛି ଦେଖିବାକୁ ବାକି ଅଛି ? ଠାକୁରଙ୍କ ଭଲପାଇବାର ଅଜସ୍ର କାହାଣୀ ଅଛି କିନ୍ତୁ ମୋର ମନେହୁଏ ତା' ନିଜେ ଉପଲବ୍ଧି ନ କରିଲେ କାହାକୁ କହି ବୁଝାଇ ହୁଏନା । ଜ୍ୟାକ୍ ଲେଷ୍ଟାର ଯେତେବେଳେ ଚାଲିଗଲେ ଏବଂ ମୁଁ ରହିଗଲି ସେତେବେଳେ ମୋ ଆଡ଼କୁ ଲକ୍ଷ୍ୟ ରଖିବା ପାଇଁ ଠାକୁର ମୋରହିଁ ସମବୟସୀ ଜଣେ ବଙ୍ଗାଳୀ ପିଲାକୁ ରସାୟନାଗାରର ଦୋତାଲାରେ ମୋ ସଙ୍ଗେ ରହିବାକୁ କହିଲେ । ତା'ର ଭାବପ୍ରବଣତା ଦେଖି ମୁଁ ତା'କୁ ବିରକ୍ତ କରୁଥିଲି, ଦିନେ ତା'କୁ ପଚାରିଲି, ଠାକୁରଙ୍କ ଜୀବନର କୋଉ କାହାଣୀଟା ତା'କୁ ସବୁଠାରୁ ବେଶୀ ଭଲ ଲାଗେ । ସେ ଯେଉଁ କାହାଣୀ କହିଲା ତା' ମୋତେବି ଭଲ ଲାଗେ ଯଦିଓ ତା' ଠିକ୍ ପ୍ରତ୍ୟକ୍ଷଭାବେ ଠାକୁରଙ୍କ ଭଲପାଇବାର ଅଭିବ୍ୟକ୍ତି ନୁହେଁ ।

ଦିନେ ସକାଳେ ଗୋଟେ ଦଶ ବର୍ଷର ପୁଅ ବଜାର କରିବାକୁ

ଆସିଲା, ପଇସା ବୋଧହୁଏ ତା' ମା' ନିକଟରୁ ସଂଗ୍ରହ କରି ଆଣିଥିଲା । ଦୋକାନରୁ କେଇଟି ବିସ୍କୁଟ କିଣିଲା । ଗୋଟେ ବିସ୍କୁଟ ନେଇ ଯେତେବେଳେ ଠିକ୍ ପାଟିରେ ପୁରାଇବ ସେତେବେଳେ ବୋଧହୁଏ ଅନ୍ୟ କୌଣସି ଗୋଟେ କଥା ବା ବିଶେଷ କା'ର କଥା ମନେପଡ଼ିଲା । ତା'ର ଅସନା ହାତରେହିଁ ବିସ୍କୁଟ ଧରି ଧାଇଁ ପଳାଇଲା । ମୋର ସଙ୍ଗୀଟି କୌତୁହଳ ବଶରେ ତା'କୁ ଅନୁସରଣ କରି ଦେଖିଲା ଯେ ଯେଉଁ ବାରଣ୍ଡାରେ ଠାକୁର ବସିଥିଲେ ସେଠାକୁ ଯାଇ ପିଲାଟି ବିସ୍କୁଟଗୁଡ଼ିକୁ ଠାକୁରଙ୍କୁ ନିବେଦନ କରିଲା, ଠାକୁର ସାଗ୍ରହେ ବିସ୍କୁଟଗୁଡ଼ିକୁ ନେଇ ତାଙ୍କ ସହଧର୍ମିଣୀଙ୍କ ନିକଟକୁ ପଠାଇ ଦେଲେ । ପିଲାଟି ମହାଉଲ୍ଲାସରେ ଫେରି ଆସିଲା । କିଛିକ୍ଷଣ ପରେ ଠାକୁରବାଡ଼ି ଭିତରେ ରନ୍ଧାଘର ଆଡ଼କୁ ଗଲେ । ସିଏ ଜାଣିଥିଲେ ଯେ ତାଙ୍କର ଖାଇବା-ପିଇବା ସମ୍ବନ୍ଧରେ ଯେତେବେଳେ ଖୁବ୍ ସତର୍କତା ନିଆ ହେଉଛି ସେତେବେଳେ ନିଶ୍ଚୟହିଁ ଏହି ଅସନା ହାତର ବିସ୍କୁଟଗୁଡ଼ିକ ତାଙ୍କ ପତ୍ରରେ ପଡ଼ିବନି । ତେଣୁ ଠାକୁର କହିଲେ, ''ବଡ଼ବୋଉ ଖାଇବା ସମୟରେ ମତେ ଅନ୍ତତଃ ଗୋଟେ ବିସ୍କୁଟ ଦିଅ, ଏକଦମ୍ ବଞ୍ଚିତ କରନା ଯେପରି ।'' କେହି କେହି କହନ୍ତି ଯେ ଠାକୁରଙ୍କ ଭଲପାଇବା ଏପରି ଯେ କେହି ଯଦି କିଛି ଭଲପାଇ ତାଙ୍କୁ ଦିଏ ସିଏ ତା' ଗ୍ରହଣ ନ କରିଲେ ତାଙ୍କର ନିଜରହିଁ କ୍ଷତି ହୁଏ ।

ଦିନେ ସିଏ ଯେତେବେଳେ ବୁଲିବା ପାଇଁ ବାହାରିଛନ୍ତି, ସେତେବେଳେ ଦେଖିବାକୁ ପାଇଲେ ଜଣେ ଲୋକ ଗଛ ଦେହରେ ଗୋଟେ ପିରିଖ ପିଟୁଛି । ଦେଖିହିଁ ଯେପରି ଗଛର ବ୍ୟଥାଟା ନିଜେ ବୋଧ କରିଲେ । ଲୋକଟିକୁ କହିଲେ, ପିରିଖ ନ ପିଟି ବରଂ ଗଛରେ ଗୋଟେ ତାର ଗୁଡ଼େଇ ଦେଇ ତା'ର ଉଦ୍ଦେଶ୍ୟ ସିଦ୍ଧ କରିବାକୁ ।

କିଶୋରୀଭାଇଙ୍କ ସଙ୍ଗେ ଆଉ ଦିନେ ଯାଉଥିଲେ ପଡ଼ିଆ ମଧ୍ୟରେ । ସେଠାରେ ଦେଖିବାକୁ ପାଇଲେ ଗୋଟେ ଗୋରୁ ନଦୀ ଅତଡ଼ାରେ ପଡ଼ିଯାଇଛି ଏବଂ ଗଳାରେ ଫାଁସ ଲାଗିବାର ଉପକ୍ରମ ହୋଇଛି । ସିଏ କିଶୋରୀଭାଇଙ୍କୁ ବନ୍ଧନ ମୁକ୍ତ କରି ଦେବାକୁ କହିଲେ । କିଶୋରୀଭାଇ ଗୋଟେ କଇଁଚି ନେଇ ଦଉଡ଼ିଟା କାଟି ଦେଲେ କିନ୍ତୁ ଶୀଘ୍ରଶୀଘ୍ର କରିବାକୁ ଯାଇ ଗୋରୁର ଗଳାରେ ଟିକେ କଟିଗଲା ଏବଂ ରକ୍ତ ବାହାରିଲା । କାମ ସାରି ଠାକୁରଙ୍କ ନିକଟକୁ ଫେରି ଆସି ଦେଖିଲେ ଯେ ଠାକୁରଙ୍କରବି ଗଳାରେ କଟାଦାଗ ଏବଂ ସେଠାରୁ ରକ୍ତ ବାହାରୁଛି ।

ଆଉଥରେ କୁଷ୍ଟିୟାରେ ଦିନେ ବନ୍ଧୁମାନଙ୍କୁ ନେଇ ସିଏ ଘୋଡ଼ାଗାଡ଼ିରେ ଯାଉଛନ୍ତି । ଗାଡ଼ୁୟାନ ମଝିରେ ଘୋଡ଼ା ପିଠିରେ ଖୁବ୍ ଜୋରରେ ଗୋଟ ଚାବୁକ ବସାଇ ଦେଲା । ଘୋଡ଼ାର ପିଠିରେ ଚାବୁକ ମାରିବା ସଙ୍ଗେ ସଙ୍ଗେ ହିଁ ଠାକୁର ଅଜ୍ଞାନ ହୋଇଗଲେ । କିଛିସମୟ ପରେ ତାଙ୍କର ବନ୍ଧୁଗଣ ତାଙ୍କ ଦେହର ବସ୍ତ୍ର ଖୋଲି ଦେଖିବାକୁ ପାଇଲେ ଯେ ତାଙ୍କ ପିଠିରେ ବି ସେଇ ଚାବୁକର ଆଘାତ ଦାଗ କଟିଯାଇ ବସିଯାଇଛି ।

ଠାକୁର ଯେ ଅତ୍ୟନ୍ତ ଅନୁଭୂତିପ୍ରବଣ ଏବଂ ସହାନୁଭୂତିଶୀଳ ସେଥିରେ ସନ୍ଦେହ ନାହିଁ । ତାଙ୍କର ଭାବର ଗଭୀରତା ବାହାରୁ ଦେଖି ସବୁବେଳେ ପରିମାପ କରିହୁଏନା, କାରଣ ସିଏ ତାଙ୍କର ପ୍ରଶାନ୍ତି ଦେଇ ସବୁ ଢ଼ାଙ୍କି ରଖନ୍ତି । ଆଉ ତା'ଛଡ଼ା ସିଏ ଅତ୍ୟନ୍ତ ବାସ୍ତବପନ୍ଥୀ । କିନ୍ତୁ ଏପରି ସମୟ ଆସେ, ବିଶେଷତଃ ଯେତେବେଳେ ପୂର୍ବତନ ଅବତାର ବା ମହାପୁରୁଷମାନଙ୍କ କଥା ଯେତେବେଳେ ଉତ୍ଥାପିତ ହୁଏ ସେତେବେଳେ ତାଙ୍କ ଆଖିଦୁଇଟି ସଜଳ ହୋଇଉଠେ । କିନ୍ତୁ ତା' ସତ୍ତ୍ୱେବି ଲୋକେ ବୁଝନ୍ତି ଏହା ତାଙ୍କର ହତାଶର ଦୁଃଖର ଅଶ୍ରୁ ନୁହେଁ, ଇଚ୍ଛା କରିଲେହିଁ ପ୍ରୟୋଜନାନୁରୂପ ସବୁକିଛିହିଁ ନିୟନ୍ତ୍ରଣ କରି ପାରନ୍ତି ।

ଠାକୁରଙ୍କର ନିକଟବର୍ତ୍ତୀ ଲୋକମାନଙ୍କର ଭାବ ଅନୁଯାୟୀ ତାଙ୍କର ପ୍ରତିକ୍ରିୟା ହୁଏ । ତାଙ୍କର ପରିବେଶର ଦୃଷ୍ଟିଭଙ୍ଗୀ ଅନୁଯାୟୀ ନିଜକୁ ଯେପରି ସେମାନଙ୍କ ମଧ୍ୟରେ ନିକ୍ଷେପ କରନ୍ତି । ଫଳରେ, ଲୋକ ତାଙ୍କ ମଧ୍ୟରେ ତା'ର ନିଜକୁହିଁ ଖୋଜି ପାଏ । ଜଣେ ଆମେରିକାନ୍ ମନ୍ତବ୍ୟ କରିଛନ୍ତି, ''ଠାକୁର ଯେପରି ଗୋଟେ ଆଇନା, ତାହା ଏତେହିଁ ସହଜ ଗ୍ରହଣକ୍ଷମ ଏବଂ ସ୍ୱଚ୍ଛ ଯେ ନିକଟବର୍ତ୍ତୀ ଯେଉଁଭଳି ବ୍ୟକ୍ତିତ୍ୱବାଲା ମଣିଷହିଁ ଥାଉ ନା କାହିଁକି ତାହାର ଠିକ୍ ପ୍ରତିଫଳନ ହୁଏ ।'' ଠିକ୍ ଏହି କଥାହିଁ ଜଣେ ଶିଳ୍ପୀ କହିଥିଲା ଯେ ଠାକୁର ଜଣେ ମହାଶିଳ୍ପୀ । ପ୍ରତ୍ୟେକେହିଁ ମନେକରନ୍ତି ଯେ ତା'ର କାମ ବିଷୟରେ ଠାକୁରଙ୍କର ଅଛି ଅସାଧାରଣ ଦକ୍ଷତା । ଚାଷୀ, କେଉଟ, ଧନୀ, ନିର୍ଦ୍ଧନ, ବୈଜ୍ଞାନିକ, ସୈନିକ, ମନୀଷୀ ପ୍ରତ୍ୟେକେହିଁ ତାଙ୍କ ସଂସ୍ପର୍ଶରେ ଆସି ଆହୁରି ଆହୁରି କର୍ମରେ ପ୍ରବୁଦ୍ଧ ହୋଇଉଠନ୍ତି । ପ୍ରତ୍ୟେକେହିଁ ମନେ କରନ୍ତି ତା'ର ବିଶିଷ୍ଟ କାମ ଏବଂ ତା'ର ଅସୁବିଧାଗୁଡ଼ିକ ଠାକୁର ସବୁଠାରୁ ଭଲ ଜାଣନ୍ତି । ଠାକୁର କେଉଁଭଳି ? ଗୋଟେ ପ୍ରଶ୍ନର ଉତ୍ତର ମଧ୍ୟରେହିଁ ହଜାରେଟା ପ୍ରଶ୍ନର ଉତ୍ତର ଅଛି । କିଏ କହନ୍ତି ସିଏ ଜ୍ଞାନୀ, କିଏ କହନ୍ତି ସିଏ ସୁଦକ୍ଷ ବ୍ୟବସାୟୀ, କିଏ କହନ୍ତି ସିଏ ପରମ ଦରଦୀ ବନ୍ଧୁ । ପୁଣି କେହି ଦେଖେ ତାଙ୍କୁ ପିତା ଭଳି । ଗୋଟେ ଦରିଦ୍ର ରମଣୀ ତାଙ୍କୁ ସନ୍ତାନ ବୋଲି ମନେ କରେ । କାରଣ ଯେତେବେଳେ ତା'ର ନିଜର ପୁଅ ମରିଯାଏ ସେତେବେଳେ ସେ ଠାକୁରଙ୍କ ନିକଟକୁ ଯାଇ କାନ୍ଦି ପକାଇଥିଲା ସାନ୍ତ୍ୱନା ପାଇଁ । ଠାକୁର ତା'କୁ ଦୁଇ ବାହୁ ଦେଇ କୁଣ୍ଢେଇ ଧରି କହିଥିଲେ, ''ମା' ! ମୁଁ କ'ଣ ତୋର ପୁଅ ନୁହେଁ ?'' ଶୁଣି କେଇ ମୁହୂର୍ତ୍ତ ମଧ୍ୟରେ ମା'ର କାନ୍ଦ ଥମିଗଲା ।

ଯେପରି ସେ ଫେରି ପାଇଲା ସନ୍ତାନ ଆଉ ପାଇଲା ଶାନ୍ତି ।

ଠାକୁର ଏତେ ଲୋକଙ୍କୁ ଯେ ଖୁସି କରି ପାରନ୍ତି ତା'ର ଆଉଗୋଟେ କାରଣ ବୋଧହୁଏ ଏହା ଯେ ତାଙ୍କର ଜୀବନଟା ବୈଚିତ୍ର୍ୟମୟ । ମଣିଷକୁ ଜାଣିବା ଏବଂ ସେମାନଙ୍କର ଅଭିଜ୍ଞତାଗୁଡ଼ିକୁ ନିଜ ଜୀବନରେ ବୋଧ କରିବାର ଥିଲା ତାଙ୍କର ବରାବର ଝୁଙ୍କ୍ । ପିଲାଦିନରୁ କେବଳ ମଣିଷ ଖୋଜି ବୁଲିବା ହିଁ ତାଙ୍କର କାମ । ଯଦି ଜାଣୁଥିଲେ ତାଙ୍କର ପରିଚିତ କେହି ଚାଲିଯାଉଛି ସଙ୍ଗେ ସଙ୍ଗେ ଚାଲି ଯାଉଥିଲେ ଷ୍ଟିମର ଘାଟକୁ ତା'କୁ ଦେଖିବା ପାଇଁ । ଦେଶର ନାନା ଜାଗାରେ ଘୁରି ବୁଲିଛନ୍ତି ମଣିଷର ସନ୍ଧାନରେ । ଷ୍ଟିମର ଘାଟରେ କୁଲିର ବୋଝ ନିଜେ ବୋହିଛନ୍ତି । ଫେରି ଚାହିଁ ନାହାଁନ୍ତି ପଇସା ପାଇଁ । ଜୋର କରି କେହି ଦେଇଦେଲେ କୁଲିମାନଙ୍କୁ ତା' ଦେଇ ଦେଇଛନ୍ତି । କୁଲି କାମର ଅଭିଜ୍ଞତା ଲାଭ ପାଇଁହିଁ ତା' କରିଥିଲେ । ପିଲା ବୟସରୁ ହିଁ ଗ୍ରାମର ଖରାପ ପିଲାମାନଙ୍କ ସଙ୍ଗେ ମିଶି ସେମାନଙ୍କର ଭଲ କରିଛନ୍ତି । ଦାନ ବିଷୟରେ ଥିଲେ ବେପରୁଆ ମୁକ୍ତ ହସ୍ତ । ଛାତ୍ରାବସ୍ଥାରେ ଯେଉଁମାନଙ୍କର ପ୍ରୟୋଜନ ବେଶୀ ସେମାନଙ୍କୁ ନିଜର ଲୁଗାପଟା ଖୋଲି ଦେଉଥିଲେ ।

ଯୌବନରେ ମେଡ଼ିକାଲ ସ୍କୁଲରେ ପଢ଼ିବାକୁ କଲିକତା ଆସିଲେ । ଦରିଦ୍ର ବ୍ରାହ୍ମଣ ସନ୍ତାନ– ଖାଇବା-ପିନ୍ଧିବା, ଶୋଇବାର ଚରମ ଦାରିଦ୍ର୍ୟ ମଧ୍ୟ ଦେଇ ଚାଲୁଥିଲେ । ନିଜେ ଦୁଃଖ ଭୋଗ କରୁଥିଲେ କିନ୍ତୁ ସମସ୍ତଙ୍କୁ ଆନନ୍ଦରେ ଭରପୁର କରି ରଖୁଥିଲେ । ଦେଶକୁ ଫେରି ଚିକିତ୍ସା ଆରମ୍ଭ କରିଲେ । ହୋମିଓପ୍ୟାଥି ଦିଗରେ ଝୁଙ୍କ୍ ଦେଲେ । ଗଛପତ୍ରରୁବି କେତେଗୁଡ଼ିଏ ଔଷଧ ଆବିଷ୍କାର କରିଲେ । ସେଇ ଚିକିତ୍ସାରେ ରୋଗୀ ଆଶ୍ଚର୍ଯ୍ୟଜନକ ଫଳ ପାଇବାକୁ ଲାଗିଲା ଏବଂ ଜନଶ୍ରୁତି ଯେ ତାଙ୍କର ଚିକିତ୍ସାରେ କୌଣସି ରୋଗୀହିଁ କାଳେ ମରେନି । ସିଏ ପାରିଶ୍ରମିକ କିଛିହିଁ ଦାବୀ କରୁ ନଥିଲେ । ଯିଏ ଯା' ଦେଉଥିଲା ତା' ଖୁସି ମନରେ ନେଉଥିଲେ ।

ଠାକୁରଙ୍କ ଇଚ୍ଛା ଯେ ସିଏ ଆଗ ଭଳି ଦେଶ ଦେଶରେ ଘୁରି ବୁଲନ୍ତେ । କିନ୍ତୁ ଆଉ ସମସ୍ତେ କହନ୍ତି, ସିଏ ଯଦି ଗୋଟେ ଜାଗାରେ ସ୍ଥାୟୀଭାବରେ ବସନ୍ତି ତେବେ ଯେଉଁମାନେ ତାଙ୍କ ସାନ୍ନିଧ୍ୟଲାଭ କରିବାକୁ ଚାହାଁନ୍ତି ସେମାନଙ୍କର ସୁବିଧା ହେବ । ଏବେ ନାନାପ୍ରକାରର ଲୋକ ତାଙ୍କ ନିକଟକୁ ଆସିପାରିଛନ୍ତି । ସେମାନେ ନାନା ପ୍ରଶ୍ନ କରନ୍ତି । ସେଇ ପ୍ରଶ୍ନର ଉତ୍ତରରେ ସିଏ ଯେଉଁ ସମାଧାନ ଦିଅନ୍ତି ତା' ସମୟ ସମୟରେ ଏତେ ଅସାଧାରଣ ଏବଂ ତାଙ୍କର ଅଭିମତ ଏତେହିଁ ନିର୍ଭୁଲ ଯେ ଲୋକେ ବିସ୍ମୟରେ ହତବାକ୍ ହୋଇଯାଆନ୍ତି, ଭାବନ୍ତି ସିଏ ଏତେ ସମ୍ବାଦ ଜାଣନ୍ତି କିପ୍ରକାରେ । ମେଡ଼ିକାଲ ସ୍କୁଲରେ ପଢ଼ିବା ସତ୍ତ୍ୱେବି ତାଙ୍କର ଛାତ୍ରାବସ୍ଥା ଥିଲା ଖୁବ୍ ସ୍ୱଳ୍ପକାଳ ପାଇଁ । ଦିନେ ସେ କଥା ତାଙ୍କୁ ପଚାରନ୍ତେହିଁ ସିଏ କହନ୍ତି, ''ମୁଁ ପରମପିତାଙ୍କ ଅଧମ ସନ୍ତାନ । ଯେତେବେଳେ ଲୋକେ ମତେ ପ୍ରଶ୍ନ କରନ୍ତି, ସେତେବେଳେ ମୁଁ କିଛିହିଁ କହିପାରେନା; ପରମପିତା କରୁଣା କରି ମତେ ଉତ୍ତରଗୁଡ଼ିକ ଜୋଗେଇ ଯାଆନ୍ତି । ତାଙ୍କ ଦୟା ଯେପରି ଧାରାସ୍ନାନ ଭଳି ମୋ ଉପରେ ବର୍ଷିତ ହୁଏ ।''

ସିଏ ବେଳେ ବେଳେ ଭଙ୍ଗା ଭଙ୍ଗା ଇଂରାଜୀ ଲାଇନ କହନ୍ତି । କିନ୍ତୁ ଲୋକାଭାବେ ତାହା ହୁଏତ ଅଲିଖିତ ରହିଯାଏ । ଆମମାନଙ୍କର ସ୍ମୃତି ମନ୍ଥନ କରି ଯେତେବେଳେ ତା' ଆଉ ପୁନରୁଦ୍ଧାର କରିପାରେନା ସେତେବେଳେ ତାଙ୍କ ନିକଟକୁ ଯାଇ ପୁଣି ଆବେଦନ କରେ । ଠାକୁର ଅସହାୟ ଭଳି ଚାହିଁ ରୁହନ୍ତି, ଆଉ କହନ୍ତି ଯେ କଥାଗୁଡ଼କ ଫେରି କହିବା ପାଇଁ ଚେଷ୍ଟା କରିବା ମାନେ ହାତ ଦେଇ ମାଛ ଧରିବା ଭଳି– ଆଙ୍ଗୁଳି ଗଳେଇ ଫସକି ଚାଲିଯାଏ । ଠାକୁରଙ୍କର ବେଶୀଭାଗ ସମୟ କଟେ ବେଞ୍ଚ ଉପରେ କିମ୍ବା ତକ୍ତପୋଷ ଉପରେ ବସି ଲୋକଙ୍କ କଥା ଶୁଣି, ଆଉ ତା'ର ଜବାବ ଦେଇ । ତାଙ୍କ ଦେହ ବଳିଷ୍ଠ, କିନ୍ତୁ କେବଳ ବସି ରହିବାକୁ ହୁଏ ବୋଲି ତାଙ୍କ ଦେହ ମେଦବହୁଳ ହୋଇଉଠିଛି । ସକାଳେ ଏବଂ ଉପରବେଳା ସିଏ ଅଳ୍ପ କିଛି ବାଟ ବୁଲି ଆସନ୍ତି । କୌଣସି କୌଣସି ଦିନ ଆଲୋଚନାରେ ପ୍ରାୟଃ ରାତି ୧ଟା ୨ଟାବି ହୋଇଯାଏ । ଅନବରତ କଥା କହି କହି ତାଙ୍କ ଗଳାରେ ଉପସର୍ଗ ଦେଖା ଦେଇଛି । ଗଡ଼ଗଡ଼ାରେ ତମାଖୁ ଏବଂ ବିଶେଷ ଏକ ଧରଣର ଗୁଆ ଖାଇ ଟିକେ ଭଲ ରୁହନ୍ତି । ସାରାଦିନ ତମାଖୁ ଗୁଆ ଖାଆନ୍ତି । ପୂର୍ବେ ଯେତେବେଳେ ସିଗାରେଟ ଖାଉଥିଲେ ସେତେବେଳେ ପରପର ଗୋଟ ପରେ ଗୋଟେ ସିଗାରେଟ ଖାଇ ଯାଉଥିଲେ କିନ୍ତୁ ମୋର ମନେହୁଏ ସିଏ ବୋଧହୁଏ ବୁଝିଥିଲେ ସେଥିରେ ଗଳା ପକ୍ଷେ ଖରାପ ହୁଏ । କାର୍ଯ୍ୟତଃ ଦିନେ ହଠାତ୍ ସିଗାରେଟ ଖାଇବା ଛାଡ଼ି ଦେଲେ । ଠାକୁର କହନ୍ତି ଯଦି କା'ର କୌଣସି ଅଭ୍ୟାସ ଛାଡ଼ିବାକୁ ହୁଏ ତେବେ ଠିକ୍ ଏପରି କରି ଏକା ଝୁଙ୍କ୍‌ରେ ଛାଡ଼ି ଦେବାକୁ ହୁଏ ।

ଠାକୁର ଜଣେ ବିଶାଳ ପୁରୁଷ । ତାଙ୍କ ଦେହ ବୃହତ୍ ତାଙ୍କ ଆଖି ଦୁଇଟି ବଡ଼ ଏବଂ ସୁନ୍ଦର । ମତେ ଜଣେ ଆମେରିକାନ ବନ୍ଧୁ କହିଥିଲା, ''ଠାକୁରଙ୍କ ଆଖି ଆଡ଼େ ଚାହିଁ ରହିଲେ ମନେହୁଏ ଯେପରି ଅସୀମଙ୍କ ଦିଗରେ ଚାହିଁ ରହିଛି ।'' ତାଙ୍କ ଶକ୍ତି ପ୍ରଚୁର ଏବଂ ମନ ବି ବଳିଷ୍ଠ । ଠାକୁର ଯେତେବେଳେ ଯା'ହିଁ କିଛି କହନ୍ତି, ବର୍ତ୍ତମାନ ପରିସ୍ଥିତି ସମ୍ପର୍କରେହିଁ ହେଉ ବା ବ୍ୟକ୍ତି ବିଶେଷର ସଂଶୋଧନ ପାଇଁ ହେଉ, ତାଙ୍କ ମଧ୍ୟରେ ସମସ୍ତଙ୍କର ସବୁ କିଛିହିଁ କହିବା ହୋଇଯାଏ । ଠିକ୍ ସେପରି ପୁଣି ସାଧାରଣ ଆଲୋଚନା

ମଧ୍ୟରେ ବ୍ୟକ୍ତିଗତ ସବୁ ସମସ୍ୟାରହିଁ ସମାଧାନ ହୁଏ । ମନେହୁଏ ତାଙ୍କର ଯେପରି ସବୁକିଛିର ମୂଳ ଜଣା ଅଛି । ସିଏ କଦାପିବି ତର୍କ କରନ୍ତିନି; ସିଏ କହନ୍ତି କିପରି କରି ଯେ ତର୍କ କରିବାକୁ ହୁଏ ତା' ସିଏ ଜାଣନ୍ତିନି । ଯଦି ତାଙ୍କ ସଙ୍ଗେ କା'ର ମତର ମେଳ ନହୁଏ, ସିଏ କିଛିହିଁ କହନ୍ତିନି । କେହି ଯଦି ଚାତୁର୍ଯ୍ୟ ନେଇ ତାଙ୍କୁ ପରୀକ୍ଷା କରିବାକୁ ଚାହାଁନ୍ତି ସିଏ ଚୁପ୍ କରି ରୁହନ୍ତି କିମ୍ବା ଏହିଭଳି ବ୍ୟବହାର କରନ୍ତି ଯେପରି କିଛିହିଁ ବୁଝନ୍ତିନି । କିନ୍ତୁ ଯଦି କଥା କହନ୍ତି ତେବେ ସୁଯୁକ୍ତି ସହ ଏପରି ଦୃଢ଼ ପ୍ରତ୍ୟୟର ସହିତ ତା' କହନ୍ତି ଯେ କାହାରବି ଆଉ ସେଥିରେ ଦ୍ୱିମତ ରହେନା । କିଛିଦିନ ଆଗେ ସିଏ ମତେ କହିଥିଲେ ଯେ ବଙ୍ଗଳାର ଏବଂ ଭାରତର ସମସ୍ୟାରେ ତାଙ୍କର ମନର ଅବସ୍ଥା ଭଲ ନାହିଁ । ସଂକୀର୍ଣ୍ଣ ଦୃଷ୍ଟିଭଙ୍ଗୀ ନେଇ ଯେଉଁ ବିରୋଧ ଏବଂ ତିକ୍ତତା ଦେଖା ଦେଇଛି ତା' ନିରସନ କରିବାକୁ ସିଏ ତାଙ୍କ ଭଳି କରି ପ୍ରତିନିୟତ ଚେଷ୍ଟା କରିଛନ୍ତି ।

ଠାକୁର ଯା' କିଛି କରନ୍ତି ସିଏ ମନେକରନ୍ତି ମା'ଙ୍କ ଇଚ୍ଛାକୁ ପୂରଣ କରିବା ପାଇଁ ହିଁ କରୁଛନ୍ତି । ସିଏ କହନ୍ତି, ''ମା'ହିଁ ମୋର ଗୁରୁ ଏବଂ ଶିକ୍ଷକ ।'' ଯେତେବେଳେ ତାଙ୍କର ବେଶ ବୟସ ହୋଇଯାଇଛି ସେତେବେଳେ ବି ସିଏ ମା'ଙ୍କ କୋଳରେ ଯାଇ ବସୁଥିଲେ । ତାଙ୍କର ମା'ଙ୍କ ପ୍ରତି ଭକ୍ତି ହିଁ ନାରୀଜାତି ପ୍ରତି ତାଙ୍କୁ ଶ୍ରଦ୍ଧାସମ୍ପନ୍ନ କରି ତୋଳିଛି । ପ୍ରତ୍ୟେକ ନାରୀକୁହିଁ ଏଥିପାଇଁ ସିଏ ସମ୍ବୋଧନ କରନ୍ତି ମା' । ଠାକୁରଙ୍କ ନିକଟରେ ନାରୀମାତ୍ରେହିଁ 'ମା'– ତେଣୁ ସିଏ ମନେକରନ୍ତି ଯେ କୌଣସି ଝିଅ ଯଦି ଯଥାର୍ଥ ଭଲପାଇ କୌଣସି ପୁରୁଷକୁ ସେବା କରିବାକୁ ଚାହେଁ, ତା'ର ସନ୍ତାନକୁ ଗର୍ଭରେ ଧାରଣ କରି ଧନ୍ୟ ହେବାକୁ ଚାହେଁ, ତା'ହେଲେ ସେଇ ଝିଅକୁ ବିବାହ ନ କରି ଫେରାଇ ଦେବା ଅନୁଚିତ । ତା' ଫଳରେ ଝିଅର ଜୀବନଟାହିଁ ବ୍ୟର୍ଥ ହୋଇ ଯାଇପାରେ । ଏହିଭାବେ ଚାଲିଲେ କୌଣସି ପୁରୁଷର ହୁଏତ ବହୁ ସ୍ତ୍ରୀ ଗ୍ରହଣର ବି ପ୍ରୟୋଜନ ହୋଇପାରେ । କିନ୍ତୁ ସେ କ୍ଷେତ୍ରରେ ପୂର୍ବ ସ୍ତ୍ରୀର ସମ୍ମତି ନେବା ପ୍ରୟୋଜନ । ଠାକୁର ମନେକରନ୍ତି ପୁରୁଷ ବହୁଗାମୀ ଏବଂ ନାରୀ ଏକଗାମୀ ।

ମୁଁ ପୁଣି ନିଜକୁ ପଚାରେ, ଠାକୁର କିପରି ଧାରାର ଲୋକ ? ତାଙ୍କର ସବୁକିଛିହିଁ ଯେପରି ଏକଧାରରେ ରାଜକୀୟ ଏବଂ ଅତ୍ୟନ୍ତ ସାଧାରଣ । ତାଙ୍କର ଗଡ଼ଗଡ଼ାର ନଳଟି ପର୍ଯ୍ୟନ୍ତ ସୁଷ୍ଠୁ ଏବଂ ବୈଶିଷ୍ଟ୍ୟପୂର୍ଣ୍ଣ । ଆଶ୍ଚର୍ଯ୍ୟ ମଣିଷ ସିଏ, ତାଙ୍କ ସମ୍ବନ୍ଧରେ ନାନା ପ୍ରକାରର ଅଦ୍ଭୁତ ଗଳ୍ପ ଅଛି । କିନ୍ତୁ ସବୁଠାରୁ ବିସ୍ମୟକର ତାଙ୍କର ଅପରିସୀମ ଭଲପାଇବା । ତାଙ୍କ ମଧ୍ୟ ଦେଇ ଦୁନିଆର ବୁକୁରେ ଏପରି ଅକୃତ୍ରିମ ଭଲପାଇବା ଓହ୍ଲାଇ ଆସିଛି । ଲୋକେ କହନ୍ତି ସିଏ 'ପ୍ରଫେଟ୍'– ସିଏବି ବୋଧହୁଏ ତା' ଅସ୍ୱୀକାର କରି ପାରନ୍ତିନି । ତାଙ୍କୁ ମଣିଷ ହିସାବରେ ମୁଁ ଜାଣିଛି ଏବଂ ତାଙ୍କ ଭଳି ମଣିଷ ମୁଁ ଆଉ କେବେବି ଦେଖିନି । ସିଏ ମୋ ପ୍ରତି ଏତେ ଲକ୍ଷ୍ୟ ରଖିଛନ୍ତି, ଏତେ ପ୍ରକାରର ସ୍ନେହ ଦୃଷ୍ଟି ବର୍ଷଣ କରିଛନ୍ତି ଯେ ମୋର ବାବାଙ୍କ ନିକଟରୁ ବି ତା'ଆଶା କରିପାରେନା । ତାଙ୍କ ନିକଟରୁ ମୁଁ ଏପରି ଜ୍ଞାନର କଥା ଶୁଣିଛି ଯା' ପୂର୍ବେ କା' ନିକଟରୁ ଶୁଣିନି । ଯଦି ମୋର ଶାରୀରିକ କିମ୍ବା ମାନସିକ କୌଣସି ବ୍ୟଥାର କାରଣ ଘଟେ ସିଏ ତତ୍‌କ୍ଷଣାତ୍ ତା' ଜାଣିପାରନ୍ତି ଏବଂ ତା'ର ଉପଶମ କରି ଦିଅନ୍ତି ।

ଠାକୁର କିପରି ଧାରାର ଲୋକ ? ମୁଁ ଠିକ୍ କହିପାରିବିନି । ସିଏ ନିଶ୍ଚୟହିଁ ଅସାଧାରଣ ଶକ୍ତିସମ୍ପନ୍ନ, ପ୍ରକାଣ୍ଡ ବ୍ୟକ୍ତିତ୍ୱର ଅଧିକାରୀ ସାର୍ବଜନୀନ ଗଢ଼ଣରେ ଗଢ଼ା, ସ୍ୱପ୍ନର ଜାଲ ବୁଣନ୍ତି, ମଣିଷକୁ ଯୁକ୍ତ କରି ତୋଳନ୍ତି, କୋମଳରୁ କୋମଳ, କଠିନରୁ କଠିନ । କିଛିହିଁ ଚାହାଁନ୍ତିନି ଅଥଚ ସବୁକିଛିହିଁ ଚାହାଁନ୍ତି– ଲଜ୍ଜାହୀନ ଭିକ୍ଷୁକ କିନ୍ତୁ ଦାନରେ ମୁକ୍ତହସ୍ତ । ମୂର୍ତ୍ତିମାନ ବିଧି, ପ୍ରଚଣ୍ଡ ଅନାବିଳ ଶକ୍ତିରେ ଭରପୁର । *(ଇଷ୍ଟମନନେ, ପୃ.-୪୪-୪୭)*

## ବିଜ୍ଞପ୍ତି

# ୨୯୨ତମ ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍-ସମ୍ମେଳନ

# ଇଂ ୧୩ ଓ ୧୪ଜୁଲାଇ, ୨୦୧୩, ଶନିବାର ଓ ରବିବାର

## ସ୍ଥାନ : ସତ୍‌ସଙ୍ଗ ନଗର, ଦେଓଘର

দিব্য জীবন

# ପରମ ସେବ୍ୟ ସେ କଲେ ଅନ୍ୟ ପଦସେବା !

● ଡ଼କ୍ଟର ନିରଞ୍ଜନ ମିଶ୍ର

ତଥାକଥିତ ମହାପୁରୁଷ, ସନ୍ଥ, ଆଶ୍ରମର ମହନ୍ତମାନେ ସାଧାରଣତଃ ଭକ୍ତମାନଙ୍କ ମେଳରେ ମହାଆଡ଼ମ୍ବରରେ ଅବସ୍ଥାନ କରିଥା'ନ୍ତି । କେହି ଆଗନ୍ତୁକ ତାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ପ୍ରଣାମ ଜଣାଇଲେ ସେ ଆଶୀର୍ବାଦ କରିଥା'ନ୍ତି ପ୍ରାୟଃ । ସତେ ଯେପରି ତାଙ୍କ ମଧ୍ୟରେ ଈଶ୍ୱର ବିଦ୍ୟମାନ, ଆଉ ଅନ୍ୟମାନଙ୍କ ମଧ୍ୟରେ ତୁଚ୍ଛା ଜୀବତ୍ୱ ବର୍ତ୍ତମାନ । ସେମାନଙ୍କର ଚାଲିଚଳନ ସାଧାରଣ ମଣିଷ ପାଇଁ ଆକର୍ଷଣୀୟ ହୋଇଥାଏ । ଲୋକେ ଛୁଟି ଆସନ୍ତି ସେମାନଙ୍କ ନିକଟକୁ ତ୍ରିତାପଦଗ୍ଧ ଓ ସମସ୍ୟାଜର୍ଜରିତ ଜୀବନକୁ ଶାନ୍ତି ଓ ତୃପ୍ତିରେ ଭରିଦେବା ପାଇଁ । ସାଧାରଣ ଲୋକଙ୍କ ଧାରଣା— ଏମାନେ ଈଶ୍ୱରଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ଥିବାରୁ ଆମ ସାଧାରଣ ବଦ୍ଧଜୀବମାନଙ୍କ ସମସ୍ୟାର କଥା ଜାଣି ଈଶ୍ୱରଙ୍କୁ ଜଣାଇବେ ଏବଂ ତାଙ୍କ ଦୟାରୁ କଣିକାଏ ଛିଞ୍ଚାଡ଼ି ଦେବେ ଆମ ଉପରେ । ଏଇ ମାନସରେ ତାଙ୍କ ଶ୍ରୀଚରଣରେ ଉପନୀତ ହୋଇଥିବା ସରଳ-ନିଷ୍ପାପ-ଭକ୍ତିମାନ ଜନତା ସେମାନଙ୍କର ସବୁପ୍ରକାର ଔଦ୍ଧତ୍ୟକୁ ସହଜ ଭାବରେ ଗ୍ରହଣ କରି ନେଇଥା'ନ୍ତି । ଏମାନଙ୍କ ଛଡ଼ା ଅନ୍ୟ କିଛି ଉପାୟ ନାହିଁ ଯେ ସେମାନଙ୍କର !

ଏତାଦୃଶ ବାବାଜୀମାନଙ୍କୁ ଦେଖି ଦେଖି ଏକ ନକାରାତ୍ମକ ଧାରଣା ମନରେ ପୋଷିଥା'ନ୍ତି କେହି କେହି । ସେ ମଧ୍ୟରୁ ଥିଲେ ଜଣେ ଶ୍ରୀଯୁକ୍ତ ବାବୁ କାନାଇଲାଲ ଗାଙ୍ଗୁଲୀ ମହାଶୟ । ସେ କୁଷ୍ଟିୟାର ଭୂତପୂର୍ବ କୋର୍ଟ ସବ୍‌ଇନିସ୍‌ପେକ୍ଟର ଶ୍ରୀଯୁକ୍ତ ବଲାଇଚାନ୍ଦ ଗାଙ୍ଗୁଲୀ ମହାଶୟଙ୍କ ଭ୍ରାତା । ଏବେ ଆଲିପୁର ଜଜକୋର୍ଟରେ ଓକିଲଭାବେ କାର୍ଯ୍ୟରତ । ତାଙ୍କ କାନରେ ଶ୍ରୀଶ୍ରୀଠାକୁରଙ୍କ କଥା ପଡ଼ିଲେ 'ହଁ, ସେ ଜଣେ ଆଶୀର୍ବାଦ ପାଇଁ ହାତ ଟେକୁଥିବା ବାବା ହୋଇଥିବେ !' —ଏହିପରି ଧାରଣା ପୋଷଣ କରି ଠାକୁରଙ୍କ ପ୍ରସଙ୍ଗକୁ ଏତେଟା ଗୁରୁତ୍ୱ ଦିଅନ୍ତି ନାହିଁ ସେ ।

ଭାଇ ବଲାଇଚାନ୍ଦ ଓ ଅନ୍ୟ କେତେଜଣ ବନ୍ଧୁଙ୍କ ବାଧ୍ୟବାଧକତାରେ ଅଗତ୍ୟା ସେ ବାଧ୍ୟ ହେଲେ ହିମାଇତପୁର ଆଶ୍ରମକୁ ଯିବା ପାଇଁ । ଭାବିଲେ, ଥରେ ଯାଇ ବୁଲି ଆସିଲେ ଯାଏ । ଆଉ କିଛି ହେଉ ନ ହେଉ ଏମାନଙ୍କର ମନକୁ ତ ଖୁସି କରିପାରିବି । ଥରେ ବୁଲି ଆସିଲେ ଗଲା । ଆଉ କେବେ କେହି ତାଙ୍କୁ ଠାକୁର ଅନୁକୂଳଚନ୍ଦ୍ର ସମ୍ବନ୍ଧରେ କିଛି କହିବାକୁ ସାହସ କରିବେନି । କାରଣ ତାଙ୍କର ବଦ୍ଧଧାରଣା ଥିଲା ଠାକୁର ଅନୁକୂଳଚନ୍ଦ୍ର ଅନ୍ୟାନ୍ୟ ତଥାକଥିତ ବାବାଙ୍କ ପରି ହୋଇଥିବେ, ଯେଉଁଟା କି ତାଙ୍କ ପାଇଁ ସର୍ବଦା ବିରକ୍ତିକର ।

ଯାହାହେଉ ଶେଷକୁ ୧୯୨୦ମସିହା କାର୍ତ୍ତିକ ମାସରେ ଦିନେ ସେ ଯାଇ ଉପସ୍ଥିତ ହେଲେ ହିମାଇତପୁର ଆଶ୍ରମରେ । ସନ୍ଦେହୀ ଚକ୍ଷୁ ତାଙ୍କର ଖୋଜିବାକୁ ଲାଗିଲା ମଠାଧୀଶ ମୁଖ୍ୟ ବାବାଙ୍କୁ; ଜଟାଜୁଟଧାରୀ କୌପୀନ ପରିହିତ ଘୋର ଗର୍ଜନକାରୀ ଜଣେ କିମ୍ଭୂତକିମାକାର ବ୍ୟକ୍ତିଙ୍କୁ ।

କିନ୍ତୁ ଜଣକୁ ହେଲେବି ଏପରି ବେଶରେ ଦେଖିପାରିଲେ ନାହିଁ । ଶେଷକୁ ଶ୍ରୀଶ୍ରୀଠାକୁରଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ମନ ତାଙ୍କର କହିଲା— ଏଇ ତା'ହେଲେ ଠାକୁର । ଜଣେ ସାଧାରଣ ଯୁବକ । ଧୋତି ପିନ୍ଧି ବସିଛନ୍ତି । ନା ଜଟାଜୁଟ, ନା କୌପୀନ ଧାରଣ । ଏ ତ ଆମ ପରି ସାଧାରଣ ମଣିଷଟିଏ !

କାନାଇଲାଲ ଗାଙ୍ଗୁଲୀ ମହାଶୟଙ୍କୁ ଦେଖି ଉଠି ଆସିଲେ ଠାକୁର । ଆରେ ମହାଶୟ ଆପଣ ! ଆସନ୍ତୁ, ଆସନ୍ତୁ । ବସନ୍ତୁ । ଇତ୍ୟାଦି ଇତ୍ୟାଦି । ସମାଜର ପ୍ରତିଷ୍ଠିତ ଏବଂ ତଥାକଥିତ ଅହଂକାରୀ ବ୍ୟକ୍ତିଙ୍କୁ ଶ୍ରୀଶ୍ରୀଠାକୁର ସର୍ବଦା ବହୁମାନ୍ୟରେ ମାନିତ କରିଥା'ନ୍ତି । ଯେ ଯଥାମାଂ ପ୍ରପଦ୍ୟନ୍ତେ .......... । ଯେ ଯେପରି ଭଜେ ସେ ସେପରି ଲଭେ । ବୈଶିଷ୍ଟ୍ୟପାଳୀ ସେ । ଯାହାର ଯେପରି ବୈଶିଷ୍ଟ୍ୟ ତାହାକୁ ସେହିପରି ଭାବେ ପାଳନ କରିଥା'ନ୍ତି ଠାକୁର ।

ଯେଉଁ ସମୟରେ ଗାଙ୍ଗୁଲୀ ମହାଶୟ ଶ୍ରୀଶ୍ରୀଠାକୁରଙ୍କ ସାନିଧ୍ୟକୁ ଗଲେ ସେହି ସମୟରେ ଶ୍ରୀଶ୍ରୀଠାକୁରଙ୍କ ସ୍ନାନର ପ୍ରାକ୍ ସମୟ ଉପସ୍ଥିତ ।

ଜଣେ ଭକ୍ତ ଅନେକ ଦିନ ଧରି ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଇଛି— ସେ ନିଜେ ଶ୍ରୀଶ୍ରୀଠାକୁରଙ୍କ ଦିବ୍ୟତନୁରେ ତୈଳମର୍ଦ୍ଦନ କରିବାର ସୌଭାଗ୍ୟରେ ସୁମଣ୍ଡିତ ହେବ । ତା'ର ଆନ୍ତରିକ ପ୍ରାର୍ଥନା ମଞ୍ଜୁର କରିଛନ୍ତି ପରମପିତା । ଏଣୁ ତା'କୁ ଆଜି ତୈଳ ଆନୟନପୂର୍ବକ ତାଙ୍କ ଶରୀରକୁ ମର୍ଦ୍ଦନ କରିବା ପାଇଁ ନିର୍ଦ୍ଦେଶ କରିଛନ୍ତି ।

ସେ ମହାନନ୍ଦରେ ଅତି ସୁଗନ୍ଧିତ ତୈଳ ସଂଗ୍ରହ କରି ଆଣି ଶ୍ରୀଶ୍ରୀଠାକୁରଙ୍କ ଦିବ୍ୟତନୁର ଆପାଦମସ୍ତକ ଭଲଭାବେ ମର୍ଦ୍ଦନ କରିବାକୁ ଲାଗିଲା । ଏ ଦୃଶ୍ୟ ଦେଖୁଥା'ନ୍ତି କାନାଇଲାଲବାବୁ ।

ତୈଳର ସୁଗନ୍ଧିର ସୌରଭ ପରିବେଶକୁ ସୁବାସିତ କରିତୋଳୁଥାଏ ।

ତୈଳମର୍ଦ୍ଦନ ପର୍ବ ସମାପ୍ତ ହେଲା । ଶ୍ରୀଶ୍ରୀଠାକୁରଙ୍କ

ନିର୍ଦ୍ଦେଶରେ ତୈଳର ସେହି ଶିଶିଟିକୁ ଗୃହାଭ୍ୟନ୍ତରେ ରଖିବା ପାଇଁ ଉଦ୍ୟତ ହେଲେ ଜଣେ ସେବକ ।

ଏ ମଧ୍ୟରେ ଶ୍ରୀଶ୍ରୀଠାକୁରଙ୍କ ନିରାଡ଼ମ୍ବର ସରଳ ଜୀବନଯାପନ ଏବଂ ମନଲୋଭା କଥାବାର୍ତ୍ତାରେ କିଛିମାତ୍ରାରେ ତାଙ୍କ ପ୍ରତି ଆକୃଷ୍ଟ ହେଲେଣି କାନାଇଲାଲ ମହାଶୟ । କିନ୍ତୁ ତୈଳର ସୁଗନ୍ଧ ତାଙ୍କ ମନପ୍ରାଣକୁ କରିଦେଲିଛି ଏକଦମ୍ ସୁରଭିତ । ସେ ମନେ ମନେ ଭାବିଲେ– କି ସୁଗନ୍ଧ ମ ! ମୋ ମଥାରେ ତା'ର ପ୍ରଲେପନ ହୁଅନ୍ତାନି ! ବେଶ୍ କିଛିସମୟ ଧରି ମୋ ଦେହମୁଣ୍ଡ ବାସନ୍ତା । ପୁନଶ୍ଚ ଭାବନା ଆସିଲା, ସେଇଟା ତ ଠାକୁରଙ୍କ ତେଲ ! ମୋ ମଥାରେ ଲାଗିବ– ଏହା କିପରି ସମ୍ଭବ ? କିନ୍ତୁ ତୈଳର ସୌଗନ୍ଧ ତାଙ୍କୁ ଏପରି ଆମୋଦିତ କରୁଥିଲା ଯେ ତାହା ମଧ୍ୟ ଭୁଲିପାରୁ ନଥିଲେ ।

ସେ ହୋଇନଥିଲେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣାଶ୍ରିତ । ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧରେ ତାଙ୍କର ସେପରି ଜ୍ଞାନ ବି ହୋଇ ନଥିଲା । ନହେଲେ କି ସେ ପରମପୁରୁଷଙ୍କ ସାନ୍ନିଧ୍ୟରେ ଉପସ୍ଥିତ ହୋଇ ତାଙ୍କ ଦର୍ଶନରେ ମୁଗ୍ଧ ନ ହୋଇ ତୈଳର ସୁଗନ୍ଧରେ ମୁଗ୍ଧ ହୋଇଥା'ନ୍ତେ !

ସୁଗନ୍ଧ ତୈଳର ସୁବାସରେ ଅଭିଭୂତ ହୋଇ ସେ ଭାବିବାକୁ ଲାଗିଲେ– ଶୁଣିଛି, ଏ ବ୍ୟକ୍ତି ସମସ୍ତଙ୍କ ମନର କଥା ଜାଣିପାରନ୍ତି, ଅନେକଙ୍କର ବି ମନୋବାସନା ପୂର୍ଣ୍ଣ ହୁଏ । ଦେଖେ, ମୋ ମନର ବାସନା ପୂର୍ଣ୍ଣ ହେଉଛି କି ନାହିଁ !

ଭାବାନ୍ତର ହେଲା, ତାଙ୍କ ଭକ୍ତଙ୍କର ମନୋବାଞ୍ଛା ହୁଏତ ସେ ପୂରଣ କରୁଥିବେ ବା କରୁଛନ୍ତି ବୋଲି ମିଥ୍ୟା ପ୍ରଚାର କରା ହେଉଥିବ । ଆଜି ପରୀକ୍ଷା କରି ଜାଣି ହୋଇଯିବ ଯେ ! ଖାଲି ତୈଳର ସୁବାସ ପ୍ରାପ୍ତ ହେଲେ ହେବନି । ଠାକୁର ନିଜେ ଯଦି ସ୍ୱହସ୍ତରେ ସେଇ ତେଲ ମୋ ଦେହରେ ମାଲିସ୍ କରି ଦିଅନ୍ତି ତେବେ ମୁଁ ଖୁସି ହେବି ଓ ବୁଝିବି ସେ ମନର କଥା ବୁଝନ୍ତିବି ଆଉ ମହାପୁରୁଷ ହିସାବରେ ବା ଏତେଲୋକଙ୍କର ଆରାଧ୍ୟ ଭାବରେ ତାଙ୍କର କୌଣସି ଅହଂକାର ନାହିଁ ।

ତୈଳ ଶିଶିକୁ ଧରି ଭିତରକୁ ଯିବା ପାଇଁ ଉଦ୍ୟତ ହେଉଥିବା ବ୍ୟକ୍ତିକୁ ଡ଼ାକିଲେ ଠାକୁର– 'ଆରେ, ତେଲର ଶିଶିଟା ଦିଅ ତ !'

ସଙ୍ଗେ ସଙ୍ଗେ ଶିଶି ଧରିଥିବା ବ୍ୟକ୍ତି ଜଣକ ଶ୍ରୀଶ୍ରୀଠାକୁରଙ୍କ ହାତକୁ ବଢ଼ାଇ ଦେଲା ଶିଶିଟିକୁ ।

ତେଲର ଶିଶିଟିକୁ ହାତରେ ଧରି ଶ୍ରୀଶ୍ରୀଠାକୁର ଏଥର ଚାହିଁଲେ କାନାଇବାବୁଙ୍କ ଆଡ଼େ ଆଉ, ସମାଦରରେ କହିଲେ– 'ଆସନ୍ତୁ ଭାଇ, ସ୍ନାନ କରନ୍ତୁ ।'

କାନାଇବାବୁ କିଛି କହିବା ପୂର୍ବରୁ ଶ୍ରୀଶ୍ରୀଠାକୁର ଉଠିପଡ଼ି ତାଙ୍କ ମସ୍ତକ ଏବଂ ସର୍ବଶରୀରରେ ଉକ୍ତ ତୈଳ ଦେଇ ମର୍ଦ୍ଦନ କରିବାକୁ ଲାଗିଲେ । ମର୍ଦ୍ଦନ କରୁ କରୁ ପଦଦେଶରେ ଏବଂ ପଦତଳରେ ମଧ୍ୟ ତେଲ ବୋଳିବାକୁ ଲାଗିଲେଣି ।

ଏଥର ଭୟ ପାଇଗଲେ କାନାଇବାବୁ । ଆରେ, ଆରେ ଇଏ କ'ଣ, ଇଏ କ'ଣ କରୁଛନ୍ତି ମହାଶୟ ? ମୋ ପାଦ ଛୁଅନ୍ତୁନି । ପାପ ହେବ ଯେ ! ଉପସ୍ଥିତ ଭକ୍ତମାନେ କହିଲେ– 'ତାଙ୍କର ଯାହା ଇଚ୍ଛା ତାହାହିଁ ହେଉ । ଆପତ୍ତି କରିବା ଦରକାର ନାହିଁ ।' କୌଣସିମତେ ବାଧ୍ୟ ହେଲେ କାନାଇବାବୁ ନିରସ୍ତ ହେବାକୁ, କିନ୍ତୁ ମନ ବଡ଼ ପାପ ଛୁଉଁଥିଲା ।

ତତ୍ପରେ ସ୍ନାନଆଦି ସମାପନ ହେଲା । କିନ୍ତୁ କାନାଇବାବୁଙ୍କ ମନରେ ଭାବାନ୍ତର ସୃଷ୍ଟି ହେଲା, କ'ଣ ସେ ଦେଖିଲେ ଆଜି ! କ'ଣ ଭାବି ଆସିଥିଲେ ଆଉ ହେଲା କ'ଣ ! ବାବା, ସାଧୁସନ୍ଥଙ୍କୁ ନେଇ ତାଙ୍କର ଯେଉଁ ତଥାକଥିତ ଧାରଣା ଥିଲା ତା' ଆଜି ସମ୍ପୂର୍ଣ୍ଣ ଧୋଇ ହୋଇଗଲା । ଆଉ, ଅନ୍ୟ ନିକଟରେ ନିଜକୁ ସମର୍ପଣ ନ କରିବାର ଯେଉଁ ଅହଂକାରକୁ ସେ ପୋଷି ରଖିଥିଲେ ତାହା ଆଜି ହୋଇଗଲା ଚୁରମାର୍ । ମନର କଥା ସେ ଜାଣି ପାରନ୍ତି । ଏଣୁ ସେ ଅନ୍ତର୍ଯ୍ୟାମୀ । କିନ୍ତୁ ସାଧାରଣ ମଣିଷଟିଏର ପାଦରେ ତେଲ ଲଗାଇବା ପର୍ଯ୍ୟନ୍ତ ତଳସ୍ତରକୁ ବି ଚାଲିଯାଇ ପାରନ୍ତି ସେ । କି ଛୋଟ, କି ବଡ଼ ତାଙ୍କ ପାଖରେ ସବୁ ସମାନ । ଅହଂକାରର ସାମାନ୍ୟତମ ଚିହ୍ନବର୍ଣ୍ଣ ନାହିଁ । ସେ ସେବ୍ୟ ଆଉ ଅନ୍ୟମାନେ ସେବକ– ଏପରି ପରିସ୍ଥିତିର କୌଣସି ସୂଚନା ନାହିଁ ଏଠାରେ । ବରଂ ସମସ୍ତେ ସେବ୍ୟ ଏବଂ ସିଏହିଁ ଏକମାତ୍ର ସେବକ ଏଠାରେ । ଏମିତି କ'ଣ ହୋଇପାରେ ? କେତେ ଲୋକଙ୍କର ଆରାଧ୍ୟ ଗୁରୁଦେବ ଇଷ୍ଟ ସିଏ । ଅଥଚ ଆଜି ତାଙ୍କର ଅହମିକା ଓ ସନ୍ଦେହୀ ଭାବ ତାଙ୍କୁ ଏତେବଡ଼ ମହାନ୍ ପୁରୁଷଙ୍କ ଦ୍ୱାରା ପଦସେବା ପ୍ରାପ୍ତ କରାଇଲା । କେତେବଡ଼ ପାପ ନହେଲା ଆଜି !

ସ୍ନାନ-ଭୋଜନାଦି ପରେ ଶ୍ରୀଶ୍ରୀଠାକୁରଙ୍କୁ କିଛିସମୟ ପାଇଁ ଏକା ଦେଖି ଯାଇ ଲମ୍ବ ହୋଇ ପଡ଼ିଗଲେ ତାଙ୍କ ପଦତଳେ କାନାଇବାବୁ । ମତେ କ୍ଷମା କରନ୍ତୁ ମହାଶୟ । ମୋର ବଡ଼ ଭୁଲ୍ ହୋଇଗଲା । ଆପଣଙ୍କ ପଦତଳେ ଠାଇଁ ଦେଇ ମତେ କୃତାର୍ଥ କରନ୍ତୁ ।

ତଳୁ ଟେକିନେଇ କୁଣ୍ଢାଇ ପକାଇଲେ ଠାକୁର । ଆଉ, ସେଇ ସ୍ପର୍ଶ ଭିତରେ କାନାଇବାବୁଙ୍କ ମନ ଭିତରେ ଥିବା ସମସ୍ତ ବିଷ ହେଲା ଅନ୍ତର୍ହିତ ଆଉ ଅମୃତର ପସରା ପ୍ରବେଶ କରିଗଲା । ସେ ପାଲଟିଗଲେ ଭିନ୍ନ ଏକ ବ୍ୟକ୍ତି !

ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ନିବେଦନ କଲେ, ମୁଁ ଦୀକ୍ଷା ଗ୍ରହଣ କରିବାକୁ ଚାହେଁ । ପ୍ରାର୍ଥନା ହେଲା ଅନୁମୋଦିତ । ଆଉ, ପୁରୁଷୋତ୍ତମଙ୍କ ଶ୍ରୀଚରଣରେ ଆଶ୍ରିତ ହେବାର ପରମ ସୌଭାଗ୍ୟ ଲାଭ କଲେ ବିଶିଷ୍ଟ ଓକିଲ ଶ୍ରୀଯୁକ୍ତ କାନାଇଲାଲ ଗାଙ୍ଗୁଲୀ ମହାଶୟ ।

# ବୈବାହିକୀ ସ୍ତମ୍ଭ

### କୁମୁଟି ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-କୁମୁଟି, ଗୋତ୍ର-ବୁଦ୍ଧକୁଲ୍ୟ, ବୟସ-୨୧ବର୍ଷ, ଉଚ୍ଚତା-୫ଫୁଟ୧ଇଞ୍ଚ, ଦୈହିକରଙ୍ଗ-ସାବନା, ଯୋଗ୍ୟତା-ସ୍ନାତକ (ଇତିହାସ ସମ୍ମାନ), ଗୃହକର୍ମନିପୁଣା ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ଏସ. ଦୁର୍ଗାମାଧବ ପାତ୍ର, ସା./ପୋ.-କୁରୁଳା, ଭାୟା-କଙ୍କୋରଡ଼ା, ଜି.-ଗଞ୍ଜାମ, ମୋ.-୯୯୩୭୯୪୫୪୬୦/୯୪୩୭୦୪୯୯୬୫

### ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ବତ୍ସ, ବୟସ-୩୨ବର୍ଷ, ଉଚ୍ଚତା-୫ଫୁଟ୮ଇଞ୍ଚ, ଦୈହିକରଙ୍ଗ- ଗୌର, ଯୋଗ୍ୟତା-ବି.ଏ କମ୍ପ୍ୟୁଟର ଇନ୍ ପ୍ରୋଜେକ୍ଟ, ନିଜସ୍ୱ ମିକ୍ସଚର କାରଖାନା, ସ୍ୱସ୍ତ୍ୟୟନୀବ୍ରତଧାରୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ରବୀନ୍ଦ୍ରନାଥ ବିଶ୍ୱାଳ (ସ.ପ୍ର.ର.), ଏଲ୍.ବି-୨୦୫, ସ୍ଲେକ-୨, ଲକ୍ଷ୍ମୀସାଗର, ଭୁବନେଶ୍ୱର, ମୋ.-୯୭୭୬୬୬୩୭୪୩/୯୯୩୮୩୬୨୪୨୭

### କରଣ ପାତ୍ରୀ ଆବଶ୍ୟକ

ଜାତି-କରଣ, ଗୋତ୍ର-ଶଙ୍ଖ, ବୟସ-୨୮ବର୍ଷ, ଉଚ୍ଚତା-୫ଫୁଟ୧୦ଇଞ୍ଚ, ଦୈହିକରଙ୍ଗ- ସାବନା, ଯୋଗ୍ୟତା-ବି.ଟେକ୍, ଇଲେକ୍ଟ୍ରିକାଲ୍ ସଫ୍ଟୱାର ଇଞ୍ଜିନିୟର, ଏଲ୍ ଆଣ୍ଡ ଟି, ମୁମ୍ବାଇରେ କାର୍ଯ୍ୟରତ, ଆଜୀବନ ନିରାମିଶାଷୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ପ୍ରଦୀପ୍ତ କୁମାର ମହାନ୍ତି, କ୍ୱାଟରନଂ-ଇ-୨୧, ସେକ୍ଟର-୭, ରାଉରକେଲା-୩, ଫୋନ୍‌ନଂ- ୦୬୬୧-୨୬୪୦୦୮୨, ମୋ.-୮୭୬୩୩୨୩୩୨୩/୯୪୩୯୪୩୧୭୩୭

### ବିପ୍ର ପାତ୍ର ଆବଶ୍ୟକ

ବର୍ଣ୍ଣ-ବିପ୍ର, ଜାତି-ବ୍ରାହ୍ମଣ, ଗୋତ୍ର-କାଶ୍ୟପ, ବୟସ-୩୦ବର୍ଷ, ଉଚ୍ଚତା-୫ଫୁଟ୪ଇଞ୍ଚ, ଦୈହିକରଙ୍ଗ-ସାବନା, ଯୋଗ୍ୟତା-ଡ଼ିପ୍ଲୋମା ଇଞ୍ଜିନିୟରିଂ ଇଲେକ୍ଟ୍ରିକାଲ, ଭୁବନେଶ୍ୱରରେ କାର୍ଯ୍ୟରତ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ସୁରଥ କୁମାର ବେହେରା, ସତ୍‌ସଙ୍ଗ ବିହାର, ଭୁବନେଶ୍ୱର, ମୋ.-୮୮୯୫୮୮୩୨୧୨

### ପାଟରା ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ପାଟରା, ଗୋତ୍ର-ନାଗ, ବୟସ-୨୩ବର୍ଷ, ଉଚ୍ଚତା-୫ଫୁଟ୪ଇଞ୍ଚ, ଦୈହିକରଙ୍ଗ-ଗୌର, ଯୋଗ୍ୟତା-ଯୁକ୍ତ୩ ଉତ୍ତୀର୍ଣ୍ଣା, ସ୍ୱସ୍ତ୍ୟୟନୀବ୍ରତଧାରିଣୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ର, ତୁଳସୀପୁର, ବି.ସି. ଲେନ୍, କଟକ, ମୋ.-୯୨୩୭୮୫୬୨୬୪

## ବୈବାହିକୀ ସ୍ତମ୍ଭରେ ବିବାହଯୋଗ୍ୟ ପୁତ୍ର ବା କନ୍ୟାର ବିବରଣୀ ଦେବାକୁ ହେଲେ ନିମ୍ନୋକ୍ତ ତଥ୍ୟଗୁଡ଼ିକୁ ଅବଶ୍ୟ ପ୍ରଦାନ କରିବେ ।

**୧- ବର୍ଣ୍ଣ, ୨- ଜାତି (ଉପବର୍ଣ୍ଣ), ୩- ଗୋତ୍ର, ୪- ବୟସ, ୫- ଉଚ୍ଚତା, ୬- ଦେହର ରଙ୍ଗ, ୭- ଶିକ୍ଷାଗତ ଯୋଗ୍ୟତା, ୮- ବୃତ୍ତି/ଜୀବିକା ସମ୍ବନ୍ଧରେ ସ୍ପଷ୍ଟ ଏବଂ ବିଶଦ ବିବରଣୀ, ୯- ସମ୍ପୂର୍ଣ୍ଣ ଡ଼ାକ ଠିକଣା, ୧୦- ଫୋନ ନମ୍ବର ।**

**ଉର୍ଜ୍ଜନା କାର୍ଯ୍ୟାଳୟରେ ଏଥିପାଇଁ ଫର୍ମ ଉପଲବ୍ଧ । କେବଳ ସତ୍‌ସଙ୍ଗୀ ପାତ୍ର/ପାତ୍ରୀଙ୍କ ତଥ୍ୟ ଗ୍ରହଣୀୟ । ସମସ୍ତ ବିବରଣୀ ସହିତ ଦେୟ ୫୦ଟଙ୍କା ଦେଇ *'ମ୍ୟାନେଜର, ଉର୍ଜ୍ଜନା, ସତ୍‌ସଙ୍ଗ, ଦେଓଘର'* ଠିକଣାରେ ଯୋଗାଯୋଗ କରନ୍ତୁ ।**

# ଆଶ୍ରମ ସମ୍ବାଦ



ଦେଓଘରର ବାତାବରଣରେ ବର୍ତ୍ତମାନ ବର୍ଷାର ଆଗମନ ହୋଇଛି । ତେବେ ଆଶାନୁରୂପ ବୃଷ୍ଟି ଏପର୍ଯ୍ୟନ୍ତ ହୋଇ ନାହିଁ । ମଝିରେ ମଝିରେ ଯା' ଅଳ୍ପସ୍ୱଳ୍ପ ବୃଷ୍ଟିପାତ ଗରମ ପରିବେଶକୁ ଅପେକ୍ଷାକୃତ ଥଣ୍ଡା କରିବାରେ ସାହାଯ୍ୟ କରୁଛି ।

ଆଚାର୍ଯ୍ୟଦେବ ସପରିବାର ଭଲରେ ଅଛନ୍ତି ।

ଅତି ପ୍ରତ୍ୟୁଷରେ ଊଷାକୀର୍ତ୍ତନ ଦଳ କୀର୍ତ୍ତନ କରି କରି ଠାକୁରବଙ୍ଗଳା, ଷୋଡ଼ଶୀଭବନ ଓ ସମାଧିକ୍ଷେତ୍ର ପରିକ୍ରମା କରନ୍ତି ।

ବର୍ତ୍ତମାନ ୫ଟା ୧ମିନିଟ୍‌ରେ ଠାକୁରବଙ୍ଗଳାରେ ପ୍ରାତଃକାଳୀନ ବିନତି-ପ୍ରାର୍ଥନା ଅନୁଷ୍ଠିତ ହେଉଛି । ଅମିୟଗ୍ରନ୍ଥ କ୍ରମେ 'ଚଲାର ସାଥୀ' ଓ 'ସତ୍ୟାନୁସରଣ'ରୁ ବାଣୀପାଠ ହେଉଛି ।

ପୂଜନୀୟ ବାବାଇବାବୁ ଠାକୁରବଙ୍ଗଳାରେ ସମବେତ ବିନତି-ପ୍ରାର୍ଥନାରେ ଉପସ୍ଥିତ ରୁହନ୍ତି ।

**ତା୦୨.୦୬.୨୦୧୩, ରବିବାର :** ସନ୍ଧ୍ୟା ୭ଟା ୧୫ମିଃ.ରେ ଫିଲାନ୍‌ଥ୍ରପୀ ଅଫିସ୍ ସମ୍ମୁଖସ୍ଥ ମଣ୍ଡପରେ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଦୁଇ ପୌତ୍ର ଶ୍ରୀମାନ୍ ଅର୍ଣ୍ଣଦ୍ୟୁତିବାବୁ ଓ ଅରଣିବାବୁଙ୍କ ଶୁଭ ଉପନୟନ ଉପଲକ୍ଷେ ପରମପୂଜନୀୟା ବଡ଼ବୌଦିଙ୍କ ବ୍ୟବସ୍ଥାପନାରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ନାମ-ସଂକୀର୍ତ୍ତନ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୁଏ । ସମବେତ ବିନତି-ପ୍ରାର୍ଥନା ପରେ 'ସତ୍ୟାନୁସରଣ' ପାଠ କରନ୍ତି ସଞ୍ଜୀବ କୁମାର ମଣ୍ଡଳ । ଦୁଇଟି ଠାକୁରଭଜନ ପରିବେଷଣ କରନ୍ତି ପୂଜନୀୟା ବଡ଼ବୋହୂରାଣୀ । ସହଯୋଗିତରେ ସୁମିତା ମଣ୍ଡଳ, ମାମନ ଦତ୍ତ ଓ ସୁସ୍ମିତା ଦାସ । ତା'ପରେ ସ୍ୱପନ କୁମାର ମଣ୍ଡଳ ଦୁଇଟି ଠାକୁର-ଭଜନ ପରିବେଷଣ କରନ୍ତି । ଛଡ଼ାରଗାନ ଓ କୀର୍ତ୍ତନ ପରିବେଷଣ କରନ୍ତି ସର୍ବଶ୍ରୀ ପ୍ରଦୀପ ଚକ୍ରବର୍ତ୍ତୀ, ରଟୀନନ୍ଦନ ଚକ୍ରବର୍ତ୍ତୀ, ଜୟଦେବ ଶତପଥୀ, ସ୍ୱପନ କୁମାର ମଣ୍ଡଳ । ସହଯୋଗିତାରେ ସର୍ବଶ୍ରୀ ତପନ କୁମାର ପାଲ, ବିଶ୍ୱେଶ୍ୱର ବାନାର୍ଜ୍ଜୀ ଓ ପ୍ରଦୀପ୍ତ ମଣ୍ଡଳ । ଅନୁଷ୍ଠାନରେ ପରମପୂଜନୀୟା ବଡ଼ବୌଦି, ପୂଜନୀୟା ନତୂନ ବୌଦି, ପୂଜନୀୟ ବାବାଇବାବୁ, ପୂଜନୀୟା ଛୋଟବୋହୂରାଣୀ, ପୂଜନୀୟ

ଅଭୀକବାବୁ, ଅବିନବାବୁ, ଅର୍ଣ୍ଣବାବୁ, ଅରଣିବାବୁ, ଅସ୍ତିକବାବୁ ପ୍ରମୁଖ ଉପସ୍ଥିତ ଥିଲେ । ଏତଦ୍‌ବ୍ୟତୀତ ଉପସ୍ଥିତ ଥିଲେ ଆଶ୍ରମିକ ଓ ବହିରାଗତ ଅଗଣିତ ଭାଇ ଓ ମା'ମାନେ ।

**ତା୦୩.୦୬.୨୦୧୩, ସୋମବାର :** ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା, ପରମପୂଜନୀୟା ବଡ଼ବୌଦି, ସପରିବାର ପୂଜନୀୟ ବାବାଇବାବୁ ଓ ସପରିବାର ପୂଜନୀୟ ବିଙ୍କିବାବୁ ସତ୍‌ସଙ୍ଗ ଦେଓଘରରୁ ଟ୍ରେନ୍‌ଯୋଗେ ହିମାଚଳ ପ୍ରଦେଶର ଡ଼ାଲହାଉସୀ ଯାତ୍ରା କରନ୍ତି । *(ବିଶଦ ବିବରଣୀ ନିମ୍ନରେ ପ୍ରଦତ୍ତ)*

**ଡ଼ାଲହାଉସୀରେ ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା :** ଗତ ୩-ଜୁନ୍, ୨୦୧୩ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା, ପରମପୂଜନୀୟା ବଡ଼ବୌଦି, ସପରିବାର ପୂଜନୀୟ ବାବାଇବାବୁ ଓ ପୂଜନୀୟ ବିଙ୍କିବାବୁ କତିପୟ ଆଶ୍ରମ କର୍ମୀଙ୍କୁ ସଙ୍ଗରେ ଧରି ସତ୍‌ସଙ୍ଗ ଦେଓଘରରୁ ଟ୍ରେନ୍ ଯୋଗେ ହିମାଚଳ ପ୍ରଦେଶର ଡ଼ାଲହାଉସୀ ଉଦ୍ଦେଶ୍ୟରେ ଯାତ୍ରା କରନ୍ତି । ପଠାଣକୋଟଠାରୁ ମୋଟରଗାଡ଼ି ଯୋଗେ ଯାତ୍ରା କରି ୫-ଜୁନ୍ ସକାଳେ ଡ଼ାଲହାଉସୀରେ ପହଞ୍ଚନ୍ତି । ଯାତ୍ରାପଥେ ଦିଲ୍ଲୀ ସତ୍‌ସଙ୍ଗ ବିହାରରେ କିଛି ସମୟ ଅବସ୍ଥାନ କରନ୍ତି । ଡ଼ାଲହାଉସୀ ବସ୍‌ଷ୍ଟାଣ୍ଡ ସନ୍ନିକଟ 'ଡ଼ାଲହାଉସୀ ହାଇଟ୍‌ସ୍' ହୋଟେଲ୍ ସଂଲଗ୍ନ ଅତିଥିଶାଳାରେ ସେ ଅବସ୍ଥାନ କରନ୍ତି । ୭-ଜୁନ୍ ପୂଜନୀୟ ବାବାଇବାବୁଙ୍କ ଜନ୍ମଦିନ ଉପଲକ୍ଷେ ଭାରତର ନାନାସ୍ଥାନର ସହସ୍ରାଧିକ ଇଷ୍ଟଭ୍ରାତା ଓ ମା'ମାନଙ୍କର ସମାବେଶ ହୁଏ । ସେହିଦିନ ସନ୍ଧ୍ୟାରେ ଅତିଥିଶାଳାରେ ପରମଦୟାଲ ଶ୍ରୀଶ୍ରୀଠାକୁରଙ୍କ ନାମ-ସଂକୀର୍ତ୍ତନ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୁଏ । ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ସେହି ଅତିଥିଶାଳାରେ ଆଠଦିନ ଅବସ୍ଥାନ କରନ୍ତି । ସମଗ୍ର ଡ଼ାଲହାଉସୀରେ ତାଙ୍କ ଆଗମନର ସମ୍ବାଦ ଖେଳିଯାଏ । ତାଙ୍କ ପୂତଃ ଅବସ୍ଥାନର ଖବର ପାଇ ଚତୁର୍ଦ୍ଦିଗରୁ ମଧୁମକ୍ଷୀକା ପରି ଦୀକ୍ଷିତ ଅଦୀକ୍ଷିତ ନିର୍ବିଶେଷେ ଅସଂଖ୍ୟ ନରନାରୀ ତାଙ୍କ ଦର୍ଶନ ପାଇଁ ଛୁଟି ଆସନ୍ତି । ତାଙ୍କ ସାନିଧ୍ୟରେ ଭଜନ-କୀର୍ତ୍ତନାଦି ଅନୁଷ୍ଠିତ ହୋଇଚାଲେ । ତ୍ରିତାପଦଗ୍ଧ ବହୁ ମଣିଷ ସେମାନଙ୍କ ବ୍ୟଥା-ବେଦନାର କଥା ଶ୍ରୀଶ୍ରୀଦାଦାଙ୍କ ନିକଟରେ ବ୍ୟକ୍ତ କରି ପରମ ଶାନ୍ତି ଓ ତୃପ୍ତି ଲାଭ କରନ୍ତି । ଦିଲ୍ଲୀ, ଶିମଲା, ଚଣ୍ଡୀଗଡ଼ ଇତ୍ୟାଦି ବିଭିନ୍ନ ସ୍ଥାନରୁ ଇଷ୍ଟଭ୍ରାତା ଓ ମାତୃଗଣ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଦର୍ଶନ ପାଇଁ ଆସନ୍ତି । ବହୁ ମଣିଷ ସଦ୍‌ଦୀକ୍ଷା ଗ୍ରହଣ କରନ୍ତି । ଉକ୍ତ ହୋଟେଲ୍ ଓ ଅତିଥିଶାଳାର ମାଲିକ ସପରିବାର ସଦ୍‌ଦୀକ୍ଷା ଗ୍ରହଣ କରନ୍ତି । ଡ଼ାଲହାଉସୀରେ ଗୋଟେ ସତ୍‌ସଙ୍ଗ ଅଧିବେଶନ କେନ୍ଦ୍ର ଅଛି । ଉକ୍ତ ଅଞ୍ଚଳର କର୍ମୀବୃନ୍ଦ ବହିରାଗତଙ୍କ ପାଇଁ ସେହି କେନ୍ଦ୍ରରେ ଆନନ୍ଦବଜାରର ବ୍ୟବସ୍ଥା ରଖିଥିଲେ । ଶ୍ରୀଶ୍ରୀଦାଦା ଦିନେ ଡ଼ାଲହାଉସୀରୁ ୨୨କି.ମି. ଦୂରବର୍ତ୍ତୀ ଖାଜିୟା ପରିଦର୍ଶନ କରି ଫେରି ଆସନ୍ତି । ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ଏହି ଭ୍ରମଣର ପରିକଳ୍ପନା ଏବଂ ଯାବତୀୟ ବ୍ୟବସ୍ଥା କରନ୍ତି ପୂଜନୀୟ ବାବାଇବାବୁ ।

ଗତ ୧୩-ଜୁନ୍ ସନ୍ଧ୍ୟାରେ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ଡ଼ାଲହାଉସୀରୁ ପ୍ରତ୍ୟାବର୍ତ୍ତନ କରନ୍ତି । ମଟରଗାଡ଼ି ଯୋଗେ ସିଏ ପଠାଣକୋଟ ଆସନ୍ତି । ସେଠାରୁ ଟ୍ରେନ୍ ଧରି ଦିଲ୍ଲୀ ଆସନ୍ତି ଏବଂ ସେଠାରୁ ସତ୍‌ସଙ୍ଗ ଦେଓଘର ପ୍ରତ୍ୟାବର୍ତ୍ତନ କରନ୍ତି ୧୫-ଜୁନ୍ ସକାଳେ ।

**ତା୧୫.୦୬.୨୦୧୩, ଶନିବାର :** ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ସପରିବାର ଡ଼ାଲହାଉସୀରୁ ପ୍ରତ୍ୟାବର୍ତ୍ତନ କରି ଆଶ୍ରମରେ ପହଞ୍ଚନ୍ତି ।

ପ୍ରତିଦିନ ସନ୍ଧ୍ୟାରେ ମନୋମୋହିନୀଧାମ ମନ୍ଦିରରେ ସତ୍‌ସଙ୍ଗ ଅନୁଷ୍ଠାନ ଅନୁଷ୍ଠିତ ହୋଇ ଚାଲିଛି । ବହିରାଗତ ଭାଇ ଓ ମା'ମାନେ ଏଠାରେ ସତ୍‌ସଙ୍ଗର ଆୟୋଜନ କରିଥା'ନ୍ତି । କେବେ କେବେ ଆଶ୍ରମିକମାନେ ଏଠାରେ ସତ୍‌ସଙ୍ଗ ଦେଇଥା'ନ୍ତି । ଏତଦ୍‌ବ୍ୟତୀତ ଆଶ୍ରମବାସୀମାନେ ସେମାନଙ୍କ ନିଜ ନିଜ ବାସଗୃହରେ ମଧ୍ୟ ସତ୍‌ସଙ୍ଗର ଆୟୋଜନ କରିଥା'ନ୍ତି ।

ପ୍ରତିଦିନ ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଦୀକ୍ଷିତ ସତ୍‌ସଙ୍ଗୀ ଓ ଅନୁରାଗୀ ସତ୍‌ସଙ୍ଗ ନଗରକୁ ଆଗମନ କରନ୍ତି । ପୁରୁଷୋତ୍ତମଙ୍କ ପାଦପୀଠମୂଳେ ଉପସ୍ଥିତ ହୋଇ ସେମାନେ ଜୀବନର ପରମ ଶାନ୍ତି ଲାଭ କରନ୍ତି । ଏଠାରେ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କର ପ୍ରତ୍ୟକ୍ଷ ଦର୍ଶନ କରିବାର ସୁଯୋଗ ପାଇ ଧନ୍ୟ ମନେକରନ୍ତି । ଫିଲାନ୍‌ଥ୍ରପୀ ସମ୍ମୁଖସ୍ଥ ଆଚାର୍ଯ୍ୟମଣ୍ଡପରେ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ଉପବେଶନ କରନ୍ତି ।

ନୂତନ ଅତିଥିଶାଳା ପରିସରରେ ପୂଜନୀୟ ବାବାଇବାବୁ ଉପବେଶନ କରନ୍ତି । ତାଙ୍କୁ ଦର୍ଶନ ଓ ପ୍ରଣାମ କରିଥା'ନ୍ତି ଆଗନ୍ତୁକମାନେ । ଆଚାର୍ଯ୍ୟଦେବଙ୍କ ନିର୍ଦ୍ଦେଶରେ ସମସ୍ୟାଦି ନିବେଦନ କରିଥା'ନ୍ତି ଭକ୍ତ ଓ ଅନୁରାଗୀମାନେ ତାଙ୍କ ନିକଟରେ । ପ୍ରତ୍ୟେକଙ୍କର ସମସ୍ୟାର କଥା ମନଦେଇ ଶୁଣନ୍ତି ଏବଂ ବିହିତ ଉତ୍ତରଦାନରେ ସେମାନଙ୍କୁ ଖୁସି କରନ୍ତି ।

ଠାକୁରବଙ୍ଗଳାରେ ପ୍ରତ୍ୟହ ଚାରିବେଳା ଯଥାକ୍ରମେ ପରମଦୟାଲ ଶ୍ରୀଶ୍ରୀଠାକୁର ଓ ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ଉଦ୍ଦେଶ୍ୟରେ ଶାସ୍ତ୍ରୋକ୍ତ ବିଧାନ ଅନୁଯାୟୀ ଭୋଗ ନିବେଦିତ ହୋଇ ଚାଲିଛି ।

**ଡ଼କ୍ଟର ନିରଞ୍ଜନ ମିଶ୍ର**
ତା୨୮।୦୬।୨୦୧୩
**ସତ୍‌ସଙ୍ଗ ନଗର, ଦେଓଘର**

ସମ୍ପାଦକୀୟ

# ମଣିଷ ପାଇଁ କର

ଆଧ୍ୟାତ୍ମବାଦୀ, ଈଶ୍ୱରବିଶ୍ୱାସୀ, ଧର୍ମପ୍ରାଣ ବ୍ୟକ୍ତିମାନେ ପ୍ରତିଦିନ କିଛିନା କିଛି ଧର୍ମାର୍ଥେ କରିଥା'ନ୍ତି । କିଏ ଠାକୁର ପୂଜା କରେ ତ କିଏ ମନ୍ଦିରକୁ ଯାଏ, କିଏ ପ୍ରଥା-ପରମ୍ପରା କଣ୍ଟାଏ କଣ୍ଟାଏ ମାନି ଚାଲେ ତ ଆଉ କିଏ ପୂଜା-ପାର୍ବଣ ଓ ଓଷାବାର ନେଇ ଗମ୍ଭୀରତା ପ୍ରକାଶ କରେ । ଏସବୁ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରତିଦିନ କିଛି ନା କିଛି ଧର୍ମ କରିବା । 'ଧର୍ମେ ପ୍ରାପତ ନରହରି'– ଏହି ନ୍ୟାୟରେ ଲୋକେ ଧର୍ମ କରିଥା'ନ୍ତି ବିଭିନ୍ନ ଉପାୟରେ । ଏସବୁରୁ ମଝିରେ ମଝିରେ କିଛି କିଛି କରି ବା ନିୟମିତ କରି ସେମାନେ ଭାବନ୍ତି, ଆମର ଧର୍ମ ହୋଇଗଲା । ଏତିକିରେ 'ନରହରି' ଅବଶ୍ୟ ପ୍ରାପ୍ତ ହେବେ । ଅର୍ଥାତ୍ ଈଶ୍ୱରଙ୍କୁ ଲାଭ କରିବା ସହଜ ହୋଇଉଠିବ । କିନ୍ତୁ ପ୍ରକୃତରେ କ'ଣ ଏଇସବୁ କରିବା ଦେଇ ଈଶ୍ୱରଙ୍କୁ ଲାଭ କରାଯାଇପାରେ ? ଏହା ଏକ ସାର୍ବକାଳିକ ପ୍ରଶ୍ନ ।

ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁରଙ୍କ ମତାଦର୍ଶ କିନ୍ତୁ ଏଥିସହିତ ସହମତ ନୁହେଁ । ତାଙ୍କ ମତାଦର୍ଶ କହେ–

ପୂଜାପାର୍ବଣ ଯାହାହିଁ କରନା କାହିଁକି,
ପ୍ରତିଟି ଦିନ ନୂତନ କରି
ସ୍ୱତଃ-ଦାୟିତ୍ୱରେ
ଆଗ୍ରହ-ଦୀପ୍ତ ପ୍ରୟାସରେ
ହୃଦ୍ୟ ଅନୁଚର୍ଯ୍ୟାରେ
ପ୍ରୀତିଫୁଲ୍ଲ ସ୍ମିତ ଅନ୍ତଃକରଣରେ
ତୁମେ ଯଦି ତୁମର ପରିବେଶ ଓ ପରିସ୍ଥିତିର
ଅନ୍ତତଃ ଗୋଟିଏ ଲୋକ ପାଇଁବି
ବାସ୍ତବ ଶୁଭ-ସମ୍ବର୍ଦ୍ଧନୀ କିଛି ନ କର
ଇଷ୍ଟାପୂତ ଅନୁନୟନୀ ଅନୁଶୀଳନାରେ,
ତା'କୁ ବି ଅନ୍ୟ ପ୍ରତି
ଅନୁରୂପ ଭାବେ ଅନୁଚର୍ଯ୍ୟାପରାୟଣ କରିତୋଳି,–
ମନେରଖ–
ସେଦିନ ତୁମର ସାତ୍ତ୍ୱିକ ଅର୍ଜନ
କିଛିହିଁ ହେଲାନାହିଁ;
ସ୍ୱାସ୍ଥ୍ୟ ଓ ସାମର୍ଥ୍ୟ ଥାଇ
କୌଣସିମତେ ଏ ତପଠାରୁ
ବିରତ ହୁଅ ନାହିଁ;
ନିଜକୁ ବିପନ୍ନ ନ କରି
ନିତ୍ୟ ଯଥାସାଧ
ଏଇଟା କରିବହିଁ କରିବ–
କୁଶଳକୌଶଳରେ,–
ସମ୍ବର୍ଦ୍ଧନା ତୁମକୁ ଆଲିଙ୍ଗନ କରିବାକୁ
କସୁର କରିବ ନାହିଁ;
ମନେରଖ–
ଏଇଟାବି ତୁମର ଦୈନନ୍ଦିନ-ଧର୍ମତପର
ଗୋଟେ ପ୍ରଥମ ଓ ପ୍ରଧାନ କରଣୀୟ ।
*(ଆର୍ଯ୍ୟ-ପ୍ରାତିମୋକ୍ଷ-୭୪୬୫)*

ମଣିଷ ପାଇଁ କିଛି କରିବାଟା ଭଗବାନଙ୍କ ପାଖରେ ପହଞ୍ଚିଥାଏ । ମାନବ ସେବାହିଁ ଈଶ୍ୱରସେବା । କାରଣ ମଣିଷହିଁ ହେଉଛି ଈଶ୍ୱରଙ୍କର ଶ୍ରେଷ୍ଠ କୃତି । କେବଳ ମଣିଷ କାହିଁକି ତାଙ୍କର ପ୍ରତିଟି ସୃଷ୍ଟି ପାଇଁ ଆମର କିଛି କର୍ତ୍ତବ୍ୟ ରହିଛି । ଜୀବନ୍ତ ମଣିଷ ପାଇଁ ବାସ୍ତବରେ କିଛି କରିବାହିଁ ହେଉଛି ପ୍ରକୃତ ଧର୍ମାଚରଣ । ସମସ୍ତଙ୍କର ଜୀବନବୃଦ୍ଧି ଅନୁକୂଳ କିଛି କର୍ମ ଓ ଆଚରଣ ହିଁ ପ୍ରକୃତପକ୍ଷେ ଧର୍ମାଚରଣ । ଏତଦ୍‌ଭିନ୍ନ ତଥାକଥିତ ଓଷାବାର, ପର୍ବ ପାଳନ ଧର୍ମାନ୍ଧତାକୁ ପ୍ରଶ୍ରୟ ଦେଇପାରେ କିନ୍ତୁ ପ୍ରକୃତ ଧର୍ମାଚରଣ ହୁଏ ନାହିଁ ଏ ଦେଇ । ଏହାହିଁ ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁରଙ୍କ ମତାଦର୍ଶ । ପ୍ରତିଦିନ ଅନ୍ତତଃ ଜଣେ ମଣିଷ ପାଇଁ ନିଃସ୍ୱାର୍ଥପର ଭାବରେ ନିଃସର୍ତ୍ତ ହୋଇ ଶ୍ରଦ୍ଧା ଓ ଭଲପାଇବାର ହୃଦୟ ସହିତ ଯଦି କିଛି କରାଯାଏ ତାହା ଆମର ଇଷ୍ଟଦେବ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ପରମ ଭୋଗ ରୂପେ ନିବେଦିତ ହୋଇପାରିବ । ଏଥିରେ ସେ ତୃପ୍ତ ହେବେ, ତୁଷ୍ଟ ହେବେ ଆଉ ତାଙ୍କର ତୃପ୍ତି, ତାଙ୍କରି ତୁଷ୍ଟି ପାଇଁ ସଦାସର୍ବଦା ଚେଷ୍ଟିତ ରହିବା ଆମର ଏକମାତ୍ର ସାଧନା । ଏତଦ୍‌ଭିନ୍ନ ଆଉ କିଛି ସାଧନା ବା ତପସ୍ୟା ଅଛି ବୋଲି ମନେହୁଏନା । କିଛି ପ୍ରଥା-ପରମ୍ପରାର ପାଳନରେ ଧନ ଓ ସମୟ ବ୍ୟୟ କରିବାଦ୍ୱାରା ପ୍ରକୃତ ଧର୍ମ ପାଳନ ହୁଏ ନାହିଁ । କିନ୍ତୁ ବାସ୍ତବରେ ଜଣେ ମଣିଷ ପାଇଁ କିଛି କଲେ ତାହା ପ୍ରକୃତରେ କାମରେ ଆସେ । ଭାବନାର ଓ ଧାରଣାର ବଶବର୍ତ୍ତୀ ହୋଇ କିଛି କରିବାଠାରୁ ବାସ୍ତବରେ କାହା ପାଇଁ କିଛି କରିବା ବରଂ ଅଧିକ ଶ୍ରେୟସ୍କର ।

*- ବନ୍ଦେପୁରୁଷୋତ୍ତମମ୍*